ପାଠରେ କରି ସାରିଛୁ । ଏହିପରି ଦେଖିଲେ ବନସ୍ପତିର ଶରୀର ହେଉ କିମ୍ବା ଆମର ଶରୀର ହେଉ ସବୁକିଛି ଯଜ୍ଞରୁ ଉତ୍ପନ୍ନ ହେଉଛି ।

ବେଦର ଭାଷାରେ ଆମେ ଅଗ୍ନିକୁ **ଅନ୍ନାଦ** ଓ ସୋମକୁ **ଅନ୍ନ** ବୋଲି କହୁଁ । ଯେତେବେଳେ ଅଗ୍ନିରେ ସୋମର ସଂଯୋଗ ହୁଏ ସେତେବେଳେ ବସ୍ତୁତଃ ଅଗ୍ନି ସୋମର ସମସ୍ତ ଅଂଶକୁ ଆତ୍ମସାତ୍ କରେ ନାହିଁ । କିନ୍ତୁ ସେଥିରୁ କିଛି ଅଂଶ ସେ ବାହାରକୁ ଛାଡ଼ିଦିଏ । ଅନ୍ନର ଯେତେକ ଅଂଶ ଅଗ୍ନି ଆତ୍ମସାତ୍ କରିନିଏ ତାହା **ବ୍ରହ୍ମୌଦନ** ବନିଯାଏ । ଯେତେକ ଅଂଶ ଅଗ୍ନି ଆତ୍ମସାତ୍ କରେ ନାହିଁ ତାକୁ **ପ୍ରବର୍ଗ୍ୟ** କୁହାଯାଏ । ଉଦାହରଣତଃ ଗାଇ ଯେତେବେଳେ ଚାରା ଖାଏ, ଉକ୍ତ ଚାରାର ଗୋଟିଏ ଅଂଶ ଗାଇର ଶରୀର ପୁଷ୍ଟି (ନିର୍ମାଣ) କରିବାରେ ସହାୟକ ହୁଏ । କିନ୍ତୁ ଉକ୍ତ ଚାରାର ଅନ୍ୟ ଅଂଶ ଗୋଦୁଗ୍ଧ, ଗୋମୂତ୍ର ଏବଂ ଗୋବର ରୂପରେ ବାହାରି ଆସେ । ସେହି ବାହାରି ଆସୁଥିବା ଅଂଶକୁ **ଯଜ୍ଞଶେଷ** କୁହାଯାଏ । ଏହାକୁ ହିଁ ପ୍ରବର୍ଗ୍ୟ ଅଥବା ଉଚ୍ଛିଷ୍ଟ କହନ୍ତି । ଏକଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ ଉଚ୍ଛିଷ୍ଟ, ପ୍ରବର୍ଗ୍ୟ ଅଥବା ଯଜ୍ଞଶେଷ ଆମର ବହୁତ ଆବଶ୍ୟକୀୟ ପଦାର୍ଥ । ଦୁଧ ଆମର ଭୋଜନ ବନିଯାଏ । ଗୋବର ବନସ୍ପତିର ଭୋଜନ ବନିଥାଏ । ଆଉ ଟିକିଏ ଆଗକୁ ଯାଇ ଯଦି ଆମେ ଦେଖିବୁ ତ, ଏକଥା ବି ସ୍ପଷ୍ଟ ହୋଇଯିବ ଯେ ଯେଉଁ ଗୋବର ବନସ୍ପତିର ଭୋଜନ ବନେ, ସେହି ବନସ୍ପତିର ପରିପୁଷ୍ଟ ଅଙ୍ଗ ପ୍ରତ୍ୟଙ୍ଗ ଅର୍ଥାତ୍ ଡାଳପତ୍ର ପୁଣି ଗାଇର ଭୋଜନ ବନିଥାଏ । ଗୀତାରେ ଏହାକୁ **ଯଜ୍ଞ-ଚକ୍ର** କୁହାଯାଇଛି । ଅର୍ଥାତ୍ ଗାଇ ନିଜ ଶରୀର ପାଇଁ ଚାରାରୁ ଆବଶ୍ୟକୀୟ ତନ୍ତୁ ପରିପାକ (ହଜମ) କରିନେବା ପରେ ଅବଶିଷ୍ଟ ଅଂଶରୁ ଗୋବର ନିର୍ମାଣ କରିଥାଏ । ଗୋବର ବୃକ୍ଷ ଅଂଶକୁ ନିର୍ମାଣ କରିବା ପରେ ଅବଶିଷ୍ଟ ଅଂଶରୁ ପତ୍ର ଉତ୍ପନ୍ନ କରେ । ସେହି ପତ୍ର ପୁଣି ଗାଇର ଭୋଜନ ବନିଥାଏ । ଏହିପରି ଭାବରେ ଗୋଟିଏ ଯଜ୍ଞଶେଷ ଅନ୍ୟ ଯଜ୍ଞରେ ଉପୋଯଗୀ ହୋଇଥାଏ । ଏ କଥା ମଧ୍ୟ ଏଠାରେ ସ୍ମରଣୀୟ ଯେ ବୃକ୍ଷ ଯେତେବେଳେ ଅନ୍ନ ଗ୍ରହଣ କରେ ସେତେବେଳେ ତାକୁ ଅନ୍ନାଦ ଅଥବା ଅଗ୍ନି କୁହାଯାଏ । କିନ୍ତୁ ଯେତେବେଳେ ସେହି ବୃକ୍ଷ ପଶୁର ଆହାର ଅଥବା ଅନ୍ନ ବନିଯାଏ ସେତେବେଳେ ତାହାକୁ ସୋମ କୁହାଯାଏ । ଏହିପରି ଭାବରେ ଦେଖିଲେ ଯାହା ଗୋଟିଏ ରୂପରେ ଅଗ୍ନି ତାହା ଅନ୍ୟରୂପରେ ସୋମ ହୋଇଥାଏ । ଏହି ଅଗ୍ନି-ସୋମର ଯୁଗଳ ସୃଷ୍ଟିର ମୂଳ ଅଟେ । ଅଗ୍ନିକୁ ପିତା ଓ ସୋମକୁ ମାତା କହନ୍ତି । ଆମେ ଉପରେ କହିଲୁ ଯେ ଅଗ୍ନି ଓ ସୋମ ଭିନ୍ନ ଭିନ୍ନ ନୁହନ୍ତି ଗୋଟିଏ ପଦାର୍ଥ । ଗୋଟିଏ ଦୃଷ୍ଟିରୁ ଦେଖିଲେ ଅଗ୍ନି ଏବଂ ଅନ୍ୟ ଦୃଷ୍ଟିରୁ ଦେଖିଲେ ସୋମ । ସମ୍ଭବତ ତୁମେମାନେ ଭଗବାନ୍ ଶିବଙ୍କର ଅର୍ଦ୍ଧନାରୀଶ୍ୱର ଚିତ୍ର ଦେଖିଥିବ । ଏଥିରେ

ମହେଶ୍ୱର ଶିବଙ୍କ ଚିତ୍ର ଅଙ୍କିତ ହୋଇଥାଏ, ଯାହାର ଅଧେ ଭାଗ ସ୍ତ୍ରୀରୂପ ଏବଂ ଆଉ ଅଧେ ଭାଗ ପୁରୁଷରୂପ । ଏହାର ତାତ୍ପର୍ଯ୍ୟ ଏହା ଯେ ଗୋଟିଏ ପଦାର୍ଥରେ ଅଗ୍ନି ଓ ସୋମ ସମ୍ମିଳିତ ହୋଇଥାଏ । ବୃହଜ୍ଜାବାଳୋପନିଷଦ୍‌ରେ କୁହାଯାଇଛି ଅଗ୍ନି ଓ ସୋମଠାରୁ ସମଗ୍ର ସଂସାର ନିର୍ମିତ ହୋଇଛି । ଏସବୁ ଯଜ୍ଞର ମହିମା ଅଟେ ।

ଉପରେ ଆମେ ଯଜ୍ଞର ବୈଜ୍ଞାନିକ ସ୍ୱରୂପର ଉଲ୍ଲେଖ କଲୁ । କିନ୍ତୁ ଯଜ୍ଞର କେବଳ ଗୋଟିଏ ମାତ୍ର ଭୌତିକ ବୈଜ୍ଞାନିକ ରୂପ ନାହିଁ । ତାହାର ଗୋଟିଏ ମନୋବୈଜ୍ଞାନିକ ସ୍ୱରୂପ ମଧ୍ୟ ରହିଛି । ଯେତେବେଳେ ଆମେ କୌଣସି କାମନାର ବଶବର୍ତ୍ତୀ ହୋଇ କୌଣସି କର୍ମ କରୁ ସେତେବେଳେ କାମନା ତ ଆମ ମନରେ ଥାଏ, କିନ୍ତୁ ଯଜ୍ଞ ଯେତେବେଳେ କରାଯାଏ ସେତେବେଳେ ସଂକଳ୍ପ କରି ଆମେ ଉକ୍ତ କାମନାର ଅଭିବ୍ୟକ୍ତ କରିଥାଉ । ଆମର ଏହି କାମନା ପ୍ରାଣରେ ଅର୍ଥାତ୍ ଊର୍ଜାରେ ଗୋଟିଏ ପ୍ରକାର ଗତି ଉତ୍ପନ୍ନ କରେ । ପ୍ରାଣରେ ହିଁ ଯେତେବେଳେ ସେ ପ୍ରକାର ଗତି ଉତ୍ପନ୍ନ ହୁଏ, ଉକ୍ତ ଗତି ଦ୍ୱାରା ହିଁ ପରିଶେଷରେ ଆମକୁ ଅଭୀଷ୍ଟ ଫଳ ପ୍ରାପ୍ତି ହୁଏ । ବେଦରେ ପ୍ରାଣକୁ ଦେବତା କୁହାଯାଇଛି । ମନର କାମନା ପୂର୍ତ୍ତି ପାଇଁ ଆମେ ମନର ହିଁ ଶକ୍ତି ପ୍ରୟୋଗ କରିଥାଉ । ମନର ଏହି ଶକ୍ତି ମନ୍ତ୍ରଦ୍ୱାରା ପ୍ରକଟ ହୋଇଥାଏ । ବୈଦିକ ପରିଭାଷାରେ ଏହାକୁ ଏମିତି କୁହାଯାଏ ଯେ ମନ୍ତ୍ରଦ୍ୱାରା ଦେବତା ପ୍ରସନ୍ନ ହୁଅନ୍ତି । ଆମେ ପ୍ରଥମ ତିନି ପାଠରେ ମନ, ପ୍ରାଣ ଓ ଶରୀରର ଚର୍ଚ୍ଚା କରିଛୁ । ଶରୀରଠାରୁ ପ୍ରାଣ ସୂକ୍ଷ୍ମ, ପ୍ରାଣଠାରୁ ମନ ସୂକ୍ଷତମ । ଏଣୁ ମନର ବଶରେ ପ୍ରାଣ ଥାଏ, ପ୍ରାଣର ବଶରେ ଶରୀର ଥାଏ । ଅନ୍ୟ ଶବ୍ଦରେ କହିଲେ ମନର ମନ୍ତ୍ରଶକ୍ତି ବଶରେ ପ୍ରାଣଶକ୍ତି ଅର୍ଥାତ୍ ଦେବଶକ୍ତି ରହିଥାଏ ଏବଂ ଦେବଶକ୍ତିଙ୍କ ବଶରେ ସମସ୍ତ ପଦାର୍ଥ ରହିଛି । ଯଜ୍ଞର ରହସ୍ୟ ଏହା ଯେ, ମନଶକ୍ତିଦ୍ୱାରା ପ୍ରାଣକୁ ସକ୍ରିୟ କରିଦିଆଯାଏ ଏବଂ ପ୍ରାଣର ସକ୍ରିୟତା ଦ୍ୱାରା ପଦାର୍ଥ ଉତ୍ପନ୍ନ ହୁଏ । ବସ୍ତୁତଃ ମନର ଶକ୍ତି ଦ୍ୱାରା ଯେକୌଣସି ପଦାର୍ଥର ଉତ୍ପତ୍ତି ସମ୍ଭବ । ବେଦ ଅନୁସାରେ ସୃଷ୍ଟିର ଉତ୍ପତ୍ତି ମନର ଶକ୍ତିଦ୍ୱାରା ହିଁ ହୋଇଛି ।

ଯଜ୍ଞରେ ମନର ଶକ୍ତିର ପ୍ରୟୋଗ ପାଇଁ ଦୀକ୍ଷା ନେବା ଆବଶ୍ୟକ । ଦୀକ୍ଷା ବିନା ଯଜ୍ଞ ସଫଳ ହୁଏ ନାହିଁ । ଦୀକ୍ଷାର ଆଠଟି ଅଙ୍ଗ ରହିଛି - ପ୍ରଥମ ଅଙ୍ଗ ହେଲା **ଆହୁତି** ଅର୍ଥାତ୍ **ସଂକଳ୍ପ** । ଯେକୌଣସି କର୍ମ ଅନୁଷ୍ଠାନ କରିବା ପୂର୍ବରୁ ଆମକୁ ଏ କଥା ସ୍ପଷ୍ଟ କରି-ବାକୁ ପଡ଼େ ଯେ, ଆମର ଉଦ୍ଦେଶ୍ୟ କ'ଣ ? ଯଦି ଉଦ୍ଦେଶ୍ୟ ସ୍ପଷ୍ଟ ନ ଥାଏ ତେବେ କର୍ମ ମଧ୍ୟ ଠିକ୍ ମାର୍ଗରେ ହୋଇପାରେ ନାହିଁ । ସଂକଳ୍ପ ଦ୍ୱାରା ଆମର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇ

ଥାଏ । ଯେତେବେଳେ ସଂକଳ୍ପ ଦୃଢ ହୁଏ ତାକୁ 'କ୍ରତୁ' କହନ୍ତି । ଏହି 'କ୍ରତୁ' ଦୀକ୍ଷାର ଦ୍ୱିତୀୟ ଭାଗ । ଦୀକ୍ଷାର ତୃତୀୟ ଭାଗ ହେଲା ସଂକଳ୍ପର କାର୍ଯ୍ୟାନ୍ୱୟନ (ସଂକଳ୍ପ କାର୍ଯ୍ୟରୂପରେ ପରିଣତ ହେବା) । ଏହାକୁ 'ପ୍ରଯୁକ୍' କହନ୍ତି । ସଂକଳ୍ପ ସବୁବେଳେ ସ୍ମରଣ ରହିବା ଆବଶ୍ୟକ, ତାକୁ ମେଧା କହନ୍ତି । ମେଧା ଆମକୁ ଆମ ଉଦ୍ଦେଶ୍ୟରୁ ବିଚଳିତ ହେବାକୁ ଦିଏ ନାହିଁ । ଯେଉଁଠାରେ ସଂକଳ୍ପ, କ୍ରତୁ ଓ ମେଧା ଥାଏ ସେହିଠାରେ **ଦୀକ୍ଷା** ଥାଏ । ତାପରେ ଆସେ **'ତପଃ'** । ଆମକୁ ଆମ ଉଦ୍ଦେଶ୍ୟ ପୂର୍ତ୍ତି ପାଇଁ ସମସ୍ତ ପ୍ରକାର କଷ୍ଟକୁ ସହର୍ଷ ସହନ କରିବା ଦରକାର । ତାକୁ ହିଁ ତପଃ କୁହାଯାଏ । ତାପରେ ସରସ୍ୱତୀ ଅର୍ଥାତ୍ **ଜ୍ଞାନ** ଆସେ; କାରଣ ଜ୍ଞାନ ବିନା କୌଣସି କର୍ମ ସଫଳତା ପୂର୍ବକ ଅନୁଷ୍ଠାନ କରାଯାଇ ପାରେନା । ଏହା ପରେ ଆସେ ଯଜ୍ଞର **ସାମଗ୍ରୀ** । ଯଜ୍ଞ କରିବା ପାଇଁ ଅର୍ଥାତ୍ ଯେକୌଣସି କର୍ମାନୁଷ୍ଠାନ କରିବା ପାଇଁ ଅନୁକୂଳ ସାମଗ୍ରୀର ସଂଗ୍ରହ ଆବଶ୍ୟକ । ବେଦ କହେ କି ଯାହାଠାରେ ଏହି ଆଠଟି ଉପକରଣ ଥାଏ ତାକୁ ହିଁ ଦୀକ୍ଷିତ କୁହାଯାଏ ଆଉ ତାହାର ହିଁ **ଯଜ୍ଞ ଅବଶ୍ୟ ସଫଳ ହୁଏ** । ଏ ଆଠଟି ଉପକରଣ କେବଳ ଯଜ୍ଞ ପାଇଁ ନୁହେଁ ଯେ କୌଣସି କାର୍ଯ୍ୟର ସଫଳତା ପାଇଁ ଆବଶ୍ୟକ ହୋଇଥାଏ । ଅନ୍ୟ ଶବ୍ଦରେ ଏହା ମଧ୍ୟ କୁହାଯାଇ ପାରେ ଯେ, ଯେଉଁ ବ୍ୟକ୍ତି ଏହି ଆଠଟି ସାଧନରେ ସଂପନ୍ନ ହୋଇ କର୍ମ କରେ ତାର ସମସ୍ତ କର୍ମ ଯଜ୍ଞ ବନିଯାଏ ।

କୁହାଯାଏ କି ଯଜ୍ଞ କରିବା ଦ୍ୱାରା ମନୁଷ୍ୟାତ୍ମାରେ ଦିବ୍ୟାତ୍ମା ପ୍ରବିଷ୍ଟ ହୋଇଯାଏ । ଐତରେୟୋପନିଷଦ୍‌ରେ କୁହାଯାଇଛି ଯେ, ଯଜ୍ଞ କରୁଥିବା ବ୍ୟକ୍ତିର ମୁଖରେ ଅଗ୍ନି ବାଣୀ-ରୂପରେ ପ୍ରକାଶିତ ହୁଏ, ନାସିକାରେ ବାୟୁ ପ୍ରାଣ ରୂପରେ ପ୍ରକାଶିତ ହୁଏ, ଆଖିରେ ସୂର୍ଯ୍ୟ ଚକ୍ଷୁରିନ୍ଦ୍ରିୟ ରୂପରେ ପ୍ରକାଶିତ ହୁଏ । ଅଗ୍ନି, ବାୟୁ, ସୂର୍ଯ୍ୟ ଆଦି ଦେବତାମାନଙ୍କର ସ୍ୱଭାବ ଏହା ଯେ, ସେମାନେ ଯେତେ କାର୍ଯ୍ୟ କଲେ ମଧ୍ୟ କେବେହେଲେ ହେଁ କ୍ଲାନ୍ତ ହୁଅନ୍ତି ନାହିଁ । ସେମାନେ ନିଜ ନିଜ କାର୍ଯ୍ୟରେ କେବେହେଲେ ବି ଭୁଲ ବା ବ୍ୟତିକ୍ରମ ବି କରନ୍ତି ନାହିଁ । ଏପରି ହେବାର ଦୁଇଟି କାରଣ ରହିଛି - ପ୍ରଥମତଃ ଦେବତାମାନେ ନିଜ ନିଜର କାର୍ଯ୍ୟ ପାଇଁ କେବେହେଲେ ବି ଅହଂକାର କରନ୍ତି ନାହିଁ । ସୂର୍ଯ୍ୟ ଆମକୁ ଏତେ ପ୍ରକାଶ ଦିଅନ୍ତି, ଆମର ଏତେ ଉପକାର କରନ୍ତି କିନ୍ତୁ ସେ ଏ ମହାନ୍ କାର୍ଯ୍ୟ ପାଇଁ କେବେ ବି ଅଭିମାନ କରନ୍ତି ନାହିଁ । ଦ୍ୱିତୀୟତଃ ଦେବତାମାନେ ନିଜ ନିଜ କର୍ମର ଫଳ କେବେ ବି ଭୋଗ କରନ୍ତି ନାହିଁ ।

ସେମାନଙ୍କର କର୍ମ ସବୁ ସ୍ୱାର୍ଥ ପାଇଁ ନୁହେଁ । ଏଇଥି ପାଇଁ ସେମାନେ ଯେତେ କର୍ମ କଲେ ବି କ୍ଲାନ୍ତ ହୁଅନ୍ତି ନାହିଁ । ନା ତ ନିଜ ନିଜ କର୍ମରେ କେବେ ଭୁଲ୍ କରନ୍ତି । ଆମ୍ଭେମାନେ ମଧ୍ୟ ନିଜ କର୍ମ ପ୍ରତି ଯଦି ନିରହଂକାର ହୋଇଯିବୁ ଏବଂ ସ୍ୱାର୍ଥ ରହିତ ଭାବନା ନେଇ କାମ କରିବୁ ତେବେ ଆମକୁ ଥକା ଲାଗିବନି କମ୍ବା କାମରେ ଭୁଲ୍ ହେବନି । ଯଜ୍ଞର ଏହାହିଁ ରହସ୍ୟ ଅଟେ ।

ଏଠାରେ ଆମେ ଯଜ୍ଞ ସନ୍ଦର୍ଭରେ କାମନା ବିଷୟରେ ଚର୍ଚ୍ଚା କଲୁ । କୁହାଯାଏ ଯେ, କାମନା କରିବା ଠିକ୍ ନୁହେଁ । କାରଣ କାମନା ବନ୍ଧନର କାରଣ ହୋଇଥାଏ । ତେବେ କାମନାରେ ପ୍ରେରିତ ହୋଇ ଯଜ୍ଞ କରିବା ଠିକ୍ କେମିତି ହେବ ? ତାର ଉତ୍ତର ହେଲା, ଯେ ଯଦ୍ୟପି କାମନା ଠିକ୍ ନୁହେଁ ତଥାପି ମନୁଷ୍ୟ କାମନା ବିନା ରହି ପାରିବ ନାହିଁ । ଏଣୁ ଶାସ୍ତ୍ରକାର ମାନେ ଦୁଇପ୍ରକାର କାମନା ବିଷୟରେ ବର୍ଣ୍ଣନା କରିଛନ୍ତି : (୧)-ବେଦର ସ୍ୱାଧ୍ୟାୟ ବିଷୟରେ କାମନା କରିବା ଆବଶ୍ୟକ, (୨) ବେଦରେ ବର୍ଣ୍ଣିତ କର୍ମଯୋଗର ଅନୁଷ୍ଠାନ ପାଇଁ କାମନା କରିବା ଆବଶ୍ୟକ' ।

ଆଉ ଗୋଟିଏ ପ୍ରଶ୍ନ ହେଲା ଯେ, ମନୁଷ୍ୟ ଯଦି ବୈଦିକ କର୍ମ ଅନୁଷ୍ଠାନ କରିବ ତେବେ ତାକୁ କି କି ବୈଦିକ ଫଳ ପ୍ରାପ୍ତ ହେବ? ତୈତ୍ତିରୀୟୋପନିଷଦ୍‌ରେ ବୈଦିକ କର୍ମକାଣ୍ଡର ଛଅଟି ଫଳ ବିଷୟରେ ବର୍ଣ୍ଣନା କରାଯାଇଛି : (୧) ଅନ୍ନ, (୨) ଅନ୍ନାଦ (୩) ପଶୁ (୪) ସନ୍ତାନ (୫) ବ୍ରହ୍ମବର୍ଚ୍ଚସ ଓ (୬) କୀର୍ତ୍ତି । ଉପରେ ଆମେ ଅନ୍ନ ଓ ଅନ୍ନାଦର ବର୍ଣ୍ଣନା କରିଛୁ । ଏହାର ତାତ୍ପର୍ଯ୍ୟ ଏହା ଯେ, ଯଜ୍ଞ ଅନୁଷ୍ଠାନ କରୁଥିବା ବ୍ୟକ୍ତିର ଘରେ ଖାଇବା ପିଇବା ପାଇଁ କେବେ ବି କମ୍ ହୁଏ ନାହିଁ । ତା ଘରେ ଖାଇବା ପିଇବା ପାଇଁ ବ୍ୟକ୍ତିମାନେ ମଧ୍ୟ ବହୁଳଭାବେ ଉପସ୍ଥିତ ଥାଆନ୍ତି । ପଶୁ ଶବ୍ଦର ଅର୍ଥ ହେଲା ସେ ସବୁ ସାମଗ୍ରୀ ଯାହାଠାରୁ ଆମକୁ ସୁଖ ପ୍ରାପ୍ତ ହୁଏ । ବ୍ରହ୍ମବର୍ଚ୍ଚସ୍‌କୁ ତେଜ ଏବଂ କୀର୍ତ୍ତିକୁ ଯଶ କୁହାଯାଏ । ଯଦି ଆମେ ସ୍ଥିରମନା ହେଇ ବିଚାର କରିବୁ ତେବେ ଏହା ସ୍ପଷ୍ଟ ହେବ ଯେ, ଆମର ସମସ୍ତ କାମନା ଅଥବା ଆବଶ୍ୟକତା ଏ ଛଅ ପଦାର୍ଥରେ ସମାବିଷ୍ଟ ହୋଇଯାଇଛି । ସଂକ୍ଷେପରେ କହିଲେ ଯଜ୍ଞ ଦ୍ୱାରା ସମସ୍ତ କାମନା ଚରିତାର୍ଥ ହୋଇଥାଏ ।।

ପ୍ରଶ୍ନ

୧. ଯଜ୍ଞ ଶବ୍ଦର ଅର୍ଥ କ'ଣ ?

୨. ପ୍ରକୃତିରେ ଯଜ୍ଞ କିପରି ଭାବେ ଚାଲୁଛି ?

୩. ଯଜ୍ଞଦ୍ୱାରା ଇଷ୍ଟ ପଦାର୍ଥ କେମିତି ପ୍ରାପ୍ତ ହୁଏ ?

୪. ଦୀକ୍ଷାର କ'ଣ କ'ଣ ଆଠଟି ଅଙ୍ଗ ରହିଛି ?

୫. ଦେବତାମାନେ ନିଜ ନିଜର କାର୍ଯ୍ୟ କେମିତି କରନ୍ତି ?

୬. ଯଜ୍ଞର ଫଳ କ'ଣ ?

-ସ୍ମରଣୀୟ ଉଦ୍ଧରଣ-

୧. **ଅଗ୍ନୀଷୋମାତ୍ମକଂ ଜଗତ୍ ।।** (ବୃହଜ୍ଜାବାଲୋପନିଷଦ୍)

ଅର୍ଥ - ସଂପୂର୍ଣ୍ଣ ଜଗତ୍ ଅଗ୍ନି ଓ ସୋମ ଦ୍ୱାରା ନିର୍ମିତ ହୋଇଛି ।

୨. **କାମାତ୍ମତା ନ ପ୍ରଶସ୍ତା ନ ଚୈବେହାସ୍ତ୍ୟକାମତା ।**
କାମ୍ୟୋ ହି ବେଦାଧିଗମଃ କର୍ମଯୋଗଶ୍ଚ ବୈଦିକଃ ।।
ସଂକଲ୍ପମୂଲଃ କାମୋ ବୈ ଯଜ୍ଞାଃ ସଂକଲ୍ପସଂଭବାଃ ।
ବ୍ରତାନି ଯମଧର୍ମାଶ୍ଚ ସର୍ବେ ସଂକଲ୍ପଜାଃ ସ୍ମୃତାଃ ।।
ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କର୍ହିଚିତ୍ ।
ଯଦ୍ଯଦ୍ଧି କୁରୁତେ କିଞ୍ଚିତ୍ ତତ୍ତତ୍ କାମସ୍ୟ ଚେଷ୍ଟିତମ୍ ।। (ମନସ୍ମୃତି) ।

ଅର୍ଥ - କାମନା ପ୍ରଶଂସନୀୟ ନୁହେଁ, କିନ୍ତୁ ଅକାମତା ମଧ୍ୟ ଉପଲବ୍ଧି ହୁଏ ନାହିଁ । ଏଣୁ ବେଦ ଅଧ୍ୟୟନର କାମନା କରିବା ଉଚିତ ଏବଂ ବେଦୋକ୍ତ କର୍ମ ଅନୁଷ୍ଠାନ କରିବାର କାମନା ମଧ୍ୟ କରିବା ଉଚିତ । କାମନାର ମୂଳ ସଂକଳ୍ପ ଅଟେ ଏବଂ ସଂକଳ୍ପଦ୍ୱାରା ବ୍ରତ ଓ ସଂଯମ ଆଦି ଧର୍ମ ଆଚରଣ କରିବା ସମ୍ଭବ ହୁଏ । ସଂସାରରେ ଇଚ୍ଛା ବିନା କାହାରିକୁ କୌଣସି କର୍ମ ଅନୁଷ୍ଠାନ କରୁଥିବାର ଦେଖା ଯାଏ ନାହିଁ । ଆମେ ଯାହା ବି କିଛି କରୁଁ ସେ ସମସ୍ତ କାମନାର ହିଁ ପରିଣାମ ଅଟେ ।

==========

ତ୍ରୟୋଦଶ ପାଠ

- ବ୍ରହ୍ମାଣ୍ଡର ଉଦ୍ଭବ -

ଆମେ ଭାରତବର୍ଷରେ ନିବାସ କରୁ । ଭାରତବର୍ଷ ପୃଥିବୀର ଗୋଟିଏ ଅଂଶ । ଏହି ପୃଥିବୀ ସୂର୍ଯ୍ୟଙ୍କ ଚାରିପାଖରେ ଘୁରୁଛି । ଏହି ସୂର୍ଯ୍ୟଙ୍କ ଚାରିପାଖରେ ଆହୁରି ଅନେକ ଗ୍ରହ-ମାନେ ଘୁରୁଛନ୍ତି । ସୋମାନଙ୍କୁ ମିଶେଇ ସୌରମଣ୍ଡଳ କୁହାଯାଏ । ଏହିପରି ଅନେକ ସୌର-ମଣ୍ଡଳ ଆକାଶରେ ଅଛନ୍ତି । ସେ ସବୁକୁ **ବ୍ରହ୍ମାଣ୍ଡ** କୁହାଯାଏ । ଏ ପରି ଦେଖିଲେ ଆମେ ସେହି ବ୍ରହ୍ମାଣ୍ଡର ଅଂଶ ଅଟୁଁ । ବ୍ରହ୍ମାଣ୍ଡ ବାହାରେ କିଛି ବି ନାହିଁ । ବେଦରେ ଏ ପ୍ରଶ୍ନ ଉଠା ଯାଇଛି ଯେ 'ଏ ବ୍ରହ୍ମାଣ୍ଡ କିପରି ନିର୍ମିତ ହେଲା' ? ଏହି ପ୍ରଶ୍ନର ଉତ୍ତରରେ ବେଦରେ ଅନେକ ସୂକ୍ତ ଲେଖାଯାଇଛି ଯେଉଁଥିରୁ ଦୁଇଟି ସୂକ୍ତ ସବୁଠାରୁ ଅଧିକ ପ୍ରସିଦ୍ଧ । ତାହା ହେଲା **ନାସଦୀୟସୂକ୍ତ** ଏବଂ **ପୁରୁଷ-ସୂକ୍ତ** । ନାସଦୀୟ-ସୂକ୍ତକୁ ଏଇଥିପାଇଁ 'ନାସଦୀୟ' ସୂକ୍ତ କୁହାଯାଏ ଯେହେତୁ ଏହାର ପ୍ରାରମ୍ଭ "*ନାସଦାସୀତ୍*" ଅର୍ଥାତ୍ ନ ସତ୍ ଏବଂ ନ ଅସତ୍ *ଆସୀତ୍* - ଥିଲା - ଏହି ଶବ୍ଦରୁ ଆରମ୍ଭ ହୋଇଛି । ଅର୍ଥାତ୍ ସୃଷ୍ଟିର ଆରମ୍ଭରେ ସତ୍ ନ ଥିଲା ଏବଂ ଅସତ୍ ମଧ୍ୟ ନ ଥିଲା । ଏଥିରୁ ଏହା ସ୍ପଷ୍ଟ ହେଉଛି ଯେ, ଏ ସୂକ୍ତରେ ଏ ପ୍ରଶ୍ନ ଉପରେ ବିଚାର କରାଯାଇଛି ଅଥବା ଜାଣିବାକୁ ଚେଷ୍ଟା କରାଯାଇଛି ଯେ, ସୃଷ୍ଟି ଆରମ୍ଭରେ କ'ଣ ଥିଲା ? ତାର ଉତ୍ତ-ରରେ କୁହାଯାଇଛି ଯେ, ସେତେବେଳେ ସତ୍ ନ ଥିଲା, ଅସତ୍ ନ ଥିଲା, କୌଣସି କ୍ରିୟା ନ ଥିଲା, ଆକାଶ ନ ଥିଲା ,ଏପରି କୌଣସି ବସ୍ତୁ ନ ଥିଲା ଯାହା ଆକାଶଠାରୁ ବି ଶ୍ରେଷ୍ଠ ହେବ । କୌଣସି ଆବରଣ ନ ଥିଲା, ଭୋଗ୍ୟ ସୃଷ୍ଟି ନ ଥିଲା । ଭୋକ୍ତା ନ ଥିଲା, ଜଳ ନ ଥିଲା, ମୃତ୍ୟୁ ନ ଥିଲା ଅତଏବ ଅମୃତ ମଧ୍ୟ ନ ଥିଲା । ଦିନ-ରାତି ଅଥବା ଜ୍ଞାନ ମଧ୍ୟ ନ ଥିଲା । ଏ ପ୍ରକାର ବର୍ଣ୍ଣନାରୁ ଏକଥା ସ୍ପଷ୍ଟ ହେଉଛି ଯେ, ସୃଷ୍ଟି ଆରମ୍ଭରେ ବୈଦିକ ଋଷି ଏପରି ଏକ ସ୍ଥିତିର ବର୍ଣ୍ଣନା କରୁଛନ୍ତି ଯେତେବେଳେ ସୃଷ୍ଟି ବୋଲି କିଛି ନ ଥିଲା । ଏଣୁ କିଛି ନ ଥିଲା । ତେବେ ପ୍ରଶ୍ନ ଉଠୁଛି ଯେ, କ'ଣ ଏ ସୃଷ୍ଟି 'ଅସତ୍' ରୁ ଉତ୍ପନ୍ନ ହୋଇଛି ? ବୈଦିକ ଋଷି କହନ୍ତି ଯେ, ସେ ସମୟରେ ଅସତ୍ ବି ନ ଥିଲା । ସେ ସମୟରେ ଯାହା ଥିଲା ତାକୁ ବେଦ 'ତଦେକମ୍' ବୋଲି କହେ । ଏକ ଶବ୍ଦଦ୍ୱାରା ଏକଥା ସ୍ପଷ୍ଟ ହେଉଛି ଯେ, ସେ ସମୟରେ ଏକ ହିଁ ତତ୍ତ୍ୱ ଥିଲା, ଅନେକ ନ ଥିଲା । ସେହି ଏକ ତତ୍ତ୍ୱର କୌଣସି 'ନାମ' ନ ଥିଲା; ଏଣୁ ତାକୁ

କେବଳ 'ତତ୍' ଏହି ସର୍ବନାମ ପ୍ରୟୋଗ ଦ୍ୱାରା ନିର୍ଦ୍ଦେଶ କରାଯାଇଛି । ତାକୁ ହିଁ ବ୍ରହ୍ମ କୁହା ଯାଏ । ସେହି ବ୍ରହ୍ମ ହିଁ ସୃଷ୍ଟିର କାରଣ । ବ୍ରହ୍ମ ଯେଉଁ ଶକ୍ତି ଦ୍ୱାରା ସୃଷ୍ଟି ଉତ୍ପନ୍ନ କରନ୍ତି, ସେ ଶକ୍ତିର ନାମ 'ସ୍ୱଧା' ଅଟେ । ସ୍ୱଧାକୁ ମାୟା କୁହାଯାଏ । ଶକ୍ତି କେବେହେଲେ ହେଁ ଶକ୍ତି-ମାନ୍‌ଠାରୁ ପୃଥକ୍ ନୁହେଁ । ଯେପରି ଅଗ୍ନିରେ ଯେଉଁ ଦାହକଶକ୍ତି ନିହିତ ଅଛି, ତାହା ଅଗ୍ନିଠାରୁ କେବେହେଁ ପୃଥକ୍ ନୁହେଁ । ଏହିପରି ମାୟା ଶକ୍ତି ମଧ୍ୟ ବ୍ରହ୍ମଙ୍କଠାରୁ ପୃଥକ୍ ନୁହେଁ ।

ବ୍ରହ୍ମ କାରଣ ଅଟନ୍ତି ଏବଂ ବିଶ୍ୱ କାର୍ଯ୍ୟ ଅଟେ । ବ୍ରହ୍ମଙ୍କ ନାମ ଏଇଥିପାଇଁ 'ବ୍ରହ୍ମ' ଅଟେ, ଯେହେତୁ ସେ ବିଶ୍ୱରୂପରେ ବୃଂହଣ ଅର୍ଥାତ୍ ବିସ୍ତୃତ ହୋଇଛନ୍ତି । ବିଶ୍ୱରୂପରେ ପରିଣତ ହେବାପାଇଁ ବ୍ରହ୍ମଙ୍କୁ ସୀମିତ ହେବାକୁ ପଡ଼େ । ଉପରେ କୁହାଯାଇଛି ଯେ ବ୍ରହ୍ମଙ୍କ ସୀମିତ ରୂପକୁ ପୁରୁଷ କୁହାଯାଏ । ମାୟା ହିଁ ବ୍ରହ୍ମଙ୍କୁ ସୀମିତ ବନାଏ । ମାୟାର ଅର୍ଥ ହେଉଛି ସୀମିତ । ବେଦ କହେ ଯେ ବ୍ରହ୍ମ ନିଜ ମାୟା ଶକ୍ତି ସହିତ ସୃଷ୍ଟିର ଆରମ୍ଭରେ ଥିଲେ । ତାଙ୍କ ବ୍ୟତୀତ ଆଉ କିଛି ନ ଥିଲା ।

ବେଦର ପ୍ରମୁଖ ଭାଷ୍ୟକାର ସାୟଣ ଅଟନ୍ତି । ସେ ଚାରି ବେଦ ଉପରେ ସଂସ୍କୃତରେ ଭାଷ୍ୟ ରଚନା କରିଛନ୍ତି । ଏହି ନାସଦୀୟ ସୂକ୍ତ ଉପରେ ତାଙ୍କର ବିସ୍ତୃତ ଭାଷ୍ୟ ରହିଛି । ଉକ୍ତ ଭାଷ୍ୟ ଅନୁସାରେ ସୃଷ୍ଟିର ଉତ୍ପତ୍ତି ବିଷୟକ କାହାଣୀ ନିମ୍ନୋକ୍ତ ପ୍ରକାର ଅଟେ - ବ୍ରହ୍ମ ମାୟା ଶକ୍ତି ଦ୍ୱାରା ସୀମିତ ହୋଇ ଯାଆନ୍ତି । ବସ୍ତୁସ୍ଥିତ ଏହା ଅଟେ ଯେ, ଆମେ ସମସ୍ତେ କିଛି ନା କିଛି କର୍ମ କରିଥାଉଁ । ଭଲ-ମନ୍ଦ ସବୁ କର୍ମର କିଛି ନା କିଛି ଫଳ ଅବଶ୍ୟ ଥାଏ । ସମସ୍ତ କର୍ମ ନିଜ ନିଜର ଫଳ ସଂଗେ ସଂଗେ ପ୍ରସୂତ କରେ ନାହିଁ । କିଛି କର୍ମର ଫଳ ବହୁତ ଡ଼େରିରେ ମିଳେ । କିଛି କର୍ମର ଫଳ ଅପେକ୍ଷାକୃତ ବହୁତ ଶୀଘ୍ର ମିଳିଯାଏ । ଏ ପ୍ରସଙ୍ଗରେ ଏତିକି କୁହାଯାଇପାରେ ଯେ, ଆମେ ଆମ କର୍ମର ଫଳ ତେବେ ଉପଭୋଗ କରିପାରିବୁ ଯଦି ସଂସାର ହେବ । ଯଦି ଏପରି ସମୟ ଆସିବ ଯେତେବେଳେ ଜୀବମାନଙ୍କର କୌଣସି କର୍ମ ନ ରହିବ, ଯାହାକି ସଂଗେ ସଂଗେ ଫଳ ପ୍ରଦାନ କରିପାରିବ, ସେତେବେଳେ ସୃଷ୍ଟିର ଆବଶ୍ୟକତା ରହିବ ନାହିଁ । କାରଣ ଜୀବମାନଙ୍କ ନିଜ ନିଜର କର୍ମ ଫଳ ଭୋଗିବାର ନାହିଁ ତେବେ ସୁଖ-ଦୁଃଖାତ୍ମକ ସଂସାରର ପୁଣି କ'ଣ ବା ଆବଶ୍ୟକ ? ଏଣୁ ସେ ସମୟରେ ଯେତେବେଳେ ପ୍ରଳୟ ହୋଇଯାଏ ସେତେବେଳେ କିଛି ବି ରହେ ନାହିଁ । ଏ ସ୍ଥିତିର ବର୍ଣ୍ଣନା ଆମେ ପୂର୍ବରୁ ମଧ୍ୟ କରିଛୁ । କିଛି ସମୟ ପରେ ଯେତେବେଳେ ପ୍ରାଣୀମାନଙ୍କର କର୍ମର ଫଳ ପରିପକ୍ୱ ହୋଇଯାଏ ଅର୍ଥାତ୍ ସେ ସମସ୍ତ କର୍ମ ଫଳ ପ୍ରସବ କରିବା ପାଇଁ ଯୋଗ୍ୟ ହୋଇ ଯାଆନ୍ତି; ସେତେବେଳେ

ସେହି କର୍ମର ପରିପକ୍ୱତା ପରମାତ୍ମାଙ୍କ ମନରେ ସୃଷ୍ଟି ରଚନାର ଇଚ୍ଛାର କାରଣ ବନି ଯାଏ । କିନ୍ତୁ ଅସୀମର କୌଣସି ଇଚ୍ଛା ହୁଏ ନାହିଁ । ବ୍ରହ୍ମ ଅସୀମ ଅଟନ୍ତି । ଏଣୁ ଇଚ୍ଛା ଉତ୍ପନ୍ନ ହେବା ପୂର୍ବରୁ ମାୟା ବ୍ରହ୍ମଙ୍କୁ ଅଂଶତଃ ସସୀମ ବନେଇ ଦିଏ । ବ୍ରହ୍ମଙ୍କ ସେହି ଅଂଶତଃ ସସୀମ ଅଂଶକୁ ହିଁ ପୁର କୁହାଯାଏ । ସେଥିରେ ନିବାସ କରୁଥିବା ବ୍ରହ୍ମଙ୍କୁ ପୁରୁଷ କୁହାଯାଏ । ଏହି ପୁରୁଷ ମନରେ ସୃଷ୍ଟି ଉତ୍ପନ୍ନ କରିବାର ଇଚ୍ଛା ଉତ୍ପନ୍ନ ହୁଏ । କିନ୍ତୁ ସେ ପରମ ପୁରୁଷଙ୍କର ମନ ଆମ୍ଭମାନଙ୍କ ମନ ପରି ନୁହେଁ । ମୋଟାମୋଟି ଭାବେ ଏତିକି ବୁଝିବା ଉଚିତ ଯେ, ଏହି ମନ କୌଣସି ଜୀବାତ୍ମାଙ୍କ ମନ ନୁହେଁ କିନ୍ତୁ ପରମାତ୍ମାଙ୍କ ମନ ।

ପରମାତ୍ମାଙ୍କ ଏହି ଶ୍ୱୋବସୀୟସ୍ ମନରେ ଯେଉଁ ଇଚ୍ଛା ଉତ୍ପନ୍ନ ହୁଏ ତାକୁ କାମ କୁହାଯାଏ । ଯେତେବେଳେ ପରମାତ୍ମା ସୃଷ୍ଟି ଉତ୍ପନ୍ନ କରିବାକୁ ଚାହାନ୍ତି ସେତେବେଳେ ତାଙ୍କ ସମକ୍ଷରେ ଏମିତି କୌଣସି ଦ୍ରବ୍ୟ ନ ଥିଲା ଯେଉଁଥିରୁ ସେ ସୃଷ୍ଟି ଉତ୍ପନ୍ନ କରି ଥାଆନ୍ତେ । ଏଣୁ ସେ ସ୍ୱୟଂ ଏକରୁ ଅନେକ ହୋଇଗଲେ । ଏବଂ ତାଙ୍କର ସେହି ଅନେକ ରୂପକୁ ସୃଷ୍ଟି କୁହା-ଯାଏ । ବେଦର ଅନ୍ୟ ଏକ ସୂକ୍ତ ହେଲା ପୁରୁଷ ସୂକ୍ତ । ପୁରୁଷ ସୂକ୍ତରେ ଏ କଥା ଏପରି ବୁଝାଇ ଦିଆ ଯାଇଛି ଯେ, ସେ ପୁରୁଷଙ୍କର ଅନେକ ଭିନ୍ନ ଭିନ୍ନ ଅଂଶ ହୋଇଗଲା । ଏହାର ବିସ୍ତୃତ ଚର୍ଚ୍ଚା ଆମେ ପଞ୍ଚଦଶ ପାଠରେ କରିବୁ ।।

ସୃଷ୍ଟିର ଆରମ୍ଭରେ ନିଜର ମାୟାଶକ୍ତି କେବଳ ଏକ ବ୍ରହ୍ମ ହିଁ ଥିଲା । କିନ୍ତୁ ଉପ-ର୍ଯ୍ୟୁକ୍ତ କାରଣକୁ ନେଇ ଯେତେବେଳେ ତାଙ୍କ ମନରେ ଏକରୁ ଅନେକ ହେବାର ଇଚ୍ଛା ଉତ୍ପନ୍ନ ହେଲା ତେବେ ସେହି ଇଚ୍ଛାରୁ ତପ ଉତ୍ପନ୍ନ ହେଲା । ଆମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପାଠରେ ଶରୀର, ପ୍ରାଣ ଓ ମନର ଚର୍ଚ୍ଚା କରିଛୁ । କାମନା ମନର ଧର୍ମ ଅଟେ । ତପ ପ୍ରାଣର କ୍ରିୟା । ସାୟଣାଚାର୍ଯ୍ୟ ତପଶବ୍ଦର ଅର୍ଥ 'ପ୍ରଷ୍ଟବ୍ୟର ପର୍ଯ୍ୟାଲୋଚନା' ବୋଲି କହିଛିନ୍ତି । ଏହାର ତାତ୍ପର୍ଯ୍ୟ ଏହା ଯେ, ଯେତେବେଳେ ଅବ୍ୟୟ ପୁରୁଷଙ୍କ ମନରେ ସୃଷ୍ଟିର କାମନା ହୁଏ ସେତେ-ବେଳେ ସେ ବିଚାର କରନ୍ତି ଯେ ଯଦି ସୃଷ୍ଟି ନିର୍ମାଣ କରାଯିବ ତେବେ କେମିତି କରାଯିବ ? ତାଙ୍କର ସେହି ବିଚାରକୁ ତପ କୁହାଯାଏ । ବାସ୍ ଏହି ତପ ପରେ ହିଁ ସୃଷ୍ଟି ଉତ୍ପନ୍ନ ହେଲା । ଏହିପରି ଭାବେ ଅବ୍ୟୟ ପୁରୁଷଙ୍କ କାମନା ଦ୍ୱାରା ନାମ-ରୂପ ରହିତ ବ୍ରହ୍ମଙ୍କଠାରୁ ନାମରୂପା-ତ୍ମକ ଜଗତ୍ ଉତ୍ପନ୍ନ ହେଲା । ଏହି ଜଗତ୍‌ରେ ପ୍ରକୃତି ଭୋଗ୍ୟ ଅଟେ ଏବଂ ଜୀବ ଭୋକ୍ତା ।

ସଂକ୍ଷେପରେ ଏହାକୁ ଏକରୁ ଅନେକ ହେବା କୁହାଯାଏ । ଏ କାହାଣୀରେ ତିନୋଟି ତତ୍ତ୍ୱ ସୃଷ୍ଟିର ମୁଖ୍ୟ କାରଣ ବୋଲି କୁହାଗଲା । ତାହା ହେଉଛି - ଜୀବମାନଙ୍କର କର୍ମ, ବ୍ରହ୍ମଙ୍କ ଶକ୍ତି 'ମାୟା' ଏବଂ ଅବ୍ୟୟ ପୁରୁଷଙ୍କ 'କାମନା' । ଏହି ତିନୋଟି କାରଣ ମଧ୍ୟରେ ପରସ୍ପର ସମ୍ବନ୍ଧ ରହିଛି । ଯଦି ପ୍ରାଣୀମାନଙ୍କର 'କର୍ମ' ନ ରହିବ ତେବେ ଅବ୍ୟୟ ପୁରୁଷଙ୍କ ମନରେ ସୃଷ୍ଟି ଉତ୍ପତ୍ତି କରିବା ପାଇଁ ଇଚ୍ଛା ହେବ ନାହିଁ । ଆଉ ଯଦି ବ୍ରହ୍ମଙ୍କ ମାୟାଶକ୍ତି ଯାହାକି ବ୍ରହ୍ମଙ୍କୁ ସୀମିତ କରିଦିଏ, ଯଦି ତାହା ନ ହେବ ତେବେ ବି କାମନା ଉତ୍ପନ୍ନ ହେବ ନାହିଁ; କାରଣ ଅସୀମ ମନରେ ତ କାମନା ହେବା ସମ୍ଭବ ନୁହେଁ ।

କେବଳ ବ୍ରହ୍ମଙ୍କ କାମନାରୁ ସୃଷ୍ଟି ହେବା ସମ୍ଭବ ନୁହେଁ । ଏହି କାମନା ଗତିକୁ ଜନ୍ମ ଦିଏ । ଏହି ଗତିର ନାମ 'ଋଷି' ଅଟେ । ଏହି ଗତି ଦୁଇ ପ୍ରକାର ଅଟେ - ଗୋଟିଏ ଅନ୍ତର୍ମୁଖୀ ଗତି ଯାହାକୁ ବିଷ୍ଣୁ କୁହାଯାଏ ଆଉ ଗୋଟିଏ ଗତି ବହିର୍ମୁଖୀ ଗତି ଯାହାକୁ ଇନ୍ଦ୍ର କୁହାଯାଏ । ବିଷ୍ଣୁଙ୍କ ଅନ୍ତର୍ମୁଖୀ ଗତିଦ୍ୱାରା ଜଗତ୍‌ର ପାଳନ ହୁଏ ଏବଂ ତାହା ସୃଷ୍ଟ ପଦାର୍ଥକୁ ପୁଷ୍ଟ କରେ । ଇନ୍ଦ୍ରଙ୍କ ବହିର୍ମୁଖୀ ଗତିଦ୍ୱାରା ସଂହାର ହୁଏ କାରଣ ତାହା ପଦାର୍ଥକୁ ନିର୍ମୂଳ କରି ଥାଏ । ଏହି ଇନ୍ଦ୍ର ଓ ବିଷ୍ଣୁ ପ୍ରତ୍ୟେକ ନିଜ ନିଜର କାମ କରନ୍ତି ଏଣୁ ପ୍ରତ୍ୟେକ ପଦାର୍ଥରେ ହ୍ରାସ ଓ ବିକାସ ହେଉଥାଏ । ଯେତେବେଳ ପର୍ଯ୍ୟନ୍ତ ବିଷ୍ଣୁ ବଳବାନ୍ ଥାଆନ୍ତି ସେତେବେଳ ଯାଏ ପ୍ରତ୍ୟେକ ପଦାର୍ଥ ବିକସିତ ହୁଏ । କିନ୍ତୁ ଯେତେବେଳେ ବିଷ୍ଣୁ ଦୁର୍ବଳ ହୋଇ ଯାଆନ୍ତି ଆଉ ଇନ୍ଦ୍ର ବଳବାନ୍ ହୋଇ ଯାଆନ୍ତି ସେତେବେଳେ ପଦାର୍ଥ ଧୀରେ ଧୀରେ କ୍ଷୟିଷ୍ଣୁ ହୋଇଯାଏ । ଏଇଥିପାଇଁ ବିଷ୍ଣୁଙ୍କୁ ପାଳନ ଏବଂ ଇନ୍ଦ୍ରଙ୍କୁ ସଂହାରକ କୁହାଯାଏ । ବେଦରେ ଯାହାଙ୍କୁ ଇନ୍ଦ୍ର କୁହାଯାଏ ପୁରାଣମାନଙ୍କରେ ତାଙ୍କୁ ମହାଦେବ ଅଥବା ଶିବ କୁହାଯାଏ । ବିଷ୍ଣୁଙ୍କ ଗତି ଏବଂ ଶିବଙ୍କ ଆଗତି ମଧ୍ୟରେ ବ୍ରହ୍ମା ପଦାର୍ଥର ସ୍ଥିତି ବନାଇ ରଖନ୍ତି । ଏହିପରି ଭାବେ ବ୍ରହ୍ମା, ବିଷ୍ଣୁ ଓ ମହେଶ - ଏହି ତିନି ଦେବତା ସଂସାରର ଉତ୍ପତ୍ତି, ସ୍ଥିତି ଓ ପ୍ରଳୟର କାରଣ ଅଟନ୍ତି । ବ୍ରହ୍ମା ରଜୋଗୁଣ ସଂପନ୍ନ ସୃଷ୍ଟି ଉତ୍ପତ୍ତିର କାରଣ, ବିଷ୍ଣୁ ସତ୍ତ୍ୱଗୁଣ ସଂପନ୍ନ ପାଳନର କାରଣ ଏବଂ ଶିବ ତମୋଗୁଣ ସଂପନ୍ନ ସଂହାରର କାରଣ ଅଟନ୍ତି । ଏଣୁ କୁହାଯାଏ -

ଏକା ମୂର୍ତ୍ତିସ୍ତ୍ରୟୋ ଦେବା ବ୍ରହ୍ମା-ବିଷ୍ଣୁ-ମହେଶ୍ୱରାଃ ।

ଇନ୍ଦ୍ର ଓ ବିଷ୍ଣୁଙ୍କ ଗତି ଓ ଆଗତି ମଧ୍ୟରେ ଗୋଟିଏ ଲୟବଦ୍ଧତା ରହିଛି । ଏହି ଲୟବଦ୍ଧତା ଯୋଗୁଁ ସୃଷ୍ଟିରେ ଗୋଟିଏ ବ୍ୟବସ୍ଥା (ନିୟମାନୁବର୍ତ୍ତିତା) ବନି ରହିଛି । ଯଦି

ଗତିରେ ବ୍ୟବସ୍ଥା ନ ରହିବ ତେବେ ସୃଷ୍ଟିରେ ଅବ୍ୟବସ୍ଥା ବ୍ୟାପ୍ତ ହୋଇଯିବ । ଉପରେ ଆମେ ତିନୋଟି ଗୁଣର ଚର୍ଚ୍ଚା କରିଛୁ - ସତ୍ତ୍ୱ, ରଜସ୍ ଓ ତମସ୍ । ଏମାନଙ୍କ ମଧ୍ୟରୁ ତମୋଗୁଣ ପଦାର୍ଥମାନଙ୍କର ରୂପ ଅଟେ, ରଜୋଗୁଣ ଉକ୍ତ ପଦାର୍ଥମାନଙ୍କ ମଧ୍ୟରେ ସନ୍ନିହିତ ଗତି ଅଟେ ଆଉ ସତ୍ତ୍ୱଗୁଣ ସେଥିରେ ଜ୍ଞାନରୂପ ଅଟେ । ଦେବତାଙ୍କ ଭାଷାରେ ଏହାକୁ ଆମେ ଏପରି କହୁଁ ଯେ, ଅଗ୍ନିଙ୍କଠାରୁ ପଦାର୍ଥ ନିର୍ମାଣ ହୋଇଥାଏ, ବାୟୁଦ୍ୱାରା ସେଥିରେ ଗତି ଆସେ ଏବଂ ଆଦିତ୍ୟଙ୍କଠାରୁ ସେଥିରେ ଜ୍ଞାନ ଆସେ । ଆତ୍ମାର ଭାଷାରେ କହିବାକୁ ଗଲେ ତାହାର ତିନୋଟି ଘଟକ ତତ୍ତ୍ୱ ରହିଛି । ତାହା ହେଲା - ବାକ୍, ପ୍ରାଣ ଓ ମନ । ବାକ୍‌ର ସମ୍ବନ୍ଧ ପଦାର୍ଥରେ ଥାଏ, ପ୍ରାଣର ସମ୍ବନ୍ଧ ଗତିରେ ଏବଂ ମନର ସମ୍ବନ୍ଧ ଜ୍ଞାନରେ ଥାଏ । ଏ ସବୁ ବିଷୟରେ ଚର୍ଚ୍ଚା ଆମେ ଦଶମପାଠରେ କରିସାରିଛୁ । ଏଠାରେ ଆଉ ଏତିକି ବୁଝିବା ଆବଶ୍ୟକ ଯେ, ଯେଉଁ ପୁରୁଷ- ତ୍ରୟଙ୍କ ବିଷୟରେ ଚର୍ଚ୍ଚା ଆମେ କରିଛୁ ସେମାନଙ୍କ ମଧ୍ୟରୁ ଅବ୍ୟୟ ପୁରୁଷ ମନ ସହିତ ଜଡ଼ିତ ଅଛନ୍ତି, ଅକ୍ଷର ପୁରୁଷ ପ୍ରାଣ ସହିତ ଏବଂ କ୍ଷର ପୁରୁଷ ବାକ୍ ସହିତ ଜଡ଼ିତ ଅଛନ୍ତି ।

ଉପରେ ଆମେ ପ୍ରଜାପତିଙ୍କ ମନ ବିଷୟରେ ବିଚାର କରିଛୁ । ତପଦ୍ୱାରା ସେ ଏହା ବିଚାର କଲେ ଯେ, ସୃଷ୍ଟିର ନିର୍ମାଣ କେମିତି ହେବା ଉଚିତ । କିନ୍ତୁ କେବଳ ତପ ଦ୍ୱାରା ସୃଷ୍ଟି ନିର୍ମାଣ ହେବା ସମ୍ଭବ ହେଲା ନାହିଁ । ଏଇଥି ପାଇଁ ତାଙ୍କୁ ନିଜକୁ ଯଜ୍ଞରେ ଆହୁତି ହେବାକୁ ପଡ଼ିଲା । ଏହି ହୋମ ବିଷୟରେ ପୁରୁଷ ସୂକ୍ତରେ ବର୍ଣ୍ଣନା କରାଯାଇଛି । ଯଜ୍ଞରେ ଯେତେବେଳେ ପୁରୁଷ ନିଜକୁ ନିଜେ ଆହୁତି କଲେ ଆଉ ଯେତେବେଳେ ସୃଷ୍ଟି ଉତ୍ପନ୍ନ ହେଲା । ସେ ସୃଷ୍ଟି ପୁରୁଷଙ୍କଠାରୁ ଭିନ୍ନ ନ ଥିଲା; କିନ୍ତୁ ପୁରୁଷ ହିଁ ସୃଷ୍ଟିରୂପରେ ପରିଣତ ହୋଇଗଲା ।

ଏ ସମଗ୍ର ସୃଷ୍ଟି ପ୍ରକ୍ରିୟା ତିନୋଟି ତତ୍ତ୍ୱକୁ କେନ୍ଦ୍ରକରି ସଂପନ୍ନ ହୋଇଥିଲା - ମନ, ପ୍ରାଣ ଓ ବାକ୍ । ମନର କାମନା, ପ୍ରାଣର ତପଃ ଓ ବାକ୍‌ର ଶ୍ରମ ସୃଷ୍ଟିର କାରଣ ହୋଇଥିଲା । ତପ ଓ ଶ୍ରମ ଭିତରେ ଏହା ଭେଦ ଯେ, ତପକୁ ଆନ୍ତରୀକ କ୍ରିୟା ଏବଂ ଶ୍ରମକୁ ବାହ୍ୟ କ୍ରିୟା କୁହାଯାଏ । ଆଜି ବି ଯଦି ଆମେ କିଛି ଉତ୍ପନ୍ନ କରିବାକୁ ଚାହୁଁ ତେବେ ସେଥିପାଇଁ ତିନୋଟି ପଦକ୍ଷେପ ନେବାକୁ ପଡ଼ିବ, ତାହା ହେଲା ଆମର କାମନା ଅଥବା ସଂକଳ୍ପ, ଆମର ଜ୍ଞାନ ଅଥବା ଆନ୍ତରୀକ କ୍ରିୟା ଏବଂ ଆମର କର୍ମ ଅଥବା ବାହ୍ୟକ୍ରିୟା । ଅତଏବ ସୃଷ୍ଟିର କେନ୍ଦ୍ରରେ ଏହି ତିନୋଟି ତତ୍ତ୍ୱର ଅନିବାର୍ଯ୍ୟତା ସ୍ୱୀକୃତ ହୋଇଥାଏ । ଏଣୁ ତାର ତିନୋଟି କେନ୍ଦ୍ର ରହିଛି

ବୋଲି କୁହାଯାଏ । ତୁମେ ଏକଥା ଅବଶ୍ୟ ଲକ୍ଷ୍ୟ କରିଥିବ ଯେ ଯଦି ତିନୋଟି କେନ୍ଦ୍ର ବିଶିଷ୍ଟ ଏବଂ ସମାନ ଦୂରତା ବିଶିଷ୍ଟ ଗୋଟିଏ ଗୋଲାକାର ଆକୃତି ବନେଇବା ତେବେ ତାହା ସଂପୂର୍ଣ୍ଣ ଗୋଲାକାର ନ ହୋଇ ଅଣ୍ଡାକୃତି ହୋଇଯିବ । ତେଣୁ ଏ ବିଶ୍ୱମଧ୍ୟ ଅଣ୍ଡାକୃତି ହୋଇଛି, ଗୋଲାକାର ନୁହେଁ । କାରଣ ଏହାର ଗୋଟିଏ କେନ୍ଦ୍ର ନାହିଁ, କିନ୍ତୁ ତିନୋଟି କେନ୍ଦ୍ର । ଅଣ୍ଡାକୃତି ହୋଇଥିବାରୁ ବିଶ୍ୱର ନାମ ବ୍ରହ୍ମାଣ୍ଡ ଅଟେ । ସଂକ୍ଷେପରେ ବ୍ରହ୍ମାଣ୍ଡର ଉତ୍ପତ୍ତିର ଏହାହିଁ କାହାଣୀ ଅଟେ ।

-ପ୍ରଶ୍ନ-

୧. ବିଶ୍ୱ ଉତ୍ପତ୍ତି ପାଇଁ ବ୍ରହ୍ମ ତଥା ତାଙ୍କର ମାୟାଶକ୍ତିର ଯୋଗଦାନ କ'ଣ ?

୨. ପରମାତ୍ମା ସୃଷ୍ଟିର ଉତ୍ପତ୍ତି ପାଇଁ କାହିଁକି ଇଚ୍ଛା କରନ୍ତି ?

୩. ପୁରୁଷଙ୍କର ତପର ସ୍ୱରୂପ କ'ଣ ?

୪. କାମନାଦ୍ୱାରା ସୃଷ୍ଟିର ଉତ୍ପତ୍ତି କେମିତି ହୁଏ ?

୫. ବ୍ରହ୍ମାଣ୍ଡ ଅଣ୍ଡାକାର କାହିଁକି ହୋଇଛି?

-ସ୍ମରଣୀୟ ଉଦ୍ଧରଣ-

୧. **ଆନୀଦବାତଂ ସ୍ୱଧୟା ତଦେକମ୍ ।।** (ଋଗ୍‌ବେଦ)

ଅର୍ଥ - ସୃଷ୍ଟିର ଆରମ୍ଭରେ ସେହି ଏକବ୍ରହ୍ମ ନିଜର ଶକ୍ତି ସହିତ ବାୟୁ ବିନା (ଅର୍ଥାତ୍ କ୍ରିୟା ରହିତ ହୋଇ) ନିଶ୍ୱାସଃ ନେଉଥିଲା ।

୨. **କାମସ୍ତଦଗ୍ରେ ସମବର୍ତ୍ତତାଧି ମନସୋ ରେତଃ ପ୍ରଥମଂ ଯଦାସୀତ୍ ।** (ଋଗ୍‌ବେଦ)

ଅର୍ଥ - ସୃଷ୍ଟିର ଆରମ୍ଭରେ ଯେଉଁ କାମନା ଉତ୍ପନ୍ନ ହେଲା ତାହାହିଁ ମନର ପ୍ରଥମ ଶକ୍ତି ଥିଲା ।

୩. **ଏକଂ ବା ଇଦଂ ବିବଭୂବ ସର୍ବମ୍ ।।** (ଋଗ୍‌ବେଦ)

ଅର୍ଥ - ସେ ଏକ ହିଁ ଥିଲେ ଏବଂ ସର୍ବରୂପରେ ପରିଣତ ହୋଇଗଲେ ।

୪. **ପ୍ରଜାପତିରକାମୟତ ସୋଽଶ୍ରାମ୍ୟତ ସ ତପୋଽତପ୍ୟତ ।।** (ଶତପଥ ବ୍ରାହ୍ମଣ)

ଅର୍ଥ - ପ୍ରଜାପତି କାମନା କଲେ, ସେ ଶ୍ରମ କଲେ ଏବଂ ସେ ତପସ୍ୟା କଲେ ।।

ଚତୁର୍ଦ୍ଦଶ ପାଠ

- ସୃଷ୍ଟିର ଆୟୁ ତଥା ଚାରିଯୁଗ-

ବେଦରେ ସୃଷ୍ଟି ସମ୍ବନ୍ଧରେ ଚାରୋଟି ପ୍ରଶ୍ନ ଉପରେ ବିଚାର କରାଯାଇଛି - (୧) ସୃଷ୍ଟି କାହାଠାରୁ ନିର୍ମିତ ହୋଇଛି ? (୨) ସୃଷ୍ଟି କିପରି ନିର୍ମିତ ହୋଇଛି ? (୩) ସୃଷ୍ଟି କ'ଣ ପାଇଁ ନିର୍ମିତ ହୋଇଛି ? ଏବଂ (୪) ସୃଷ୍ଟି କେବେ ନିର୍ମିତ ହୋଇଛି ? ଏ ପ୍ରଶ୍ନମାନଙ୍କ ମଧ୍ୟରୁ ଆମେ ଶେଷ ପ୍ରଶ୍ନ ବିଷୟରେ ବିଚାର କରିବା ଯେ ସୃଷ୍ଟି କେବେ ନିର୍ମିତ ହୋଇଛି । ଏ ପ୍ରଶ୍ନର ଉତ୍ତର ପାଇଁ ଆଉ ଗୋଟିଏ ପ୍ରଶ୍ନ ଉପରେ ମଧ୍ୟ ବିଚାର କରିବା ଆବଶ୍ୟକ ଯେ 'ସବୁଠାରୁ ପ୍ରାଚୀନ ଅଥବା ପ୍ରଥମ ସଂବତ୍ସର କେବେଠୁଁ ଆରମ୍ଭ ହୋଇଛି' ? ସବୁଠାରୁ ପ୍ରାଚୀନ ଏବଂ ପ୍ରଥମ ସଂବତ୍ସରକୁ ସୃଷ୍ଟି ସଂବତ୍ସର କୁହାଯାଏ । କାରଣ, ଏହାର ଆରମ୍ଭ ସେହି ଦିନ ହେଲା ଯେଉଁ ଦିନ ସୃଷ୍ଟି ରଚନା ଆରମ୍ଭ ହେଲା । ବସ୍ତୁତଃ ଏହି ସମ୍ବତ୍ସର ଅନ୍ତାରାଷ୍ଟ୍ରିୟ ସଂବତ୍ସର ବୋଲି ପରିଗଣିତ ହେବା ଆବଶ୍ୟକ, କାରଣ ଏହାର ସମ୍ବନ୍ଧ କୌଣସି ଦେଶ, କୌଣସି ଧର୍ମ ଅଥବା କୌଣସି ଘଟଣା ସହିତ ସଂପୃକ୍ତ ନୁହେଁ । ଏହା ସମଗ୍ର ସୃଷ୍ଟି ସହିତ ଜଡ଼ିତ । ଏବେ ୧୯୯୯ ଖ୍ରୀଷ୍ଟ ସଂବତ୍ସର ଚାଲିଛି । କିନ୍ତୁ ସୃଷ୍ଟି ସଂବତ୍ସର ଦୃଷ୍ଟିରୁ ଏବେ ୧୯୬୦୮୫୩୦୯୯ ବର୍ଷ ଚାଲୁଛି । ଏଠାରେ ଏହା ପ୍ରଶ୍ନ ଉଠିବା ସ୍ୱାଭାବିକ୍ ଯେ, ଏତେ ପୁରୁଣା ସଂବତ୍ସର ପରିଗଣନାର ଆଧାର କ'ଣ ?

ଏହି ସୃଷ୍ଟି ସମ୍ବତ୍ସରର ପରିଗଣନା ପ୍ରତ୍ୟେକ ଭାରତୀୟ ଅଦ୍ୟାପି ପ୍ରତ୍ୟେକ ଶୁଭ କର୍ମ ଆରମ୍ଭ କରିବାକୁ ଯାଇ ସଂକଳ୍ପ ନେବା ସମୟରେ ଅବଶ୍ୟ କରିଥାଏ । ଅବଶ୍ୟ ଏକଥା ସତ ଯେ, ଅନେକେ ଏହାର ଅର୍ଥ ବୁଝନ୍ତି ନାହିଁ କିମ୍ବା ପୁରୋହିତ କ'ଣ କହୁଛନ୍ତି ତାର ଅର୍ଥ ବୁଝିବାପାଇଁ ଚେଷ୍ଟା ବି କରନ୍ତି ନାହିଁ । ଉଦାହରଣତଃ ତା. ୧ - ୧ - ୨୦୦୦ ଦିନ ଯଦି କୌଣସି ବ୍ୟକ୍ତି କୌଣସି ଶୁଭକାର୍ଯ୍ୟ ଅନୁଷ୍ଠାନ କରିବା ପୂର୍ବରୁ ଯେଉଁ ସଂକଳ୍ପମନ୍ତ୍ର ସଂସ୍କୃତରେ ପଢିବ ଅଥବା ପୁରୋହିତ ଯଜମାନଙ୍କ ତରଫରୁ ଯାହା କହିବେ ତା'ର ଗୋଟିଏ ଭାଗ ଏଡକ ଅବଶ୍ୟ ହେବ ଯେ - ଆଜି ବ୍ରହ୍ମାଙ୍କ ଦ୍ୱିତୀୟ ପରାର୍ଦ୍ଧରେ ଶ୍ୱେତବରାହ କଳ୍ପରେ, ବୈବସ୍ୱତ ମନ୍ୱନ୍ତରରେ ୨୮ତମ କଳିଯୁଗର ପ୍ରଥମ ଚରଣରେ ମୁଁ ଅମୁକ କାର୍ଯ୍ୟ ଅନୁଷ୍ଠାନ କରିବି । ଏହି

ବାକ୍ୟର ଅର୍ଥ ବୁଝିନେଲେ ଏକଥା ସ୍ପଷ୍ଟ ହୋଇଯିବ ଯେ ସୃଷ୍ଟି ରଚନା ହେବାର କେତେବର୍ଷ ବିତିଗଲାଣି । ଏହି ବାକ୍ୟର ଅର୍ଥ ବୁଝିବା ପାଇଁ ସର୍ବପ୍ରଥମେ ଏ କଥା ଜାଣିବା ଆବଶ୍ୟକ ଯେ, ଯେଉଁ 'ବର୍ଷ'ର ପରିଗଣନା ସହିତ ଆମେ ପରିଚିତ, ତାହାର ଆଧାର ପୃଥିବୀର ସୂର୍ଯ୍ୟଙ୍କ ଚାରି-ପାଖରେ ପରିଭ୍ରମଣ । କିନ୍ତୁ ଆମର ଏହି ଚିର ପରିଚିତ ବର୍ଷର ପରିଗଣନାଠାରୁ ଆଉ ଅନ୍ୟ-ପ୍ରକାର ପରିଗଣନା ମଧ୍ୟ ରହିଛି ।

ତିନି ପ୍ରକାର ଅହୋରାତ୍ର :-

ଆମ ବର୍ଷର ଗଣନା ଦିନ-ରାତିକୁ ନେଇ କରାଯାଏ । ପ୍ରକାଶମୟ ଭାଗକୁ ଦିନ ଏବଂ ଅନ୍ଧକାରମୟ ଭାଗକୁ ରାତି କୁହାଯାଏ । ଦିନ-ରାତି ମିଶି ଅହୋରାତ୍ର ହୁଏ ଏବଂ ପ୍ରତ୍ୟେକ ଅହୋରାତ୍ର ୨୪ ଘଣ୍ଟାରେ ହୁଏ । ଏହିପରି ପ୍ରକାଶମୟ ଏବଂ ଅନ୍ଧକାରମୟ ବିଭାଜନ ଶାସ୍ତ୍ରରେ ଆଉ ଦୁଇ ପ୍ରକାର କରାଯାଇଥାଏ । ତାହା ହେଲା 'ଶୁକ୍ଲପକ୍ଷ ଏବଂ କୃଷ୍ଣପକ୍ଷ' ତଥା 'ଉତ୍ତରାୟଣ ଏବଂ ଦକ୍ଷିଣାୟନ' । ଶୁକ୍ଲ ଓ କୃଷ୍ଣ ପକ୍ଷ ପ୍ରତ୍ୟେକ ୧୫-୧୫ ଦିନ ପାଇଁ ହୁଏ ଏବଂ ଉତ୍ତରାୟଣ ଏବଂ ଦକ୍ଷିଣାୟନ ପ୍ରତ୍ୟେକ ୬-୬ ମାସ ପାଇଁ ହୋଇଥାଏ । ଏପରି ପକ୍ଷ ଏ ଅୟନକୁ ଦିନ-ରାତି ମାନିନେଇ ବର୍ଷର ପରିଗଣନା ମଧ୍ୟ କରାଯାଇ ଥାଏ । ଶୁକ୍ଲ ଏବଂ କୃଷ୍ଣ ପକ୍ଷର ଅହୋରାତ୍ରକୁ ନେଇ ପିତୃଲୋକର ବର୍ଷ ଗଣନା କରାଯାଏ । ଏବଂ ଉତ୍ତରାୟଣ-ଦକ୍ଷିଣାୟନ ରୂପକ ଅହୋରାତ୍ରକୁ ନେଇ ଦେବଲୋକଙ୍କର ବର୍ଷର ପରିଗଣନା କରା ଯାଏ । ପିତୃଲୋକର ଅହୋରାତ୍ର ବିଷୟରେ ଏକଥା ଅବଶ୍ୟ ଧ୍ୟାତବ୍ୟ ଯେ, ଅନ୍ଧକାରମୟ କୃଷ୍ଣପକ୍ଷ ପିତୃଲୋକଙ୍କ ପାଇଁ ରାତ୍ରି ଏବଂ ପ୍ରକାଶମୟ ଶୁକ୍ଲପକ୍ଷ ପିତୃଲୋକଙ୍କ ପାଇଁ ଦିନ ଅଟେ ।

ଚାରି ଯୁଗ :-

ଉତ୍ତରାୟଣ ଓ ଦକ୍ଷିଣାୟନକୁ ନେଇ ଯେଉଁ ଅହୋରାତ୍ର ବନିଥାଏ ତାକୁଇ ନେଇ ଦେବତାଙ୍କ ବର୍ଷର ପରିଗଣନା କରଯାଏ । ଅର୍ଥାତ୍ ଦେବତାମାନଙ୍କର ଗୋଟିଏ ଅହୋରାତ୍ର (ଦିନ ଓ ରାତି) ଆମ୍ଭମାନଙ୍କର ଗୋଟିଏ ବର୍ଷରେ ପୂର୍ଣ୍ଣ ହୋଇଥାଏ । ଦେବତାମାନଙ୍କ ବର୍ଷକୁ **ଦିବ୍ୟବର୍ଷ** କୁହାଯାଏ । ଯାହାକି ଆମ୍ଭମାନଙ୍କର ୩୬୦ ବର୍ଷରେ ହୁଏ । ଏହି ୩୬୦ ବର୍ଷର କାଳାବଧିକୁ ଆମେ ଦିବ୍ୟବର୍ଷ କହୁଁ ଏବଂ ଆମର ଚିରପରିଚିତ ବର୍ଷକୁ (୧୨ ମାସର ବର୍ଷକୁ)

ମାନୁଷବର୍ଷ କହୁଁ । ମନୁଷ୍ୟର ଆୟୁ ମାନୁଷବର୍ଷ ଆଧାରରେ ଗଣନା କରାଯାଏ ଏବଂ ଦେବତାମାନଙ୍କର ଆୟୁ ଦିବ୍ୟବର୍ଷ ଆଧାରରେ ପରିଗଣିତ ହୁଏ । ସାମାନ୍ୟତଃ ମନୁଷ୍ୟର ଆୟୁ ୧୦୦ ବର୍ଷ ଏବଂ ଦେବତାମାନଙ୍କର ଆୟୁ ୧୦୦୦ ଦିବ୍ୟବର୍ଷ ଅଟେ ।

ଏହିପରି ଦେଖିଲେ ଜଣେ ଦେବତାଙ୍କ ଆୟୁ ମାନୁଷବର୍ଷ ହିସାବରେ ୩୬୦ x ୧୦୦୦ = ୩,୬୦,୦୦୦ ବର୍ଷ ଅଟେ । ୧୦୦ ବର୍ଷରେ ଗୋଟିଏ **ମାନୁଷ ଯୁଗ** ହୁଏ ଏବଂ ୩,୬୦,୦୦୦ ବର୍ଷରେ ଗୋଟିଏ **ଦିବ୍ୟଯୁଗ** ହୁଏ । ଦଶଟି ଦିବ୍ୟଯୁଗ ସମୁଦାୟକୁ ନେଇ ଗୋଟିଏ **ଚତୁର୍ଯୁଗୀ** ହୁଏ । କୃତଯୁଗରେ ୪ ଦିବ୍ୟଯୁଗ, ତ୍ରେତା ଯୁଗରେ ୩, ଦ୍ୱାପରରେ ୨, ତଥା କଳି ଯୁଗରେ ୧ଦିବ୍ୟଯୁଗକୁ ନେଇ ଚତୁର୍ଯୁଗୀ ରଚିତ ହୁଏ ।

ଦିବ୍ୟଯୁଗକୁ ୩,୬୦,୦୦୦ରେ ଗୁଣନ କଲେ ମାନୁଷବର୍ଷ ବାହିରିବ । ଏହିପରି ଭାବେ ଦେଖିଲେ ଚାରିଯୁଗ ନିମ୍ନୋକ୍ତ ଭାବେ ମାନୁଷବର୍ଷର ହେବ -

ସତ୍ୟଯୁଗ ୪ (ଦିବ୍ୟଯୁଗ) x ୩,୬୦,୦୦୦ = ୧୪,୪୦,୦୦୦ ବର୍ଷ
ତ୍ରେତାଯୁଗ ୩ (ଦିବ୍ୟଯୁଗ) x ୩,୬୦,୦୦୦ = ୧୦,୮୦,୦୦୦ ବର୍ଷ
ଦ୍ୱାପରଯୁଗ ୨ (ଦିବ୍ୟଯୁଗ) x ୩,୬୦,୦୦୦ = ୭,୨୦,୦୦୦ ବର୍ଷ
କଳିଯୁଗ ୧ (ଦିବ୍ୟଯୁଗ) x ୩,୬୦,୦୦୦ = ୩,୬୦,୦୦୦ ବର୍ଷ

ଏହି ଗଣନା କେବଳ ଦିନ ଓ ରାତିକୁ ନେଇ କରାଯାଇଛି । ଦିନ ଓ ରାତି ସହିତ ପ୍ରାତଃ ଓ ସାୟଂ ଦୁଇଟି ସନ୍ଧ୍ୟାକାଳ ଅଛି । ଏହି ସନ୍ଧ୍ୟାକାଳ ମଧ୍ୟ ୪, ୩, ୨, ୧ ଅନୁପାତରେ ବାଣ୍ଟିଦେଲେ, ଚାରିଯୁଗର ସଂଧ୍ୟାକାଳ କ୍ରମଶଃ ୪୦୦ + ୪୦୦ = ୮୦୦ ଦିବ୍ୟବର୍ଷ ସତ୍ୟଯୁଗର, ୩୦୦ + ୩୦୦ = ୬୦୦ ଦିବ୍ୟବର୍ଷ ତ୍ରେତା ଯୁଗର, ୨୦୦ + ୨୦୦ = ୪୦୦ ଦିବ୍ୟବର୍ଷ ଦ୍ୱାପର ଯୁଗର ଏବଂ ୧୦୦ + ୧୦୦= ୨୦୦ ଦିବ୍ୟବର୍ଷ କଳିଯୁଗର ହେବ । ଏହି ଦିବ୍ୟବର୍ଷକୁ ମାନୁଷବର୍ଷରେ ବଦଳାଇଦେଲେ କ୍ରମଶଃ ୨୮୮୦୦୦, ୨୧୬୦୦୦, ୧୪୪୦୦୦ ଏବଂ ୭୨୦୦୦ ବର୍ଷ ହେବ । ଏସବୁ ଉପରେ କୁହାଯାଇଥିବା ଯୁଗମାନ ମାନୁଷବର୍ଷରେ ଜୋଡ଼ି ଦେଲେ ଚାରିଯୁଗର ବର୍ଷସଂଖ୍ୟା ନିମ୍ନଲିଖିତ ରୂପେ ହେବ ।

ସତ୍ୟଯୁଗ - ୧୪,୪୦,୦୦୦ +୨,୮୮,୦୦୦ =୧୭,୨୮,୦୦୦ ବର୍ଷ
ତ୍ରେତାଯୁଗ -୧୦,୮୦,୦୦୦ +୨,୧୬,୦୦୦ = ୧୨,୯୬,୦୦୦ ବର୍ଷ

ଦ୍ୱାପରଯୁଗ -୭,୨୦,୦୦୦ +୧,୪୪,୦୦୦ = ୮,୬୪,୦୦୦ ବର୍ଷ
କଳିଯୁଗ - ୩,୬୦,୦୦୦ + ୭୨,୦୦୦ =୪,୩୨,୦୦୦ ବର୍ଷ

ଏହି ଚାରିଯୁଗମାନଙ୍କୁ ନେଇ ଗୋଟିଏ ଚତୁର୍ଯୁଗୀ ୪୩,୨୦,୦୦୦ ବର୍ଷ ହେବ । ଏହି ଚତୁର୍ଯୁଗୀ ସୂର୍ଯ୍ୟଙ୍କ ଆୟୁର ଗୋଟିଏ ବର୍ଷ ଅଟେ । ଏହି ପରି ଭାବେ ସୂର୍ଯ୍ୟଙ୍କ ଆୟୁ ୧୦୦୦ ବର୍ଷ ଅଟେ । ଅର୍ଥାତ୍ ସୂର୍ଯ୍ୟଙ୍କର ପୂର୍ଣ୍ଣାୟୁ ୪୩,୨୦,୦୦୦ x ୧୦୦୦ = ୪,୩୨,୦୦,୦୦,୦୦୦ ବର୍ଷ ଅଟେ । ଏହି ପୂର୍ଣ୍ଣାୟୁରୁ ସୂର୍ଯ୍ୟ ଏବେ ପର୍ଯ୍ୟନ୍ତ କେତେ ଭୋଗ କରି ସାରିଲେଣି ତାହା 'ମନ୍ୱନ୍ତର' କାଳାବଧି ସହିତ ହିସାବ କଲେ ଜଣାପଡ଼ିବ ।

ପନ୍ଦର ମନ୍ୱନ୍ତର:-

ସୂର୍ଯ୍ୟଙ୍କର ପୂର୍ଣ୍ଣ ଆୟୁକୁ ୧୫ ଦ୍ୱାରା ଭାଗ କଲେ ଗୋଟିଏ ମନ୍ୱନ୍ତର କାଳାବଧି ବାହାରିବ । ୧୫ ସଂଖ୍ୟାଦ୍ୱାରା ଏଇଥିପାଇଁ ବିଭାଗ କରାଯାଏ ଯେହେତୁ ଗୋଟିଏ ପକ୍ଷରେ ୧୫ ହିଁ ଅହୋରାତ୍ର ହୁଏ । ସୂର୍ଯ୍ୟଙ୍କ ପୂର୍ଣ୍ଣାୟୁ ପାଇଁ ସହସ୍ର ଚତୁର୍ଯୁଗୀ ଆବଶ୍ୟକ । ପ୍ରଥମ ୧୪ ମନ୍ୱନ୍ତର ମଧ୍ୟରୁ ପ୍ରତ୍ୟେକ ମନ୍ୱନ୍ତର ୭୧ଟି କରି ଚତୁର୍ଯୁଗୀ ଥାଏ । ଏହିପରି ପ୍ରଥମ ୧୪ଟି ମନ୍ୱନ୍ତରରେ ୭୧ x ୧୪ = ୯୯୪ ଚତୁର୍ଯୁଗୀ ବିତିଯାଏ । ଅବଶିଷ୍ଟ କେବଳ ୬ଟି ଚତୁର୍ଯୁଗୀ ପଞ୍ଚଦଶ ମନ୍ୱନ୍ତର ପାଇଁ ରହେ । ଆରମ୍ଭରେ କୁହାଯାଇଥିବା ସଂଜଳ୍ପ ମନ୍ତ୍ର ଅନୁସାରେ ଏବେ-ଯାଏ ୬ଟି ମନ୍ୱନ୍ତର ଅତୀତ ହୋଇ ୭ମ ମନ୍ୱନ୍ତର ଚାଲୁଛି । ଏହି ସପ୍ତମ ମନ୍ୱନ୍ତରର ନାମ 'ବୈବସ୍ୱତ ମନ୍ୱନ୍ତର' ଯେଉଁ ୬ଟି ମନ୍ୱନ୍ତର ବଢ଼ିଗଲାଣି ସେ ସବୁ ମିଶି ୭୧ x ୬ = ୪୨୬ ଚତୁର୍ଯୁଗୀ ବିତି ଗଲାଣି । ୪୨୬ ଚତୁର୍ଯୁଗୀ ଅର୍ଥାତ୍ ୪୩,୨୦,୦୦୦ x ୪୨୬ = ୧,୮୪,୦୩,୨୦,୦୦୦ ମାନୁଷବର୍ଷ । ସପ୍ତମ ମନ୍ୱନ୍ତରର ଏବେ ୨୭ ଚତୁର୍ଯୁଗୀ ଅର୍ଥାତ୍ ୪୩,୨୦,୦୦୦ x ୨୭ = ୧୧,୬୬,୪୦,୦୦୦ ମାନୁଷବର୍ଷ ବିତିଗଲାଣି । ୨୮ତମ ଚତୁର୍ଯୁ-ଗୀରୁ ତିନୋଟି ଯୁଗ ଅର୍ଥାତ୍ ସତ୍ୟ, ତ୍ରେତା ଓ ଦ୍ୱାପର ଯୁଗ ବିତିଗଲଣି । ଅତଏବ ୧୭୨୮୦୦୦ + ୧୨୯୬୦୦୦ + ୮୬୪୦୦୦ = ୩୮,୮୮,୦୦୦ ମାନୁଷ ବର୍ଷ ବିତି-ଗଲାଣି । କଳିଯୁଗର ଆୟୁ ୪,୩୨,୦୦୦ ବର୍ଷକୁ ମଧ୍ୟ ଚାରୋଟି ଚରଣରେ ବଣ୍ଟାଯାଇଛି । ପ୍ରଥମଚରଣ ୧,୦୮,୦୦୦ ବର୍ଷର ଅଟେ । ଆଜିଯାଏ କଳିଯୁଗର ପ୍ରଥମ ଚରଣରୁ ୫୧୦୧

ବର୍ଷ ମାତ୍ର ଅତୀତ ହୋଇଛି । ଏହି ପରି ଭାବେ ସୃଷ୍ଟିର ଉତ୍ପତ୍ତି ଦୃଷ୍ଟିରୁ ଦେଖିଲେ ଆଜିଯାଏ ମାତ୍ର - ୧,୮୪,୦୩,୨୦,୦୦୦ + ୧୧,୬୬,୪୦,୦୦୦ + ୩୮,୮୮,୦୦୦ + ୫୧୦୧ = ୧,୯୬,୦୮,୫୩,୧୦୧ ବର୍ଷ ବ୍ୟତୀତ ହୋଇଛି । ଏହାକୁ ହିଁ **ସୃଷ୍ଟି-ସମ୍ବତ୍ସର** କୁହାଯାଏ ଯାହାକି ବିଶ୍ୱର ସବୁଠାରୁ ପୁରୁଣା ସମ୍ବତ୍ସର । କାରଣ ସୂର୍ଯ୍ୟଙ୍କର ଉତ୍ପତ୍ତିର ପୂର୍ବରୁ ଆମର ପରିଚୟ ସମ୍ବତ୍ସର ସହିତ ହେବା ସମ୍ଭବ ନୁହେଁ । ସୂର୍ଯ୍ୟଙ୍କ ପୂର୍ଣ୍ଣାୟୁ ଅର୍ଥାତ୍ ୪,୩୨,୦୦,୦୦,୦୦୦ ବର୍ଷରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭୋଗ ହୋଇ ସାରିଥିବା ଆୟୁ ୧,୯୬,୦୮,୫୩,୧୦୧ ବର୍ଷ ବିୟୋଗ କଲେ ସୃଷ୍ଟିର ଆୟୁ ୨,୩୫,୯୧,୪୬,୮୯୯ ବର୍ଷ ଅବଶିଷ୍ଟ ରହିଛି ।

ବିଜ୍ଞାନ ଯେଉଁଠି ପହଞ୍ଚି ନାହିଁ:-

ସ୍ୱୟଂ ସୂର୍ଯ୍ୟ ମଧ୍ୟ ଗୋଟିଏ ପିଣ୍ଡର ପରିକ୍ରମା କରୁଛି । ସେ ପିଣ୍ଡକୁ ପରମେଷ୍ଠୀ ମଣ୍ଡଳ କୁହାଯାଏ । ସୂର୍ଯ୍ୟଙ୍କ କାଳ ମୂର୍ତ୍ତ ଅଟେ କିନ୍ତୁ ପରମେଷ୍ଠୀ ମଣ୍ଡଳର କାଳ ମୂର୍ତ୍ତାମୂର୍ତ୍ତ ଅଟେ । ସେହି ମୂର୍ତ୍ତାମୂର୍ତ୍ତ କାଳ ପର୍ଯ୍ୟନ୍ତ ବର୍ତ୍ତମାନର ବିଜ୍ଞାନ ପହଞ୍ଚି ନାହିଁ । ଏହି ପରମେଷ୍ଠୀ ମଣ୍ଡଳର ଗୋଟିଏ ଦିନ ୪,୩୨,୦୦,୦୦,୦୦୦ ମାନୁଷ ବର୍ଷରେ ହୁଏ । ଅର୍ଥାତ୍ ସୌର ମଣ୍ଡଳର ପୂର୍ଣ୍ଣାୟୁ ପରମେଷ୍ଠୀ ମଣ୍ଡଳର ଗୋଟିଏ ଦିନ ଅଟେ । ଆମର ସୃଷ୍ଟି ଯେତେ ବର୍ଷ ରହେ ସେତିକି ସମୟରେ କେବଳ ପରମେଷ୍ଠୀ ମଣ୍ଡଳର ମାତ୍ର ଗୋଟିଏ ଦିନ ବ୍ୟତୀତ ହୁଏ । ୪,୩୨,୦୦,୦୦,୦୦୦ ବର୍ଷ ଯଦି ସୃଷ୍ଟି କାଳ ହେଲା ତେବେ ସେତିକି ବର୍ଷ ପ୍ରଳୟ କାଳ ହେବ । ଏହି ପ୍ରଳୟ କାଳକୁ ପରମେଷ୍ଠୀ ମଣ୍ଡଳର ରାତ୍ରିକାଳ କୁହାଯାଏ । ଏହପରି ଦେଖିଲେ ପରମେଷ୍ଠୀ ମଣ୍ଡଳର ଗୋଟିଏ ଅହୋରାତ୍ରକୁ ବ୍ରାହ୍ମ-ଅହୋରାତ୍ର କୁହାଯାଏ । ଏଥିରେ ୩୬୦ ଗୁଣନ କଲେ ବ୍ରାହ୍ମବର୍ଷର ସମୟ ନିର୍ଦ୍ଧାରିତ ହେବ । ଆଉ ସେହି ଗୁଣଫଳରେ ୧୦୦ ଗୁଣନ କଲେ ପରମେଷ୍ଠୀ ମଣ୍ଡଳର ପୂର୍ଣ୍ଣାୟୁ ନିର୍ଦ୍ଧାରିତ ହେବ । ଅର୍ଥାତ୍ -

୮,୬୪,୦୦,୦୦,୦୦୦ x ୩୬୦ = ୩୧,୧୦,୪୦,୦୦,୦୦,୦୦୦

୩୧,୧୦,୪୦,୦୦,୦୦,୦୦୦ x ୧୦୦ = ୩୧,୧୦,୪୦,୦୦,୦୦,୦୦,୦୦୦ ବର୍ଷ

ଏହାକୁ ଏକ ବ୍ରାହ୍ମଯୁଗ କୁହାଯାଏ । ଏହିପରି ୧୦୦୦ ବ୍ରାହ୍ମଯୁଗର କଳ୍ପନା କରି ପରମେଷ୍ଠୀ ମଣ୍ଡଳରେ ମଧ୍ୟ ଚତୁର୍ଯୁଗର ବ୍ୟବସ୍ଥା ଏବଂ ମନ୍ୱନ୍ତରର ବ୍ୟବସ୍ଥା କରାଯାଇ ପାରିବ । କିନ୍ତୁ

ଆମଦ୍ୱାର ଆବିଷ୍କୃତ ସଂଖ୍ୟା ଦ୍ୱାରା ଉକ୍ତ ସଂଖ୍ୟାର ପରିଗଣନା କରିବା ସମ୍ଭବ ନ ହେବାରୁ ତାକୁ ଅସଂଖ୍ୟ କୁହାଯାଏ । କିନ୍ତୁ ତାହା ଅନନ୍ତ ନୁହେଁ ।

ବିଶ୍ୱର ମୂଳ ସ୍ୱୟମ୍ଭୂ :-

ପରମେଷ୍ଠୀ ମଣ୍ଡଳ ମଧ୍ୟ ସ୍ୱୟଂଭୂମଣ୍ଡଳର ପରିକ୍ରମା କରେ । ଅତଃ ତାହାର ମଧ୍ୟ କାଳଗଣନା କରାଯାଇ ପାରିବ । କିନ୍ତୁ ସ୍ୱୟଂଭୂମଣ୍ଡଳ କାହାରି ପରିକ୍ରମା କରେ ନାହିଁ, ଅତଃ ସେଠାକାର କାଳ ଅମୂର୍ତ୍ତ ରହିଯାଏ । ଏହିପରି ଭାବେ ଦେଖିଲେ ସୂର୍ଯ୍ୟଙ୍କ କାଳ **ମୂର୍ତ୍ତ**, ପରମେଷ୍ଠୀଙ୍କ କାଳ **ମୂର୍ତ୍ତାମୂର୍ତ୍ତ** ତଥା ସ୍ୱୟଂଭୂଙ୍କ କାଳ **ଅମୂର୍ତ୍ତ** ଅଟେ । ଏଥି ମଧ୍ୟରୁ ସ୍ୱୟଂଭୂଙ୍କ ଅମୂର୍ତ୍ତ କାଳକୁ **'ଋଜୁକାଳ'** ଅଥବା **'ମହାକାଳ'** କୁହାଯାଏ, ପରମେଷ୍ଠୀଙ୍କ ମୂର୍ତ୍ତାମୂର୍ତ୍ତ କାଳକୁ **'ରତକାଳ'** ଅଥବା **'କରାଳକାଳ'** କୁହାଯାଏ ଏବଂ ସୂର୍ଯ୍ୟଙ୍କ ମୂର୍ତ୍ତକାଳକୁ **'କୃଟିଳକାଳ'** ଅଥବା **'ରୋହିତକାଳ'** କୁହାଯାଏ । ଏହି ନାମ ସବୁ ଉକ୍ତ କାଳ ମାନଙ୍କର ସ୍ୱରୂପକୁ ପ୍ରକାଶିତ କରେ । ଉଦାହରଣତଃ ସୂର୍ଯ୍ୟଙ୍କ କାଳକୁ ରୋହିତକାଳ ଏଇଥିପାଇଁ କୁହାଯାଏ ଯେହେତୁ ତାହା ସୂର୍ଯ୍ୟଙ୍କ 'ଲୋହିତ' ରଶ୍ମି ସହିତ ସମ୍ପୃକ୍ତ ଥାଏ । ଏହି ତିନୋଟି କାଳକୁ **'ତ୍ରାତିସିଷ୍ଟ-କାଳ'** କୁହାଯାଏ ଏବଂ ଏହି ତିନୋଟି କାଳର ଆରମ୍ଭ ଏବଂ ଅନ୍ତ ମଧ୍ୟ ରହିଛି । କିନ୍ତୁ **'ସପ୍ତାସିଷ-କାଳ'** କୌଣସି ପିଣ୍ଡ ଅନ୍ୟପିଣ୍ଡର ଚାରିପାଖରେ ପରିକ୍ରମାର ଅବଧି ଦ୍ୱାରା ମାପିବା ସମ୍ଭବ ହୁଏ ନାହିଁ । ଏଣୁ ତାକୁ ଅନାଦି ଓ ଅନନ୍ତ କୁହାଯାଏ । ସେହି କାଳକୁ ଅଥର୍ବବେଦର ସମସ୍ତଙ୍କର ଈଶ୍ୱର ତଥା ପ୍ରଜାପତି କୁହାଯାଇଛି ।

"କାଲୋ ହ ସର୍ବସ୍ୟେଶ୍ୱରେ । ଯଃ ପିତାସୀତ୍ ପ୍ରଜାପତେଃ "

କାଳର କେନ୍ଦ୍ରସ୍ଥତା :-

ଏଠାରେ ପ୍ରଶ୍ନ ଉଠିପାରେ ଯେ ଅଥର୍ବବେଦରେ ଯେପରି କାଳର ଅନନ୍ତତାକୁ ଲକ୍ଷ୍ୟ କରି କାଳକୁ ସର୍ବେଶ୍ୱର ଏବଂ ପ୍ରଜାପତିଙ୍କର ମଧ୍ୟ ପିତା ବୋଲି ବର୍ଣ୍ଣନା କରାଯାଇଛି ତା'ର କାରଣ କ'ଣ ? ଅଥବା କାଳର ଏ ସ୍ଥିତିଗାନ ପଛରେ ଅନ୍ୟ କୌଣସି କାରଣ ଅଛି ? ବସ୍ତୁତଃ କାଳର ଏ ପ୍ରକାର ସ୍ଥିତିଗାନ ପଛରେ ଅନ୍ୟ କୌଣସି କାରଣ ନିହିତ ଅଛି । ସୃଷ୍ଟି କ୍ରମରେ ସର୍ବୋଚ୍ଚ ସ୍ଥିତି ସେହି ଅବ୍ୟୟ ପୁରୁଷଙ୍କର ରହିଛି ଯିଏ କି ସୃଷ୍ଟିର କେବଳ ସାକ୍ଷୀ

ଅଟନ୍ତି । ଅକ୍ଷର ପୁରୁଷ ସୃଷ୍ଟିର ନିମିତ୍ତ କାରଣ ଅଟନ୍ତି ତଥାଚ କ୍ଷର ପୁରୁଷ ଉପାଦାନ କାରଣ ଅଟନ୍ତି । ଏହି ତିନି ପୁରୁଷଙ୍କର ପାଞ୍ଚୋଟି ଲେଖାଏଁ କଳା ରହିଛି । ଏହି ୧୫ କଳା ପରାପୂର ସହିତ ଜଡ଼ିତ ହୋଇ ଷୋଡ଼ଶକଳ ପୁରୁଷ ବନିଥାଏ ଯାହାର ଉଲ୍ଲେଖ ବୈଦିକ ସାହିତ୍ୟରେ ବାରଂବାର ଦେଖିବାକୁ ମିଳେ । ଏଠାରେ ପ୍ରାସଙ୍ଗିକ ଅବ୍ୟୟ ପୁରୁଷଙ୍କର ପାଞ୍ଚୋଟି କଳା ହେଲା - ଆନନ୍ଦ, ବିଜ୍ଞାନ, ମନ, ପ୍ରାଣ ତଥା ବାକ୍ । ଏହି ପାଞ୍ଚୋଟି କଳାକୁ ଉପନିଷଦ୍ ପଞ୍ଚ-କୋଶ କହେ । ଏହି ପାଞ୍ଚଟି କଳାମାନଙ୍କ ଭିତରୁ ମନ ମଧ୍ୟସ୍ଥିତ ଯାହାର ପୂର୍ବରେ ଆନନ୍ଦ ଏବଂ ବିଜ୍ଞାନ ଅବସ୍ଥିତ ଏବଂ ଯାହାର ଉତ୍ତରରେ ପ୍ରାଣ ଓ ବାକ୍ ଅବସ୍ଥିତ । ଅର୍ଥାତ୍ ମନ ଏହି ପାଞ୍ଚକଳାର କେନ୍ଦ୍ରରେ ରହିଛି । କଳାର ସମ୍ବନ୍ଧ ଅବ୍ୟୟ ପୁରୁଷଙ୍କର ଏହି କେନ୍ଦ୍ରସ୍ଥ କଳା 'ମନ' ସହିତ ରହିଛି । ମନର ଶକ୍ତି ଜ୍ଞାନ, ପ୍ରାଣର ଶକ୍ତି କ୍ରିୟା ଏବଂ ବାକ୍‌ର ଶକ୍ତି ଅର୍ଥ ଅଟେ । ମନ ପ୍ରାଣ ଏବଂ ବାକ୍ ଏହି ତ୍ରିପୁଟୀ ବିଶ୍ୱର ସମସ୍ତ ପଦାର୍ଥ ନିର୍ମାଣ କରେ । ମନ ରୂପର ନିର୍ମାଣ କରେ, ପ୍ରାଣ କର୍ମର ଏବଂ ବାକ୍ ନାମର ନିର୍ମାଣ କରେ । ଯେ କୌଣସି ପଦାର୍ଥରେ ଏହି ତିନୋଟି ଅଂଶ ଥାଏ, ଏହାକୁ ଉକ୍ତ ପଦାର୍ଥର constituent ବୋଲି କୁହାଯାଇ ପାରେ । ଏହି ଅଂଶତ୍ରୟ ଭିତରେ ମନ ମୁଖ୍ୟ ଅଟେ । ଏହି ମନ ଯେତେବେଳେ ସୌରତତ୍ତ୍ୱ ସହିତ ଜଡ଼ିତ ହୁଏ ତାହାକୁ **'ମନୁ'** କୁହାଯାଏ, ଯାହାକି ମନ୍ୱନ୍ତର ନିର୍ମାଣ କରେ । ଏହି ମନ୍ୱନ୍ତର ହିଁ କାଳାବଧି ମାପିବାର ମାନଦଣ୍ଡ ଅଟେ ।

କାଳ, ଦିକ୍, ଦେଶ :-

ଯେପରି ଭାବରେ ଅବ୍ୟୟ ପୁରୁଷଙ୍କର ଜ୍ଞାନଶକ୍ତିଘନ-ମନସ୍ତତ୍ତ୍ୱ ସୌରତତ୍ତ୍ୱ ସହିତ ଜଡ଼ିତ ହୋଇ ମନୁରୂପରେ କାଳକୁ ଜନ୍ମ ଦିଏ, ଠିକ୍ ସେହିପରି ଅବ୍ୟୟ ପୁରୁଷଙ୍କର କ୍ରିୟାଶ-କ୍ତିଘନ-ପ୍ରାଣତତ୍ତ୍ୱ ଦିକ୍‌କୁ ତଥା ଅର୍ଥଶକ୍ତିଘନ-ବାକ୍‌ତତ୍ତ୍ୱ ଦେଶକୁ ଜନ୍ମ ଦିଏ । ଏହି କାଳ, ଦିକ୍ ଓ ଦେଶର ତ୍ରିପୁଟୀ ସୃଷ୍ଟିର ମୂଳ କାରଣ ଅଟେ । ଏମାନଙ୍କ ମଧ୍ୟରୁ କେନ୍ଦ୍ରସ୍ଥ ମନ ସହିତ ସମ୍ବନ୍ଧ ଥିବା ଯୋଗୁଁ କାଳ ମୁଖ୍ୟ ଅଟେ । ଅବ୍ୟୟ ପୁରୁଷଙ୍କର ବିଜ୍ଞାନ ଓ ଆନନ୍ଦ କଳା ସୃଷ୍ଟି ସହିତ ସମ୍ବନ୍ଧ ନାହିଁ କିନ୍ତୁ ତାହା ମୁକ୍ତିପାଇଁ ସହାୟକ ହୁଏ । ସୃଷ୍ଟି କ୍ରମରେ ମନ କାଳ ମାଧ୍ୟମରେ ଆୟୁ, ପ୍ରାଣ ଦିକ୍ ମାଧ୍ୟମରେ ଜ୍ୟୋତି, ଏବଂ ବାକ୍ ଦେଶ ମାଧ୍ୟମରେ ଗୌକୁ ନିର୍ମାଣ କରେ । ଏହି ତିନୋଟିକୁ ବୈଦିକ ପରିଭାଷାରେ **ଆୟୁଷ୍ଟୋମ, ଜ୍ୟୋତିଷ୍ଟୋମ** ତଥା

ଗୋଷ୍ଠୋମ କୁହାଯାଏ । ଆୟୁଷ୍ଟୋମ ଆମ ଆତ୍ମାର, ଜ୍ୟୋତିଷ୍ଟୋମ ଇନ୍ଦ୍ରିୟମାନଙ୍କୁ ଏବଂ ଗୋଷ୍ଟୋମ ଶରୀରର ସ୍ୱରୂପକୁ ନିର୍ଦ୍ଧାରିତ କରେ । ସଂକ୍ଷେପରେ କହିଲେ ଏହି ପ୍ରକ୍ରିୟା ଦ୍ୱାରା ଆମେ ଅବ୍ୟୟ ପୁରୁଷଙ୍କ ସହିତ ଜଡ଼ିତ ଅଟୁଁ । ଆତ୍ମା ବିନା ଇନ୍ଦ୍ରିୟ ଅଥବା ଶରୀରର କୌଣସି ଅର୍ଥ ନାହିଁ । ଠିକ୍ ସେହିପରି କାଳ ବିନା ଦିକ୍ ଓ ଦେଶ ସବୁ ନିରର୍ଥକ ଅଟେ । ଅତଏବ ଏହି ତିନୋଟି ତତ୍ତ୍ୱ ମଧ୍ୟରେ କାଳ ସର୍ବ ପ୍ରଧାନ ଅଟେ । ବସ୍ତୁତଃ ସତ୍ତାସିଦ୍ଧି କାଳ ତ ସ୍ୱୟଂ ଅବ୍ୟୟ-ପୁରୁଷ ଅଟନ୍ତି । ଏଇଥିପାଇଁ ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ନିଜକୁ କାଳସ୍ୱରୂପ ବୋଲି ବର୍ଣ୍ଣନା କରିଛନ୍ତି-

"କାଲୋଽସ୍ମି ଲୋକକ୍ଷୟକୃତ୍‌ପ୍ରବୃଦ୍ଧଃ " ।(ଗୀତା ୧୧ · ୩୨)

ତିନୋଟି ସର୍ଗ :-

କାଳ, ଦିକ୍ ତଥା ଦେଶ ଏ ତିନି ତତ୍ତ୍ୱ କ୍ରମଶଃ ତିନୋଟି ସୃଷ୍ଟିର ଜନ୍ମଦାତା ଅଟନ୍ତି - **କାଳସର୍ଗ, ଦିକ୍‌ସର୍ଗ** ତଥା **ଦେଶସର୍ଗ** । କାଳସର୍ଗ, ପୁରୁଷସର୍ଗକୁ **ବ୍ରହ୍ମସୃଷ୍ଟି** ଅଥବା **ଋଷିସୃଷ୍ଟି** କୁହାଯାଏ । ଦିକ୍‌ସର୍ଗ, ପ୍ରକୃତିସର୍ଗକୁ **ଯଜ୍ଞସୃଷ୍ଟି** ଅଥବା **ଦେବସୃଷ୍ଟି** କୁହାଯାଏ । ଦେଶସର୍ଗ, ବିକୃତିସର୍ଗକୁ **ମୈଥୁନୀସୃଷ୍ଟି** ଅଥବା **ପିତୃସୃଷ୍ଟି** କୁହାଯାଏ । ଆମେ ଅଧିକାଂଶତଃ ଦେଶସର୍ଗ ସହିତ ପରିଚିତ ଅଟୁଁ । ଯଦି କଦାଚିତ୍ ଆମକୁ କାଳସର୍ଗ ଅଥବା ଦିକ୍‌ସର୍ଗର ଝଲକ୍ ଦେଖିବାକୁ ମିଳିଯାଏ ତେବେ ଆମେ ତାକୁ ଚମତ୍କାର ଅଥବା ଅନ୍ଧବିଶ୍ୱାସ ବୋଲି ଭାବିଥାଉଁ; କାରଣ ତାହା ଆମ ବୁଦ୍ଧି ବ୍ୟାପାରରୁ ଉର୍ଦ୍ଧରେ ଅଟେ । ଏଥି ମଧ୍ୟରୁ **ମାନସୀସୃଷ୍ଟି** ଅମୂର୍ତ୍ତ ଅଟେ, **ପ୍ରାଣସୃଷ୍ଟି** ତଥା **ବାକ୍‌ସୃଷ୍ଟି** ମୂର୍ତ୍ତ ଅଟେ । ଅମୂର୍ତ୍ତର ପ୍ରତୀକ ସ୍ୱୟଂଭୂ ଅଟେ, ମୂର୍ତ୍ତର ପ୍ରତୀକ ସୂର୍ଯ୍ୟ । ପରମେଷ୍ଠୀ ଏହି ଦୁଇତତ୍ତ୍ୱର ମଧ୍ୟବର୍ତ୍ତି ଆୟାମ ଅଟେ । ଏହି ମନ, ପ୍ରାଣ ତଥା ବାକ୍ ଆମ ବ୍ୟଷ୍ଟିତ୍ତ୍ୱରେ କ୍ରମଶଃ କାରଣ, ସୂକ୍ଷ୍ମ ତଥା ସ୍ଥୂଳ ଶରୀର ଅଟେ । କିନ୍ତୁ ବ୍ୟଷ୍ଟି ସୃଷ୍ଟିରେ ଏହା କ୍ରମଶଃ ସୂର୍ଯ୍ୟ, ଚନ୍ଦ୍ର ତଥା ପୃଥ୍ୱୀ ଅଟେ । ଅତଏବ ଲୋକେ କଥାରେ କହନ୍ତି :-

'ଯଥା ପିଣ୍ଡେ ତଥା ବ୍ରହ୍ମାଣ୍ଡେ' ।।

ଯାହାକୁ ଆମେ ଚମତ୍କାର ବୋଲି କହୁଁ ତାହା ବସ୍ତୁତଃ ଦେବ ବିଭୂତି ଅଟେ, ଯାହାର ସମ୍ବନ୍ଧ ପ୍ରାଣ-କାଳ ସହିତ ରହିଛି । ଆମେ ଯାହା ଦୈନନ୍ଦିନ ଅନୁଭବ କରୁ ତାହାକୁ **ଭୂତସର୍ଗ** କୁହାଯାଏ । ଯାହାର ସମ୍ବନ୍ଧ ଭୂତ-କାଳ ସହିତ ରହିଛି । ଦେବବିଭୂତି କେବଳ କାଳାବଚ୍ଛିନ୍ନ

ଅଟନ୍ତି । ସେମାନେ ଦିକ୍‌ଦେଶର ଅଷ୍ଟଷ୍ଟ ତତ୍ତ୍ୱ ଅଟନ୍ତି । ଭୂତସର୍ଗ ଦିଗ୍- ଦେଶ-କାଳ ଏହି ତିନି ତତ୍ତ୍ୱ ଦ୍ୱାରା ସାବଚ୍ଛିନ୍ନ ଅଟେ ।

କାଳଜୟ:-

ସଂବତ୍ସର ବିଦ୍ୟାର ବାସ୍ତବିକ ପ୍ରୟୋଜନ କାଳ ଉପରେ ବିଜୟ ଲାଭ । ସ୍ୱୟଂଭୂ ପରମେଷ୍ଠୀ ହିଁ ଅମୃତ ଲୋକ ଅଟେ । ଏହି ଦୁଇଟିକୁ **ଅପୁନର୍ମାର** କୁହାଯାଏ । ଚନ୍ଦ୍ର ତଥା ପୃଥ୍ୱୀ ମର୍ତ୍ତ୍ୟ ଅଟେ । ସୂର୍ଯ୍ୟ ଏହି ଦୁଇଟିର ମଧ୍ୟସ୍ଥ ଅଟେ । ଅତଏବ ମର୍ତ୍ତ୍ୟାମର୍ତ୍ତ୍ୟ ଅଟେ । ପ୍ରାଣ-ସୂର୍ଯ୍ୟ ଅମୃତ ଅଟେ ଏବଂ ଭୂତସୂର୍ଯ୍ୟ ମର୍ତ୍ତ୍ୟ ଅଟେ । ସାଧକମାନେ ପ୍ରାଣସୂର୍ଯ୍ୟ ସହିତ ସମ୍ବନ୍ଧ ସ୍ଥାପନା କରି ଅମୃତତ୍ୱ ସହିତ ସମ୍ବନ୍ଧ ସ୍ଥାପନା କରନ୍ତି । ଏହି ପ୍ରକ୍ରିୟାକୁ ରହସ୍ୟବିଦ୍ୟା କୁହା-ଯାଏ । କିନ୍ତୁ ଏହି ରହସ୍ୟବିଦ୍ୟାର ମୂଳ ଆଧାର ଏକ ହିଁ ଅଟେ ଯାହାକି ସର୍ବଜନ ବୋଧଗମ୍ୟ ଅଟେ । ଦୂରଦର୍ଶିତା ସହିତ ଦୂରଗାମୀ ହିତକୁ ଦେଖିବା ଆବଶ୍ୟକ । ତାତ୍କାଳିକ ସୁଖ ପାଇଁ ଦୀର୍ଘକାଳିକ ହିତର ଉପେକ୍ଷା କରିବା ଉଚିତ ନୁହେଁ । ତାତ୍‌କାଳିକ ସୁଖ ଲୋଭନୀୟ ପ୍ରତୀତ ହୁଏ କିନ୍ତୁ ତାହା ଦୀର୍ଘକାଳିକ ହିତର ବିରୋଧୀ ଅଟେ । ଯିଏ ସେହି ତାତ୍‌କାଳିକ ସୁଖଭୋ-ଗର ଲୋଭ ସମ୍ବରଣ କରି ନ ପାରେ ସେ କାଳର ବଶୀଭୂତ ହୋଇଯାଏ । ଯିଏ ତାତ୍‌କାଳିକ ସୁଖ ଉପରେ ବିଜୟ ଲାଭ କରିନିଏ ସେ କାଳଜୟୀ ହୋଇଯାଏ । କାଳ ଉପରେ ବିଜୟ ଲାଭ କରିବାର ସରଳ ଉପାୟ ହେଲା 'କାଳର ଆର-ପାର ଦେଖିବାର ସାମର୍ଥ୍ୟ ଲାଭ କରିବା' ।

ଆଜିକାଲି ଆମେ କେବଳ ତାତ୍କାଳିକ ସୁଖ ଚାହୁଁଛୁ । ବ୍ୟଷ୍ଟି ସ୍ତରରେ ଏହା ଭ୍ରଷ୍ଟା-ଚାରକୁ ଜନ୍ମ ଦେଇଛି । ସାମୂହିକ ସ୍ତରରେ ଏହି ଲଘୁ ଦର୍ଶିତାର ପରିଣାମ ସ୍ୱରୂପ ଆମେ ପ୍ରକୃ-ତିର ସନ୍ତୁଳନକୁ ବିଗାଡ଼ି ଚାଲିଛୁ । ତାତ୍‌କାଳିକ ଲାଭ ପାଇଁ ମଣିଷ ମଣିଷକୁ ହତ୍ୟା କରିବାକୁ କୁଣ୍ଠା କରୁନି । ଆଜି କେହି ବି ନିଜକୁ ସୁରକ୍ଷିତ ମନେ କରୁନି । ତୁଚ୍ଛ ସଂକୀର୍ଣ୍ଣ ସ୍ୱାର୍ଥାନ୍ଧ ଆତଙ୍କବାଦୀ ପୃଥକ୍‌ତାବାଦକୁ ପାରମାର୍ଥିକ ସତ୍ୟ ମାନି ନେଇଛି । ଅନ୍ୟତ୍ର ଲୋଭର ଚରମ ପର୍ଯ୍ୟାୟରେ ଅରଣ୍ୟର ସୁରକ୍ଷାକର୍ମୀଙ୍କ ସହଯୋଗରେ ଅନ୍ଧାଧୁନ ଜଂଗଲ କଟା ଚାଲିଛି । ପର୍ଯ୍ୟାବରଣ ଦୂଷିତ ହୋଇ ଚାଲିଛି । ଆମେ ଓଜୋନ୍‌ର ଆବରଣ କ୍ଷତିଗ୍ରସ୍ତ ହେବାର ଦେଖି ଦିନକୁ ଦିନ ଚିନ୍ତା ଓ ଚର୍ଚ୍ଚାପତ୍ର କରି ଚାଲିଛୁ । କିନ୍ତୁ ଯେଉଁ କାରଣରୁ ଏ ସଂକଟମୟ ପରିସ୍ଥିତି ଉତ୍ପନ୍ନ ହୋଇଛି ତାର ନିବାରଣ ପାଇଁ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ନୋହୁଁ । ଦୁଃଖର କଥା ଯେ ଆମେ ଆଜି ରିଫ୍ରିଜିଟେର୍ ରୂପୀ ତାତ୍‌କାଳିକ ସୁବିଧାର ଦାସ ହୋଇ ଯାଇଛୁଁ ।

ଆମକୁ ଗୋଟିଏ ସଂକଳ୍ପ ନେବାକୁ ପଡ଼ିବ - କାଳଜୟୀ ହେବାର ସଂକଳ୍ପ । କାଳବଦ୍ଧ ସୁଖର ଆକର୍ଷଣକୁ ଛାଡ଼ି କାଳାତୀତ ଆନନ୍ଦରେ ଯଦି ଡୁବିଯିବାକୁ ଚାହଁ ତାହେଲେ ଆମର ଆଗାମୀ ଯୁଗ ବସ୍ତୁତଃ ନୂତନତା ଆଣି ପାରିବ ।।

କଳିଯୁଗ ତିନି ପ୍ରକାର :-

ପ୍ରାୟଃ ବର୍ତ୍ତମାନ ଯୁଗର ପରିସ୍ଥିତି ପାଇଁ ଆମେ କଳିଯୁଗକୁ ଦାୟୀ କରୁଁ । କଳିଯୁଗ ତ ବର୍ତ୍ତମାନ ଚାଲିଛି । କିନ୍ତୁ ଆମର ଦୁର୍ବଳତାର ଦୋଷ ଆମେ କଳଯୁଗ ଉପରେ ଆରୋପ କରିବା ଉଚିତ ନୁହେଁ । ପ୍ରତ୍ୟେକ ଯୁଗ ତିନି ପ୍ରକାର ଅଟେ । ଯଥା - **ବ୍ୟଷ୍ଟିଗତ, ସମଷ୍ଟିଗତ ତଥା ପ୍ରାକୃତିକ** । ଯୁଗର ଆଉ ଏକ ପରିଭାଷା ହେଲା ଯେ - ଶୋଇବାକୁ କଳିଯୁଗ, କରବଟ ବଦଳେଇବାକୁ ଦ୍ୱାପରଯୁଗ, ଉଠି ଠିଆ ହେବାକୁ ତ୍ରେତାଯୁଗ ଏବଂ ଗତିଶୀଳତାକୁ ସତ୍ୟଯୁଗ କୁହାଯାଏ । ଯଥା -

କଳିଃ ଶୟାନୋ ଭବତି, ସଂଜିହୀନସ୍ତୁ ଦ୍ୱାପରଃ ।
ଉତ୍ତିଷ୍ଠସ୍ତ୍ରେତା ଭବତି , କୃତଂ ସଂପଦ୍ୟତେ ଚରନ୍ ।।

ଏହା ବ୍ୟକ୍ତିଗତ ଯୁଗର ବ୍ୟାଖ୍ୟା ଅଟେ । ଯେତେବେଳେ ମୁଁ ଆଳସ୍ୟ ଅନୁଭବ କରେ ସେତେବେଳେ ମୋର କଳିଯୁଗ, ଯେତେବେଳେ ମୁଁ ପୁରୁଷାର୍ଥ ପାଇଁ ପ୍ରଯତ୍ନ କରେ ସେତେବେଳେ ମୋର ସତ୍ୟଯୁଗ । ସନ୍ ୨୦୦୦ ରେ ଆଳସ୍ୟ ପରାୟଣ ଲୋକମାନେ କଳିଯୁଗ ଭୋଗୁଥିବା ବେଳେ ସେଇ ସମୟରେ ପୁରୁଷାର୍ଥୀ ଲୋକେ ସତ୍ୟଯୁଗର ଆନନ୍ଦ ଉପଭୋଗ କରିବେ ।

ସମଷ୍ଟିଗତ ଯୁଗର କାରଣ ଆମର ସାମୁହିକ ପ୍ରୟାସ । ଏ ପ୍ରୟାସ ଆମେ ରାଜ୍ୟ-ସଂସ୍ଥା ଦ୍ୱାରା ଆରମ୍ଭ କରୁଁ । ଯେଉଁ ଦେଶରେ ସରକାର ନ୍ୟାୟବ୍ୟବସ୍ଥା ପାଳନ କରିବେ, ନ୍ୟାୟ-ବିଚାର ସ୍ଥାପନା କରିବେ, ସେହି ଦେଶମାନଙ୍କରେ ସତ୍ୟଯୁଗ ପ୍ରବର୍ତ୍ତିତ ହେବ । ଯେଉଁଠି ନ୍ୟାୟବ୍ୟବସ୍ଥା ଗଡ଼ବଡ଼ ହୋଇଯିବ, ଅନ୍ୟାୟ ଅତ୍ୟାଚାର ବଢ଼ିବ ସେଠି କଳିଯୁଗ ରାଜ କରିବ । ଏହି ସମଷ୍ଟି ଗତ ଯୁଗକୁ ସୁଧାରିବାର ଦାୟିତ୍ୱ ସରକାର ଉପରେ ନ୍ୟସ୍ତ । ଏଣୁ ମହାଭାରତରେ ଶଙ୍ଖଶବ୍ଦରେ କୁହାଯାଇଛି ଯେ ରାଜା ଯୁଗ-ନିର୍ମାଣ କରେ -

"ରାଜା କାଳସ୍ୟ କାରଣମ୍ " ।

ଏହିପରି ଭାବେ ଦେଖିଲେ ବ୍ୟକ୍ତିଗତ ଏବଂ ସମଷ୍ଟିଗତ ଯୁଗ ନିର୍ମାଣର ଦାୟିତ୍ୱ ଆମ ଉପରେ ।

ଏହାଦ୍ୱାରା ଆମେ ବ୍ୟକ୍ତିଗତ ପୁରୁଷାର୍ଥ ଏବଂ ସମଷ୍ଟିଗତ ହିତର ରକ୍ଷା କରିପାରିବୁ । ଯେଉଁ କଳିଯୁଗର ଚର୍ଚ୍ଚା ଆମେ ଆମ ସଂକଳ୍ପ ମନ୍ତ୍ରରେ କରୁଁ ସେ କଳିଯୁଗ ପ୍ରକୃତିଗତ କଳିଯୁଗ ଅଟେ । ସେ କଳିଯୁଗ ଉପରେ ଆମର କୌଣସି ଅଧିକାର ନାହିଁ । କିନ୍ତୁ ଏ କଥା ସତ ଯେ, ଆମେ ସେହି ପ୍ରାକୃତିକ କଳିଯୁଗରେ ବି ଆମ ବ୍ୟକ୍ତିଗତ ପୁରୁଷାର୍ଥ ଦ୍ୱାରା ତଥା ସାମାଜିକ ପୁବ୍ୟବସ୍ଥା ଦ୍ୱାରା ଏବେ ବି ଆମପାଇଁ ଆମେ ସତ୍ୟଯୁଗ ଆଣିବାର ସମର୍ଥ ହୋଇପାରିବୁ ।

ପ୍ରଶ୍ନ

୧. ମାନବ ବର୍ଷ, ପିତୃ ବର୍ଷ ଓ ଦିବ୍ୟ ବର୍ଷ କହିଲେ କ'ଣ ବୁଝାଏ ?

୨. ମନ୍ୱନ୍ତର କାହାକୁ କହନ୍ତି ?

୩. ସୂର୍ଯ୍ୟଙ୍କର ପୂର୍ଣ୍ଣାୟୁ କେତେ ?

୪. କାଳଜୟର ଅର୍ଥ କ'ଣ ?

୫. କଳିଯୁଗ ତିନିପ୍ରକାର କେମିତି ?

- ସ୍ମରଣୀୟ ଉଦ୍ଧରଣ -

୧. **କଳିଃ ଶୟାନୋ ଭବତି ସଂଜିହାନସ୍ତୁ ଦ୍ୱାପରଃ ।**
ଉତ୍ତିଷ୍ଠଂସ୍ତ୍ରେତା ଭବତି କୃତଂ ସଂପଦ୍ୟତେ ଚରନ୍ ।। (ଐତରେୟ ବ୍ରାହ୍ମଣ)

ଅର୍ଥ - ଶୋଇରହିବାକୁ କଳି, ଜରବଟ ବଦେଳଇବାକୁ ଦ୍ୱାପର, ଠିଆହେବାକୁ ତ୍ରେତା ଏବଂ କୃତୋଦ୍ୟମୀ ହେବାକୁ ସତ୍ୟଯୁଗ କୁହାଯାଏ ।

୨. ସଙ୍କଳ୍ପ ମନ୍ତ୍ର - **"ବିଷ୍ଣୁ-ବିଷ୍ଣୁ-ବିଷ୍ଣୁଃ ଶ୍ରୀମଦ୍ଭଗବତୋ ମହାପୁରୁଷସ୍ୟ ବିଷ୍ଣୋ ରାଜ୍ଞୟା ପ୍ରବର୍ତ୍ତମାନସ୍ୟ ଅଦ୍ୟ ବ୍ରହ୍ମଣଃ ଦ୍ୱିତୀୟେ ପରାର୍ଦ୍ଧେ ଶ୍ରୀଶ୍ୱେତବରାହକଳ୍ପେ ବୈବସ୍ୱତମନ୍ୱନ୍ତରେ ଅଷ୍ଟାବିଂଶତିତମେ କଳିଯୁଗ କଳିପ୍ରଥମଚରଣେ .....**

ଅର୍ଥ - ବିଷ୍ଣୁ, ବିଷ୍ଣୁ, ବିଷ୍ଣୁ ଶ୍ରୀମାନ୍ ଭଗବାନ୍ ମହାପୁରୁଷ ବିଷ୍ଣୁଙ୍କ ଆଜ୍ଞାରେ ପ୍ରବର୍ତ୍ତମାନ ବ୍ରହ୍ମାଙ୍କର ଦ୍ୱିତୀୟ ପରାର୍ଦ୍ଧରେ ଶ୍ରୀଶ୍ୱେତବରାହ କଳ୍ପରେ ବୈବସ୍ୱତ ମନ୍ୱନ୍ତରରେ ଅଠାଇସତମ କଳିଯୁଗରେ କଳିର ପ୍ରଥମଚରଣରେ ..... ।

==========

ଦ୍ୱିତୀୟ ଭାଗ

ଋଗ୍‌ବେଦ: ପୁରୁଷସୂକ୍ତ

ଯଜୁର୍ବେଦ: ଈଶାବାସ୍ୟୋପନିଷଦ୍

ସାମବେଦ: ସେତୁସାମସୂକ୍ତ

ଅଥର୍ବବେଦ: କାଳସୂକ୍ତ

ପଞ୍ଚଦଶ ପାଠ

ପୁରୁଷ ସୂକ୍ତ

(ଋଗ୍‌ବେଦ ୧୦.୯୦)

ପୁରୁଷର ଅବଧାରଣା ଦେଶ ଓ କାଳ ସହିତ ଜଡ଼ିତ । ଯାହାକିଛି ଦେଶ-କାଳ ସହିତ ଜଡ଼ିତ ତାହା ସବୁ କିଛି ସସୀମ । ଦେଶ ଓ କାଳ ସହିତ ଜଡ଼ିତ ପଦାର୍ଥକୁ 'ପୁର' କୁହାଯାଏ । ସେହି ପୁରରେ ଯିଏ ନିବାସ କରେ ତାକୁ ପୁରୁଷ କୁହାଯାଏ । ଏହି ପୁରୁଷଠାରୁ ହିଁ ସୃଷ୍ଟି ହୁଏ । ପୁରୁଷ ଶବ୍ଦର ଆହୁରି ଅନେକ ପ୍ରକାର ବ୍ୟୁତ୍ପତ୍ତି ସଂସ୍କୃତ ଶାସ୍ତ୍ରମାନଙ୍କରେ ଦେଖିବାକୁ ମିଳେ ।

୧. *ପୁରୁଧା* = ଅନେକତ୍ର *ସ୍ୟତି* = ଯିଏ ବ୍ୟବସାୟ କରେ । ଅର୍ଥାତ୍ ଯାହାଙ୍କ ବିନା କୌଣସି କ୍ରିୟା ହେବା ସମ୍ଭବ ନୁହେଁ ତାକୁ ପୁରୁଷ କୁହାଯାଏ ।

୨. *ପୁରା* = ପୁର୍ବରୁ *ରୁଷ୍ୟତି* = ହିଂସିତ ହୁଏ । ଅର୍ଥାତ୍ ନିଃସୀମର ସୀମା କରିବା ଦ୍ୱାରା ଯିଏ ପ୍ରଥମତଃ ହିଂସତି ହୁଅନ୍ତି ସେ ପୁରୁଷ ଅଟନ୍ତି ।

୩. *ପୂର୍ଷୁ* = ପୁରରେ *ରୁଷ୍ୟତେ* = ବନ୍ଧାଯାଇଥାଏ । ଅର୍ଥାତ୍ ଯିଏ ପୁରରେ ସୀମିତ ହୋଇଯାଏ ତାକୁ ପୁରୁଷ କହନ୍ତି ।

୪. *ପୁରା ଔଷତ* = ଜାଳିଦେବାର ସାମର୍ଥ ବିଶିଷ୍ଟ ମୃତ୍ୟୁମୟ ମାୟାବଳ ଦ୍ୱାରା ତିରସ୍କୃତ ହିଁ ପୁରୁଷ ଅଟେ ।

ଏ ସବୁ ବ୍ୟୁତ୍ପତ୍ତି ଦ୍ୱାରା ଏକଥା ସ୍ପଷ୍ଟ ହୁଏ ଯେ, ପରମତତ୍ତ୍ୱ ସ୍ୱୟଂ ନିଃସୀମ ଅଟନ୍ତି । ସେ ନିଜ ଇଚ୍ଛାରେ ସୃଷ୍ଟି ନିର୍ମାଣ ପାଇଁ ସସୀମ ହୋଇଯାଆନ୍ତି । ସେହି ସୀମିତ ପୁରୁଷ ହିଁ ସୃଷ୍ଟି ନିର୍ମାଣ କରନ୍ତି । ତେବେ ପ୍ରଶ୍ନ ହୁଏ ଯେ, ପୁରୁଷଠାରୁ ସୃଷ୍ଟି କିପରି ହୁଏ ? ଏହାର ଉତ୍ତର ଏହି ପୁରୁଷ-ସୂକ୍ତରେ ଦିଆଯାଇଛି । ଏହି ପୁରୁଷସୂକ୍ତର ଦେବତା 'ପୁରୁଷ' ଅଟନ୍ତି । ଏହାର ଋଷି ନାରୟଣ । ଏହି ସୂକ୍ତର ସମସ୍ତ ମନ୍ତ୍ର ତ୍ରିଷ୍ଟୁପ୍ ଛନ୍ଦରେ ଅନୁଗୁମ୍ଫିତ କେବଳ ଅନ୍ତିମ ମନ୍ତ୍ର (ଷୋଡ଼ଶ ଋଚା) ଅନୁଷ୍ଟୁପ୍ ଛନ୍ଦରେ ଅନୁଗୁମ୍ଫିତ ଅଟେ । ଏତିକି ଭୂମିକା

କେବଳ ଅନ୍ତିମ ମନ୍ତ୍ର (ଷୋଡ଼ଶ ଋଚା) ଅନୁଷ୍ଟୁପ୍ ଛନ୍ଦରେ ଅନୁଗୁମ୍ଫିତ ଅଟେ । ଏତିକି ଭୂମିକା ପରେ ଆମେ ଏହି ପୁରୁଷସୂକ୍ତର ପ୍ରତ୍ୟେକମନ୍ତ୍ର ବ୍ୟାଖ୍ୟା କରିବା ।

ପ୍ରଥମମନ୍ତ୍ର

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱାତ୍ୟତିଷ୍ଠଦ୍‌ଦଶାଙ୍ଗୁଳମ୍ ।।

ଏହି ମନ୍ତ୍ରର ଭାବାର୍ଥ ଏହା ଯେ - ସେହି ପୁରୁଷଙ୍କର ସହସ୍ର ମସ୍ତକ ଅଛି, ସହସ୍ର ଚକ୍ଷୁ ତଥା ସହସ୍ର ପାଦ ଅଛି । ସେ ଭୂମିକୁ ଚାରି ପାଖରୁ ଘେରି ନେବାପରେ ବି ଭୂମିଠାରୁ ଦଶ ଅଙ୍ଗୁଳି ପରିମିତ ଅଧିକ ସ୍ଥାନ ପର୍ଯ୍ୟନ୍ତ ବ୍ୟାପ୍ତ ଅଟନ୍ତି ।

ଏଠାରେ ସହସ୍ର ଶିର, ସହସ୍ର ଆଁଖି, ସହସ୍ର ପାଦ ଇତ୍ୟାଦି ଶବ୍ଦରେ ସହସ୍ର ଶବ୍ଦର ଅର୍ଥ ହଜାରେ ସଂଖ୍ୟା ନୁହେଁ କିନ୍ତୁ ତାର ଅର୍ଥ 'ଅନନ୍ତ' ଅଥବା 'ଅସଂଖ୍ୟ' । ଯଦି ସହସ୍ର ଶବ୍ଦର ଅର୍ଥ କେବଳ ହଜାରେ ସଂଖ୍ୟା ହୋଇଥାଆନ୍ତା ତେବେ ଯାହାଙ୍କର ହଜାରେ ଶିର ତାଙ୍କର ଅନ୍ତତଃ ଦୁଇ ହଜାର ଆଁଖି ଏବଂ ଦୁଇ ହଜାର ପାଦ ହୋଇଥାଆନ୍ତା । ଅତଏବ ଏଠାରେ ସହସ୍ର ଶବ୍ଦର ଅର୍ଥ ଅନନ୍ତ ଅଥବା ଅସଂଖ୍ୟ ବୋଲି ମାନିବାକୁ ପଡ଼ିବ । ଉକ୍ତ ବର୍ଣ୍ଣନାର ତାତ୍ପର୍ଯ୍ୟ ଏହା ଯେ, ସୃଷ୍ଟି କର୍ତ୍ତା ପୁରୁଷକୁ କେବଳ ସୃଷ୍ଟି ନିର୍ମାଣ କରିବା ଦୃଷ୍ଟିରୁ ସସୀମ କୁହାଯାଏ, କାରଣ ସେ ଦେଶ ଓ କାଳ ସହିତ ଜଡ଼ିତ । କିନ୍ତୁ ଆମେ ତାଙ୍କର ବ୍ୟାପକତାର କଳନା କରିବାକୁ ସମର୍ଥ ନୋହୁଁ, ଏଣୁ ସେ ଅନନ୍ତ । ଏହି ମନ୍ତ୍ରରେ ତାଙ୍କର କେବଳ ତିନୋଟି ଅଙ୍ଗର ପରିଚୟ ପାଉ । ତାହା ହେଲା ତାଙ୍କର ଶିର, ଆଖି ଓ ପାଦ । ଶିର ଶବ୍ଦର ତାତ୍ପର୍ଯ୍ୟ ଜ୍ଞାନରେ ପର୍ଯ୍ୟବସିତ । ଆଖି ଦ୍ୱାରା ଆମେ ଦେଖିପାରୁ ଏଣୁ ଏହା କ୍ରିୟାର ବାଚକ । ପାଦ ଉପରେ ଆମ ଶରୀର ବିଧୃତ ଅଟେ ଏଣୁ ଏହା ଆମ ଶରୀରର ବାଚକ । ବୈଦିକ ତ୍ରୈତ ବାଦରେ ଯେ କୌଣସି ପଦାର୍ଥର ତିନୋଟି ପକ୍ଷ ରହିଛି ତାହାହେଲା, ପିଣ୍ଡ, ସେଥିରେ ଉତ୍ପନ୍ନ କ୍ରିୟା ଏବଂ ତଦ୍‌ବିଷୟକ ଜ୍ଞାନ । ଏଠାରେ ପାଦ, ଆଁଖି ଓ ଶିର ଶବ୍ଦ ଦ୍ୱାରା ଏହି ତିନୋଟି ତତ୍ତ୍ୱର ବୋଧ ହୁଏ । ଅତଏବ ସେହି ପୁରୁଷ ସୃଷ୍ଟ ପଦାର୍ଥର ଅର୍ଥାତ୍ ପିଣ୍ଡର କେବଳ ଯେ ନିର୍ମାଣ କରନ୍ତି ତା ନୁହେଁ, ପିଣ୍ଡରେ କ୍ରିୟାର ସଞ୍ଚାର ମଧ୍ୟ କରନ୍ତି ଏବଂ ପିଣ୍ଡରେ ଜ୍ଞାନର ଆଧାନ ମଧ୍ୟ କରନ୍ତି । ଏଠାରେ ଏହା ମଧ୍ୟ ଅଭିପ୍ରେତ ଯେ, ସେହି ପୁରୁଷ ସୃଷ୍ଟିର ଜ୍ଞାନ

ମୂଳକ ଅବ୍ୟକ୍ତ ଅଂଶକୁ ବି ନିର୍ମାଣ କରନ୍ତି, କ୍ରିୟାମୂଳକ ବ୍ୟକ୍ତ ଅଂଶକୁ ବି ବନେଇଥାଆନ୍ତି ଏବଂ ଅର୍ଥମୂଳକ ବ୍ୟକ୍ତ ଅଂଶର ମଧ୍ୟ ନିର୍ମାଣ କରନ୍ତି ।

ସେ ପୁରୁଷ ସମଗ୍ର ପୃଥିବୀରେ ବ୍ୟାପ୍ତ ଅଟନ୍ତି । ଏହି କଥନର ଏହା ତାତ୍ପର୍ଯ୍ୟ ଯେ, ସେ ସସୀମ ରୂପରେ ପୁରା ସୃଷ୍ଟିରେ ବ୍ୟାପ୍ତ ଅଟନ୍ତି । କିନ୍ତୁ ଅସୀମ ରୂପରେ ସୃଷ୍ଟିର ଅନ୍ତରାଳରେ ମଧ୍ୟ ବିଦ୍ୟମାନ ଅଟନ୍ତି । ସେ ସୃଷ୍ଟି ରୂପରେ ବ୍ୟକ୍ତ ଅଟନ୍ତି ଏବଂ ସୃଷ୍ଟିର ପରାପୂର ସ୍ୱରୂପରେ ଥାଇ ଅବ୍ୟକ୍ତ ମଧ୍ୟ ଅଟନ୍ତି ।

ଦ୍ୱିତୀୟ ମନ୍ତ୍ର :

ପୁରୁଷ ଏବେଦଂ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ।।

ଅର୍ଥ - ଯାହା କିଛି ହୋଇ ସାରିଛି, ଯାହା କିଛି ହେବ ତାହା ସବୁକିଛି ପୁରୁଷ ଅଟନ୍ତି । ସେ ଅମୃତର ସ୍ୱାମୀ ଅଟନ୍ତି ଆଉ ସେମାନଙ୍କର ମଧ୍ୟ ସ୍ୱାମୀ ଅଟନ୍ତି ଯେଉଁମାନେ ଅନ୍ନରୁ ବୃଦ୍ଧି ଲାଭ କରନ୍ତି ।

ଭୂତ ଓ ଭବ୍ୟ ଶବ୍ଦ ଦ୍ୱାରା କାଳର ବୋଧ ହୁଏ । ଏହାର ତାତ୍ପର୍ଯ୍ୟ ଏହା ଯେ, ଯାହା କିଛି କାଳ ସହିତ ଜଡ଼ିତ ସେ ସମସ୍ତ ପୁରୁଷ ଅଟେ । ବସ୍ତୁତଃ ପୁରୁଷ ହିଁ ଜଗତ୍‌ରୂପରେ ପରିଣତ ହେଲା । ଯେହେତୁ ସମଗ୍ର ଜଗତ୍ କାଳରେ ବନ୍ଧା ହୋଇଛି ଏଣୁ ସବୁକିଛି ପୁରୁଷ ସ୍ୱରୂପ ଅଟେ । ଅମୃତ ଶବ୍ଦର ଅର୍ଥ ପ୍ରାଣ । ଅନ୍ନଠାରୁ ଶରୀର ଉତ୍ପନ୍ନ ହୁଏ ଏବଂ ବୃଦ୍ଧି ଲାଭ କରେ । ପ୍ରାଣର ସ୍ୱାମୀ ହିସାବରେ ପୁରୁଷକୁ ଅକ୍ଷର କୁହାଯାଏ । ଶରୀର ରୂପରେ ସେହି ପୁରୁଷକୁ କ୍ଷର କୁହାଯାଏ । ଆଜି ଯୁଗର ବୈଜ୍ଞାନିକଙ୍କ ଭାଷାରେ କହିଲେ ପୁରୁଷ ଉର୍ଜା(energy)ର ସ୍ୱାମୀ ଅଟନ୍ତି ଏବଂ ପଦାର୍ଥ(mass)ର ମଧ୍ୟ ସ୍ୱାମୀ ଅଟନ୍ତି ।।

ତୃତୀୟ ମନ୍ତ୍ର :

ଏତାବାନସ୍ୟ ମହିମାତୋ ଜ୍ୟାୟାଁଶ୍ଚ ପୁରୁଷଃ ।
ପାଦୋଽସ୍ୟ ବିଶ୍ୱା ଭୂତାନି ତ୍ରିପାଦସ୍ୟାମୃତଂ ଦିବି ।।

ଅର୍ଥ - ଏହାହିଁ ପୁରୁଷର ମହିମା ଅଟେ ଏବଂ ଏହାଠାରୁ ସେ ବହୁତ ଅଧିକ ବୃହତ୍ତର ଅଟନ୍ତି । ଏ ସମସ୍ତ ଭୂତ ତାଙ୍କର ଅଂଶ ମାତ୍ର ଅଟେ । ତାଙ୍କର ତିନୋଟି ପାଦ ଅମୃତ-

ରୂପରେ ଦ୍ୟୌରେ ବିଦ୍ୟମାନ ରହିଛି । ଏହାର ତାତ୍ପର୍ଯ୍ୟ ଏହା ଯେ ଯେତେ ଊର୍ଜା (energy) ଏବଂ ଯେତେ ପଦାର୍ଥ (mass) ରହିଛି ସେ ସବୁ ସେହି ପୁରୁଷଙ୍କର କେବଳ ଗୋଟିଏ ଛୋଟ ଅଂଶ ଅଟେ । ତାଙ୍କର ଗୋଟିଏ ବଡ଼ ଅଂଶ ମନ ରୂପକ ଅବ୍ୟୟ ପୁରୁଷ ରୂପରେ ବିଦ୍ୟମାନ ଅଟନ୍ତି । ତାଙ୍କଠାରୁ ମଧ୍ୟ ବଡ଼ ଅଟନ୍ତି ନିଃସୀମ ପରାପର ପୁରୁଷ । ଆମେ ତ କ୍ଷର ଓ ଅକ୍ଷର ପୁରୁଷଙ୍କର ଇୟତ୍ତାର ଜଳନା କରି ପାରିବାକୁ ସମର୍ଥ ନୋହୁଁ; ତେବେ ସେହି ଅବ୍ୟୟ ଓ ପରାପର ପୁରୁଷଙ୍କର ଇୟତ୍ତାର କଳନା ବା କେମିତି କରି ପାରିବା ?

କ୍ଷର, ଅକ୍ଷର ଓ ଅବ୍ୟୟ ପୁରୁଷ ବିଷୟରେ ଆମେ ପୂର୍ବ ପାଠରେ ବିଚାର କରିସାରିଛୁ । ଅବ୍ୟୟପୁରୁଷ ମନ ପ୍ରଧାନ ଅଟନ୍ତି, ଅକ୍ଷରପୁରୁଷ କ୍ଷରପୁରୁଷ ଦ୍ୱାରା ସୃଷ୍ଟିର ନିର୍ମାଣ କରିଛିନ୍ତି । ଅବ୍ୟୟପୁରୁଷ କେବଳ ଆଲମ୍ବନ ରୂପରେ ଦ୍ରଷ୍ଟା ଭାବେ ରହିଥାଆନ୍ତି । ଅକ୍ଷରପୁରୁଷ କ୍ଷରଠାରୁ ସୂକ୍ଷ୍ମ ତଥା ଅକ୍ଷରଙ୍କଠାରୁ ଅବ୍ୟୟପୁରୁଷ ସୂକ୍ଷ୍ମତମ ଅଟନ୍ତି । ପରାପର-ପୁରୁଷ ତ ଦେଶ ଓ କାଳଠାରୁ ବହୁ ଉର୍ଦ୍ଧରେ ଏଣୁ ତାଙ୍କର ଚିନ୍ତନ ଅଥବା ମନନ ସମ୍ଭବ ନୁହେଁ ସେ ବାଣୀର ବିଷୟ ମଧ୍ୟ ନୁହଁନ୍ତି ।

ଚତୁର୍ଥ ମନ୍ତ୍ର :

ତ୍ରିପାଦୂର୍ଧ୍ୱ ଉଦୈତ୍ ପୁରୁଷଃ ପାଦୋଃସ୍ୟେହାଭବତ୍ପୁନଃ ।
ତତୋ ବିଷ୍ୱଙ୍ ବ୍ୟକ୍ରାମତ୍ ସାଶନାନଶନେ ଅଭି । ।

ଅର୍ଥ - ସେହି ପୁରୁଷଙ୍କର ତିନୋଟି ପାଦ ଉର୍ଦ୍ଧରେ ଅବସ୍ଥିତ ଏବଂ କେବଳ ଏକ ପାଦରେ ସମଗ୍ର ବିଶ୍ୱରେ ସେ ପରିବ୍ୟାପ୍ତ ଅଟନ୍ତି । ସେ ସମସ୍ତ ଜଡ଼ ଓ ଚେତନରେ ବ୍ୟାପ୍ତ ଅଟନ୍ତି ।

ଏହାର ତାତ୍ପର୍ଯ୍ୟ ଏହା ଅଟେ ଯେ ସେହି ପୁରୁଷ କେବଳ ଚେତନ ରୂପରେ ହିଁ ପରିଣତ ହେଲେ ସେ କଥା ନୁହେଁ ସେ ଜଡ଼ ରୂପରେ ବି ପରିଣତ ହୋଇଗଲେ । ଜଡ଼ ଓ ଚେତନରେ ମୌଳିକ ଭେଦ ନାହିଁ । ଉଭୟ ପୁରୁଷର ହିଁ ରୂପାନ୍ତର ମାତ୍ର ଅଟେ ।

ପଞ୍ଚମ ମନ୍ତ୍ର :

ତସ୍ମାଦ୍ ବିରାଡ଼ଜାୟତ ବିରାଜୋ ଅଧି ପୁରୁଷ ।
ସ ଜାତୋ ଅତ୍ୟରିଚ୍ୟତ ପଶ୍ଚାଦ୍ ଭୂମିମଥୋ ପୁରଃ ।।

ଅର୍ଥ - ସେହି ପୁରୁଷଙ୍କଠାରୁ ବିରାଟ ଉତ୍ପନ୍ନ ହେଲା ତଥା ସେହି ବିରାଟଙ୍କଠାରୁ ପୁରୁଷ ଉତ୍ପନ୍ନ ହେଲା । ଉତ୍ପନ୍ନ ହେବା କ୍ଷଣି ସେ ଭୂମି ଓ ପୁରକୁ ଅତିକ୍ରମ କରିବାକୁ ସମର୍ଥ ହେଲା । ବିରାଟ୍‌ର ଅର୍ଥ ପ୍ରକୃତି । ପୁରୁଷ ସ୍ୱରାଟ୍ ଅଟେ ଏବଂ ପ୍ରକୃତି ବିରାଟ୍ । ପ୍ରକୃତି ପୁରୁଷ-ଠାରୁ ଭିନ୍ନ ନୁହଁନ୍ତି କିନ୍ତୁ ପୁରୁଷଠାରୁ ଉତ୍ପନ୍ନ ହୋଇଥିବାରୁ ପୁରୁଷରୂପ ହିଁ ଅଟେ । ତା ପରେ ପ୍ରକୃତିଠାରୁ ବ୍ୟଷ୍ଟି ଉତ୍ପନ୍ନ ହେଲା । ଏହି ବ୍ୟଷ୍ଟିପୁରୁଷ ହିଁ ପୃଥିବୀକୁ ଏବଂ ପୁରକୁ ଧାରଣ କଲେ ।

ଷଷ୍ଠ ମନ୍ତ୍ର :

ଯତ୍ ପୁରୁଷେଣ ହବିଷା ଦେବା ଯଜ୍ଞମତନ୍ୱତ ।
ବସନ୍ତୋ ଅସ୍ୟାସୀଦାଜ୍ୟଂ ଗ୍ରୀଷ୍ମ ଇଧ୍ମଃ ଶରଦ୍ଧବିଃ ।।

ଅର୍ଥ - ଦେବତାମାନେ ପୁରୁଷକୁ ହବି ବନେଇ ଯଜ୍ଞ କଲେ । ଏହି ଯଜ୍ଞରେ ବସନ୍ତ ଘିଅ, ଗ୍ରୀଷ୍ମ ସମିଧା ଓ ଶରତ୍ ହବି ରୂପରେ ଉପଯୋଗ କରାଗଲା ।

ଯଜ୍ଞ ସୃଷ୍ଟି ପ୍ରକ୍ରିୟାର ପ୍ରତୀକ ଅଟେ । ସୃଷ୍ଟି ପ୍ରକ୍ରିୟାରେ ସ୍ନିଗ୍ଧତା, ରୁକ୍ଷତା ଓ ତଟସ୍ଥତା ତିନୋଟି ପ୍ରକ୍ରିୟାର ଆବଶ୍ୟକତା ଥାଏ । ଏଠାରେ ଘୃତ ସ୍ନିଗ୍ଧତାର ପ୍ରତୀକ, ସମିଧା ରୁକ୍ଷତାର ପ୍ରତୀକ ଏବଂ ହବି ତଟସ୍ଥତାର ପ୍ରତୀକ ଅଟେ । ସ୍ନିଗ୍ଧ ଆକର୍ଷଣ କରେ, ରୁକ୍ଷ ବିକ-ର୍ଷଣ କରେ ଆଉ ତଟସ୍ଥ ମଧ୍ୟସ୍ଥ ବନି ରହେ । ଏହି ତିନି ଭାବ ସମ୍ମିଳିତ ହୋଇ ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୁଏ । ପ୍ରକୃତିର ଋତୁଚକ୍ର ଦୃଷ୍ଟିରୁ ଦେଖିଲେ ବସନ୍ତର ଆକର୍ଷଣ ଥାଏ ଏଣୁ ବସନ୍ତକୁ ଏଠାରେ ଘୃତ ଭାବରେ ଗ୍ରହଣ କରାଯାଇଛି । ଗ୍ରୀଷ୍ମ କାଳରେ ରୁକ୍ଷତା ଥାଏ ଏଣୁ ଗ୍ରୀଷ୍ମକୁ

ସମିଧା ବୋଲି କୁହାଯାଇଛି । ଶରତ୍ କାଳରେ ମଧ୍ୟସ୍ଥତା ପରିଦୃଶ୍ୟମାନ ହୁଏ ଏଣୁ ଶରତ୍‌କୁ ହବିଃ ଭାବରେ ବର୍ଣ୍ଣନା କରାଯାଇଛି । ଆଜି ଯୁଗର ବୈଜ୍ଞାନିକ ଭାଷାରେ ଏମାନଙ୍କୁ Positive, Negative ଓ Neutral ବୋଲି କୁହାଯାଇପାରେ । ଏହି ତିନିତତ୍ତ୍ୱ ଦ୍ୱାରା ସୃଷ୍ଟିପ୍ରକ୍ରିୟା ଆରମ୍ଭ ଓ ସଞ୍ଚାଳନ ହୋଇଥାଏ ।

ସପ୍ତମ ମନ୍ତ୍ର :

ତଂ ଯଜ୍ଞଂ ବର୍ହିଷି ପ୍ରୌକ୍ଷନ୍ ପୁରୁଷଂ ଜାତମଗ୍ରତଃ ।
ତେନ ଦେବା ଅୟଜନ୍ତ ସାଧ୍ୟା ଋଷୟଶ୍ଚ ଯେ ।।

ଅର୍ଥ - ସେହି ପୁରୁଷ ରୂପକ ଯଜ୍ଞକୁ ବର୍ହି ଉପରେ ସିଞ୍ଚିତ କରି ଦେବତା ତଥା ଋଷିମାନେ ଯଜ୍ଞ ଆରମ୍ଭ କଲେ । ଏହାର ତାତ୍ପର୍ଯ୍ୟ ଏହି ଯେ, ପୁରୁଷ ସମଗ୍ର ପ୍ରଜା (ସୃଷ୍ଟ ପଦାର୍ଥ)ରେ ପରିବ୍ୟାପ୍ତ ହୋଇଗଲେ । ବର୍ହି ଶବ୍ଦର ଅର୍ଥ ପ୍ରଜା ଅର୍ଥାତ୍ ମନୁଷ୍ୟ, ପଶୁ ଓ ବନସ୍ପତି । ଋଷି ଓ ଦେବତା ଉଭୟ ପ୍ରାଣ ସ୍ୱରୂପ ଅଟନ୍ତି । ଋଷି ଅବ୍ୟକ୍ତ ଅଟନ୍ତି ଏବଂ ଦେବ ବ୍ୟକ୍ତ ଅଟନ୍ତି । ଏହି ଉଭୟବିଧ ପ୍ରାଣ ସୃଷ୍ଟିପ୍ରକ୍ରିୟାରେ ଯୋଗଦାନ କଲେ । କାରଣ ପ୍ରାଣ ବିନା ଗତି (କ୍ରିୟା) ସମ୍ଭବ ନୁହେଁ ଏବଂ ଗତି ବିନା ସୃଷ୍ଟି ମଧ୍ୟ ସମ୍ଭବ ନୁହେଁ ।।

ଅଷ୍ଟମ ମନ୍ତ୍ର :

ତସ୍ମାଦ୍ ଯଜ୍ଞାତ୍ ସର୍ବହୁତଃ ସଂଭୃତଂ ପୃଷଦାଜ୍ୟମ୍ ।
ପଶୂଁସ୍ତାଁଶ୍ଚକ୍ରେ ବାୟବ୍ୟାନାରଣ୍ୟାନ୍ ଗ୍ରାମ୍ୟାଶ୍ଚ ଯେ ।।

ଅର୍ଥ - ଏହି ଯଜ୍ଞରେ, ଯେଉଁଥିରେ କି ସବୁକିଛି ଆହୁତି ହୋଇଗଲା, ସେଥିରୁ ଘୃତ ଉତ୍ପନ୍ନ ହେଲା । ଘୃତର ଅର୍ଥ ହେଲା ଜୀବନର ଆରମ୍ଭ ବିନ୍ଦୁ । ସେହି ଯଜ୍ଞରୁ ହିଁ ଜୀବନ ପ୍ରାରମ୍ଭ ହେଲା । ତିନି ପ୍ରକାର ପଶୁମାନଙ୍କ ମଧ୍ୟରୁ ଗ୍ରାମ୍ୟପଶୁ ପଞ୍ଚଭୂତକୁ କୁହାଯାଏ, ବାୟବ୍ୟପଶୁ ପ୍ରାଣ ଅଟେ ଏବଂ ଆରଣ୍ୟପଶୁ ମନ ଅଟେ । ଏହି ଭୂତ, ପ୍ରାଣ ଓ ମନ ମିଳିତ ହୋଇ ଜୀବନ ନିର୍ମାଣ କରନ୍ତି ।।

ନବମ ମନ୍ତ୍ର :

ତସ୍ମାଦ୍ ଯଜ୍ଞାତ୍ ସର୍ବହୁତଃ ଋଚଃ ସାମାନି ଜଜ୍ଞିରେ ।
ଛନ୍ଦାଂସି ଜଜ୍ଞିରେ ତସ୍ମାଦ୍ ୟଜୁସ୍ତସ୍ମାଦଜାୟତ ।।

ଅର୍ଥ - ସେହି ଯଜ୍ଞରୁ ଋକ୍ ଓ ସାମ ଉତ୍ପନ୍ନ ହେଲେ, ଛନ୍ଦଃ ଉତ୍ପନ୍ନ ହେଲା ତଥାଚ ଯଜୁଃ ମଧ୍ୟ ଉତ୍ପନ୍ନ ହେଲା । ଏଠାରେ ଋକ୍ ଶବ୍ଦ ସମସ୍ତ ମୂର୍ତ୍ତ ପଦାର୍ଥର ପ୍ରତୀକ ଅଟେ । ସାମ ଶବ୍ଦର ଅର୍ଥ ସେହି ମୂର୍ତ୍ତ ପଦାର୍ଥର ଆଭାମଣ୍ଡଳ ଅଟେ । ଛନ୍ଦର ଅର୍ଥ ପଦାର୍ଥମାନଙ୍କର ଆକୃତି ଅଟେ ଏବଂ ଯଜୁଃର ଅର୍ଥ ଗତି ଅଟେ । ଏହି ଚାରୋଟି ତତ୍ତ୍ୱ ସମ୍ମିଳିତ ହୋଇ ସୃଷ୍ଟିର ପଦାର୍ଥମାନ ନିର୍ମାଣ କରନ୍ତି ।

ଦଶମ ମନ୍ତ୍ର :

ତସ୍ମାଦଶ୍ୱା ଅଜାୟନ୍ତ ଯେ କେ ଚୋଭୟାଦତଃ ।
ଗାବୋ ହ ଜଜ୍ଞିରେ ତସ୍ମାତ୍ତସ୍ମାଜ୍ଜାତା ଅଜାବୟଃ ।।

ଅର୍ଥ - ସେହି ଯଜ୍ଞରୁ ଅଶ୍ୱ ଉତ୍ପନ୍ନ ହେଲେ । ଯେ ପ୍ରକାର ପଶୁମାନେ ଉତ୍ପନ୍ନ ହେଲେ ଯେଉଁମାନଙ୍କ ଉପର ଓ ତଳ (ପାଟିର ମାଝିରେ) ଦାନ୍ତ ଅଛି । ଉକ୍ତ ଯଜ୍ଞରୁ ମେଣ୍ଢା ଓ ଛେଳି ମଧ୍ୟ ଉତ୍ପନ୍ନ ହେଲେ ।

ଏଠାରେ ଅଶ୍ୱ ଗତିର ସୂଚକ । ଇନ୍ଦ୍ର ମଧ୍ୟ ଗତିର ସୂଚକ ଅଟେ । ଏଣୁ ଅଶ୍ୱ ଇନ୍ଦ୍ରଙ୍କର ପ୍ରିୟ ଅଟେ । ଗୌ ଅଗତିର ପ୍ରତୀକ ଅଟେ । ବିଷ୍ଣୁ ମଧ୍ୟ ଅଗତିର ପ୍ରତୀକ ଅଟେ । ଏଣୁ ଗାଇ ବିଷ୍ଣୁଙ୍କର ପ୍ରିୟ ଅଟେ । ଏହି ଦୁଇ ଗତି ଯେତେବେଳେ ମନ୍ଦ ହୋଇଯାଏ ତାହା ମେଣ୍ଢା ଦ୍ୱାରା ସୂଚିତ ହୋଇଥାଏ ଏବଂ ଯେତେବେଳେ ସେହି ଗତି ତୀବ୍ର ହୋଇଥାଏ ତାହା ଅଜା (ଛେଳି) ଦ୍ୱାରା ସୂଚିତ ହୋଇଥାଏ । ଏ ସବୁ ଗତିର ସନ୍ତୁଳନ ପୁରୁଷଠାରେ ଦେଖିବାକୁ ମିଳେ ।

ଏକାଦଶ ମନ୍ତ୍ର :

ଯତ୍‌ପୁରୁଷଂ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ୍ ।
ମୁଖଂ କିମସ୍ୟ କୌ ବାହୂ କାବୂରୁ ପାଦାବୁଚ୍ୟେତେ ।।

ଅର୍ଥ - ସୃଷ୍ଟିରେ ବିବିଧତା ଦୃଷ୍ଟି ଗୋଚର ହୁଏ । ତେବେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ, କେବଳ ଏକମାତ୍ର ପୁରୁଷଙ୍କଠାରୁ ଉତ୍ପନ୍ନ ସମସ୍ତ ସୃଷ୍ଟ ପଦାର୍ଥରେ ବିବିଧତା କେମିତି ସମ୍ଭବ ହେବ ? ଏହି ମନ୍ତ୍ରରେ ସୃଷ୍ଟିର ବିବିଧତାକୁ ଲକ୍ଷ୍ୟ କରି ପ୍ରଶ୍ନ କରାଯାଇଛି ।

ପୁରୁଷକୁ କେତେ ଭାଗରେ ବିଭକ୍ତ କରାଗଲା ? ତାହାର ମୁଖ କ'ଣ ? ହସ୍ତ କ'ଣ ହେଲା ? ଜଂଘ କ'ଣ ? ଏବଂ ପାଦ କ'ଣ ହେଲା ?

ଏ ପ୍ରଶ୍ନମାନଙ୍କର ଉତ୍ତରରୂପେ ଦ୍ୱାଦଶ ମନ୍ତ୍ରର ଅବତାରଣା କରାଯାଇଛି ।

ଦ୍ୱାଦଶ ମନ୍ତ୍ର :

ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ ବାହୂ ରାଜନ୍ୟଃ କୃତଃ ।
ଉରୂ ତଦସ୍ୟ ଯଦ୍‌ବୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ।।

ଅର୍ଥ - ସେହି ପୁରୁଷଙ୍କର ମୁଖ ବ୍ରାହ୍ମଣ ଅଟେ । ହସ୍ତଦ୍ୱୟ କ୍ଷତ୍ରିୟ ଅଟେ । ଜଂଘ-ଦ୍ୱୟ ବୈଶ୍ୟ ଅଟେ ଏବଂ ପାଦରୁ ଶୂଦ୍ର ଉତ୍ପନ୍ନ ହେଲେ ।

ଏହାର ତାତ୍ପର୍ଯ୍ୟ ଏହା ଯେ, ଜ୍ଞାନେନ୍ଦ୍ରିୟମାନଙ୍କର ମୂଳ ମୁଖ ଅଟେ । ମୁଖରୁ ଉତ୍ପନ୍ନ ହେବା ଦ୍ୱାରା ବ୍ରହ୍ମତେଜ ଜ୍ଞାନପ୍ରଧାନ ଅଟେ । କର୍ମପ୍ରଧାନ କ୍ଷତ୍ରିୟ ବାହୁଦ୍ୱାରା ସୂଚିତ ହୋଇ-ଛି । ପଦାର୍ଥ ସମୃଦ୍ଧି ଅଥବା ପ୍ରାପ୍ତି ପାଇଁ ବୈଶ୍ୟକୁ ନାନାସ୍ଥାନ ଭ୍ରମଣ କରିବାକୁ ପଡେ ଏଣୁ ତାକୁ ଜଂଘ ସହିତ ସମ୍ବଦ୍ଧ କରାଯାଇଛି । ସମସ୍ତ ସମାଜର ଆଧାରଭୂତ ପଦାର୍ଥର ଉତ୍ପନ୍ନ କରୁଥିବାରୁ ଶୂଦ୍ରର ସ୍ଥାନ ପାଦ ସହିତ ସୂଚିତ କରାଯାଇଛି । ଏହି ବର୍ଣ୍ଣ ବ୍ୟବସ୍ଥା କେବଳ ମନୁଷ୍ୟମାନଙ୍କ ଭିତରେ ନୁହେଁ ପଶୁ ଓ ବନସ୍ପତିରେ ମଧ୍ୟ ଏ ବର୍ଣ୍ଣବ୍ୟବସ୍ଥା ଦେଖିବାକୁ ମିଳେ ।

ତ୍ରୟୋଦଶ ମନ୍ତ୍ର :

ଚନ୍ଦ୍ରମା ମନସୋ ଜାତଶ୍ଚକ୍ଷୋଃ ସୂର୍ଯ୍ୟୋ ଅଜାୟତ ।
ମୁଖାଦିନ୍ଦ୍ରଶ୍ଚାଗ୍ନିଶ୍ଚ ପ୍ରାଣାଦ୍ ବାୟୁରଜାୟତ ।।

ଅର୍ଥ - ଚନ୍ଦ୍ରମା ମନଠାରୁ ଉତ୍ପନ୍ନ ହେଲା ଏବଂ ସୂର୍ଯ୍ୟ ଚକ୍ଷୁରୁ ଉତ୍ପନ୍ନ ହେଲେ । ମୁଖରୁ ଇନ୍ଦ୍ର ଓ ଅଗ୍ନି ଉତ୍ପନ୍ନ ହେଲେ । ପ୍ରାଣରୁ ବାୟୁ ଉତ୍ପନ୍ନ ହେଲା ।

ମନ ଅବ୍ୟୟ ପୁରୁଷଙ୍କର ପ୍ରତୀକ ଅଟେ, ପୂର୍ଯ୍ୟ ପ୍ରାଣ ଅଟେ ଏବଂ ମୁଖ ବାକ୍ ଅଟେ । ପ୍ରାଣ ହିଁ ଅକ୍ଷର ପୁରୁଷ ଅଟେ, ବାକ୍ କ୍ଷର ପୁରୁଷ । ଅତଏବ ଏହି ମନ୍ତ୍ରରେ ମନ, ପ୍ରାଣ ତଥା ବାକ୍ କ୍ରମଶଃ ଅବ୍ୟୟ, ଅକ୍ଷର ଓ କ୍ଷର ପୁରୁଷର ପ୍ରତୀକ ଭାବେ ବ୍ୟବହୃତ ହୋଇଅଛି ।

ଚତୁର୍ଦ୍ଦଶ ମନ୍ତ୍ର :

ନାଭ୍ୟା ଆସୀଦନ୍ତରିକ୍ଷଂ ଶୀର୍ଷ୍ଣୋ ଦ୍ୟୌଃ ସମବର୍ତ୍ତତ ।
ପଦ୍ଭ୍ୟାଂ ଭୂମିର୍ଦିଶଃ ଶ୍ରୋତ୍ରାତ୍ତଥା ଲୋକାଁ ଅକଳ୍ପୟନ୍ ।।

ଅର୍ଥ - ନାଭିରୁ ଅନ୍ତରୀକ୍ଷ ଉତ୍ପନ୍ନ ହେଲା, ଶିରଠାରୁ ଦ୍ୟୁଲୋକ, ପାଦରୁ ଭୂମି ତଥା ଶ୍ରୋତ୍ରରୁ ଦିଶା ଉତ୍ପନ୍ନ ହେଲା । ଏହିପରି ଭାବରେ ସମସ୍ତ ଲୋକ ଉତ୍ପନ୍ନ ହେଲା ।

ଏଠାରେ ପୁରୁଷର ଶିରୋଭାଗରୁ ଅର୍ଥାତ୍ ଉର୍ଦ୍ଧ୍ୱ ଅଂଶରୁ ଦ୍ୟୌ, ନାଭିରୁ ଅର୍ଥାତ୍ ମଧ୍ୟଭାଗରୁ ଅନ୍ତରୀକ୍ଷ ଏବଂ ପାଦ ଅର୍ଥାତ୍ ଅଧୋଭାଗରୁ ଭୂମି ଉତ୍ପନ୍ନ ହେବା କଥା କୁହା-ଯାଇଛି । ଏହା ଦ୍ୱାରା ଏହି ତିନି ଲୋକରେ ଭିନ୍ନତା ତ ସୂଚିତ ହେଉଛି ପୁରୁଷର ଅଙ୍ଗ ଦୃଷ୍ଟିରୁ ବିଚାର କଲେ ଅଭିନ୍ନତା ମଧ୍ୟ ସୂଚିତ ହେଉଛି । ଏ ଲୋକତ୍ରୟ ଏକ ପୁରୁଷଙ୍କର ଅଙ୍ଗ ଅଟେ । ଏଣୁ ଏ ଲୋକତ୍ରୟ ଅଭିନ୍ନ ଅଟେ କିନ୍ତୁ ଏ ସମସ୍ତ ପୁରୁଷର ଭିନ୍ନ ଭିନ୍ନ ଅଙ୍ଗବିଶେଷ ସହିତ ଜଡ଼ିତ ଅଟନ୍ତି ଏଣୁ ଭିନ୍ନ ମଧ୍ୟ ଅଟନ୍ତି ।।

ପଞ୍ଚଦଶ ମନ୍ତ୍ର :

ସପ୍ତାସ୍ୟାସନ୍ ପରିଧୟସ୍ତ୍ରିଃ ସପ୍ତ ସମିଧଃ କୃତାଃ ।
ଦେବା ଯଦ୍ଯଜ୍ଞଂ ତନ୍ୱାନା ଅବଧ୍ନନ୍ ପୁରୁଷଂ ପଶୁମ୍ ।।

ଅର୍ଥ - ସେହି ଯଜ୍ଞର ସାତୋଟି ପରିଧି ଥିଲା ଏବଂ ଏକୋଇଶଟି ସମିଧା ଥିଲା । ସେହି ଯଜ୍ଞରେ ଦେବତାମାନେ ପୁରୁଷକୁ ପଶୁ ବନେଇ ବାନ୍ଧିଥିଲେ ।

ସାତଟି ପରିଧି ହେଲା ମନ, ପ୍ରାଣ ଓ ପଞ୍ଚଭୂତ । ଏ ସବୁ ବିନା, ଜୀବନଧାରଣ କରିବା ସମ୍ଭବ ନୁହେଁ । ଭୂଃ, ଭୁବଃ, ସ୍ୱଃ ମହଃ, ଜନଃ ତପଃ ଓ ସତ୍ୟ ଏ ସାତ ଲୋକ ମଧ୍ୟ ସାତଟି ପରିଧି ବୋଲି କଳ୍ପନା କରାଯାଇ ପାରେ । ଏ ସାତଟି ପରିଧି ଅବ୍ୟୟ, ଅକ୍ଷର ଓ କ୍ଷର

ଏହି ତିନି ପୁରୁଷ ଦ୍ୱାରା ଗୁଣନ କଲେ ଏକୋଇଶ ସମିଧା ହେଉଛି । ଏ ସମସ୍ତ ମଧ୍ୟରେ ସୃଷ୍ଟି ସମାହିତ ଅଟେ । ଏଠାରେ ପୁରୁଷକୁ ପଶୁ କୁହାଯାଇଛି । ପୁରୁଷ ଅମୃତ ଅଟେ ଏବଂ ପଶୁ ମର୍ତ୍ତ୍ୟ । ଦୁଇଜଣଙ୍କ ସଂଯୋଗରେ ସୃଷ୍ଟି ନିର୍ମାଣ ହୁଏ । ଏହି ପୁରୁଷରୂପକ ପଶୁ କାଳରୂପକ ଖୁଣ୍ଟ(ସ୍ତୂପ)ରେ ବନ୍ଧା ଯାଇଛି ।

ଷୋଡ଼ଶ ମନ୍ତ୍ର :

ଯଜ୍ଞେନ ଯଜ୍ଞମୟଜନ୍ତ ଦେବା-
ସ୍ତାନି ଧର୍ମାଣି ପ୍ରଥମାନ୍ୟାସନ୍ ।
ତେ ହ ନାକଂ ମହିମାନଃ ସଚନ୍ତ
ଯତ୍ର ପୂର୍ବେ ସାଧ୍ୟାଃ ସନ୍ତି ଦେବାଃ ।।

ଅର୍ଥ - ଏହି ସୃଷ୍ଟିରୂପକ ଯଜ୍ଞ ଦେବତାମାନେ ସଂପନ୍ନ କଲେ । ଦେବତାମାନେ ଯଜ୍ଞ-ଦ୍ୱାରା ଯଜ୍ଞ ସଂପନ୍ନ କଲେ । ଏହାହିଁ ପ୍ରଥମ ଧର୍ମ ଥିଲା । ସେମାନେ ସ୍ୱର୍ଗ ପ୍ରାପ୍ତି କଲେ ଯେଉଁଠାରେ ସାଧ୍ୟ ଦେବ ନିବାସ କରନ୍ତି । ଏହାର ତାତ୍ପର୍ଯ୍ୟ ଏହା ଯେ ସୃଷ୍ଟିରେ ଦୁଇ ପ୍ରକାର ଯଜ୍ଞ ଚାଲୁଛି ପ୍ରାଣଯଜ୍ଞ ଏବଂ ଭୂତଯଜ୍ଞ । ପ୍ରାଣଯଜ୍ଞରୁ ଜ୍ଞାନ ଉତ୍ପନ୍ନ ହୁଏ ଏବଂ ଭୂତଯଜ୍ଞରୁ ପଦାର୍ଥ ଉତ୍ପନ୍ନ ହୁଏ । ପ୍ରାଣଯଜ୍ଞ ଦେବତାମାନେ ଅନୁଷ୍ଠାନ କରନ୍ତି ଏବଂ ଭୂତଯଜ୍ଞ ପ୍ରଜାମାନେ କରନ୍ତି । ପ୍ରାଣଯଜ୍ଞ ଅମୂର୍ତ୍ତ କିନ୍ତୁ ଭୂତଯଜ୍ଞ ମୂର୍ତ୍ତ ଅଟେ । ଯଜ୍ଞ ପ୍ରଭାବରେ ଦେବତାମାନେ ପୃଥିବୀ, ଅନ୍ତରୀକ୍ଷ ଓ ଦ୍ୟୌ ତିନିଲୋକ ପାର କରି ସ୍ୱର୍ଗ ଲୋକକୁ ଚାଲିଗଲେ । ଏହାହିଁ ଯଜ୍ଞର ମହିମା ଅଟେ ।।

ପ୍ରଶ୍ନ

୧. ପୁରୁଷକୁ ସହସ୍ରଶୀର୍ଷା, ସହସ୍ରାକ୍ଷ ଓ ସହସ୍ରପାଦ କହିବାର ତାତ୍ପର୍ଯ୍ୟ କ'ଣ?

୨. ପୁରୁଷର ଗୋଟିଏ ପାଦ ବିଶ୍ୱରେ ଓ ତିନୋଟି ପାଦ ଦ୍ୟୌରେ ଅଛି - ଏ କଥନର ଅଭିପ୍ରାୟ କ'ଣ ?

୩. ପୁରୁଷଠାରୁ ସୃଷ୍ଟି କେମିତ ଉତ୍ପନ୍ନ ହେଲା ?

୪. ସୃଷ୍ଟିପାଇଁ ପୁରୁଷକୁ କାହିଁକି ଯଜ୍ଞ କରିବାକୁ ପଡ଼ିଲା ?

ଷୋଡ଼ଶ ପାଠ

ଯଜୁର୍ବେଦ (ଚତ୍ୱାରିଂଶ ଅଧ୍ୟାୟ)

(ଇଶାବାସ୍ୟୋପନିଷଦ୍)

ମନ୍ତ୍ର : "*ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ ।*
ପୂର୍ଣସ୍ୟ ପୂର୍ଣମାଦାୟ ପୂର୍ଣମେବାବଶିଷ୍ୟତେ ।।"

ବେଦର କୌଣସି ମନ୍ତ୍ର ପ୍ରାରମ୍ଭରେ ଓଁ କାରର ଉଚ୍ଚାରଣ କରାଯାଏ । ଓଁ ବ୍ରହ୍ମଙ୍କ ବାଚକ ଅଟେ । ଏଥିରେ ତିନୋଟି ବର୍ଣ୍ଣ ରହିଛି - ଅକାର, ଉକାର, ମକାର (ଏହାଛଡ଼ା ଆଉ ଗୋଟିଏ ଚତୁର୍ଥ ବର୍ଣ୍ଣ ମଧ୍ୟ ରହିଛି ଯାହାକୁ ଅର୍ଧମାତ୍ରା କୁହାଯାଏ ।) ଏଣୁ ତାହା ଶୁଣାଯାଏ ନାହିଁ । ଆମେ ପଞ୍ଚଦଶ ପାଠରେ ପୁରୁଷର ସ୍ୱରୂପ ଜ୍ଞାତ କରିବାକୁ ଯାଇ ଆମେ ପୁରୁଷର ଚାରୋଟି ପାଦ ବିଷୟରେ ଚର୍ଚ୍ଚା କରିଛୁ ।

ଓଁକାରର ଏହି ଚାରୋଟି ବର୍ଣ୍ଣ ସେହି ଚାରିପାଦକୁ ସୂଚିତ କରେ ।

ଅକାର - ଅବ୍ୟୟ ପୁରୁଷ
ଉକାର - ଅକ୍ଷର ପୁରୁଷ
ମକାର - କ୍ଷର ପୁରୁଷ
ଅର୍ଧମାତ୍ରା - ପରାତ୍ପର ।

ଏହିପରି ଭାବେ ଓଁ ବ୍ରହ୍ମଙ୍କ ଚାରିପାଦର ସୂଚକ ଅଟେ । ଏଥିମଧ୍ୟରୁ ପ୍ରଥମ ବର୍ଣ୍ଣ ଅକାରକୁ ନିଆଯାଉ । ଅକାରର ଉଷ୍ମଭାଗ ବିକାସକୁ ସୂଚିତ କରେ, ସ୍ପର୍ଶଭାଗ ସଂକୋଚକୁ ସୂଚିତ କରେ । ବିକାଶ ଅଗ୍ନି ଅଟେ ଏବଂ ସଂକୋଚ ସୋମ ଅଟେ । ଏହି ଦୁଇଟିର ମିଶ୍ରଣ ଦ୍ୱାରା ସମଗ୍ର ସୃଷ୍ଟି ଉତ୍ପନ୍ନ ହୋଇଛି । ଯେଉଁପରି ଅର୍ଥସୃଷ୍ଟି ଅଗ୍ନି ଓ ସୋମଦ୍ୱାରା ସମ୍ଭବ ହୋଇଛି ସେହିପରି ସମସ୍ତ ଶବ୍ଦ ସୃଷ୍ଟି ମଧ୍ୟ ଉଷ୍ମ ଓ ସ୍ପର୍ଶର ସଂଯୋଗରେ ସମ୍ଭବ ହୋଇଛି । ଏଇଥିପାଇଁ ଐତରେୟ ଆରଣ୍ୟକରେ କୁହାଯାଇଛି ଯେ - ଅକାରଠାରୁ ସର୍ମଗ୍ର ବାଙ୍ମୟ ସୃଷ୍ଟି ହୋଇଛି - "*ଅକାରୋ ବୈ ସର୍ବା ବାକ୍*" । ଅକାରର ଏହି ମହିମା ଯୋଗୁଁ ଗୀତାରେ

ଭଗବାନ୍ ସ୍ୱୟଂ କହିଛନ୍ତି *"ଅକ୍ଷରାଣାମକାରୋଽସ୍ମି"* । ଅକାର ଅସଙ୍ଗ ଅଟେ ଏଣୁ ଏହାକୁ ଅବ୍ୟୟ ପୁରୁଷ ଭାବରେ ସ୍ୱୀକାର କରାଯାଇଛି ।

ଉକାର ଉଚ୍ଚାରଣ କରିବାପାଇଁ ମୁଖ ସଂକୋଚ କରିବାକୁ ପଡ଼େ । ଏହା ସସଙ୍ଗାସଙ୍ଗ (ଏକାଧାରାରେ ସସଙ୍ଗ ଓ ଅସଙ୍ଗ ଅଟେ) । ଏହା ପୂର୍ଣ୍ଣ ଭାବରେ ଅକାର ପରି ଅସଙ୍ଗ ନୁହେଁ କିମ୍ବା ମକାର ପରି ପୂର୍ଣ୍ଣ ଭାବରେ ସସଙ୍ଗ ମଧ୍ୟ ନୁହେଁ । ଏଣୁ ଏହା ଅକ୍ଷର ପୁରୁଷଙ୍କ ବାଚକ ।

ମକାର କ୍ଷର ପୁରୁଷ ଅଟେ । ଏଥିରେ ମୁଖକୁ ସର୍ବଥା ସଂକୁଚିତ କରିବାକୁ ପଡ଼େ । ଏହାପରେ ଅର୍ଧମାତ୍ରା ପରାପ୍ରକୃତିଙ୍କ ସୂଚକ ଅଟେ । ଏ ବିଷୟରେ ଶାସ୍ତ୍ରମାନଙ୍କର ଗତି ନାହିଁ । ଏହି ଦୃଷ୍ଟିରୁ ଦେଖିଲେ ଓଁକାର ସମସ୍ତ ବେଦର ସାର ଅଟେ । କାରଣ ଏହା ପୂର୍ଣ୍ଣ ବ୍ରହ୍ମଙ୍କ ବାଚକ ଅଟେ । ସମସ୍ତ ତପ ଓ ବ୍ରହ୍ମଚର୍ଯ୍ୟର ପାଳନ ଏହି ଓଁକାରର ପ୍ରାପ୍ତିପାଇଁ କରାଯାଇ-ଥାଏ ।

ଶାସ୍ତ୍ରର ପ୍ରାରମ୍ଭରେ ବ୍ରହ୍ମଙ୍କ ବାଚକ ଓଁକାରର ଉଚ୍ଚାରଣ କରିବାପରେ ଶାସ୍ତ୍ର କହେ ଯେ - 'ସେ ପୂର୍ଣ୍ଣ ଅଟନ୍ତି, ଏହା ମଧ୍ୟ ପୂର୍ଣ୍ଣ ଅଟେ । ପୂର୍ଣ୍ଣଙ୍କଠାରୁ ପୂର୍ଣ୍ଣ ଉତ୍ପନ୍ନ ହୁଏ ଏବଂ ପୂର୍ଣ୍ଣଙ୍କଠାରୁ ପୂର୍ଣ୍ଣ ଉତ୍ପନ୍ନ ହେବା ପରେ ପୂର୍ଣ୍ଣ ହିଁ ଅବଶିଷ୍ଟ ରହେ' । ଏଠାରେ 'ସେ' - ଶବ୍ଦ ପରୋକ୍ଷ ଅର୍ଥକୁ ସୂଚିତ କରେ । ଏବଂ ' ଏହା'- ଶବ୍ଦ ପ୍ରତ୍ୟକ୍ଷ ଅର୍ଥକୁ ସୂଚିତ କରେ । ଈଶ୍ୱର ପରୋକ୍ଷ ଅଟନ୍ତି ଏବଂ ଜୀବ ପ୍ରତ୍ୟକ୍ଷ ଅଟେ । ଈଶ୍ୱରଙ୍କ ପୂର୍ଣ୍ଣତା ଓ ପ୍ରସିଦ୍ଧ କିନ୍ତୁ ଜୀବ ମଧ୍ୟ ପୂର୍ଣ୍ଣ ଅଟେ । କାରଣ ଜୀବ ଈଶ୍ୱରଙ୍କର ହିଁ ଅଂଶ ଅଟେ । ଯେହେତୁ ଈଶ୍ୱର ପୂର୍ଣ୍ଣ ଅଟନ୍ତି ତେଣୁ ତାଙ୍କ ଅଂଶଭୂତ ଜୀବ ମଧ୍ୟ ଅପୂର୍ଣ୍ଣ ହେବା ଉଚିତ ହେବନି । ପୂର୍ଣ୍ଣଠାରୁ ଯାହା କିଛି ଉତ୍ପନ୍ନ ହେବ ସେ ସବୁ ପୂର୍ଣ୍ଣ ହିଁ ହେବ । ଅତଏବ ଜୀବ ମଧ୍ୟ ପୂର୍ଣ୍ଣ ଅଟେ । ଦ୍ୱିତୀୟ ପଂକ୍ତିରେ କୁହା-ଯାଇଛି ଯେ, ଯଦି ପୂର୍ଣ୍ଣଠାରୁ ପୂର୍ଣ୍ଣ ବାହାର କରି ନିଆଯିବ ତେବେ ପୂର୍ଣ୍ଣର କୌଣସି ହାନି ଅଥବା ଅପୂର୍ଣ୍ଣତା ଆସି ଯିବନି ।

ଏହି ମନ୍ତ୍ର କହେ ଯେ, ଈଶ୍ୱର ପୂର୍ଣ୍ଣ ଅଟନ୍ତି । ଆମେ ମଧ୍ୟ ପୂର୍ଣ୍ଣ ଅଟୁଁ; କାରଣ ଆମେ ଈଶ୍ୱରଙ୍କ ଅଂଶ ଅଟୁଁ । ଏହି କଥା ଅନେକ ଦୃଷ୍ଟିରୁ ବୁଝାଯାଇପାରିବ । ଆମର ବ୍ୟକ୍ତିତ୍ୱ ବିଶ୍ୱର ପ୍ରତିବିମ୍ବ ଅଟେ । ବିଶ୍ୱରେ ପୃଥିବୀ ଅବସ୍ଥିତ; ଆମ ସହିତ ଆମ ଶରୀର ଅବସ୍ଥିତ । ବିଶ୍ୱରେ ଚନ୍ଦ୍ରମା ଅଛି, ଆମର ମନ ଅଛି । ବିଶ୍ୱରେ ସୂର୍ଯ୍ୟ ଅଛି ଆମର ବୁଦ୍ଧି ଅଛି । ବିଶ୍ୱରେ ପରମେଷ୍ଠୀ ଅଛନ୍ତି, ଆମର ମହତ୍ (ଅହଂ) ରହିଛି । ବିଶ୍ୱରେ ସ୍ୱୟମ୍ଭୂ ଅଛନ୍ତି ଆମର ଅବ୍ୟକ୍ତ ଅଛି । ଏହି ପରି ଭାବେ ଦେଖିଲେ ଆମଠାରେ ସଂପୂର୍ଣ୍ଣ ବିଶ୍ୱ ପ୍ରତିନିଧିତ୍ୱ କରୁଛି । ବିଶ୍ୱ ପୂର୍ଣ୍ଣ ଅଟେ ଏଣୁ

ଆମେ ମଧ୍ୟ ପୂର୍ଣ୍ଣ ଅଟୁଁ । ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ଆମ ଅସ୍ତିତ୍ୱର ତିନୋଟି ଅଂଗ ରହିଛି - ମନ, ପ୍ରାଣ ଓ ବାକ୍ । ଅନ୍ନରୁ ମନ ଉତ୍ପନ୍ନ ହୋଇଛି, ଆପଃ(ଜଳ)ଠାରୁ ପ୍ରାଣ ଏବଂ ତେଜ-ଠାରୁ ବାକ୍ ଉତ୍ପନ୍ନ ହୋଇଛି । ଏ ଦୃଷ୍ଟିରୁ ମଧ୍ୟ ଆମର ବ୍ୟକ୍ତିତ୍ୱ ପୂର୍ଣ୍ଣ ଅଟେ ।

ଯେତେବେଳେ ଆମକୁ ଆମର ପୂର୍ଣ୍ଣତାର ଜ୍ଞାନ ହୁଏ ସେତେବେଳେ ଆମ ସମକ୍ଷରେ ସ୍ୱତଃ ତ୍ରିବିଧ ଶାନ୍ତି ଉପସ୍ଥିତ ହୁଏ । କାରଣ ଅଶାନ୍ତି ଅପୂର୍ଣ୍ଣତାରୁ ଉତ୍ପନ୍ନ ହୁଏ ଏଣୁ ଅପୂର୍ଣ୍ଣତାର ପ୍ରତୀକ ଅଟେ । ପୂର୍ଣ୍ଣତାରେ ଅଶାନ୍ତି ସ୍ୱତଃ ନଷ୍ଟ ହୁଏ । ଆଧିଭୌତିକ, ଆଧିଦୈବିକ ଏବଂ ଆଧ୍ୟାତ୍ମିକ - ଏହି ତିନି ପ୍ରକାର ଶାନ୍ତିର ସୂଚକ ମନ୍ତ୍ର ହେଉଛି - ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।।

ଏହି ମନ୍ତ୍ର ସହିତ ଈଶୋପନିଷଦ୍, ଯାହାକି ଯଜୁର୍ବେଦର ଚାଳିଶତମ ଅଧ୍ୟାୟ ଆରମ୍ଭ ହୁଏ । ଈଶୋପନିଷଦ୍‌ର ବର୍ଣ୍ଣ୍ୟ ବିଷୟ ନିମ୍ନଲିଖିତ ରୂପରେ ଉପସ୍ଥାପନା କରାଯାଇ-ପାରେ :-

ମନ୍ତ୍ର-୧·	ମନଃ ପ୍ରଧାନ ଅବ୍ୟୟ ପୁରୁଷ	
ମନ୍ତ୍ର-୨·	ପ୍ରାଣ ପ୍ରଧାନ ଅକ୍ଷର ପୁରୁଷ	ବ୍ରହ୍ମ
ମନ୍ତ୍ର-୩·	ବାକ୍ ପ୍ରଧାନ କ୍ଷର ପୁରୁଷ	
ମନ୍ତ୍ର-୪·	ପ୍ରକୃତି (ଅବ୍ୟକ୍ତାତ୍ମା)	ପ୍ରକୃତି
ମନ୍ତ୍ର-୫·	କର୍ମରେ ବ୍ରହ୍ମ	
ମନ୍ତ୍ର-୬·	ବ୍ରହ୍ମରେ କର୍ମ	ବ୍ରହ୍ମ ଓ ପ୍ରକୃତି
ମନ୍ତ୍ର-୭·	କର୍ମ ଓ ବ୍ରହ୍ମର ତାଦାତ୍ମ୍ୟ	ମଧ୍ୟରେ ସମ୍ବନ୍ଧ
ମନ୍ତ୍ର-୮·	ବିକୃତି (ଶୁକ୍ରମ୍, ବ୍ୟକ୍ତାତ୍ମା)	
ମନ୍ତ୍ର-୯,୧୦,୧୧ :	ବିକାର (ବିଶ୍ୱାତ୍ମା), ସୂର୍ଯ୍ୟ (ବୁଦ୍ଧି)	
ମନ୍ତ୍ର-୧୨,୧୩,୧୪ :	ବିକାର (ବିଶ୍ୱାତ୍ମା), ଚନ୍ଦ୍ର (ମନ)	
ମନ୍ତ୍ର-୧୫,୧୬,୧୭ :	ବିକାର (ଭୂତାତ୍ମା) ଭୋକ୍ତା	
ମନ୍ତ୍ର-୧୭ :	ବିକାର (ବିଶ୍ୱାତ୍ମା) ପୃଥିବୀ (ଶରୀର)	
ମନ୍ତ୍ର-୧୮ :	ବିକାର (ସତ୍ୟାତ୍ମା) ଅଗ୍ନି,	

ଏହିପରି ଭାବେ ଈଶୋପନିଷଦ୍‌ରେ ପୁରୁଷ ଓ ପ୍ରକୃତିର ହିଁ ବିସ୍ତୃତ ବର୍ଣ୍ଣନା ଦେଖିବାକୁ ମିଳେ ।

ଉକ୍ତ ଉପନିଷଦ୍‌ର ପ୍ରଥମ ମନ୍ତ୍ର ହେଲା-

ପ୍ରଥମ ମନ୍ତ୍ର :

ଇଶାବାସ୍ୟମିଦଂ ସର୍ବଂ ଯତ୍‌କିଞ୍ଚ ଜଗତ୍ୟାଂ ଜଗତ୍ ।
ତେନ ତ୍ୟକ୍ତେନ ଭୁଞ୍ଜୀଥାଃ ମା ଗୃଧଃ କସ୍ୟସ୍ୱିଦ୍ଧନମ୍ ।।

ଅର୍ଥ - ଜଗତ୍‌ରେ ଯାହା କିଛି ଚରାଚର ପଦାର୍ଥ ରହିଛି ସେ ସମସ୍ତ ଈଶ୍ୱରଙ୍କଦ୍ୱାରା ପରିବ୍ୟାପ୍ତ ଅଟେ । ଯାହା କିଛି ଈଶ୍ୱରପରିତ୍ୟକ୍ତ ଅଟେ ତାହାହିଁ ଭୋଗ କରିବା ଉଚିତ । କାହାରି ଧନ ପ୍ରତି ଲୋଭ କର ନାହିଁ ।

ଏହି ଅର୍ଥକୁ ଆମେ ତିନୋଟି ସ୍ତରରେ ବିବେଚନା କରି ପାରୁ - (୧) ଲୌକିକ ପକ୍ଷ, (୨) ଧାର୍ମିକ ପକ୍ଷ, ଓ (୩) ବୈଜ୍ଞାନିକ ପକ୍ଷ ।

(୧) ଲୌକିକ ପକ୍ଷ :

ଈଶ ଶବ୍ଦର ଅର୍ଥ ସ୍ୱାମୀ । ଜଗତ୍‌ରେ ଯାହାକିଛି ଚର ଅଥବା ଅଚର ପଦାର୍ଥ ଅଛି ସେ ସବୁ ପଦାର୍ଥର କେହି ନା କେହି ସ୍ୱାମୀ ଅଛନ୍ତି । ଯେତେବେଳଯାଏ ସେହି ସ୍ୱାମୀ ତୁମକୁ କୌଣସି ପଦାର୍ଥ ଦେଇ ନାହାନ୍ତି ସେ ପର୍ଯ୍ୟନ୍ତ ସେ ସମସ୍ତ ପଦାର୍ଥକୁ ଭୋଗକରିବା ଅଥବା ଭୋଗ କରିବାର ଅଭିଳାଷ ମଧ୍ୟ କରିବା ଉଚିତ ନୁହେଁ । ଅର୍ଥାତ୍ ଆମର ସେ ସମସ୍ତ ପଦାର୍ଥ ଭୋଗ କରିବାର ଅଧିକାର ନାହିଁ ଯାହା ଉପରେ ଅନ୍ୟକାହାରି ସ୍ୱାମୀତ୍ୱ ରହିଛି । ଯଦି ଆମେ ତାହା ଭୋଗ କରିବୁ ତେବେ ତାକୁ ଚୋରୀ କୁହାଯିବ । ଚୋରକୁ ରାଜଦଣ୍ଡ ଅବଶ୍ୟ ମିଳେ । ଏହା ଏହି ମନ୍ତ୍ରର ଲୌକିକ ଅର୍ଥ । ରାଜଦଣ୍ଡ ଆମର ସ୍ଥୂଳଶରୀରକୁ ଭୋଗିବାକୁ ପଡ଼େ । ଏଣୁ ଲୌକିକ ପକ୍ଷରେ ଏ ମନ୍ତ୍ର ଆମକୁ ସାବଧାନ କରାଇଦିଏ ଯେ ଚୋରୀ କରି ରାଜଦଣ୍ଡ ଭୋଗିବାର ଦୁର୍ଦ୍ଦଶାରୁ ଦୂରେଇ ରହିବା ଉଚିତ ।।

(୨) ଧାର୍ମିକ ପକ୍ଷ :

ଧାର୍ମିକ ଦୃଷ୍ଟିରୁ ମଧ୍ୟ ଆମର ସେ ସବୁ ପଦାର୍ଥର ଉପଭୋଗ କରିବା ଉଚିତ ନୁହେଁ ଯାହା ଉପରେ ଅନ୍ୟର ଅଧିକାର ରହିଛି । କିନ୍ତୁ ଏ ସନ୍ଦର୍ଭରେ ରାଜନୀତି ଓ ଧର୍ମନୀତି ଭିତରେ ଟିକିଏ ଭେଦ ରହିଛି । ରାଜନୀତି ଦୃଷ୍ଟିରୁ ଆମେ କୌଣସି ପଦାର୍ଥ କାହାଠାରୁ ବଳପୂର୍ବକ ଯଦି ଛଡ଼ାଇ ନେଉ ତେବେ ଆଜି ଯୁଗର ପୋଲିସ କାନୁନ୍ ତାକୁ ଜବରଦଖଲ , ବେଦଖଲ ଅଥବା ଜୋର୍‌ଜି କହିବ । କିନ୍ତୁ ଧର୍ମନୀତି ଦୃଷ୍ଟିରୁ ବଳପ୍ରୟୋଗ ସର୍ବଥା ଅନୁଚିତ । ଅନ୍ତତୋଗତ୍ୱା ତିନୋଟି ପରିସ୍ଥିତି ସାମନାକୁ ଆସେ :-

(କ) ଯେଉଁ ପଦାର୍ଥ ଉପରେ ନ୍ୟାୟତଃ ଆମର ଅଧିକାର ରହିଛି । ଯଦି ଅନ୍ୟକେହି ସେହି ପଦାର୍ଥ ଉପରେ ଜବର ଦଖଲ କରି ବସିଛି ତେବେ ଯଦି ବଳପୂର୍ବକ ତାକୁ ସେଥିରୁ ହଟେଇ ପୁନଃ ସ୍ୱାଧିକାର ପ୍ରାପ୍ତ କରି ନିଆଯାଏ । ତେବେ ତାକୁ ଧର୍ମମୂଳକ ରାଜନୀତି କୁହାଯାଏ ।

(ଖ) ଯେଉଁ ପଦାର୍ଥ ନ୍ୟାୟତଃ ଅନ୍ୟର ଅଟେ ଯଦି ଆମେ ତାକୁ ବଳପୂର୍ବକ ନିଜର କରି ନେଉ ତେବେ ତାହା ଅଧର୍ମମୂଳକ ରାଜନୀତି ହେବ ।

(ଗ) ଯଦି କୌଣସି ପଦାର୍ଥ ଆମର ଅଟେ ଏବଂ ତାହା କେହି ଅଧିକାର କରି ବସିଛି; ତେବେ ସେ କ୍ଷେତ୍ରରେ ଯଦି ତାକୁ ବୁଝେଇ-ସୁଝେଇ ସେ ପଦାର୍ଥ ଆମେ ଅଧିକାର କରିପାରୁ ତେବେ ତାକୁ ବିଶୁଦ୍ଧ ଧର୍ମନୀତି କୁହାଯାଏ

ପ୍ରଥମ ସ୍ଥିତିରେ ଯଦି ଆମେ ନିଜର ଅଧିକାର ପାଇଁ ବଳ ପ୍ରୟୋଗ କରିଥାଉ, ତଥାପି ଯାହା ଉପରେ ବଳ ପ୍ରୟୋଗ କରୁ ସେ ଅବଶ୍ୟ ଆମ ଉପରେ ସବୁଦିନ ପାଇଁ ଶତ୍ରୁତା ପୋଷଣ କରି ରହିବ । ସେ କ୍ଷେତ୍ରରେ ଆମ ସୂକ୍ଷ୍ମଶରୀର ସବୁଦିନ ପାଇଁ ଆତଙ୍କିତ ରହିବ । ଶାରୀରକ ଶକ୍ତି ଦୃଷ୍ଟିରୁ ଆମେ ଯଦି ବଳବାନ୍ ଅଟୁଁ ତେବେ ସମ୍ଭବତଃ ଆମର ବାହ୍ୟ ଅଥବା ସ୍ଥୂଳଶରୀରକୁ ସେ କୌଣସି କ୍ଷତି ପହୁଁଚାଇ ନ ପାରେ । ଦ୍ୱିତୀୟ ପନ୍ଥା ଅଧର୍ମମୂଳକ ରାଜନୀତିର ମାର୍ଗ ଅଟେ । ତାହାଦ୍ୱାରା ସମ୍ଭବତଃ ଆରମ୍ଭରେ ଲାଭ ହୋଇପାରେ କିନ୍ତୁ ଶେଷକୁ ସମୂଳବିନାଶ ହୋଇଯିବ । ଅତଏବ ଉତ୍ତମ ମାର୍ଗ ହେଉଛି ତୃତୀୟ ପନ୍ଥା । ସମାଜ-ବ୍ୟବସ୍ଥା ଦୃଷ୍ଟିରୁ ପ୍ରଥମେ ସର୍ବଥା ତୃତୀୟ ପନ୍ଥାକୁ ଆଶ୍ରୟ କରିବା ଉଚିତ ଯଦି ତୃତୀୟ ପନ୍ଥା ଦ୍ୱାରା କାର୍ଯ୍ୟ ସିଦ୍ଧି ନ ହୁଏ ତେବେ ଚେତାବନୀ ଦେଇ ପ୍ରଥମପନ୍ଥାକୁ ଗ୍ରହଣ କରାଯାଇପାରେ କିନ୍ତୁ କୌଣସି ସମୟରେ ଦ୍ୱିତୀୟପନ୍ଥାକୁ ଗ୍ରହଣ କରିବା ଉଚିତ ନୁହେଁ ।

(୩) ବୈଜ୍ଞାନିକ ପନ୍ଥା :

ସମସ୍ତ ପଦାର୍ଥ **ଈଶ୍ୱର**ଙ୍କଦ୍ୱାରା ପରିବ୍ୟାପ୍ତ ଅଟେ । ଯାହାଜିଛି ପଦାର୍ଥର ସ୍ୱସ୍ୱରୂପ ଅଟେ ତାକୁ **ବ୍ରହ୍ମୌଦନ** କୁହାଯାଏ । ତାହା ଆମେ ଉପଭୋଗ କରିବା ଉଚିତ ନୁହେଁ । ଯେଉଁ ଅଂଶ ପଦାର୍ଥର ସ୍ୱସ୍ୱରୂପରେ **ଅନ୍ତର୍ଭୁକ୍ତ** ନୁହେଁ କିନ୍ତୁ ପଦାର୍ଥଦ୍ୱାରା ସ୍ୱତଃ ପରିତ୍ୟକ୍ତ ହୋଇଥାଏ ତାକୁ ପ୍ରବର୍ଗ୍ୟ କୁହାଯାଏ । ତାକୁ ହିଁ ଉଚ୍ଛିଷ୍ଟ ଅଥବା **ଯଜ୍ଞଶେଷ** କୁହାଯାଏ । ଆମର ଅଧିକାର ସେହି ଯଜ୍ଞଶେଷ ଉପରେ ଥାଏ, ବ୍ରହ୍ମୌଦନ ଉପରେ ନୁହେଁ ।

ବ୍ରହ୍ମୌଦନକୁ ବୁଝିବା ପାଇଁ ଏକଥା ବୁଝିବା ନିହାତି ଦରକାର ଯେ ଯେକୌଣସି ପଦାର୍ଥର ସମ୍ବନ୍ଧ ଅନ୍ୟପଦାର୍ଥ ସହିତ ଦୁଇପ୍ରକାର ସମ୍ଭବ ହେବ - **ଅନ୍ତର୍ଯାମ** ଓ **ବହିର୍ଯାମ** । ଅନ୍ତର୍ଯାମ ସମ୍ବନ୍ଧଦ୍ୱାରା କୌଣସି ପଦାର୍ଥ ଅନ୍ୟ ପଦାର୍ଥର ଅଙ୍ଗ ହୋଇଯାଏ । ତାକୁ ବ୍ରହ୍ମୌଦନ କୁହାଯାଏ । ସେ ପଦାର୍ଥ ତାର ଅଧିକାର ହୋଇଯାଏ । ଯଦି ଆମେ ତାକୁ ନେଇନେଉ ତେବେ ହୁଏତ ଆମର ସ୍ଥୂଳଶରୀର ଦଣ୍ଡଭାଗୀ ହୋଇ ନ ପାରେ କିନ୍ତୁ କାରଣ ଶରୀର ଅବଶ୍ୟ ଦଣ୍ଡ-ଭାଗୀ ବନିବ ।

ଆମେ ଆରମ୍ଭରେ କହିଛୁ ଯେ, ପୃଥିବୀଠାରୁ ଆମ ଶରୀର ଉତ୍ପନ୍ନ ହୋଇଛି, ଚନ୍ଦ୍ରମାଠାରୁ ମନ, ସୂର୍ଯ୍ୟଙ୍କଠାରୁ ବୁଦ୍ଧି, ପରମେଷ୍ଠୀଙ୍କଠାରୁ ମହତ୍ ଓ ସ୍ୱୟଂଭୁଙ୍କଠାରୁ ଅବ୍ୟକ୍ତ ଉତ୍ପନ୍ନ ହୋଇଛି । ସେହି ଲୋକସମୁଦାୟର ପ୍ରବର୍ଗ୍ୟରୁ ଆମର ବ୍ୟକ୍ତିତ୍ୱ ନିର୍ମାଣ ହୋଇଛି । ଯେଉଁ ଅଂଶ ସ୍ୱୟଂଭୁ ଆଦିର ବ୍ରହ୍ମୌଦିନ ବନିଯାଇଛି ତାକୁ ସ୍ୱଧା କୁହାଯାଏ । ସ୍ୱଧାର ଅର୍ଥ ଦେବତାମାନଙ୍କର ଅନ୍ନ । ଉଦାହରଣତଃ ସୂର୍ଯ୍ୟଙ୍କ ସ୍ୱରୂପ ନିର୍ମାଣ ପାଇଁ ଯେଉଁ ତାପରୂପକ ଅଂଶ ପ୍ରାପ୍ତ ହୋଇଥାଏ ସେହି ଅଂଶରୁ ଯେତକ ଅଂଶ ଆମକୁ ପ୍ରାପ୍ତ ହୁଏ ତାକୁ ସୂର୍ଯ୍ୟଙ୍କ ପ୍ରବର୍ଗ୍ୟ କୁହାଯାଏ । ଯେଉଁ ଅଂଶ ସୂର୍ଯ୍ୟଙ୍କ ଶରୀରରେ ଅବିଭକ୍ତ ଥାଏ ତାହା ସୂର୍ଯ୍ୟଙ୍କ ମସ୍ତକ ବୋଲି କଳ୍ପନା କରାଯାଇଛି । ସେଥିରୁ ବିଭକ୍ତ ହୋଇ ଯେଉଁ ଅଂଶ ଆମକୁ ପ୍ରାପ୍ତ ହୁଏ ତାକୁ ପ୍ରବର୍ଗ୍ୟ ତ କହନ୍ତି କିନ୍ତୁ ଯଜ୍ଞୀୟ ପରିଭାଷାରେ ତାକୁ **ଛିନ୍ନଶୀର୍ଷ-ଯାଗ** କୁହାଯାଏ ।

ଏଠାରେ ସମଗ୍ର ସୃଷ୍ଟିରେ ଈଶ୍ୱର ଅନୁସ୍ୟୂତ ଅଛନ୍ତି ବୋଲି କୁହାଯାଇଛି । ଯିଏ ଯେଉଁ କ୍ରିୟା କରେ ସେ ନିଜ ମନର ଇଚ୍ଛା, ପ୍ରାଣର ତପଃ ଓ ବାକ୍‌ର କର୍ମଦ୍ୱାରା ସେଥିରେ ଅନୁପ୍ରବିଷ୍ଟ ହୋଇଯାଏ । ଉଦାହରଣତଃ ଗ୍ରନ୍ଥ ଲେଖକର କାମନା, ଚିନ୍ତନରୂପ ଅନ୍ତର୍ବ୍ୟାପାର ଓ ଲେଖନରୂପକ ବାହ୍ୟ ବ୍ୟାପାର ସେହି ଗ୍ରନ୍ଥରେ ଅନୁସ୍ୟୂତ ରହିଥାଏ । ଏଥିରୁ ସ୍ପଷ୍ଟ ହୋଇଥାଏ ଯେ ସୃଷ୍ଟିର କର୍ତ୍ତା ଈଶ୍ୱର ମଧ୍ୟ ସୃଷ୍ଟିରେ ଅନୁସ୍ୟୂତ ଅଟନ୍ତି ।

ପ୍ରକୃତିରେ ସମସ୍ତେ ପ୍ରବର୍ଗ୍ୟକୁ ଉପଭୋଗ କରି ଥାଆନ୍ତି । ବ୍ରହ୍ମୌଦନକୁ କେହି ଉପ-ଭୋଗ କରନ୍ତି ନାହିଁ । ଏକଥା ଆଗରୁ କୁହାଯାଇଛି ଯେ, କେବଳ ମନୁଷ୍ୟ ହିଁ ଏକମାତ୍ର ଏମିତି ପ୍ରାଣୀ ଯିଏ ପ୍ରକୃତିର ନିୟମକୁ ଅତିକ୍ରମଣ କରିଥାଏ । ସେଇଥି ପାଇଁ ମନୁଷ୍ୟ ପକ୍ଷରେ ଶାସ୍ତ୍ରୋପଦେଶର ଆବଶ୍ୟକତା ରହିଛି । ଆମେ ପ୍ରବର୍ଗ୍ୟକୁ ଉପଭୋଗ କରୁ । ଏହା ହିଁ ଭୋଗ ଅଟେ । କିନ୍ତୁ ଯଦି ଆମେ ବ୍ରହ୍ମୌଦନକୁ ଉପଭୋଗ କରିବାକୁ ଚାହୁଁ ତେବେ ତାକୁ ଆସକ୍ତି କୁହାଯିବ । ବନ୍ଧନର କାରଣ ଯୋଗ ନୁହେଁ, ଆସକ୍ତି ଅଟେ । ଯଜ୍ଞୀୟ ଜୀବନଶୈଳୀରେ ଆସକ୍ତି

ହୁଏ ନାହିଁ । ଏଣୁ ଗୀତାରେ କୁହାଯାଇଛି ସମସ୍ତ କର୍ମ ବନ୍ଧନର କାରଣ ଅଟେ; କିନ୍ତୁ ଯଜ୍ଞ ଉଦ୍ଦେଶ୍ୟରେ ଅନୁଷ୍ଠିତ କର୍ମ ବନ୍ଧନର କାରଣ ନୁହେଁ

"ଯଜ୍ଞାର୍ଥାତ୍ କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ" ।

ପ୍ରଥମ ମନ୍ତ୍ରରେ କିପରି ଭୋଗ କରିବା ଉଚିତ ଏବଂ କାହିଁକି ଭୋଗ କରିବା ଉଚିତ - ଏକଥା ଚର୍ଚ୍ଚା କରାଗଲା । ଭୋଗ କରିବା ମନର କାର୍ଯ୍ୟ ଅଟେ । ଏବେ ଦ୍ୱିତୀୟ ମନ୍ତ୍ରରେ କ'ଣ କରିବା ଉଚିତ ଏବଂ କେମିତି କରିବା ଉଚିତ - ଏହା ବିଚାର କରାଯାଉଛି ।

ଦ୍ୱିତୀୟ ମନ୍ତ୍ର :

କୁର୍ବନ୍ନେବେହ କର୍ମାଣି ଜିଜୀବିଷେଚ୍ଛତଂ ସମାଃ ।
ଏବଂ ତ୍ୱୟି ନାନ୍ୟଥେତୋଽସ୍ତି ନ କର୍ମ ଲିପ୍ୟତେ ନରେ ।।

ଅର୍ଥ - ୧୦୦ ବର୍ଷ ପର୍ଯ୍ୟନ୍ତ କର୍ମ ଅନୁଷ୍ଠାନ କରି ଜୀବିତ ରହିବା ପାଇଁ ଇଚ୍ଛା କରିବା ଉଚିତ । ଅର୍ଥାତ୍ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କର୍ମ ଅନୁଷ୍ଠାନ କରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ । ଏହିପରି କରିବାଦ୍ୱାରା କର୍ମ ମନୁଷ୍ୟକୁ ଲିପ୍ତ କରେ ନାହିଁ ।

କର୍ମ ପ୍ରାଣର କାର୍ଯ୍ୟ ଅଟେ । କର୍ମ ତିନି ପ୍ରକାର - (୧) ଯେ ସବୁ କର୍ମ ଯାହାକୁ କରିବା ପାଇଁ ଆମେ ଅନ୍ୟକାହାରି ଦ୍ୱାରା ନିଯୁକ୍ତ ହୋଇଥାଉ । ଏ ପ୍ରକାର କର୍ମକୁ **ଅଧିକୃତ କର୍ମ** କୁହାଯାଏ । ଏ କର୍ମର ସମ୍ବନ୍ଧ କେବଳ ଆମ ସ୍ଥୂଳ ଶରୀର ସହିତ ଥାଏ । (୨) ଯେ ସବୁ କର୍ମ ଯାହାକି ଆମେ ପ୍ରକୃତିର ବ୍ୟବସ୍ଥା ଅନୁସାରେ କରିଥାଉଁ । ଏ ହାକୁ **ଧାର୍ମିକ କର୍ମ** କୁହା-ଯାଏ । ଏହାର ସମ୍ବନ୍ଧ ଆମ ସୂକ୍ଷ୍ମ ଶରୀର ସହିତ ରହିଛି । (୩) ଯେ ସବୁ କର୍ମ ଯାହାର ସମ୍ବନ୍ଧ ଆମର ଆତ୍ମାର ସ୍ୱରୂପ ସହିତ ଜଡ଼ିତ ଅଟେ । ଏହାକୁ **ଆତ୍ମୀୟ କର୍ମ କୁହାଯାଏ** । ଏହାର ସମ୍ବନ୍ଧ ଆମ କାରଣ ଶରୀର ସହିତ ରହିଛି ।

ଆମର ଅଧିକୃତ କର୍ମ ସମାଜଶାସ୍ତ୍ରୀ ଅଥବା ରାଜନୀତିଜ୍ଞମାନଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥାଏ । ଏହାର ପାଳନ ଆମକୁ ଯାବଜ୍ଜୀବନ କରିବା ଉଚିତ । ଏ ପ୍ରକାର କର୍ମର ଦାୟିତ୍ୱ ସେମାନଙ୍କ ଉପରେ ଥାଏ ଯେଉଁମାନେ ଉକ୍ତ କର୍ମ ଅନୁଷ୍ଠାନ କରିବା ପାଇଁ ଆଦେଶ ଦିଅନ୍ତି । ଯେଉଁମାନେ ଆଦେଶ ପାଳନ କରନ୍ତି ସେମାନଙ୍କ ପାଇଁ କର୍ମ ବନ୍ଧନର କାରଣ ବନେ ନାହିଁ । ଉଦାହରଣତଃ ଯଦି କୌଣସି ଜହ୍ଲାଦ ଶାସନର ଆଦେଶ ଅନୁସାରେ କାହାରିକୁ

ଫାଶୀ ଦେଇ ଦେଉଛି ତେବେ ତାକୁ ଉକ୍ତ ହତ୍ୟାର ଦୋଷ ଅଥବା ପାପ ଲାଗେ ନାହିଁ । କାରଣ ଉକ୍ତ ଜହ୍ଲାଦ ନିଜର ଅଧିକୃତ କର୍ମ ଅନୁଷ୍ଠାନ କରିଥାଏ । ଅଧିକୃତ କର୍ମ ଦୃଷ୍ଟିରୁ କେହି ବଡ଼ ନୁହେଁ କିମ୍ବା କେହି ଛୋଟ ନୁହେଁ । ସେଠାରେ କେବଳ ଗୋଟିଏ ମର୍ଯ୍ୟାଦା ରହିଛି ଯେ, ଯେଉଁଠି ଆମକୁ ଯେଉଁ କର୍ମ ପାଇଁ ନିଯୁକ୍ତି କରାଯାଇଛି ତାହାହିଁ ଆମର କରିବା ଉଚିତ । ନିଜ ମନ-ଇଚ୍ଛା କିଛି କରିବା ଉଚିତ ନୁହେଁ । ଉଦାହରଣତଃ ଯଦି ଜହ୍ଲାଦ ଶାସନର ଆଦେଶ ଅନୁସାରେ କାହାରିକୁ ଫାଶୀ ଦେବାକୁ ଯାଇ ଫାଶୀ ଦେବା ପୂର୍ବରୁ ଗୋଟିଏ ଚାପୁଡା ମାରିଦେବ ତେବେ ସେ ଦଣ୍ଡିତ ହୋଇପାରେ । କାରଣ ତାକୁ କେବଳ ଫାଶୀ ଦେବା ପାଇଁ ନିଯୁକ୍ତି କରାଯାଇଥିଲା ଅଥବା ଆଦେଶ ଦିଆ ଯାଇ ଥିଲା । ଅବଶ୍ୟ ଫାଶୀ ଦେବାପାଇଁ ତାକୁ କୌଣସି ପ୍ରକାର ଦଣ୍ଡ ଦିଆଯାଏ ନାହିଁ । ବର୍ଣ୍ଣବ୍ୟବସ୍ଥା ଏବଂ ଆଶ୍ରମ ବ୍ୟବସ୍ଥାର ଏହା ହିଁ ରହସ୍ୟ ଅଟେ । ଯେଉଁ କର୍ମ କରିବାକୁ ଆମକୁ ଶାସ୍ତ୍ର ଆଦେଶ ଦେଇଛି ଯଦି ସେହି କର୍ମ ଅନୁଷ୍ଠାନ କରୁଁ ତେବେ ଆମେ ଦଣ୍ଡ-ଭାଗୀ ବନିବୁ ନାହିଁ । ଏତିକି ନୁହେଁ; ଶସ୍ତ୍ରାଦେଶ ଅନୁସାରେ କର୍ମ କରୁଥିବା ବ୍ୟକ୍ତି କେହି ଛୋଟ ନୁହେଁ କିମ୍ବା ବଡ଼ ମଧ୍ୟ ନୁହେଁ ।

ଧାର୍ମିକ କର୍ମ :-

ଶାସ୍ତ୍ର ଦୃଷ୍ଟିରେ କର୍ମର ବିଭାଜନ ତିନି ପ୍ରକାର କରା ଯାଇଛି - ଶାସ୍ତ୍ର ସମ୍ମତ କର୍ମ, ଶାସ୍ତ୍ର ବିରୁଦ୍ଧ କର୍ମ ଏବଂ ଏ ପ୍ରକାର କର୍ମ ଯେଉଁ ବିଷୟରେ ଶାସ୍ତ୍ରରେ ବିଧାନ ନାହିଁ କିମ୍ବା ନିଷେଧ ମଧ୍ୟ ନାହିଁ । ଏଥି ମଧ୍ୟରୁ ଶାସ୍ତ୍ର ସମ୍ମତ କର୍ମ ମଧ୍ୟ ତିନି ପ୍ରକାର ଅଟେ - (୧) ବିଦ୍ୟା ସମୁଚ୍ଚିତ ନିଷ୍କାମ କର୍ମ, (୨) ବିଦ୍ୟା ସମୁଚ୍ଚିତ ପ୍ରବୃତ୍ତି କର୍ମ, ଏବଂ (୩) ବିଦ୍ୟା ନିରପେକ୍ଷ ପ୍ରବୃତ୍ତି କର୍ମ । ବିଦ୍ୟା ସମୁଚ୍ଚିତ ନିଷ୍କାମ କର୍ମ ତାକୁ କୁହାଯାଏ ଯାହା କି ବୁଦ୍ଧିର ସାଧନ ଅଟେ । ଉଦାହରଣତଃ ଧ୍ୟାନ, ଧାରଣା, ସମାଧି । ଏ ସବୁର ସମ୍ବନ୍ଧ ମନ-ପ୍ରଧାନ କାରଣ ଶରୀର ସହିତ ରହିଛି । ବିଦ୍ୟା ସମୁଚ୍ଚିତ ପ୍ରବୃତ୍ତି କର୍ମ ମଧ୍ୟ ତିନୋଟି ଅଟେ । ଯଥା - ଯଜ୍ଞ, ତପ ଓ ଦାନ । ଏହାର ଫଳ ସ୍ୱର୍ଗ ଅଟେ ଏବଂ ଏହାର ସମ୍ବନ୍ଧ ପ୍ରାଣ ପ୍ରଧାନ ସୂକ୍ଷ୍ମ ଶରୀର ସହିତ ରହିଛି । ବିଦ୍ୟା ନିରପେକ୍ଷ ପ୍ରବୃତ୍ତି କର୍ମ ମଧ୍ୟ ତିନୋଟି ଅଟେ । ଯଥା - ଇଷ୍ଟ, ଆପୂର୍ତ୍ତ ଓ ଦତ୍ତ । ଏ କର୍ମ ପିତୃଲୋକକୁ ନେଇଯାଏ । ଏଠାରେ ଏକଥା ମଧ୍ୟ ବୁଝିବା ଉଚିତ ଯେ ଯଜ୍ଞ ଶ୍ରୌତ କର୍ମ ଅଟେ, ଇଷ୍ଟ ସ୍ମାର୍ତ୍ତକର୍ମ ଅଟେ ଏବଂ ଆପୂର୍ତ୍ତ ଉଦ୍ୟାନ, କୂପ, ତଡ଼ାଗ, ମାର୍ଗ ନିର୍ମାଣ ରୂପକ ଲୋକ କଲ୍ୟାଣକାରି କର୍ମ ଅଟେ । ବିଦ୍ୱାନ୍‌ମାନଙ୍କୁ ଦିଆ ଯାଉଥିବା ଧନ ଦାନ ଅଟେ । ଦୁଃଖି-ରଙ୍କିମାନଙ୍କୁ ଦିଆ ଯାଉଥିବା ଧନ ଦତ୍ତ ଅଟେ । ଏସବୁ କର୍ମର ବାଜ୍ ପ୍ରଧାନ ସୂକ୍ଷ୍ମ

ଶରୀର ସହିତ ସମ୍ବନ୍ଧ ରହିଛି ।

ମୁକ୍ତି ସାଧକ କର୍ମ ଆତ୍ମୀୟ କର୍ମ କୋଟୀରେ ପରିଗଣିତ ହୋଇଥାଏ । ବିଦ୍ୟା ସମୁଜ୍ଜିତ ପ୍ରବୃତ୍ତି କର୍ମ ଏବଂ ବିଦ୍ୟା ନିରପେକ୍ଷ ପ୍ରବୃତ୍ତି ଧାର୍ମିକ କର୍ମ ଅଟେ । ଅବଶିଷ୍ଟ ସମସ୍ତ କର୍ମ ସମ୍ଭବତଃ ନିରର୍ଥକ ଅଟେ ଅଥବା ଶାସ୍ତ୍ର ବିରୁଦ୍ଧ ଅଟେ । ନିରର୍ଥକ କର୍ମକୁ ଅକର୍ମ କୁହା-ଯାଏ । ଯାହା କରିବା ଉଚିତ ନୁହେଁ ତାକୁ ଶାସ୍ତ୍ର ବିରୁଦ୍ଧ କର୍ମ କୁହାଯାଏ । ସେ ସବୁ କର୍ମ ପାପ ଓ ବନ୍ଧନର କାରଣ ଅଟେ ।

ଲୌକିକ କର୍ମର ନିର୍ଦ୍ଧାରଣ ରାଜନେତା ଅଥବା ସମାଜଶାସ୍ତ୍ରୀମାନେ କରନ୍ତି । ଧାର୍ମିକ କର୍ମର ନିର୍ଦ୍ଧାରଣ ଈଶ୍ୱର କରନ୍ତି । ରାଜନେତା ଅଥବା ସାମାଜିକ ବ୍ୟକ୍ତିମାନଙ୍କୁ ନେଇ 'ପଞ୍ଚ' ଗଠିତ ହୋଇଥାଏ । ସେହି ପଞ୍ଚ (ପଞ୍ଚାୟତ) କର୍ମ ନିର୍ଦ୍ଧାରଣ କରେ । ଏଣୁ ପଞ୍ଚକୁ ପରମେଶ୍ୱର କୁହାଯାଏ । ପଞ୍ଚ କର୍ମକୁ ବାହାରୁ ନିର୍ଦ୍ଧାରିତ କରେ ଏବଂ ଈଶ୍ୱର ଅନ୍ତଃକରଣରୁ ନିର୍ଦ୍ଧାରିତ କରନ୍ତି । ବାହାର ନିୟନ୍ତ୍ରଣ ବଦଳିଯାଇପାରେ କିନ୍ତୁ ଆନ୍ତରୀଣ ନିୟନ୍ତ୍ରଣ ଶାଶ୍ୱତ ରହେ । ଏହି ଶାଶ୍ୱତ ନିୟନ୍ତ୍ରଣକୁ ହିଁ ନିୟତି କୁହାଯାଏ । ଉଦାହରଣତଃ ପାଣି ନିମ୍ନଗାମୀ ହୋଇଥାଏ ଏବଂ ଅଗ୍ନି ଉର୍ଦ୍ଧଗାମୀ ଅଟେ । ଏହା ପାଣି ଓ ଅଗ୍ନିର ନିୟତି ଅଟେ, ଏବଂ ଏହା ଅଟଳ ଅଟେ ।

ଏ ପ୍ରସଙ୍ଗରେ ଏ କଥା ମଧ୍ୟ ବୁଝିନେବା ଆବଶ୍ୟକ ଯେ ଶ୍ରୁତି ଈଶ୍ୱରଙ୍କର ବଚନ ଅଟେ । ସ୍ମୃତି ସାମାଜିକ ପୁରୁଷମାନଙ୍କର ବାଣୀ । ଏଣୁ ଶ୍ରୌତ ଧର୍ମ ଶାଶ୍ୱତ ଅଟେ ଏବଂ ସ୍ମାର୍ତ୍ତ ଧର୍ମ ପରିବର୍ତ୍ତନଶୀଳ ଅଟେ । ସ୍ୱୟଂ ସ୍ମୃତି ମଧ୍ୟ ଏକଥା କହେ ଯେ ଭିନ୍ନ ଭିନ୍ନ ଯୁଗର ଧର୍ମ ତପ ଅଟେ । ତ୍ରେତା ଯୁଗର ଧର୍ମ ଜ୍ଞାନ ଅଟେ । ଦ୍ୱାପର ଯୁଗର ଧର୍ମ ଯଜ୍ଞ ଅଟେ ଏବଂ କଳି ଯୁଗର ଧର୍ମ ଦାନ ଅଟେ । -

ତପଃ ପରଂ କୃତ ଯୁଗେ ତ୍ରେତାୟାଂ ଜ୍ଞାନମୁଚ୍ୟତେ ।
ଦ୍ୱାପରେ ଯଜ୍ଞମେବାହୁର୍ଦାନମେକଂ କଲୌ ଯୁଗେ ।।

ଏହାର ଅର୍ଥ ହେଲା ଯେ ଶାଶ୍ୱତ ଧର୍ମର ପ୍ରତିପାଦନ ତ ଶ୍ରୁତିରେ ହୋଇଛି; କିନ୍ତୁ ଉକ୍ତ ଧର୍ମ ମଧ୍ୟରୁ କେଉଁ ଧର୍ମ ଅଧିକ ଉପଯୁକ୍ତ ତାହାର ବିବେଚନା ସ୍ମୃତିକାରମାନେ କର-ନ୍ତି । ଏ ଦୃଷ୍ଟିରୁ ଶ୍ରୌତ ଓ ସ୍ମାର୍ତ୍ତ ଧର୍ମ ସନାତନ ହେଲେ ହେଁ ଯୁଗାନୁକୂଳ ହୋଇ ରହିଥାଏ । ଏହା ହିଁ ବୈଦିକ ଧର୍ମର ବିଶେଷତା । ଯଦି ଆମେ ସେଥିରେ ଯୁଗାନୁରୂପ ପରିବର୍ତ୍ତନ ନ ଆଣୁ ତେବେ ସେହି ଧର୍ମ ଅବରୁଦ୍ଧ ଜଳାଶୟ ପରି ସଡ଼ି ଯିବ ।

ଆତ୍ମୀୟ କର୍ମ :-

ମାୟା ଈଶ୍ୱରଙ୍କ ଶକ୍ତି ଅଟେ । ଶକ୍ତି ଓ ଶକ୍ତିମାନ୍ ସର୍ବଦା ଅଭିନ୍ନ ଅଟନ୍ତି । ମାୟାର ହିଁ ଅନ୍ୟ ନାମ କର୍ମ ଅଟେ । ଯେଉଁ କର୍ମ ଆତ୍ମାର ସ୍ୱଭାବ ଅଟେ ତାକୁ **ଆତ୍ମୀୟକର୍ମ** କହନ୍ତି । ଅର୍ଥାତ୍ ଯାହା ଆତ୍ମାର ସ୍ୱଭାବ ଅଟେ ତାକୁ ଆତ୍ମୀୟ କର୍ମ କୁହାଯାଏ । ଆମ ମନରେ ଅନେକ ଇଚ୍ଛା ଉତ୍ପନ୍ନ ହୁଏ । ଆମେ ସେହି ଇଚ୍ଛାମାନଙ୍କ ଦ୍ୱାରା ପ୍ରେରିତ ହୋଇ କର୍ମ ଅନୁଷ୍ଠାନ କରି-ଥାଉଁ । ସେ ସବୁ କର୍ମ କିନ୍ତୁ ଆତ୍ମୀୟ କର୍ମ ନୁହେଁ । ଯଦି ଆମେ ମନର ଇଚ୍ଛା ଉପରେ ବୁଦ୍ଧିର ନିୟନ୍ତ୍ରଣ ରଖୁଁ ତେବେ କୃତ୍ରିମ ଇଚ୍ଛାସବୁ ବଳବାନ୍ ହେବାର ଅବସର ପାଇବେ ନାହିଁ । ଯେଉଁ ଇଚ୍ଛା ସହଜ ଅଟେ ସେଥିରେ ପ୍ରେରିତ ହୋଇ ଆମେ ଯେଉଁ କର୍ମ କରୁ ସେ କର୍ମ ବନ୍ଧନର କାରଣ ବନେ ନାହିଁ । ଗୋଟିଏ ଉଦାହରଣ ନିଆ ଯାଇ ପାରେ । ଭୋକ ଲାଗିଲେ ଖାଇବାର ଇଚ୍ଛା ସ୍ୱାଭାବିକ ଇଚ୍ଛା ଅଟେ । ତାହାକୁ ଈଶ୍ୱରେଚ୍ଛା କୁହାଯାଏ । ଏ ଇଚ୍ଛା ବନ୍ଧନର କାରଣ ହୋଇ ନ ପାରେ । କିନ୍ତୁ ଭୋକ ନ ଥିବା ବେଳେ ବି ଖାଇବାର ଇଚ୍ଛାକୁ ସ୍ୱାଭାବିକ ଇଚ୍ଛା କୁହା-ଯାଇ ନ ପାରେ । ଚଟ୍‌ପଟା ପଦାର୍ଥ ଦେଖି ଖାଇବାକୁ ଯେଉଁ ଇଚ୍ଛା ହୁଏ ତାକୁ ଜୀବର ଇଚ୍ଛା କୁହାଯାଏ । ଏହି ଜୀବେଚ୍ଛା ହିଁ ବନ୍ଧନର କାରଣ ଅଟେ; ଈଶ୍ୱରେଚ୍ଛା ନୁହେଁ । ବସ୍ତୁତଃ ଆତ୍ମୀୟ କର୍ମ ସ୍ୱୟଂ ଭଗବାନ୍ କୃଷ୍ଣ ମଧ୍ୟ କରୁଥିଲେ । ସେ ଗୀତାରେ କହିଛନ୍ତି କି - ମୋତେ ଏବେ କିଛି ବି ପ୍ରାପ୍ତବ୍ୟ ଅବଶିଷ୍ଟ ନାହିଁ । ତଥାପି ମୁଁ କର୍ମ କରୁଛି -

'ନାନବାପ୍ତମବାପ୍ତବ୍ୟଂ ବର୍ତ୍ତ ଏବ ଚ କର୍ମଣି' (ଗୀତା ୩.୨୨) ।।

ଏ କର୍ମମାନଙ୍କ ମଧ୍ୟରୁ ଅଧିକୃତକର୍ମ ଅନୁଷ୍ଠାନ କରିବା ଦ୍ୱାର ସମାଜବ୍ୟବସ୍ଥା ବନି ରହେ । ଧାର୍ମିକ-କର୍ମ କରିବା ଦ୍ୱାରା ଆନ୍ତରୀଜ ଶାନ୍ତି ବନି ରହେ । ଏବଂ ଆତ୍ମୀୟକର୍ମ କରିବା ଦ୍ୱାରା ମନ ଶୁଦ୍ଧ ହୋଇ ମୋକ୍ଷପ୍ରାପ୍ତି ହୁଏ । ଏ ତିନୋଟି ମଧ୍ୟରୁ କୌଣସି କର୍ମ ବନ୍ଧନର କାରଣ ହୁଏ ନାହିଁ । ଏଣୁ ଏ ସବୁ କର୍ମ ଯାବଜ୍ଜୀବନ କରିବା ଉଚିତ । ଯଦି ଆମେ ଅଧିକୃତ କର୍ମ ଅନୁ-ଷ୍ଠାନ ନ କରୁଁ ତେବେ ଅବ୍ୟବସ୍ଥା ହେବ ଏବଂ ଆମର ଅପଯଶ ମଧ୍ୟ ହେବ । ଧାର୍ମିକ କର୍ମମାନ ଛାଡ଼ିଦେଲେ ଆମ ମନ ଅଶାନ୍ତ ରହିବ । ଆତ୍ମୀୟ କର୍ମର ଅଭାବରେ ବାସନା ବଦ୍ଧମୂଳ ହୋଇ-ଯିବ । ଏଣୁ ଏ ତିନି ପ୍ରକାର କର୍ମ ସର୍ବଦା ଅନୁଷ୍ଠାନ କରିବା ଉଚିତ ।

ତୃତୀୟ ମନ୍ତ୍ରଃ :-

ଅସୂର୍ଯ୍ୟା ନାମ ତେ ଲୋକା ଅନ୍ଧେନ ତମସାବୃତାଃ ।
ତାଁସ୍ତେ ପ୍ରେତ୍ୟାପିଗଚ୍ଛନ୍ତି ଯେ କେ ଚାତ୍ମହନୋ ଜନାଃ ।।

ଅର୍ଥ - ଯେଉଁମାନେ ଆତ୍ମଘାତୀ ମନୁଷ୍ୟ ଅଟନ୍ତି ସେମାନେ ମୃତ୍ୟୁପରେ ସେପରି ଲୋକକୁ ଯାଆନ୍ତି ଯେଉଁଠାରେ ସବୁଆଡ଼େ ଘନ ଅନ୍ଧକାର ପରିବ୍ୟାପ୍ତ ଥାଏ । ସେଠାରେ ସୂର୍ଯ୍ୟଙ୍କ ପ୍ରକାଶ ନ ଥାଏ ଏବଂ ଉକ୍ତ ଲୋକରେ କେବଳ ଅସୁର(ରାକ୍ଷସ)ମାନେ ନିବାସ କରନ୍ତି ।

ପ୍ରଥମ ମନ୍ତ୍ରରେ ଜ୍ଞାନ ପ୍ରଧାନ ମନକୁ କେନ୍ଦ୍ରରେ ରଖାଯାଇଥିଲା ଏବଂ ଦ୍ୱିତୀୟ ମନ୍ତ୍ରରେ କର୍ମ ପ୍ରଧାନ ପ୍ରାଣକୁ କେନ୍ଦ୍ରରେ ରଖାଗଲା । ଏହି ତୃତୀୟ ମନ୍ତ୍ରରେ ଅର୍ଥ ପ୍ରଧାନ ଆବରଣକୁ କେନ୍ଦ୍ରରେ ରଖାଗଲା ।

ଆତ୍ମାର ତିନୋଟି ଘଟକ ତତ୍ତ୍ୱ ରହିଛି - ବାକ୍ ଅଥବା ସ୍ଥୂଳ ଶରୀର, ପ୍ରାଣ ଅଥବା ସୂକ୍ଷ୍ମ ଶରୀର ଏବଂ ମନ ଅଥବା କାରଣ ଶରୀର । ଏହି ତିନୋଟି ଶରୀରର ବିନାଶକୁ ଅଥବା ହତ୍ୟାକୁ ଆତ୍ମଘାତ କୁହାଯାଏ ।

ସ୍ଥୂଳଶରୀରର ବିନାଶ (ଅଥବା ହତ୍ୟା) -

ସାମାଜିକ ଅଥବା ରାଜନୈତିକ ଦୃଷ୍ଟିରୁ ଯେଉଁ ବ୍ୟକ୍ତି ସ୍ଥୂଳଶରୀରକୁ ହତ୍ୟାକରେ ତାକୁ କାରାବାସ (ଜେଲ) ଦଣ୍ଡ ଦିଆଯାଏ । ଜେଲ୍‌ର କୋଠରି ବହୁତ ଅନ୍ଧାର ହୋଇଥିବା ଯୋଗୁଁ "କଳା କୋଠରୀ" କୁହାଯାଏ ।

ଦୋଷ ତିନି ପ୍ରକାର ଅଟେ । ପ୍ରଥମ ଦୋଷ ଗ୍ରହଜନ୍ୟ ଅଟେ । ଗ୍ରହର ସ୍ଥିତି ଯେମିତି ହୋଇଥାଏ ମନୁଷ୍ୟର ସ୍ୱଭାବ ବି ସେମିତି ହୋଇଯାଏ । ଯଦ୍ୟପି ଆମେ ତାର ସ୍ୱଭାବ ପାଇଁ ତାକୁ ଦଣ୍ଡିତ କରୁ ତଥାପି ସେ ତାର ସ୍ୱଭାବ ଛାଡ଼ିପାରେ ନାହିଁ । ଏଣୁ ଗୀତାରେ କୁହାଯାଇଛି -

"ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି" ।

ଦ୍ୱିତୀୟ ପ୍ରକାର ଦୋଷ କୁସଂଗତିରୁ ଉତ୍ପନ୍ନ ହୁଏ । ତୃତୀୟ ପ୍ରକାର ଦୋଷ ମୁଗ୍ଧତା ବଶତଃ ହୋଇଯାଏ । ଯେମିତି କି ଅଜାଣତରେ ଆମ ଗୋଡ଼ କାହାରି ଦେହରେ ବାଜିଯାଏ । ଏପରି ଅଜାଣତରେ ଯେଉଁ ଅପରାଧ ହୋଇଯାଏ ତାର ଦଣ୍ଡ ଅବଶ୍ୟ କଠିନ ହୁଏ ନାହିଁ ।

ଯେଉଁ କଷ୍ଟ ଭୋଗିବାକୁ ପଡ଼େ ତାହା ସ୍ଥୂଳଶରୀରର କଷ୍ଟ ଅପେକ୍ଷା ଅତ୍ୟଧିକ ଭୟଙ୍କର; କାରଣ ତା'ଦ୍ୱାରା ପରଲୋକରେ ମଧ୍ୟ ସୁଖର ଆଶା ସମାପ୍ତ ହୋଇଯାଏ ।

କିନ୍ତୁ ସବୁଠାରୁ ଭୟାନକ ଦଣ୍ଡ କାରଣ ଶରୀରକୁ ଭୋଗିବାକୁ ପଡ଼େ । ବିଜ୍ଞାନ ଦୃଷ୍ଟିରୁ ଆତ୍ମଘାତର ଅର୍ଥ ହେଲା ଯେ ଆତ୍ମା ସର୍ବବ୍ୟାପକ ହେଲେ ହେଁ ତାଙ୍କୁ ଦେଖି ନ ପାରିବା । ଏସବୁ ମାୟାର ମହିମା । ଅସଂଜ୍ଞ ଜୀବ ସୃଷ୍ଟିରେ କେବଳ ବୈଶ୍ୱାନର ପ୍ରାଣ ବିଦ୍ୟମାନ ଥାଏ । ସେଥିରେ ତୈଜସ ପ୍ରାଣ ଅଭିବ୍ୟକ୍ତ ହୁଅନ୍ତି ନାହିଁ । ସେଥିରେ ତମୋଗୁଣର ଅଧିକତା ଥାଏ ଅତଏବ ସେଠାରେ ଆତ୍ମା ଅଧିକ ମାତ୍ରାରେ ହନନ ହୋଇଥାଏ । ସେଠାରେ ସର୍ବାଧିକ ଅନ୍ଧକାର ମଧ୍ୟ ରହିଛି - ଏକଥା ପ୍ରତ୍ୟକ୍ଷ ଗୋଚର ଅଟେ । ଅନ୍ତଃସଂଜ୍ଞ ପ୍ରାଣୀମାନଙ୍କ ଶରୀରରେ ତୈଜସ ଭାବ ମଧ୍ୟ ଜାଗୃତ ହୋଇଥାଏ । ଅତଏବ ସେମାନଙ୍କର ଆତ୍ମ-ହନନ ଭାବନା ମଧ୍ୟ ଅପେକ୍ଷାକୃତ କମ୍ ହୁଏ । ଏଣୁ ସେମାନଙ୍କ ଶରୀରରେ ଅନ୍ଧକାର ଅଂଶ ମଧ୍ୟ କମ୍ ଥାଏ । ତେବେ ବି ସେମାନଙ୍କର ତମୋଗୁଣର ଅଂଶ ଯଥେଷ୍ଟ ମାତ୍ରାରେ ଥାଏ । ସଂଜ୍ଞ ପ୍ରାଣୀମାନଙ୍କଠାରେ ଆତ୍ମାର ଜ୍ଞାନଜ୍ୟୋତି ଅଧିକ ପ୍ରକାଶିତ ହୋଇଥାଏ । କାରଣ ସେମାନଙ୍କଠାରେ ପ୍ରାଜ୍ଞ ପ୍ରାଣ ମଧ୍ୟ ବିକସିତ ହୋଇଥାଏ । ଏଣୁ ସେମାନଙ୍କଠାରେ ତମୋଗୁଣ ଅପେକ୍ଷା ରଜୋଗୁଣର ଅଂଶ ଅଧିକ ଥାଏ । ଅବଶ୍ୟ ସଂଜ୍ଞ ପ୍ରାଣୀମାନଙ୍କଠାରୁ ଦେବଯୋନିଜ ପ୍ରାଣୀମାନେ ଅଧିକ ଉତ୍କୃଷ୍ଟ ଅଟନ୍ତି; କାରଣ ସେମାନଙ୍କଠାରେ ସତ୍ତ୍ୱଗୁଣ ଅଧିକ ମାତ୍ରାରେ ଦେଖା ଯାଏ । ଏଣୁ ସେମାନଙ୍କଠାରେ ଅନ୍ଧକାରର ଅଂଶ ଅପେକ୍ଷାକୃତ ବହୁତ କମ୍ ଥାଏ । କିନ୍ତୁ ଯେପରି ପୂର୍ବରୁ କୁହାଯାଇଛି ଯେ ଅନ୍ଧକାରକୁ ସର୍ବଥା ଭେଦ କରି ପ୍ରକୃତିରୁ ଉର୍ଦ୍ଧକୁ ଯିବାର ସାମର୍ଥ୍ୟ କେବଳ ମନୁଷ୍ୟମାନଙ୍କର ରହିଛି । ଏଣୁ ଶାସ୍ତ୍ର ଉପଦେଶ ଦିଏ ଯେ ଆତ୍ମ-ହନନ କରନାହିଁ - ଏ ଉପଦେଶ ମନୁଷ୍ୟମାନଙ୍କ ପାଇଁ ଉଦ୍ଦିଷ୍ଟ । ମନୁଷ୍ୟେତର ପ୍ରାଣୀମାନେ କେବଳ ନିଜ ନିଜ ପ୍ରକୃତିର ଅନୁସରଣ କରି ଯେତିକି ଅନ୍ଧକାର ଅଥବା ପ୍ରକାଶରେ ଅବସ୍ଥାନ କରନ୍ତି ତାହା ସେମାନଙ୍କ ପାଇଁ ନିୟତିକୃତ ନିୟମ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଏହାକୁ ହିଁ ଜନ୍ମ-ମରଣ ଚକ୍ର କୁହାଯାଏ ।

ବେଦବିଜ୍ଞାନ ଦୃଷ୍ଟିରୁ ଏହି ଜନ୍ମ-ମରଣ ଚକ୍ରକୁ ହିଁ ଅନ୍ଧକାରମୟ ଅପୂରଲୋକ କୁହାଯାଏ ଯାହାକି ମାୟାର ଆବରଣ ଦ୍ୱାରା ଆବୃତ ହୋଇ ରହିଛି । ଯିଏ ଏହି ମାୟାର ଆବରଣକୁ ଭେଦ କରି ପାରିବ ସେ ଜନ୍ମମରଣାତ୍ମକ ଅନ୍ଧକାରମୟ ଚକ୍ରରୁ ମୁକ୍ତ ହୋଇ ଯାଇ ପାରିବ ।

ବସ୍ତୁତଃ ଦ୍ୱିତୀୟ ପ୍ରକାର ଦୋଷ ପାଇଁ ଶାସ୍ତ୍ରରେ ଦଣ୍ଡ ବିଧାନ ବିହିତ ହୋଇଛି ଯାହା ନିମ୍ନ ଲିଖିତ ପାଞ୍ଚୋଟି କାରଣରୁ ଉତ୍ପନ୍ନ ହୁଏ -

୧. ସୁରା ଅର୍ଥାତ୍ ମଦ୍ୟପାନ,

୨. ମନ୍ୟୁ ଅର୍ଥାତ୍ କ୍ରୋଧ,

୩. ବିତୀତକ ଅର୍ଥାତ୍ ଜୁଆ ଖେଳିବା,

୪. ଅତିତ୍ତି ଅର୍ଥାତ୍ ଅଜ୍ଞାନତା

୫. ଅତି ଜ୍ୟାୟାନ୍ ଜନୀୟସଃ- ଅର୍ଥାତ୍ ଏପରି କୌଣସି ବ୍ୟକ୍ତିଙ୍କ ପ୍ରତାଡନାରେ ଅନୁଚିତ କାର୍ଯ୍ୟ କରିବାକୁ ମନୁଷ୍ୟ ବାଧ୍ୟ ହୁଏ ଯାହାଦ୍ୱାରା ନିଜର ସ୍ୱାର୍ଥସିଦ୍ଧିର ସମ୍ଭାବନା ଥାଏ ।

ଏହି ପାଞ୍ଚୋଟି କାରଣରୁ କରାଯାଉଥିବା ଅପରାଧ ଯୋଗୁଁ ମଣିଷକୁ ଏପରି କାରାଦଣ୍ଡ ଭୋଗିବାକୁ ପଡ଼ିଥାଏ ଯେଉଁଠି କେବଳ ଅନ୍ଧାର ହିଁ ଅନ୍ଧାର ଥାଏ ।

ଅପରାଧୀକୁ ଅନ୍ଧକାର ପୂର୍ଣ୍ଣ କାରାଗୃହରେ ରଖିବାର ଅନ୍ୟତମ କାରଣ ଏହା ଯେ, ସେ ନିଜର ଆତ୍ମଜ୍ୟୋତିକୁ ତିରସ୍କାର କରିଥାଏ । ଏଣୁ ସେ ପ୍ରକାଶମୟ ଲୋକରେ ନିବାସ କରିବାକୁ ଯୋଗ୍ୟ ନୁହେଁ । ଜ୍ୟୋତି ମଧ୍ୟ ପାଞ୍ଚ ପ୍ରକାର ଅଟେ । ରାତ୍ରିରେ ଜ୍ୟୋତି ଚନ୍ଦ୍ରମା ଅଟେ । ଯେତେବେଳେ ଚନ୍ଦ୍ରମା ନ ରହିବ ସେତେବେଳେ ଅଗ୍ନି ଜ୍ୟୋତି ପ୍ରକାଶ ଦିଏ । ଅଗ୍ନିର ଅଭାବରେ ଜ୍ୟୋତି ବାକ୍ ଅଟେ । ଯଦି ବାକ୍ ଜ୍ୟୋତି ମଧ୍ୟ ପ୍ରକାଶ କରେ ନାହିଁ ତେବେ ଆତ୍ମଜ୍ୟୋତି ହିଁ ପ୍ରକାଶ ପ୍ରଦାନ କରେ । ଯଦି କୌଣସି ବ୍ୟକ୍ତି କୌଣସି ପ୍ରକାର ଅପରାଧ କାର୍ଯ୍ୟରେ ପ୍ରବୃତ୍ତ ହୁଏ ତେବେ ତାକୁ ତାର ଆତ୍ମଜ୍ୟୋତି ଉକ୍ତ ଅପରାଧ କାର୍ଯ୍ୟରୁ ନିବୃତ୍ତ କରେ । ଯଦି ସେ ଆତ୍ମଜ୍ୟୋତିକୁ ତିରସ୍କାର କରି ପାପ କାର୍ଯ୍ୟରେ ପ୍ରବୃତ୍ତ ହୁଏ ତେବେ ଫଳ ସ୍ୱରୂପ ସେ ଜ୍ୟୋତିର୍ମୟ ଲୋକରେ ନିବାସ କରିବାର ଅଧିକାରରୁ ବଞ୍ଚିତ ହୋଇଯାଏ । ତେଣୁ ସେପରି ଲୋକକୁ ଅନ୍ଧକାରଚ୍ଛନ୍ନ କାରାବାସ ଦଣ୍ଡ ମିଳେ ।

ଆତ୍ମହନନର ଅନ୍ୟଏକ ରୂପ ହେଲା ଆତ୍ମହତ୍ୟା । ଆତ୍ମହତ୍ୟା କରୁଥିବା ଲୋକକୁ ଆମେ ଦଣ୍ଡିତ କରିପାରିବୁ ନାହିଁ । କାରଣ ଦଣ୍ଡ ଭୋଗିବା ପାଇଁ ତାର ଶରୀର ଅବଶିଷ୍ଟ ରହି ନ ଥାଏ । ତଥାପି ତାକୁ ତାର ଅପରାଧର ଦଣ୍ଡ ଅବଶ୍ୟ ମିଳିଥାଏ । ତାର ସୂକ୍ଷ୍ମଶରୀର ଅନ୍ଧକାର ପୂର୍ଣ୍ଣ ଅର୍ଥାତ୍ ଅଜ୍ଞାନାଚ୍ଛନ୍ନ ଦୁଃଖପୂର୍ଣ୍ଣ ହୀନଯୋନିରେ ଜନ୍ମ ନେବାକୁ ପଡ଼େ ।

ଏହା ସ୍ଥୂଳଶରୀର ଓ ସୂକ୍ଷ୍ମଶରୀରର ଦଣ୍ଡ ବିଧାନ କଥା ହେଲା । ସ୍ଥୂଳଶରୀରର ଦଣ୍ଡ ବିଧାନ ଦ୍ୱାରା ସାମାଜିକ ବ୍ୟବସ୍ଥା ସ୍ଥିର ଉହେ । ଆତ୍ମହତ୍ୟା ରୂପକ ଦଣ୍ଡଦ୍ୱାରା ସୂକ୍ଷ୍ମ-ଶରୀରକୁ

ଚତୁର୍ଥ ମନ୍ତ୍ର :-

ଅନେଜଦେକଂ ମନସୋ ଜବୀୟୋ
ନୈନଦ୍ଦେବା ଆପ୍ନୁବନ୍ ପୂର୍ବମର୍ଷତ୍ ।
ତଦ୍ଧାବତୋଽନ୍ୟାନତ୍ୟେତି ତିଷ୍ଠତ୍
ତସ୍ମିନ୍ନପୋ ମାତରିଶ୍ୱା ଦଧାତି ।।

ତୃତୀୟ ମନ୍ତ୍ରରେ ଆମେ ଯେଉଁ ଅନ୍ଧକାର ଅଥବା ଆବରଣ ବିଷୟରେ ଚର୍ଚ୍ଚା କରିଛୁ ତାହାର ପ୍ରବର୍ତ୍ତକ ଶୁଦ୍ଧ ଅବ୍ୟୟ ହୋଇ ନ ପାରେ । ତେବେ ତାର ପ୍ରବର୍ତ୍ତକ କିଏ ? ଏହି ପ୍ରଶ୍ନର ଉତ୍ତରରେ ପ୍ରସ୍ତୁତ ମନ୍ତ୍ର କହେ ଯେ ସେହି ତତ୍ତ୍ୱ ନିଷ୍କାମ ଅଟେ ତଥାପି ତାହା ମନଠାରୁ ମଧ୍ୟ ଅଧିକ ବେଗବାନ୍ ଅଟେ । ସେହି ତତ୍ତ୍ୱ ସର୍ବତ୍ର ବ୍ୟାପ୍ତ ଅଟେ । ତାହା ସ୍ଥିର ହେଲେ ମଧ୍ୟ ସବୁ-କିଛି ଅତିକ୍ରମଣ କରିଯାଇ ପାରେ । ସେହି ତତ୍ତ୍ୱ ମଧ୍ୟରେ ଥାଇ ମାତରିଶ୍ୱା ଆପଃକୁ ଧାରଣ କରିଥାଏ । ଏଠାରେ ସେହି ତତ୍ତ୍ୱକୁ ଏକା ଧାରାରେ କମ୍ପରହିତ ଏବଂ ଗତିଶୀଳ କୁହାଯାଇଛି । ଅବ୍ୟୟ ପୁରୁଷଙ୍କଠାରେ ରସ ମଧ୍ୟ ରହିଛି ଏବଂ ବଳ ମଧ୍ୟ ରହିଛି । ତାଙ୍କଠାରେ ବିଦ୍ୟା ମଧ୍ୟ ରହିଛି ଏବଂ କର୍ମ ବି ରହିଛି । ତାହା ଅମୃତ ଓ ମୃତ୍ୟୁ ଉଭୟର ଆଧାର ଅଟେ । ବଳ ପରିବର୍ତ୍ତନଶୀଳ ଅଟେ ଏବଂ ରସ ଶାସ୍ୱତ ଅଟେ । ଜ୍ଞାନ ନିଷ୍କାମ ଅଟେ । ଏବଂ କର୍ମ ଗତିଶୀଳ ଅଟେ । ଏ ଉଭୟ ଗୋଟିଏ ପଛାରେ ସନ୍ନିବିଷ୍ଟ ଅଟନ୍ତି । ବେଦ ଜଗତ୍‌କୁ ମିଥ୍ୟା ବୋଲି ଗ୍ରହଣ କରେ ନାହିଁ କିନ୍ତୁ ନାମ ଓ ରୂପକୁ ସତ୍ୟ ବୋଲି ଗ୍ରହଣ କରେ - "*ନାମରୂପେ ସତ୍ୟମ୍*" । ଏହି-ପରି ଭାବରେ ଅବ୍ୟୟ ପୁରୁଷଙ୍କଠାରେ ନିଷ୍କମ୍ପତା ଓ ଗତିଶୀଳତା ଉଭୟ ବିଦ୍ୟମାନ ଅଟେ । ଆଗକୁ ଇଶୋପନିଷଦ୍‌ରେ ହିଁ ଏ କଥା ଆହୁରି ବିସ୍ତୃତଭାବେ ଆଲୋଚନା କରାଯାଇଛି । ଏଠାରେ କିନ୍ତୁ ଏତିକି ଜାଣିନେବା ଆବଶ୍ୟକ ଯେ ଯେଉଁଠାରେ ଜ୍ଞାନ ପ୍ରାଧାନ୍ୟ ରୂପେ ଅଭିବ୍ୟକ୍ତ ତାହା ହିଁ ବ୍ରହ୍ମ ଅଟେ; ଯେଉଁଠାରେ କର୍ମ ପ୍ରଧାନଭାବରେ ଅଭିବ୍ୟକ୍ତ ଅଟେ ତାହା ହିଁ ବିଶ୍ୱ ଅଟେ । କିନ୍ତୁ ବ୍ରହ୍ମ ଏବଂ ବିଶ୍ୱ ପରସ୍ପର ପୃଥକ୍ ନୁହେଁ । ଏହି ନିଷ୍କମ୍ପ ଏବଂ ଗତିଶୀଳ ତତ୍ତ୍ୱ ବିଷୟରେ ଏକଥା କହିବା ଉଚିତ ହେବ ଯେ ସେ ସର୍ବତ୍ର ବିଦ୍ୟମାନ ଅଛନ୍ତି ଏବଂ ସବୁସତ୍ୟରୁ ଉର୍ଦ୍ଧ୍ୱରେ ମଧ୍ୟ ଅବସ୍ଥାନ କରିଛନ୍ତି । କାରଣ ଯେ ସର୍ବବ୍ୟାପକ ଅଟନ୍ତି ସେ ସର୍ବାତୀତ (ସର୍ବାତି-କ୍ରାନ୍ତ) ମଧ୍ୟ ଅଟନ୍ତି ।

ଏହି ମନ୍ତ୍ରର ଚତୁର୍ଥ ପାଦରେ କୁହାଯାଇଛି କି ସେହି ପରମତତ୍ତ୍ୱ ମଧ୍ୟରେ ବିଦ୍ୟମାନ ଥାଇ ମାତରିଶ୍ୱା ଆପଃକୁ ଧାରଣ କରିଛନ୍ତି । ମାତରିଶ୍ୱାର ଅର୍ଥ **ପ୍ରତ୍ନବାୟୁ** । ଏହି ପ୍ରତ୍ନବାୟୁ ଯୋଗୁଁ ହିଁ ପରମାତ୍ମାଙ୍କଠାରେ କର୍ମ ଅର୍ଥାତ୍ ଗତି ଆବିର୍ଭୂତ ହୁଏ । ଏହି ପ୍ରତ୍ନବାୟୁରେ ଆପଃର ଅହୁତି ଦିଆଯାଇଥାଏ । ଏହା ହିଁ ପ୍ରଥମ ଯଜ୍ଞ । ଏଜଥାର ଷଷ୍ଠୀକରଣ ଆବଶ୍ୟକ ।

ବେଦରେ ପାଞ୍ଚୋଟି ଲୋକ ବିଷୟରେ ବର୍ଣ୍ଣନା ଦେଖିବାକୁ ମିଳେ । ଏହି ପାଞ୍ଚୋଟି ଲୋକ ମଧ୍ୟରୁ ପ୍ରଥମଲୋକକୁ ସ୍ୱୟଂଭୂଲୋକ କୁହାଯାଏ । ଏହି ସ୍ୱୟଂଭୂଲୋକଠାରୁ ପରମେଷ୍ଠୀ ଲୋକ ଉତ୍ପନ୍ନ ହୋଇଛି । ଏହି ପରମେଷ୍ଠୀ ଲୋକ ଆପୋମୟ (ଜଳମୟ) ଅଟେ । ଆପଃ ଦୁଇ ଭାଗରେ ବିଭକ୍ତ - ଭୃଗୁ ଏବଂ ଅଙ୍ଗିରା । ଏ ଦୁଇ ଜଣଙ୍କ ମଧ୍ୟରୁ ଭୃଗୁ ସ୍ନେହମୟ ଅଟେ । ଏହି ଭୃଗୁ ଘନରୂପରେ ଆପଃ ଅଟେ, ତରଳରୂପରେ ବାୟୁ ଅଟେ ଏବଂ ବିରଳ ରୂପରେ ସୋମ ଅଟେ । ଏମାନଙ୍କ ମଧ୍ୟରୁ ଭୃଗୁଙ୍କର ଯେଉଁ ତରଳ ରୂପ ବାୟୁ ଅଟେ ସେହି ବାୟୁ ଚାରିପ୍ରକାର ଅଟେ - (୧) **ପ୍ରାଣବାୟୁ** ଯାହାକି ଶ୍ୱାସ-ପ୍ରଶ୍ୱାସ ରୂପ ଅଟେ । (୨) **ପବମାନ-ବାୟୁ** ଯାହାକି ଜଳର ଅଂଶ ଅଟେ । (୩) **ମାତରିଶ୍ୱା-ବାୟୁ** ଯାହାକି ପିଣ୍ଡରେ ବ୍ୟାପ୍ତ ଥାଇ ପିଣ୍ଡର ରକ୍ଷା କରିଥାଏ । (୪) **ସବିତା-ବାୟୁ** ଯାହାକି ପ୍ରାଣବାୟୁକୁ ଗତିପ୍ରଦାନ କରେ । ଏମାନଙ୍କ ମଧ୍ୟରୁ ପ୍ରାଣବାୟୁ ପୂର୍ବ ଦିଗରେ, ମାତରିଶ୍ୱା ଦକ୍ଷିଣ ଦିଗରେ, ପବମାନ ପଶ୍ଚିମ ଦିଗରେ ଏବଂ ସବିତା ଉତ୍ତର ଦିଗରେ ବିଦ୍ୟମାନ ଅଛନ୍ତି ।।

ପୂର୍ବରୁ ଯେଉଁ ଚତୁର୍ବିଧ ବାୟୁ ବିଷୟରେ ଉଲ୍ଲେଖ କରା ଯାଇଛି ସେମାନଙ୍କ ମଧ୍ୟରୁ ପ୍ରାଣବାୟୁ, ପବମାନ ବାୟୁ ଏବଂ ସବିତାବାୟୁ ପିଣ୍ଡର ମହିମାମଣ୍ଡଳରେ ବିଦ୍ୟମାନ ଅଛନ୍ତି । କେବଳ ମାତରିଶ୍ୱା ପିଣ୍ଡ ଉପରେ ଅଧିଷ୍ଠିତ ଅଟେ । ସେହି ମାତରିଶ୍ୱା ନାମକ ବାୟୁ ଆପଃ (ଜଳ)ରେ ପ୍ରବିଷ୍ଟ ହୋଇ ସେହି ତରଳ ଆପଃକୁ ଘନୀଭୂତ କରିଦିଏ । ଏ ଦୃଷ୍ଟିରୁ ଦେଖିଲେ ମାତରିଶ୍ୱା ବାୟୁ ଯୋଗୁଁ ହିଁ ତରଳ ଆପଃ ଘନୀଭୂତ ପୃଥିବୀ ରୂପରେ ପରିଣତ ହୋଇଯାଏ । ମାତରିଶ୍ୱାର ଅନ୍ୟ ନାମ ବରାହ ଅଟେ । ଏହି ବରାହ ବାୟୁ ହିଁ ଆପଃ ମଧ୍ୟଗତ ହୋଇ ପିଣ୍ଡକୁ ଧାରଣ କରିଥାଏ । ଏଣୁ ପୁରାଣମାନଙ୍କରେ କୁହାଯାଇଛି ଯେ ବରାହ ଅବତାରରେ ବିଷ୍ଣୁ ପୃଥିବୀକୁ ଜଳ ମଧ୍ୟରୁ ଉଦ୍ଧାର କରିଥିଲେ ।

ଆମେ ଆଗରୁ ସ୍ଥିତି ଓ ଗତି ବିଷୟରେ ଚର୍ଚ୍ଚା କରିଛୁ । ଏ ଦୁଇଟି ପରସ୍ପର ଓତପ୍ରୋତ ଭାବେ ଜଡିତ ଅଟନ୍ତି । ଏବେ ନିମ୍ନୋକ୍ତ ତିନୋଟି ମନ୍ତ୍ରରେ ଏ ଦୁଇତତ୍ତ୍ୱର ପରସ୍ପର

ସମ୍ବନ୍ଧ ବିଷୟରେ ବିଚାର କରିବୁ । ପଞ୍ଚମ ମନ୍ତ୍ରରେ 'କର୍ମରେ ବ୍ରହ୍ମ ଅଧିଷ୍ଠିତ ଅଟନ୍ତି' ଏ ବିଷୟ ବିଚାର କରାଯିବ । ଷଷ୍ଠ ମନ୍ତ୍ରରେ ବ୍ରହ୍ମଙ୍କଠାରେ କର୍ମର ଅବସ୍ଥିତ କଥା ବିଚାର କରାଯିବ ଏବଂ ସପ୍ତମ ମନ୍ତ୍ରରେ 'ବ୍ରହ୍ମ ହିଁ କର୍ମ' ଏ କଥା କୁହାଯିବ ଅଟେ । ଏମାନଙ୍କ ମଧ୍ୟରୁ ପ୍ରଥମେ ପଞ୍ଚମ ମନ୍ତ୍ର ବିଚାରକୁ ନିଆଯାଉ :-

ପଞ୍ଚମ ମନ୍ତ୍ର :-

ତଦେଜତି ତନ୍ନୈଜତି ତଦ୍ଦୂରେ ତଦ୍ୱନ୍ତିକେ ।
ତଦନ୍ତରସ୍ୟ ସର୍ବସ୍ୟ ତଦୁ ସର୍ବସ୍ୟାସ୍ୟ ବାହ୍ୟତଃ ।।

ଏହି ମନ୍ତ୍ରରେ ବ୍ରହ୍ମ କର୍ମରେ ଅଧିଷ୍ଠିତ ଅଟନ୍ତି ବୋଲି ବର୍ଣ୍ଣନା କରାଯାଇଛି । ଅବ୍ୟୟ ପୁରୁଷଙ୍କର ଦୁଇଟି ପ୍ରଧାନ ବିବର୍ତ୍ତ ବିଷୟ ଅଟେ - **ବ୍ରହ୍ମ** ଏବଂ **କର୍ମ** । ଏ ଭିତରୁ ବ୍ରହ୍ମଙ୍କ ସମ୍ବନ୍ଧ ଆନନ୍ଦ, ବିଜ୍ଞାନ ଓ ମନ ସହିତ ସ୍ଥାପିତ ଅଟେ । କର୍ମର ସମ୍ବନ୍ଧ ମନ, ପ୍ରାଣ ଓ ବାକ୍ ସହିତ ବିଦ୍ୟମାନ ରହିଛି । ମନ-ପ୍ରାଣ-ବାକ୍‌କୁ ହିଁ ନାମ-ରୂପ-କର୍ମ କୁହାଯାଏ ।

ପ୍ରସ୍ତୁତ ପଞ୍ଚମ ମନ୍ତ୍ରରେ କର୍ମରେ ବ୍ରହ୍ମଙ୍କ ସ୍ଥିତି ବିଷୟ ବର୍ଣ୍ଣନ କରାଯାଇଛି । ବ୍ରହ୍ମ କାରଣ ଅଟନ୍ତି । ବିଶ୍ୱ କାର୍ଯ୍ୟ ଅଟେ । ବ୍ରହ୍ମ ଏବଂ ବିଶ୍ୱ ମଧ୍ୟରେ ବିଦ୍ୟମାନ ସମ୍ବନ୍ଧକୁ ଜାଣିବା ପାଇଁ ଏକଥା ମଧ୍ୟ ଜାଣିବା ଆବଶ୍ୟକ ଯେ ସମ୍ବନ୍ଧ ଅଷ୍ଟାଦଶ (ଅଠର) ପ୍ରକାର ଅଟେ ।

(୧) **ହେତୁ ସମ୍ବନ୍ଧ** : ଦୀପ ଶଳାକା ଦ୍ୱାରା ମଧ୍ୟ ଦୀପ ପ୍ରଜ୍ୱଳିତ ହୋଇଥାଏ । ସେ କ୍ଷେତ୍ରରେ ଦୀପଶଳାକା କାରଣ ଅଟେ ଏବଂ ଦୀପଶିଖା କାର୍ଯ୍ୟ ଅଟେ । ଏ ଦୁଇଟି ମଧ୍ୟରେ ବିଦ୍ୟମାନ ସମ୍ବନ୍ଧକୁ ହେତୁସମ୍ବନ୍ଧ କହନ୍ତି । ଯଦ୍ୟପି ଦୀପ ଶଳାକା ଦୀପଜ୍ୱାଳାର ସାଧନ ଅଟେ ତଥାପି ସ୍ୱୟଂ ଦୀପଶଳାକା ଦୀପ ଜ୍ୱାଳାରେ ପରିଣତ ହୋଇଯାଏ ନାହିଁ ।

(୨) **ନିମିତ୍ତ ସମ୍ବନ୍ଧ**: ବାୟୁ ଦ୍ୱାରା ଗଛପତ୍ର କମ୍ପିତ ହୋଇଥାଏ, ଅଥବା ମେଘରେ ଗତି ଦେଖାଯାଏ । ଏ କ୍ଷେତ୍ରରେ ବାୟୁ କମ୍ପନର ଅଥବା ଗତିର କାରଣ ଅଟେ ଏବଂ ପ୍ରେରଣା (କମ୍ପନ ଓ ଗତି) କାର୍ଯ୍ୟ ଅଟେ । ଏ ଦୁଇଟି ମଧ୍ୟରେ ବିଦ୍ୟମାନ ସମ୍ବନ୍ଧକୁ ନିମିତ୍ତ ସମ୍ବନ୍ଧ କହନ୍ତି ।

(୩) ପ୍ରକୃତି ସମ୍ବନ୍ଧ: ପକ୍ଷୀ ଉଡ଼ିପାରେ । ସାପ ଦଂଶନ କରିପାରେ । ମୃଗଶିଶୁ ଡ଼ିଆଁ ମାରି ପାରେ । ଫୁଲରୁ ସୁଗନ୍ଧ ବାହାରେ । ଏ କ୍ଷେତ୍ରରେ କାର୍ଯ୍ୟ ଓ କାରଣ ଭିତରେ ବିଦ୍ୟମାନ ସମ୍ବନ୍ଧକୁ ପ୍ରକୃତି ସମ୍ବନ୍ଧ କୁହାଯାଇଥାଏ ।

(୪) ଯୋନି ସମ୍ବନ୍ଧ: ଆମେ ଯେତେବେଳେ ଆମ ବାକ୍‌ଯନ୍ତ୍ର (ମୁଖ) ଦ୍ୱାରା କୌଣସି ଶବ୍ଦ ଉଚ୍ଚାରଣ କରୁ ତେବେ ସେହି ଶବ୍ଦରୁ ଏକ ପ୍ରକାର ତରଙ୍ଗ ଉତ୍ପନ୍ନ ହୁଏ । ସେହି ତରଙ୍ଗରୁ ଦ୍ୱିତୀୟ ତରଙ୍ଗ, ଦ୍ୱିତୀୟ ତରଙ୍ଗରୁ ତୃତୀୟ ତରଙ୍ଗ, ଚତୁର୍ଥ ତରଙ୍ଗ ଏହିପରି ଭାବେ ଅନନ୍ତ ତରଙ୍ଗ ଉତ୍ପନ୍ନ ହୁଏ । ଏ କ୍ଷେତ୍ରରେ ପ୍ରଥମ ତରଙ୍ଗରୁ ଦ୍ୱିତୀୟ ତରଙ୍ଗ, ଦ୍ୱିତୀୟରୁ ତୃତୀୟ ଏହି ପ୍ରକାର ଉତ୍ପନ୍ନ ତରଙ୍ଗର ପୂର୍ବ ତରଙ୍ଗ ଯୋନି ଅଟେ । ଏହାକୁ ଯୋନି ସମ୍ବନ୍ଧ କୁହାଯାଏ ।

(୫) ପ୍ରାରବ୍ଧ ସମ୍ବନ୍ଧ:ଆମେ ପ୍ରଥମ ପାଠରେ ଏକଥା ଚର୍ଚ୍ଚା କରିଛୁ ଯେ ଖାଦ୍ୟରସରୁ ରକ୍ତ, ରକ୍ତରୁ ମାଂସ ଇତ୍ୟାଦି କ୍ରମରେ ଶରୀରର ସାତୋଟି ଅଙ୍ଗ ନିର୍ମିତ ହୋଇଥାଏ । ଏଠାରେ ରସ ରକ୍ତର, ରକ୍ତ ମାଂସର କାରଣ ଅଟେ । ଏହି କାର୍ଯ୍ୟ-କାରଣ ଭିତରେ ବିଦ୍ୟମାନ ସମ୍ବନ୍ଧକୁ ପ୍ରାରବ୍ଧ ସମ୍ବନ୍ଧ କୁହା ଯାଏ ।

(୬) ଉଦ୍‌ଭବ ସମ୍ବନ୍ଧ: ତିଳରୁ ତୈଳ, ହିମାଳୟରୁ ଗଙ୍ଗା, ଦୁଧରୁ ଘିଅ ଉତ୍ପନ୍ନ ହୁଏ । ଏ କ୍ଷେତ୍ରରେ ଏକଥା ପ୍ରତି ଧ୍ୟାନ ଦେବା ଆବଶ୍ୟକ ଯେ ତିଳରେ ତୈଳ ଆଗରୁ ବିଦ୍ୟମାନ ଥାଏ । କେବଳ ତିଳର ଘନ ଅଂଶ ଦ୍ୱାରା ତୈଳ ଅଂଶ ଆବୃତ୍ତ ଥାଏ । ସଂପୀଡ଼ିନ ଦ୍ୱାରା ଘନ ଅଂଶରୁ ତୈଳ ନିଃସୃତ ହୋଇ ଥାଏ । ଏହିପରି ଭାବରେ ତିଳରୁ ତୈଳର ଉଦ୍‌ଭବ ବୋଲି ଉଭୟ ଭିତରେ ବିଦ୍ୟମାନ ସମ୍ବନ୍ଧକୁ ଉଦ୍‌ଭବ ସମ୍ବନ୍ଧ କୁହାଯାଏ । ସାଂଖ୍ୟ ଦର୍ଶନରେ ଏହାକୁ ସତ୍‌କାର୍ଯ୍ୟବାଦ ବୋଲି କୁହାଯାଏ ।

(୭)ସାନ୍ତାନିକ ସମ୍ବନ୍ଧ: ଭୂମିରୁ ଅଙ୍କୁରୋଦ୍‌ଗମ ହୋଇଥାଏ । ପୁରୁଷଠାରୁ ସନ୍ତାନ ଉତ୍ପନ୍ନ ହୁଏ । ବୁଢ଼ିଆଣିଠାରୁ ଜାଲ ନିର୍ମିତ ହୋଇଥାଏ । ଏଠାରେ ଏହା ବୁଝିବା ଆବଶ୍ୟକ ଯେ ଭୂମିର ଏକ ଅଂଶରୁ ଅଙ୍କୁର ଉତ୍ପନ୍ନ ହୁଏ ସମଗ୍ର ଭୂମି

ଅଙ୍କୁର ରୂପରେ ପରିଣତ ହୋଇଯାଏ ନାହିଁ କିନ୍ତୁ ଭୂମିର କିଞ୍ଚିତ୍ ଅଂଶ ମାତ୍ର ଅଙ୍କୁର ରୂପରେ ରୂପାୟିତ ହୋଇଥାଏ । ଏ ପ୍ରକାର ସମ୍ବନ୍ଧକୁ ସାନ୍ତାନିକ ସମ୍ବନ୍ଧ କୁହାଯାଏ ।

(୮) ବିବର୍ତ୍ତ ସମ୍ବନ୍ଧ: ସମୁଦ୍ରରୁ ଲହଡ଼ି (ତରଙ୍ଗ) ଉତ୍ପନ୍ନ ହୁଏ । ଲହଡ଼ି ସମୁଦ୍ରଠାରୁ ବସ୍ତୁତଃ ଭିନ୍ନ ନୁହେଁ । ଅତଏବ ସମୁଦ୍ର ଓ ଲହଡ଼ି ମଧ୍ୟରେ ବିଦ୍ୟମାନ ସମ୍ବନ୍ଧକୁ ବିବର୍ତ୍ତ ସମ୍ବନ୍ଧ କୁହାଯାଏ । ଏହାକୁ ଦାର୍ଶନିକମାନେ ବିବର୍ତ୍ତ ବାଦ କହନ୍ତି । ବ୍ରହ୍ମାଣ୍ଡ ବ୍ରହ୍ମଙ୍କ ବିବର୍ତ୍ତ ରୂପ ଅଟେ ।

(୯) ବୈକଳ୍ପିକ ସମ୍ବନ୍ଧ: ପୃଥିବୀ ସୂର୍ଯ୍ୟଙ୍କ ଚତୁର୍ପାର୍ଶ୍ୱରେ ପରିକ୍ରମା କରେ । ଯେଉଁ ମାର୍ଗରେ ପୃଥିବୀ ଏହି ପରିକ୍ରମା କରେ ତାହାର ନାମ କ୍ରାନ୍ତିବୃତ୍ତ ଅଟେ । ଏ କ୍ଷେତ୍ରରେ ଆକାଶରେ ବସ୍ତୁତଃ କୌଣସି ନିର୍ମାଣ କରାଯାଇନି । କେବଳ ମାର୍ଗର କଳ୍ପନା ମାତ୍ର କରାଯାଇଛି ।

(୧୦) ଔଚ୍ଛିକ ସମ୍ବନ୍ଧ: ଆମେ ଆମ ମନୋରାଜ୍ୟରେ ଯେଉଁ କାଳ୍ପନିକ ଜଗତ୍‌ର ନିର୍ମାଣ କରି ଥାଉଁ, ସେଥିରେ ମନ ଇଚ୍ଛାରେ ଅନେକ ପ୍ରକାର କାର୍ଯ୍ୟ-କାରଣ ରୂପକ ସମ୍ବନ୍ଧ ସ୍ଥାପିତ କରିଥାଉ । ଏହି ସବୁ ସମ୍ବନ୍ଧକୁ ଔଚ୍ଛିକ ସମ୍ବନ୍ଧ କୁହାଯାଏ ।

(୧୧) ଔପପାଦିକ ସମ୍ବନ୍ଧ: ବୃକ୍ଷରେ ଫୁଲ ଫଳ ଆଦି ହୁଏ । ଲୁହାରେ କଳଙ୍କ ଲାଗିଯାଏ । ଶରୀରରେ କେଶ ଲୋମ ଆଦି ଉତ୍ପନ୍ନ ହୁଏ । ଏସବୁ ପଦାର୍ଥମାନ ଔପପାଦିକ ସମ୍ବନ୍ଧ ମଧ୍ୟରେ ଗଣା ଯାଆନ୍ତି ।

(୧୨) ପରିଣାମୀ ସମ୍ବନ୍ଧ: ତେଲ ଦ୍ୱାରା ଅଗ୍ନିଜ୍ୱାଳାରେ ପରିଣତ ହୁଏ । ଅଙ୍ଗାର ଭସ୍ମରେ ପରି-ଣତ ହୋଇଥାଏ । ଏ ସବୁକୁ ପରିଣାମୀ ସମ୍ବନ୍ଧ କୁହାଯାଏ ଯେଉଁଠାରେ କାରଣ କାର୍ଯ୍ୟରୂପରେ ପରିଣତ ହୋଇଯାଏ ।

(୧୩) ରସବାହୀ ସମ୍ବନ୍ଧ: ପାଣି ଦ୍ୱାରା ଔଷଧ ବନାଯାଏ । ଔଷଧିଦ୍ୱାରା ଶକ୍ତି, ସାମର୍ଥ୍ୟ ଅଥବା ବୀର୍ଯ୍ୟ ଉତ୍ପନ୍ନ ହୁଏ । ଏହାକୁ ରସବାହୀ ସମ୍ବନ୍ଧ କୁହାଯାଏ ।

(୧୪) ସଂଯୋଗିକ ସମ୍ବନ୍ଧ: ଯବ, ଗୁଡ଼ ଆଦିରୁ ମଦ୍ୟ ଉତ୍ପନ୍ନ ହୁଏ । ଏ ପ୍ରକାର କାର୍ଯ୍ୟ-କାରଣ ଭାବ କ୍ଷେତ୍ରରେ ସଂଯୋଗିକ ସମବାୟୀ ସମ୍ବନ୍ଧ ଥାଏ ।

(୧୫) ଉପାଦାନ ସମ୍ବନ୍ଧ: ମାଟିରୁ ମାଠିଆ ନିର୍ମିତ ହୁଏ । ତନ୍ତୁରୁ ବସ୍ତ୍ର ନିର୍ମିତ ହୁଏ । ଏ ପ୍ରକାର କ୍ଷେତ୍ରରେ ଉପାଦାନ ସମ୍ବନ୍ଧ ଥାଏ ।

(୧୬) **ସାଂକ୍ରାମିକ ସମ୍ବନ୍ଧ:** ନିଆଁ ଦ୍ୱାରା ପାଣି ଗରମ ହୋଇଥାଏ । ସୁନା ତରଳି ଯାଏ । ଏ ସବୁ କ୍ଷେତ୍ରରେ ସାଂକ୍ରାମିକ ସମ୍ବନ୍ଧ ଥାଏ ।

(୧୭) **ଆକ୍ରମିକ ସଂଚାରୀ ସମ୍ବନ୍ଧ:** ଜବା କୁସୁମ(ମେନ୍ଦାର ଫୁଲ)ର ପ୍ରତିବିମ୍ବ ଯୋଗୁଁ ସ୍ୱଚ୍ଛ ସ୍ଫଟିକ ମଣି ମଧ୍ୟ ଲାଲ ରଙ୍ଗରେ ରଂଜିତ ହୋଇଥିବା ଭଳି ପ୍ରତୀତ ହୁଏ । ଏହା ଆକ୍ରମିକ ସଂଚାରୀ ସମ୍ବନ୍ଧ ଯୋଗୁଁ ହୋଇଥାଏ ।

(୧୮) **ଉପାଦାନ କାରଣ:** ଏ ସମ୍ବନ୍ଧ ବିଷୟରେ ଆମେ ଆଗରୁ ବିଚାର କରିଛୁ । ଏ ସମ୍ବନ୍ଧ ଅନେକ ପ୍ରକାର ଅଟେ ଏବଂ ପ୍ରତ୍ୟେକ ସମ୍ବନ୍ଧର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ମଧ୍ୟ ରହିଛି । ଉଦାହରଣତଃ ନିମ୍ନଲିଖିତ ପାଞ୍ଚୋଟି ପରିସ୍ଥିତିରେ ଉପାଦାନ କାରଣ-ସମ୍ବନ୍ଧ ଦେଖାଯାଇ ପାରେ ।

(କ) ବୁଢ଼ିଆଣି ଜାଲ ତିଆରି କରେ । କିନ୍ତୁ ଜାଲ ବୁଣିସାରିବା ପରେ ବୁଢ଼ି-ଆଣିଠାରୁ ଜାଲ ଅଲଗା ରହେ । ଏହାକୁ ପ୍ରଭବ-ଆନାଲମ୍ବନତ୍ୱ କୁହାଯାଏ । ଜାଲଠାରୁ ମଧ୍ୟ ବୁଢ଼ିଆଣି ଅଲଗା ରହେ । ଏହାକୁ ପ୍ରଭବ-ପୃଥକଚରତ୍ୱ କୁହାଯାଏ । ଶେଷରେ ଜାଲକୁ ବୁଢ଼ିଆଣି ଖାଇଯାଏ । ଏହାକୁ ପ୍ରଭବ-ବିଲୀନତ୍ୱ କୁହାଯାଏ ।

(ଖ) ପୁରୁଷ ଶରୀରରେ କେଶ୍ ଲୋମ ଆଦି ଉତ୍ପନ୍ନ ହୁଏ । ସେ ସବୁ ପୁରୁଷ ଶରୀରଠାରୁ ଆଲଗା ହୋଇଯାଇ ପାରେ କିନ୍ତୁ ପୁରୁଷ ଶରୀରରେ ବିଲୟ ହୁଏ ନାହିଁ । ଏପରି ଭାବରେ ଦେଖିଲେ ସେଥିରେ ପ୍ରଭବ-ଆଲମ୍ବନତ୍ୱ ଏବଂ ପ୍ରଭବ-ପୃଥକ୍‌ଚରତ୍ୱ ତ ଥାଏ କିନ୍ତୁ ପ୍ରଭବ-ବିଲୀନତ୍ୱ ନାହିଁ ।

(ଗ) ପୃଥିବୀଠାରୁ ସମସ୍ତପ୍ରକାର ଔଷଧି ଉତ୍ପନ୍ନ ହୋଇଥାଏ । ସେ ସବୁଥିରେ ପ୍ରଭବ-ଆଲମ୍ବନତ୍ୱ ଥାଏ । ଔଷଧି-ବନସ୍ପତି ପୃଥିବୀରୁ ଉତ୍ପନ୍ନ ହୋଇ ଉପରକୁ ବଢ଼ିଥାଆନ୍ତି ଏଣୁ ସେଥିରେ ପ୍ରଭବ-ପୃଥକ୍‌ଚରତ୍ୱ ମଧ୍ୟ ଥାଏ । ସେ ସବୁ ପୃଥିବୀରେ ମଧ୍ୟ ଲୟପ୍ରାପ୍ତ ହୋଇଥାଆନ୍ତି । ଏଣୁ ସେ ସବୁ ପ୍ରଭବ-ବିଲୀନ ମଧ୍ୟ ଅଟନ୍ତି । ଆଗରୁ ପ୍ରଭବ-ବିଲୀନତ୍ୱ ପ୍ରସଙ୍ଗରେ ବୁଢ଼ିଆଣି ଜାଲ ବିଷୟରେ ଯାହା କୁହାଯାଇଛି ସେଥିରୁ

ଏହାର ଭେଦ ଏତିକି ଯେ ବୁଦ୍ଧିଆଣି ଜୀଲ ତା ଶରୀରରେ ବିଲୀନ ହୋଇପାରେ ଅଥବା ହୋଇ ନ ପାରେ କିନ୍ତୁ ବୃକ୍ଷଲତା ବନସ୍ପତି ପୃଥିବୀ ଶରୀରରୁ ଉତ୍ପନ୍ନ ହୋଇ ସେଥିରେ ଅବଶ୍ୟ ବିଲୀନ ହୋଇ ଥାଆନ୍ତି ।

(ଘ) ପିତାଠାରୁ ପୁତ୍ର ଉତ୍ପନ୍ନ ହୁଏ କିନ୍ତୁ ପିତାଠାରେ ପୁତ୍ର ଆଲମ୍ବିତ ରହେ ନାହିଁ କିମ୍ବା ପୁତ୍ର ପିତାଠାରେ ବିଲୀନ ମଧ୍ୟ ହୋଇଯାଏ ନାହିଁ । ପୁତ୍ର ସ୍ୱତନ୍ତ୍ର ଭାବେ ରହିପାରେ ।

(ଙ) ମାଟିରୁ (ଘଟ) କଳସ ନିର୍ମାଣ ହୁଏ । ଘଟ ସବୁବେଳ ପାଇଁ ମାଟି ଉପରେ ଆଲମ୍ବିତ ରହିଥାଏ । ମାଟିରେ ଘଟ ବିଲୀନ ହୋଇଥାଏ ଏବଂ ମାଟିଠାରୁ ଘଟର ପୃଥକ୍ ସତ୍ତା ନାହିଁ । ସେହି ପରି ଅଗ୍ନିରୁ ଫୁଲିଙ୍ଗ ଉତ୍ପନ୍ନ ହୁଏ । ଫୁଲିଙ୍ଗ ସ୍ୱତନ୍ତ୍ର ଭାବେ ରହିପାରେ ଅଗ୍ନି ସହିତ ମଧ୍ୟ ରହିପାରେ । ତାହାର ବିଲୟ ଅଗ୍ନିରେ ହେବା ସମ୍ଭବ । ଅଗ୍ନି ବ୍ୟତିରିକ୍ତଭାବେ ତାର ବିଲୀନ ହେବା ମଧ୍ୟ ସମ୍ଭବ ଅଟେ ।

ଉପର୍ଯୁକ୍ତ ସମସ୍ତ ଉଦାହରଣରୁ ଏକଥା ସ୍ପଷ୍ଟ ହେଉଛି ଯେ କାର୍ଯ୍ୟ-କାରଣ ମଧ୍ୟରେ ଅନେକ ପ୍ରକାର ସମ୍ବନ୍ଧ ଥାଏ । ଏହି ସବୁ ସମ୍ବନ୍ଧର ବିବିଧତା ଏବଂ ବିଚିତ୍ରତା ଯୋଗୁଁ ସୃଷ୍ଟିରେ ବିବିଧତା ଓ ବୈଚିତ୍ର୍ୟ ଦେଖିବାକୁ ମିଳେ । ପ୍ରକୃତ ପ୍ରସଙ୍ଗରେ ଆମର କେବଳ ଛଅଗୋଟି ସମ୍ବନ୍ଧ ଅଭିପ୍ରେତ ଅଟେ । ତାହା ନିମ୍ନଲିଖିତ କ୍ରମରେ ଦର୍ଶାଯାଇପାରେ

(୧) ଘଟ ମାଟିରେ ଥାଏ	କାରଣରେ କାର୍ଯ୍ୟ
(୨) ମାଟି ଘଟରେ ଥାଏ	କାର୍ଯ୍ୟରେ କାରଣ
(୩) ଘଟ ଭିନ୍ନ ଏବଂ ମାଟି ମଧ୍ୟ ଭିନ୍ନ ଭାବେ ଥାଏ	କାର୍ଯ୍ୟ-କାରଣ ପରସ୍ପର ଭିନ୍ନ
(୪) ମାଟି ହିଁ ଘଟ ଅଟେ	କାରଣ ହିଁ କାର୍ଯ୍ୟ
(୫) ଘଟ ମାଟିଠାରୁ ଆଭିନ୍ନ ଅଟେ	କାର୍ଯ୍ୟ କାରଣଠାରୁ ଅଭିନ୍ନ
(୬) ମାଟିରେ ଘଟ ଅଧ୍ୟସ୍ତ ଅଟେ	କାରଣରେ କାର୍ଯ୍ୟ ଅଧ୍ୟସ୍ତ ଅଟେ ।

ଏହି ଦୃଷ୍ଟିରୁ ବ୍ରହ୍ମ ଏବଂ ଜଗତ୍‌ର ସତ୍ତାକୁ ନେଇ ବିଚାର କଲେ ବ୍ରହ୍ମ ଓ କର୍ମ ବିଷୟକ ସମ୍ବନ୍ଧର ବିବିଧତା ନିମ୍ନ ତାଲିକାରୁ ଜାଣିବା ସମ୍ଭବ ହେବ ।।

(୧) ବ୍ରହ୍ମ କର୍ମସ୍ଥ	କାରଣ କାର୍ଯ୍ୟସ୍ଥ
(୨) କର୍ମ ବ୍ରହ୍ମସ୍ଥ	କାର୍ଯ୍ୟ କାରଣସ୍ଥ
(୩) ବ୍ରହ୍ମ ଓ କର୍ମ ଭିନ୍ନ	କାରଣ ଓ କାର୍ଯ୍ୟ ଭିନ୍ନ
(୪) ବ୍ରହ୍ମ ହିଁ କର୍ମ	କାରଣ ହିଁ କାର୍ଯ୍ୟ
(୫) ବ୍ରହ୍ମ କର୍ମଠାରୁ ପୃଥକ୍	କାରଣ କାର୍ଯ୍ୟଠାରୁ ପୃଥକ୍ ଅଟେ କିନ୍ତୁ କାର୍ଯ୍ୟ
କିନ୍ତୁ କର୍ମ ବ୍ରହ୍ମଠାରୁ ଅପୃଥକ୍	କାରଣଠାରୁ ପୃଥକ୍ ନୁହେଁ ।
(୬) ବ୍ରହ୍ମଙ୍କଠାରେ କର୍ମ ଭାସିତ ହୋଇଥାଏ	କାରଣରେ କାର୍ଯ୍ୟ ଭାସିତ ହୁଏ ।

ଏହି ଛଅଟି ସମ୍ବନ୍ଧମାନଙ୍କ ମଧ୍ୟରୁ ପ୍ରଥମ ସମ୍ବନ୍ଧର ନିରୂପଣ ଆଗାମୀ ଷଷ୍ଠ ମନ୍ତ୍ରରେ, ଦ୍ୱିତୀୟ ସମ୍ବନ୍ଧର ନିରୂପଣ ସପ୍ତମ ମନ୍ତ୍ରରେ ତଥାଚ ଚତୁର୍ଥ ସମ୍ବନ୍ଧର ନିରୂପଣ ଅଷ୍ଟମ ମନ୍ତ୍ରରେ କରାଯିବ । କାରଣ ଉକ୍ତ ଛଅଟି ସମ୍ବନ୍ଧମାନଙ୍କ ମଧ୍ୟରୁ ଏହି ତିନୋଟି ସମ୍ବନ୍ଧ ହିଁ ମୁଖ୍ୟ ଅଟେ ।।

ଏତିକି ଭୂମିକା ଦେବାପରେ ଏବେ ପଞ୍ଚମ ମନ୍ତ୍ରର ଶବ୍ଦାର୍ଥ ବର୍ଣ୍ଣନା କରିବା ଉଚିତ ହେବ - ସେ ଚଳୟାମାନ ଅଟେ । ସେ ନିଷ୍କଳ ଅଟେ । ସେ ଦୂରସ୍ଥ ଏବଂ ସମୀପସ୍ଥ ଅଟନ୍ତି । ସେ ସମସ୍ତଙ୍କ ଭିତରେ ବିଦ୍ୟମାନ ଏବଂ ସମସ୍ତଙ୍କଠାରୁ ବହିଃସ୍ଥିତ ମଧ୍ୟ ଅଟନ୍ତି ।

ଏହି ମନ୍ତ୍ରର ଭାବାର୍ଥ ତିନୋଟି ଦୃଷ୍ଟିରୁ ବ୍ୟାଖ୍ୟା କରାଯାଇ ପାରିବ । ଯେଉଁ ବ୍ୟକ୍ତି କୃତାତ୍ମା ଅଟନ୍ତି ତାଙ୍କ ଦୃଷ୍ଟିରୁ ବ୍ରହ୍ମ ନିଷ୍କଳ ଅଟନ୍ତି । ଯିଏ ସଂସାରୀ ଅଟନ୍ତି ତାଙ୍କ ଦୃଷ୍ଟିରୁ ବ୍ରହ୍ମ ଚଳାୟମାନ ଅଟନ୍ତି । ମୁକ୍ତ ଆତ୍ମା ପାଇଁ ବ୍ରହ୍ମ ନିକଟସ୍ଥ ଅଟନ୍ତି କିନ୍ତୁ ସଂସାରୀ ଦୃଷ୍ଟିରୁ ବ୍ରହ୍ମ ବହୁ ଦୂରରେ ଅବସ୍ଥିତ । ମୁକ୍ତ ଆତ୍ମା ପାଇଁ ବ୍ରହ୍ମ ସମସ୍ତଙ୍କ ଅନ୍ତଃକରଣରେ ବିଦ୍ୟମାନ ଅଟେ କିନ୍ତୁ ଅଜ୍ଞାନୀମାନଙ୍କ ପାଇଁ ବ୍ରହ୍ମ ସମସ୍ତଙ୍କଠାରୁ ବାହାରେ ବିଦ୍ୟମାନ । ଶ୍ରୁତି କହେ ଯେ ଜ୍ଞାନୀମାନଙ୍କର ବ୍ରହ୍ମ ଉପରେ ଦୃଷ୍ଟି ଥାଏ ଏବଂ ଅଜ୍ଞାନୀମାନଙ୍କର କର୍ମ ଉପରେ । ପରନ୍ତୁ ବସ୍ତୁସ୍ଥିତି ଏକଥା ଉପରେ ଜୋର ଦିଏ ଯେ କର୍ମ ଓ ବ୍ରହ୍ମ ଅଭିନ୍ନ ଅଟନ୍ତି ।।

ଏହି ମନ୍ତ୍ରର ଦ୍ୱିତୀୟ ପ୍ରକାର ବ୍ୟାଖ୍ୟା ବିଧେୟାତ୍ମା ଦୃଷ୍ଟିରୁ କରାଯାଇ ପାରିବ । ବିଧେୟାତ୍ମା ଉପାସକ ଅଟେ । ଉପସାନା ଜ୍ଞାନ କର୍ମର ମଧ୍ୟସ୍ଥ ସ୍ଥିତି ଅଟେ । ଉପାସକର

ଧ୍ୟେୟ ବ୍ରହ୍ମଙ୍କ ଉପରେ ଥାଏ ଏବଂ ଶରୀର କର୍ମ ଅନୁଷ୍ଠାନ କରେ । ଏହାକୁ ବୁଦ୍ଧିଯୋଗ କହନ୍ତି । କର୍ମ ଦୃଷ୍ଟିରୁ ବ୍ରହ୍ମ 'ଏଜତ୍' ଅଟେ ଏବଂ ବ୍ରହ୍ମ ଦୃଷ୍ଟିରୁ କର୍ମ 'ଅନେଜତ୍' ଅଟେ ।।

ଏହି ମନ୍ତ୍ର ଯଜୁର୍ବେଦରୁ ଉଦ୍ଧୃତ ଅଟେ । ଏହି ଯଜ୍ଞଃ ଶବ୍ଦର ମଧ୍ୟ ଅର୍ଥ ହେଲା 'ଗତିଯୁକ୍ତ ସ୍ଥିତି' ଏବଂ 'ସ୍ଥିତଯୁକ୍ତ ଗତି' । 'ଯତ୍' ଏବଂ 'ଜୁ' ଏହି ଦୁଇଟି ଶବ୍ଦର ସଂମିଶ୍ରଣରେ 'ଯଜ୍ଞଃ' ଶବ୍ଦ ନିଷ୍ପନ୍ନ ହୋଇଛି । 'ଯତ୍'ର ଅର୍ଥ 'ଗତି' ଏବଂ 'ଜୁ'ର ଅର୍ଥ ସ୍ଥିତି । ତେବେ ପ୍ରଶ୍ନ ଉଠିପାରେ ଯେ ଗତି ଓ ସ୍ଥିତି ଉଭୟ ଏକାସାଥିରେ କେମିତି ସମ୍ଭବ ହେବ ? ଏହାର ଉଦାହରଣ କୁମ୍ଭାରର ଚକରେ ଦେଖିବାକୁ ମିଳିପାରିବ । କୁମ୍ଭାରର ଚକ ବହୁତ ତୀବ୍ର ଗତିରେ ଚାଲୁଥାଏ କିନ୍ତୁ ତାର କେନ୍ଦ୍ରରେ ଥିବା ଖୁଣ୍ଟ ସ୍ଥିର ଥାଏ । ଗତିମାନ୍ ପଦାର୍ଥ ଦୂରକୁ ଯାଇପାରେ ଏବଂ ନିକଟକୁ ମଧ୍ୟ ଆସିପାରେ । ଏଣୁ ଏକଥା କୁହାଯାଇପାରେ ଯେ, ଗତିଯୁକ୍ତ ପଦାର୍ଥ ଏକାଧାରରେ ଦୂରସ୍ଥ ଏବଂ ନିକଟସ୍ଥ ମଧ୍ୟ ଅଟେ । ଏହିପରି ଭାବରେ ବିଚାର କଲେ ଆତ୍ମା-ଦୃଷ୍ଟିରୁ ବ୍ରହ୍ମ ନିକଟସ୍ଥ ଅଟନ୍ତି ଏବଂ କର୍ମ ଦୃଷ୍ଟିରୁ ବ୍ରହ୍ମ ଦୂରସ୍ଥ ଅଟନ୍ତି । ପ୍ରଥମ ତାଲିକାରେ ଦିଆଯାଇଥିବା ଛଅଗୋଟି ସମ୍ବନ୍ଧ ଦୃଷ୍ଟିରୁ ବିଚାର କଲେ ବ୍ରହ୍ମଙ୍କ ସହିତ କର୍ମର ସମ୍ବନ୍ଧ ଅନିର୍ବଚନୀୟ ବୋଲି ମାନିବାକୁ ପଡ଼ିବ । କାରଣ ସେଥିରେ ଗତି-ସ୍ଥିତି, ସମୀପତା ଦୂରତା ଇତ୍ୟାଦି ପରସ୍ପର ବିରୁଦ୍ଧଭାବ ଏକା ସାଥିରେ ବିଦ୍ୟମାନ ରହିଛି ।।

ଆମେ ଆଗରୁ କହିଛୁ କି ବିଶ୍ୱ କର୍ମ ଅଟେ ଏବଂ ଆତ୍ମା ବ୍ରହ୍ମ ଅଟେ । ଏଣୁ ନିମ୍ନୋକ୍ତ ଷଷ୍ଠ ମନ୍ତ୍ରରେ ଏ କଥା କୁହାଯାଇଛି କି - କର୍ମ ବ୍ରହ୍ମରେ ପ୍ରତିଷ୍ଠିତ । ପରବର୍ତ୍ତି ମନ୍ତ୍ରରେ ଏକଥା କୁହା ଯିବ କି - ବ୍ରହ୍ମ କର୍ମରେ ପ୍ରତିଷ୍ଠିତ ।

ଷଷ୍ଠମନ୍ତ୍ର :-

ଯସ୍ତୁ ସର୍ବାଣି ଭୂତାନ୍ୟାତ୍ମନ୍ୟେବାନୁ ପଶ୍ୟତି ।
ସର୍ବଭୂତେଷୁ ଚାତ୍ମାନଂ ତତୋ ନ ବିଜୁଗୁପ୍ସତେ ।।

ଅର୍ଥ - ଯେଉଁ ଆତ୍ମବିତ୍ ପୁରୁଷ ସମଗ୍ର ଭୂତ ଅର୍ଥାତ୍ ସଂପୂର୍ଣ୍ଣ ବିଶ୍ୱକୁ ଆତ୍ମା ଅର୍ଥାତ୍ ବ୍ରହ୍ମରେ ଦର୍ଶନ କରେ ଏବଂ ସଂପୂର୍ଣ୍ଣ ବିଶ୍ୱରେ ଆତ୍ମାକୁ ଦର୍ଶନ କରେ ସେ କାହାରିକୁ ଘୃଣା କରେ ନାହିଁ ।

ଏହି ମନ୍ତ୍ରର ପ୍ରଥମ ଭାଗରେ ଭୂତର ଉଲ୍ଲେଖ ହୋଇଛି । ବ୍ରହ୍ମଙ୍କର ଦୁଇଟି ରୂପ ରହିଛି - ପ୍ରତ୍ୟକ୍ ଓ ପରାକ୍ । ପ୍ରତ୍ୟକ୍ ବ୍ରହ୍ମ 'ଅହମ୍' ଅଟେ ଏବଂ ପରାକ୍ ବ୍ରହ୍ମ 'ତ୍ୱମ୍' ଅଟେ । 'ଅହମ୍' ବିଷୟୀ ଅଟେ ଏବଂ 'ତ୍ୱମ୍' ବିଷୟ ଅଟେ । ପ୍ରତ୍ୟକ୍ ବ୍ରହ୍ମ ଜ୍ଞାନ ପ୍ରଧାନ ଅଟେ ଏବଂ

ପରାକ୍ ବ୍ରହ୍ମ କର୍ମ ପ୍ରଧାନ ଅଟେ । ଜ୍ଞାନ ପ୍ରକାଶ ସ୍ୱରୂପ ଅଟେ ଏବଂ କର୍ମ ଆବରଣ ସ୍ୱରୂପ ଅଟେ । ଏଣୁ ଲୌକିକ ଦୃଷ୍ଟିରେ ଉଭୟ ପରସ୍ପରଠାରୁ ପୃଥକ୍ ଅଟେ ଏବଂ ପରସ୍ପରର ବିରୁଦ୍ଧ ଅଟେ । ଯାହାକୁ ଆମେ ଆତ୍ମୀୟ ବୋଲି ଭାବୁ ତାକୁ ଆମେ ସ୍ନେହ (ଅନୁରାଗ) କରୁ ଏବଂ ଯାହାକୁ ଆମେ ପର ବୋଲି ଭାବୁ ତାକୁ ଦ୍ୱେଷ କରୁ । ଏ ଉଭୟ ରାଗ ଓ ଦ୍ୱେଷ ଦୁଃଖର କାରଣ ଅଟେ । ଆମେ ଆତ୍ମୀୟର ପ୍ରଶଂସା କରୁ ଏବଂ ପରକୀୟର ନିନ୍ଦା କରୁ ଏ ଉଭୟ ନିନ୍ଦା ଓ ପ୍ରଶଂସା ବନ୍ଧନର କାରଣ ଅଟେ । ପ୍ରସ୍ତୁତ ମନ୍ତ୍ରରେ ସମସ୍ତଙ୍କୁ ଆତ୍ମୀୟ ବୋଲି ଭାବିବା ଉଚିତ ବୋଲି କୁହାଯାଇଛି । ସମସ୍ତଙ୍କୁ ଆତ୍ମୀୟ ବୋଲି ଭାବିଲେ କାହାରି ନିନ୍ଦାର ପ୍ରଶ୍ନ ଉଠିବ ନାହିଁ । ବସ୍ତୁତଃ ରାଗ ହେଉ ବା ଦ୍ୱେଷ, ଉଭୟ ମୋହରୁ ଉତ୍ପନ୍ନ ହୁଅନ୍ତି । ମୋହଠାରୁ କାମ, କାମରୁ କ୍ରୋଧ, କ୍ରୋଧରୁ ସମ୍ମୋହ, ସମ୍ମୋହରୁ ସ୍ମୃତିଭ୍ରଂଶ ଏବଂ ସ୍ମୃତି-ଭ୍ରଂଶରୁ ବୁଦ୍ଧିନାଶ ହୁଏ । ରାଗ-ଦ୍ୱେଷରୁ ମୁକ୍ତି ପାଇବାର ଉପାୟ ହେଉଛି - ସମସ୍ତଙ୍କଠାରେ ଆତ୍ମୀୟ ଭାବ ସ୍ଥାପନ କରିବା । ଯଦି ଏହି ଆତ୍ମୀୟ ଭାବ ଆସିଯିବ ତେବେ ବୁଦ୍ଧିନାଶର କାରଣୀଭୂତ ସମସ୍ତ ଅନର୍ଥ ପରଂପରା ସ୍ୱୟଂ ନଷ୍ଟ ହୋଇଯିବ ଏବଂ ପରିଣାମରେ ବୁଦ୍ଧିଯୋଗ ଉଦୟ ହେବ ।

କର୍ମରେ ବ୍ରହ୍ମ ତଥା ବ୍ରହ୍ମରେ କର୍ମ ଅଥବା ସବୁଠି ଆତ୍ମା ଏବଂ ଆତ୍ମାରେ ସବୁକିଛି ଦର୍ଶନ କରିବା ଉଚିତ ବୋଲି କହିବା ପରେ ବି କର୍ମ ଓ ଜ୍ଞାନ ଏବଂ ନିଜ ଓ ପର ଭିତରେ ଭେଦଭାବ ଅଥବା ଦ୍ୱୈତଭାବ ବିଦ୍ୟମାନ ରହେ । ଯେତେଦିନ ଯାଏ ଦ୍ୱୈତଭାବ ଥିବ ସେତେ-ଦିନଯାଏ ମୋହ ଥିବ । ମୋହ ହିଁ ଦୁଃଖର କାରଣ । ଏଣୁ ଦ୍ୱୈତଭାବର ସର୍ବଥା ଉନ୍ମୂଳନ ପାଇଁ ସପ୍ତମମନ୍ତ୍ରରେ କୁହାଯାଇଛି -

ସପ୍ତମମନ୍ତ୍ର-

ଯସ୍ମିନ୍ ସର୍ବାଣି ଭୂତାନ୍ୟାତ୍ମୈବାଭୂଦ୍ ବିଜାନତଃ ।
ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ।।

ଅର୍ଥ - ଯାହା ପାଇଁ ସମସ୍ତ ଭୂତ ଆତ୍ମା ହୋଇ ଯାଆନ୍ତି ସେହି ବିଶିଷ୍ଟ ଜ୍ଞାନୀ ପାଇଁ, ଯିଏ କି ଏକତ୍ୱର ଦର୍ଶନ କରିସାରିଛି, ତାର ମୋହ ଅଥବା ଶୋକ କେଉଁଠୁ ଆସିବ ?

ଏହା ଯୁକ୍ତଯୋଗୀର ଅବସ୍ଥା ଅଟେ । ଯେତେବେଳେ ଯୁଞ୍ଜାନଯୋଗୀ ନିଷ୍କାମ କର୍ମା-ନୁଷ୍ଠାନ ଦ୍ୱାରା **ଯୁକ୍ତଯୋଗୀ** ବନିଯିବ ଅର୍ଥାତ୍ ସାଧାରଣ ସିଦ୍ଧି ଅବସ୍ଥାକୁ ପ୍ରାପ୍ତ ହେବ । ସେତେ-

ଧ୍ୟେୟ ବ୍ରହ୍ମଙ୍କ ଉପରେ ଥାଏ ଏବଂ ଶରୀର କର୍ମ ଅନୁଷ୍ଠାନ କରେ । ଏହାକୁ ବୁଦ୍ଧିଯୋଗ କହନ୍ତି । କର୍ମ ଦୃଷ୍ଟିରୁ ବ୍ରହ୍ମ 'ଏଜତ୍' ଅଟେ ଏବଂ ବ୍ରହ୍ମ ଦୃଷ୍ଟିରୁ କର୍ମ 'ଅନେଜତ୍' ଅଟେ ।।

ଏହି ମନ୍ତ୍ର ଯଜୁର୍ବେଦରୁ ଉଦ୍ଧୃତ ଅଟେ । ଏହି ଯଜୁଃ ଶବ୍ଦର ମଧ୍ୟ ଅର୍ଥ ହେଲା 'ଗତିଯୁକ୍ତ ସ୍ଥିତି' ଏବଂ 'ସ୍ଥିତଯୁକ୍ତ ଗତି' । 'ଯତ୍' ଏବଂ 'ଜୁ' ଏହି ଦୁଇଟି ଶବ୍ଦର ସଂମିଶ୍ରଣରେ 'ଯଜୁଃ' ଶବ୍ଦ ନିଷ୍ପନ୍ନ ହୋଇଛି । 'ଯତ୍'ର ଅର୍ଥ 'ଗତି' ଏବଂ 'ଜୁ'ର ଅର୍ଥ ସ୍ଥିତି । ତେବେ ପ୍ରଶ୍ନ ଉଠିପାରେ ଯେ ଗତି ଓ ସ୍ଥିତି ଉଭୟ ଏକାସାଥିରେ କେମିତି ସମ୍ଭବ ହେବ ? ଏହାର ଉଦାହରଣ କୁମ୍ଭାରର ଚକରେ ଦେଖିବାକୁ ମିଳିପାରିବ । କୁମ୍ଭାରର ଚକ ବହୁତ ତୀବ୍ର ଗତିରେ ଚାଲୁଥାଏ କିନ୍ତୁ ତାର କେନ୍ଦ୍ରରେ ଥିବା ଖୁଣ୍ଟ ସ୍ଥିର ଥାଏ । ଗତିମାନ୍ ପଦାର୍ଥ ଦୂରକୁ ଯାଇପାରେ ଏବଂ ନିକଟକୁ ମଧ୍ୟ ଆସିପାରେ । ଏଣୁ ଏକଥା କୁହାଯାଇପାରେ ଯେ, ଗତିଯୁକ୍ତ ପଦାର୍ଥ ଏକାଧାରରେ ଦୂରସ୍ଥ ଏବଂ ନିକଟସ୍ଥ ମଧ୍ୟ ଅଟେ । ଏହିପରି ଭାବରେ ବିଚାର କଲେ ଆତ୍ମା-ଦୃଷ୍ଟିରୁ ବ୍ରହ୍ମ ନିକଟସ୍ଥ ଅଟନ୍ତି ଏବଂ କର୍ମ ଦୃଷ୍ଟିରୁ ବ୍ରହ୍ମ ଦୂରସ୍ଥ ଅଟନ୍ତି । ପ୍ରଥମ ତାଲିକାରେ ଦିଆଯାଇଥିବା ଛଅଗୋଟି ସମ୍ବନ୍ଧ ଦୃଷ୍ଟିରୁ ବିଚାର କଲେ ବ୍ରହ୍ମଙ୍କ ସହିତ କର୍ମର ସମ୍ବନ୍ଧ ଅନିର୍ବଚନୀୟ ବୋଲି ମାନିବାକୁ ପଡ଼ିବ । କାରଣ ସେଥିରେ ଗତି-ସ୍ଥିତି, ସମୀପତା ଦୂରତା ଇତ୍ୟାଦି ପରସ୍ପର ବିରୁଦ୍ଧଭାବ ଏକା ସାଥିରେ ବିଦ୍ୟମାନ ରହିଛି ।।

ଆମେ ଆଗରୁ କହିଛୁ କି ବିଶ୍ୱ କର୍ମ ଅଟେ ଏବଂ ଆତ୍ମା ବ୍ରହ୍ମ ଅଟେ । ଏଣୁ ନିମ୍ନୋକ୍ତ ଷଷ୍ଠ ମନ୍ତ୍ରରେ ଏ କଥା କୁହାଯାଇଛି କି - କର୍ମ ବ୍ରହ୍ମରେ ପ୍ରତିଷ୍ଠିତ । ପରବର୍ତ୍ତି ମନ୍ତ୍ରରେ ଏକଥା କୁହା ଯିବ କି - ବ୍ରହ୍ମ କର୍ମରେ ପ୍ରତିଷ୍ଠିତ ।

ଷଷ୍ଠମନ୍ତ୍ର :-

ଯସ୍ତୁ ସର୍ବାଣି ଭୂତାନ୍ୟାତ୍ମନ୍ୟେବାନୁ ପଶ୍ୟତି ।
ସର୍ବଭୂତେଷୁ ଚାତ୍ମାନଂ ତତୋ ନ ବିଜୁଗୁପ୍ସତେ ।।

ଅର୍ଥ - ଯେଉଁ ଆତ୍ମବିତ୍ ପୁରୁଷ ସମଗ୍ର ଭୂତ ଅର୍ଥାତ୍ ସଂପୂର୍ଣ୍ଣ ବିଶ୍ୱକୁ ଆତ୍ମା ଅର୍ଥାତ୍ ବ୍ରହ୍ମରେ ଦର୍ଶନ କରେ ଏବଂ ସଂପୂର୍ଣ୍ଣ ବିଶ୍ୱରେ ଆତ୍ମାକୁ ଦର୍ଶନ କରେ ସେ କାହାରିକୁ ଘୃଣା କରେ ନାହିଁ ।

ଏହି ମନ୍ତ୍ରର ପ୍ରଥମ ଭାଗରେ ଭୂତର ଉଲ୍ଲେଖ ହୋଇଛି । ବ୍ରହ୍ମଙ୍କର ଦୁଇଟି ରୂପ ରହିଛି - ପ୍ରତ୍ୟକ୍ ଓ ପରାକ୍ । ପ୍ରତ୍ୟକ୍ ବ୍ରହ୍ମ 'ଅହମ୍' ଅଟେ ଏବଂ ପରାକ୍ ବ୍ରହ୍ମ 'ତ୍ୱମ୍' ଅଟେ । 'ଅହମ୍' ବିଷୟୀ ଅଟେ ଏବଂ 'ତ୍ୱମ୍' ବିଷୟ ଅଟେ । ପ୍ରତ୍ୟକ୍ ବ୍ରହ୍ମ ଜ୍ଞାନ ପ୍ରଧାନ ଅଟେ ଏବଂ

ପରାକ୍ ବ୍ରହ୍ମ କର୍ମ ପ୍ରଧାନ ଅଟେ । ଜ୍ଞାନ ପ୍ରକାଶ ସ୍ୱରୂପ ଅଟେ ଏବଂ କର୍ମ ଆବରଣ ସ୍ୱରୂପ ଅଟେ । ଏଣୁ ଲୌକିକ ଦୃଷ୍ଟିରେ ଉଭୟ ପରସ୍ପରଠାରୁ ପୃଥକ୍ ଅଟେ ଏବଂ ପରସ୍ପରର ବିରୁଦ୍ଧ ଅଟେ । ଯାହାକୁ ଆମେ ଆତ୍ମୀୟ ବୋଲି ଭାବୁ ତାକୁ ଆମେ ସ୍ନେହ (ଅନୁରାଗ) କରୁ ଏବଂ ଯାହାକୁ ଆମେ ପର ବୋଲି ଭାବୁ ତାକୁ ଦ୍ୱେଷ କରୁ । ଏ ଉଭୟ ରାଗ ଓ ଦ୍ୱେଷ ଦୁଃଖର କାରଣ ଅଟେ । ଆମେ ଆତ୍ମୀୟର ପ୍ରଶଂସା କରୁ ଏବଂ ପରକୀୟର ନିନ୍ଦା କରୁ ଏ ଉଭୟ ନିନ୍ଦା ଓ ପ୍ରଶଂସା ବନ୍ଧନର କାରଣ ଅଟେ । ପ୍ରସ୍ତୁତ ମନ୍ତ୍ରରେ ସମସ୍ତଙ୍କୁ ଆତ୍ମୀୟ ବୋଲି ଭାବିବା ଉଚିତ ବୋଲି କୁହାଯାଇଛି । ସମସ୍ତଙ୍କୁ ଆତ୍ମୀୟ ବୋଲି ଭାବିଲେ କାହାରି ନିନ୍ଦାର ପ୍ରଶ୍ନ ଉଠିବ ନାହିଁ । ବସ୍ତୁତଃ ରାଗ ହେଉ ବା ଦ୍ୱେଷ, ଉଭୟ ମୋହରୁ ଉତ୍ପନ୍ନ ହୁଅନ୍ତି । ମୋହଠାରୁ କାମ, କାମରୁ କ୍ରୋଧ, କ୍ରୋଧରୁ ସମ୍ମୋହ, ସମ୍ମୋହରୁ ସ୍ମୃତିଭ୍ରଂଶ ଏବଂ ସ୍ମୃତି-ଭ୍ରଂଶରୁ ବୁଦ୍ଧିନାଶ ହୁଏ । ରାଗ-ଦ୍ୱେଷରୁ ମୁକ୍ତି ପାଇବାର ଉପାୟ ହେଉଛି - ସମସ୍ତଙ୍କଠାରେ ଆତ୍ମୀୟ ଭାବ ସ୍ଥାପନ କରିବା । ଯଦି ଏହି ଆତ୍ମୀୟ ଭାବ ଆସିଯିବ ତେବେ ବୁଦ୍ଧିନାଶର କାରଣୀଭୂତ ସମସ୍ତ ଅନର୍ଥ ପରଂପରା ସ୍ୱୟଂ ନଷ୍ଟ ହୋଇଯିବ ଏବଂ ପରିଣାମରେ ବୁଦ୍ଧିଯୋଗ ଉଦୟ ହେବ ।

କର୍ମରେ ବ୍ରହ୍ମ ତଥା ବ୍ରହ୍ମରେ କର୍ମ ଅଥବା ସବୁଠି ଆତ୍ମା ଏବଂ ଆତ୍ମାରେ ସବୁକିଛି ଦର୍ଶନ କରିବା ଉଚିତ ବୋଲି କହିବା ପରେ ବି କର୍ମ ଓ ଜ୍ଞାନ ଏବଂ ନିଜ ଓ ପର ଭିତରେ ଭେଦଭାବ ଅଥବା ଦ୍ୱୈତଭାବ ବିଦ୍ୟମାନ ରହେ । ଯେତେଦିନ ଯାଏ ଦ୍ୱୈତଭାବ ଥିବ ସେତେ-ଦିନଯାଏ ମୋହ ଥିବ । ମୋହ ହିଁ ଦୁଃଖର କାରଣ । ଏଣୁ ଦ୍ୱୈତଭାବର ସର୍ବଥା ଉନ୍ମୂଳନ ପାଇଁ ସପ୍ତମମନ୍ତ୍ରରେ କୁହାଯାଇଛି -

ସପ୍ତମମନ୍ତ୍ର-

ଯସ୍ମିନ୍ ସର୍ବାଣି ଭୂତାନ୍ୟାତ୍ମୈବାଭୂଦ୍ ବିଜାନତଃ ।
ତତ୍ର କୋ ମୋହଃ କଃ ଶୋକ ଏକତ୍ୱମନୁପଶ୍ୟତଃ ।।

ଅର୍ଥ - ଯାହା ପାଇଁ ସମସ୍ତ ଭୂତ ଆତ୍ମା ହୋଇ ଯାଆନ୍ତି ସେହି ବିଶିଷ୍ଟ ଜ୍ଞାନୀ ପାଇଁ, ଯିଏ କି ଏକତ୍ୱର ଦର୍ଶନ କରିସାରିଛି, ତାର ମୋହ ଅଥବା ଶୋକ କେଉଁଠୁ ଆସିବ ?

ଏହା ଯୁକ୍ତଯୋଗୀର ଅବସ୍ଥା ଅଟେ । ଯେତେବେଳେ **ଯୁଞ୍ଜାନଯୋଗୀ** ନିଷ୍କାମ କର୍ମା-ନୁଷ୍ଠାନ ଦ୍ୱାରା **ଯୁକ୍ତଯୋଗୀ** ବନିଯିବ ଅର୍ଥାତ୍ ସାଧାରଣ ସିଦ୍ଧି ଅବସ୍ଥାକୁ ପ୍ରାପ୍ତ ହେବ । ସେତେ-

ବେଳେ ତା ପାଇଁ ଏ ସମଗ୍ର ବିଶ୍ୱ ଆତ୍ମସ୍ୱରୂପ ହୋଇଯାଏ । ଯେଉଁଠି ଏକତ୍ୱ ରହିଛି ସେଇଠି ବ୍ୟାପକତା ମଧ୍ୟ ରହିଛି । ଯେଉଁଠି ବ୍ୟାପକତା ରହିଛି ସେଠାରେ 'ଜନ୍ମ' ନାହିଁ । ଯେଉଁଠି ଜନ୍ମ ନାହିଁ ସେଠାରେ ଭୟ ମଧ୍ୟ ନାହିଁ । ଯେଉଁଠି ଭୟ ନାହିଁ, ସେଠାରେ ଶୋକ ମଧ୍ୟ ନାହିଁ । ଏ ସ୍ଥଳରେ ଯେଉଁ ବିଶିଷ୍ଟ ଜ୍ଞାନୀ ବିଷୟରେ ବର୍ଣ୍ଣନା କରା ଯାଇଛି ସେ ବସ୍ତୁତଃ ପ୍ରତ୍ୟକ୍ଷ ଜ୍ଞାନୀ ଅଟନ୍ତି ।

ଏଠାରେ ଶ୍ରୁତି ପ୍ରଥମତଃ ବ୍ରହ୍ମ ଓ କର୍ମ ମଧ୍ୟରେ ପ୍ରାତିଭାସିକ ଦ୍ୱୈତର ନିଷେଧ କରିଛି ଏବଂ ତା ପରେ ବ୍ୟାବହାରିକ ଦ୍ୱୈତର ଚର୍ଚ୍ଚା କରିଛି । ପୁଣି ତାପରେ ବ୍ୟାବହାରିକ ଦ୍ୱୈତରୁ ଶ୍ରୁତି ପାରମାର୍ଥିକ ଅଦ୍ୱୈତ ବିଷୟକୁ ନେଇ ଆସିଛି । ପ୍ରାତିଭାସିକ ଦ୍ୱୈତ - 'ମୁଁ ଭିନ୍ନ ଅଟେ ଏବଂ ଅନ୍ୟ ସବୁକିଛି ଭିନ୍ନ ଅଟେ' । ବ୍ୟାବହାରିକ ଦ୍ୱୈତ ହେଲା - 'ମୁଁ ଅନ୍ୟଠାରେ ବିଦ୍ୟମାନ ଏବଂ ଅନ୍ୟମାନେ ମୋଠାରେ ବିଦ୍ୟମାନ ଅଛନ୍ତି' । ପାରମାର୍ଥିକ ଅଦ୍ୱୈତ ହେଲା - 'ସବୁକିଛି ଆତ୍ମସ୍ୱରୂପ ଅଟେ' । ଏ ଦୃଷ୍ଟିରୁ ଅବ୍ୟକ୍ତ ଆତ୍ମାର ହିଁ ବର୍ଣ୍ଣନା ହୁଏ ।

ବ୍ରହ୍ମଙ୍କର ସେହି ଅଂଶ ଯେଉଁଥିରୁ ସମଗ୍ର ବ୍ରହ୍ମାଣ୍ଡର ସୃଷ୍ଟି ହୋଇଛି ତାକୁ 'ଶୁକ୍ର' କୁହାଯାଏ । ଏହି ଶୁକ୍ର ହିଁ ସମସ୍ତ ପଦାର୍ଥର ଉପାଦାନ କାରଣ ଅଟେ । ତାହାର ବର୍ଣ୍ଣନ ଅଷ୍ଟମ ମନ୍ତ୍ରରେ କରାଯାଇଛି ।-

ଅଷ୍ଟମ ମନ୍ତ୍ର -

ସ ପର୍ଯ୍ୟଗାଚ୍ଛୁକ୍ରମକାୟମବ୍ରଣ-
ମସ୍ନାବିରଂ ଶୁଦ୍ଧମପାପବିଦ୍ଧମ୍ ।
କବିର୍ମନୀଷୀ ପରିଭୂଃ ସ୍ୱୟଂଭୂ-
ର୍ଯାଥାତଥ୍ୟତୋଽର୍ଥାନ୍ ବ୍ୟଦଧାଚ୍ଛାଶ୍ୱତୀଭ୍ୟଃ ସମାଭ୍ୟଃ ।।

ଅର୍ଥ - ସେହି କବି, ମନୀଷୀ, ସର୍ବବ୍ୟାପକ, ସ୍ୱୟଂଭୂ, ଶରୀର ରହିତ, ବ୍ରଣ ରହିତ, ସ୍ନାୟୁ ରହିତ, ଶୁଦ୍ଧ, ନିଷ୍ପାପ, ଶୁକ୍ର ଚାରି ପାଖରୁ ପରିବେଷ୍ଟିତ କରି ନେଲେ ଏବଂ ତାପରେ ସେହି ଶୁକ୍ରରୁ ଯଥାଯଥ ରୂପରେ (ପୂର୍ବୋପକ୍ରାନ୍ତ ସୃଷ୍ଟି ପରି) ପଦାର୍ଥ ଜଗତ୍‌ର ନିର୍ମାଣ କଲେ ।

ଏହା ଏହି ମନ୍ତ୍ରର ଶାବ୍ଦିକ ଅର୍ଥ ଅଟେ । ଚତୁର୍ଥ ମନ୍ତ୍ରରେ ଏକଥା କୁହାଯାଇଛି କି ବ୍ରହ୍ମରେ ମାତରିଶ୍ୱା ଆପଃ(ଜଳ)ର ଆହୁତି ଶୁକ୍ର ରୂପରେ ପରିଣତ ହୋଇଯାଏ । ଶୁକ୍ର ଶବ୍ଦର

ଅର୍ଥ ହେଲା ଉପାଦାନ କାରଣ । ଏକଥା ସ୍ପଷ୍ଟ ଯେ ବିଶ୍ୱର ଉପାଦାନ କାରଣ କ୍ଷର ଅଟେ ଏବଂ କ୍ଷର ହିଁ ଶୁକ୍ର ଅଟେ ।

ଶୁକ୍ର, ରେତ ଏବଂ ବୀର୍ଯ୍ୟ ଏ ତିନୋଟି ଶବ୍ଦ ସାମାନ୍ୟତଃ ପର୍ଯ୍ୟାୟବାଚୀ ବୋଲି ଧରି ନିଆଯାଏ । ବସ୍ତୁତଃ ଏହା ଠିକ୍ ନୁହେଁ । ବୀର୍ଯ୍ୟ ତାକୁ କହନ୍ତି ଯାହାକି ଆତ୍ମବଳ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ତାହା ତିନି ଭାଗରେ ବିଭକ୍ତ - ବ୍ରହ୍ମ, କ୍ଷତ୍ର ଏବଂ ବିଟ୍ । ବ୍ରହ୍ମବୀର୍ଯ୍ୟର ସମ୍ବନ୍ଧ ମନ୍ତ୍ର ସହିତ ଥାଏ ଏବଂ ଯିଏ ବ୍ରହ୍ମବୀର୍ଯ୍ୟ ପ୍ରଧାନ ବ୍ୟକ୍ତି ତାକୁ ବ୍ରାହ୍ମଣ କହନ୍ତି । କ୍ଷତ୍ରବୀର୍ଯ୍ୟର ସମ୍ବନ୍ଧ ପ୍ରାଣ ସହିତ ଥାଏ । ଯେଉଁ ବ୍ୟକ୍ତି ପ୍ରାଣ-ବୀର୍ଯ୍ୟ ପ୍ରଧାନ ଅଟେ ତାକୁ କ୍ଷତ୍ରିୟ କୁହାଯାଏ । ବିଟ୍‌ବୀର୍ଯ୍ୟର ସମ୍ବନ୍ଧ ବାକ୍ ସହିତ ଥାଏ । ଯେଉଁ ବ୍ୟକ୍ତି ବାକ୍-ବୀର୍ଯ୍ୟ ପ୍ରଧାନ ଅଟେ ତାକୁ ବୈଶ୍ୟ କହନ୍ତି । ଏ ତିନୋଟି ବୀର୍ଯ୍ୟରୁ ଭିନ୍ନ ଅନ୍ୟ ଏକ ବୀର୍ଯ୍ୟ ରହିଛି ତାକୁ ପୂଷାବୀର୍ଯ୍ୟ କୁହାଯାଏ । ପୂଷାବୀର୍ଯ୍ୟର ସମ୍ବନ୍ଧ ଶରୀର ସହିତ ଥାଏ । ଯେଉଁ ବ୍ୟକ୍ତି ପୂଷାବୀର୍ଯ୍ୟ ପ୍ରଧାନ ଅଟେ ତାକୁ ଶୂଦ୍ର କୁହାଯାଏ । ପୂଷାବୀର୍ଯ୍ୟ ସଂପନ୍ନ ବ୍ୟକ୍ତି ସେବା ଦ୍ୱାରା ଶରୀର ସହିତ ସମାଜର ମଧ୍ୟ ପୋଷଣ କରିଥାଏ ।

ଶୁକ୍ରର ସମ୍ବନ୍ଧ ଅଗ୍ନି ସହିତ ଥାଏ ଏବଂ ରେତସ୍‌ର ସମ୍ବନ୍ଧ ସୋମ ସହିତ ଥାଏ । ଶୁକ୍ରର ସମ୍ବନ୍ଧ ସ୍ତ୍ରୀ ସହିତ ଥାଏ ଏବଂ ରେତସ୍‌ର ସମ୍ବନ୍ଧ ପୁରୁଷ ସହିତ ଥାଏ । ଏ ଉଭୟ ମିଳିତ ହେଲେ ପ୍ରଜା ସୃଷ୍ଟି ହୋଇଥାଏ । ଏଣୁ ଉଭୟ ଉପାଦାନ ଅଟେ । କୋଷଗ୍ରନ୍ଥମାନଙ୍କରେ ମଧ୍ୟ ଶୁକ୍ରକୁ ଅଗ୍ନି ବୋଲି କୁହାଯାଇଛି *'ଯଦ୍ଗାର୍ହପତ୍ୟମୁନା ଶୁକ୍ରଃ'* । ଶତପଥ ବ୍ରାହ୍ମଣରେ ରେତସ୍‌କୁ ସୋମ ବୋଲି କୁହାଯାଇଛି *'ରେତୋ ବୈ ସୋମ'* । ଉଭୟର ସମନ୍ୱୟରେ ସଂସାରର ସର୍ଜନା ହୁଏ । ଏହି ଶୁକ୍ରକୁ ଉକ୍ତ ମନ୍ତ୍ରରେ ଅଜାୟ, ଅବ୍ରଣ, ଅସ୍ନାବିର ଓ ଆପାପବିଦ୍ଧ କୁହାଯାଇଛି । ଏହା କବି, ପରିଭୂ, ସ୍ୱୟଂଭୂ ଯୋଗୁଁ ମାତରିଶ୍ୱା ଶରୀର ସଂଯୁକ୍ତ ହୋଇଥାଏ । କାରଣ ମାତରିଶ୍ୱାଙ୍କଠାରେ ସ୍ନେହ ଗୁଣ ଥାଏ ଏବଂ ସେହି ସ୍ନେହ ଗୁଣ ବଶତଃ ଶୁକ୍ରର ଚିତି (ଉପଚୟ) ହୋଇଥାଏ । ସେହି ଚିତି ବଶତଃ (ଉପଚୟ ଯୋଗୁଁ) ତାହା କାର୍ଯ୍ୟରୂପରେ ପରିଣତ ହୋଇଥାଏ । ଏହି ମାତରିଶ୍ୱାଙ୍କ ମନରେ କାମନା ଉତ୍ପନ୍ନ ହୁଏ । ତାହା ହିଁ ତାଙ୍କୁ ମନୀଷୀ ରୂପରେ ପରିଣତ କରିଦିଏ । ଏହି ମନୀଷା ଯୋଗୁଁ ସେ ବିଜାତୀୟ ତତ୍ତ୍ୱମାନ ସଂଗ୍ରହ କରିଥାଏ । ସେହି ସଂଗ୍ରହ ପ୍ରବୃତ୍ତିକୁ ବ୍ରଣ (ବରଣ) ବୋଲି କୁହାଯାଏ । ତାଙ୍କର ସେହି ମନୀଷା ଭାବ ସୃଷ୍ଟିରେ ବ୍ୟବସ୍ଥାର ନିୟମନ କରିଥାଏ । ସେହି ମାତରିଶ୍ୱା ପରିଭୂ ଅଟେ । ଏଣୁ ସେ ଶୁକ୍ରକୁ ସ୍ଥାବିର କରିଦିଏ । ଅର୍ଥାତ୍ ସେଥିରେ କେନ୍ଦ୍ର ନିର୍ମାଣ କରିଦିଏ । ସେ ସ୍ୱୟଂଭୂ

ରୂପରେ ପଦାର୍ଥକୁ ସୀମିତ କରିଦିଏ, ଏବଂ ସେ ଦୃଷ୍ଟିରୁ ପଦାର୍ଥ ପାପବିଦ୍ଧ ହୋଇଯାଏ । ଏହି-ପରି ଭାବେ ସେ ନିଜର ଜବିତ୍ୱ ଯୋଗୁଁ ଅଜାୟରୁ ପଜାୟ, ମନୀଷା ଭାବ ଯୋଗୁଁ ଅବ୍ରଣରୁ ସବ୍ରଣ, ପରିଭୂ ଭାବ ଯୋଗୁଁ ଅସ୍ନାବିରରୁ ସ୍ନାବିର ଏବଂ ସ୍ୱୟମ୍ଭୂ ଭାବ ଯୋଗୁଁ ଅପାପବିଦ୍ଧରୁ ପାପବିଦ୍ଧ ହୋଇଯାଏ । ଏହି ମାତରିଶ୍ୱା ସୃଷ୍ଟିକର୍ତ୍ତାଙ୍କ ସୃଷ୍ଟିର ଉପାଦାନ କାରଣରୂପ ଶୁକ୍ରକୁ ପରିବେଷ୍ଟିତ କରି ସୃଷ୍ଟି ଉତ୍ପତ୍ତି କରିବାର ପ୍ରକ୍ରିୟାକୁ ସଂଚାଳିତ କରେ । ଯେତେବେଳେ ଶୁକ୍ର ମାତରିଶ୍ୱାଙ୍କ ଦ୍ୱାରା ସାବଚ୍ଛିନ୍ନ ହୋଇଯାଏ ସେତେବେଳେ ତାକୁ ପରମେଷ୍ଠି କୁହାଯାଏ । ଯିଏ ଅଧିଦୈବରେ ପରମେଷ୍ଠୀ ଅଟନ୍ତି ତାଙ୍କୁ ହିଁ ଅଧ୍ୟାତ୍ମରେ ମହାନାତ୍ମା ବୋଲି କୁହାଯାଏ । ଏହିପରି ଭାବରେ ଆପଃ ରେତସ୍ ବନିଯାଏ ଏବଂ ମାତରିଶ୍ୱା ରେତୋଧା (ରେତକୁ ଧାରଣ କରିଥିବା ବ୍ୟକ୍ତି) ବନିଯାଏ ଏବଂ ସେଠାରୁ ପରମେଷ୍ଠୀର ଉଦୟ ହୁଏ ।

ଈଶୋପନିଷଦ୍‌ର ୯,୧୦, ଓ ୧୧ ମନ୍ତ୍ରରେ ପୂର୍ଯ୍ୟ ଅଥବା ବୁଦ୍ଧିର ବର୍ଣ୍ଣନା କରାଯାଇଛି । ଯିଏ ଅଧିଦୈବରେ ପୂର୍ଯ୍ୟ ଅଟନ୍ତି ସେ ଅଧ୍ୟାତ୍ମରେ ବୁଦ୍ଧି ରୂପରେ ବିଦ୍ୟମାନ । ଗୁଦ୍ଧି-ଯୋଗର ସଫଳତା ଜ୍ଞାନ ଓ କର୍ମର ସମନ୍ୱୟରେ ନିହିତ ଅଟେ । ଜ୍ଞାନ ସବୁବେଳେ କ୍ରିୟା ସହିତ ଜଡ଼ିତ ଅଟେ । କର୍ମର ତିନୋଟି ଭେଦ ରହିଛି - କର୍ମ, ବିକର୍ମ ଓ ଅକର୍ମ । ଏହାର ବିସ୍ତୃତ ଚର୍ଚ୍ଚା ଦ୍ୱିତୀୟ ମନ୍ତ୍ରର ବ୍ୟାଖ୍ୟାରେ କରା ଯାଇଛି । ଜ୍ଞାନର ମଧ୍ୟ ତିନୋଟି ଭେଦ ରହିଛି - **ଜ୍ଞାନ, ବିଜ୍ଞାନ ଓ ଅଜ୍ଞାନ** । ଜ୍ଞାନର ଅର୍ଥ ମନୋବଳ, କର୍ମର ଅର୍ଥ ପ୍ରାଣବଳ । ମନୋବଳ ବ୍ରହ୍ମ ଅଟେ ଏବଂ ପ୍ରାଣବଳ କ୍ଷତ୍ରିୟ ଅଟେ । ଏହି ଉଭୟର ସମନ୍ୱୟ ବୁଦ୍ଧିଯୋଗ ଅଟେ । ଏଣୁ ଈଶୋନିପଷଦ୍‌ର ୯, ୧୦, ୧୧ ମନ୍ତ୍ରରେ କର୍ମ ଓ ଜ୍ଞାନର ସମନ୍ୱୟର ଆବଶ୍ୟକତା ବିଷୟ ବର୍ଣ୍ଣନା କରାଯାଇଛି ।

ନବମ-ଦଶମ-ଏକାଦଶ-ମନ୍ତ୍ର -

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽବିଦ୍ୟାମୁପାସତେ ।
ତତୋ ଭୂୟ ଇବ ତେ ତମୋ ଯ ଉ ବିଦ୍ୟାୟାଂ ରତାଃ ।।
ଅନ୍ୟଦେବାହୁର୍ବିଦ୍ୟାୟା ଅନ୍ୟଦାହୁରବିଦ୍ୟାୟାଃ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନସ୍ତଦ୍ ବିଚଚକ୍ଷିରେ ।।
ବିଦ୍ୟାଂ ଚାବିଦ୍ୟାଂ ଚ ଯସ୍ତଦ୍‌ବେଦୋଭୟଂ ସ ହ ।
ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାମୃତମଶ୍ନୁତେ ।।

ଅର୍ଥ - (ଏହି ମନ୍ତ୍ର ଗୁଡ଼ିକର ଅର୍ଥ ବହୁତ ସରଳ ଅଟେ) । ଯିଏ ଅବିଦ୍ୟାର ଉପାସନା କରେ ସେ ଗଭୀର ଅନ୍ଧକାରରେ ନିମଗ୍ନ ହୋଇଯାଏ । କିନ୍ତୁ ଯେଉଁମାନେ କେବଳ ବିଦ୍ୟାର ଉପାସନା କରନ୍ତି ସେ ତାଠାରୁ ମଧ୍ୟ ଗଭୀରତର ଅନ୍ଧକାରରେ ପତିତ ହୁଏ । ବିଦ୍ୟାର ଫଳ ଅଲଗା ଏବଂ ଅବିଦ୍ୟାର ଫଳ ମଧ୍ୟ ଅଲଗା - ଏକଥା ଆମେ ସେହି ଧୀର ବିଦ୍ୱାନ୍‌ମାନଙ୍କଠାରୁ ଶୁଣିବାକୁ ପାଉ ଯେଉଁମାନେ ଆମକୁ ଏ ବିଷୟରେ ଉପଦେଶ ଦିଅନ୍ତି । ଯିଏ ବିଦ୍ୟା ଏବଂ ଅବିଦ୍ୟା ଉଭୟକୁ ଜାଣେ ସେ ଅବିଦ୍ୟା ଦ୍ୱାରା ମୃତ୍ୟୁକୁ ପାର କରି ବିଦ୍ୟା-ଦ୍ୱାରା ଅମୃତତ୍ୱକୁ ଲାଭ କରେ ।

ବ୍ରହ୍ମ ଜ୍ଞାନ ରୂପ ଅଟେ । ଏକଥା ସରଳ ଭାବରେ ବୁଝି ହୁଏ । କିନ୍ତୁ ବସ୍ତୁତତ୍ତ୍ୱ ଏହା ଯେ ବ୍ରହ୍ମ କର୍ମରୂପ ମଧ୍ୟ ଅଟେ । ଯଦି ବ୍ରହ୍ମ କର୍ମ ରୂପ ନ ହେବ ତେବେ ବ୍ରହ୍ମଙ୍କଠାରୁ ସୃଷ୍ଟିର ଉତ୍ପତ୍ତି ହେବା ସମ୍ଭବ ହେବନି । ଏକଥା ସତ ଯେ ପ୍ରତ୍ୟେକ କାମନା ବନ୍ଧନର କାରଣ ନୁହେଁ । ମନ ବିଷୟର କାମନା କରେ । ଏହା ବନ୍ଧନର କାରଣ ଅଟେ । କିନ୍ତୁ ଯଦି ମନର କାମନା ଗୁଡ଼ିକ ମଧ୍ୟରୁ କୁତ୍ରିମ କାମନାମାନ ବୁଦ୍ଧିଦ୍ୱାରା ପ୍ରେରିତ ହୋଇ କର୍ମ ଅନୁଷ୍ଠାନ କରାଯିବ ତେବେ ସେ କର୍ମ ବନ୍ଧନର କାରଣ ହେବ ନାହିଁ । ମନ ଚାନ୍ଦ୍ର ଅଟେ । ସୋମମୟ ଅଟେ ଏବଂ ସ୍ନେହଗୁଣଯୁକ୍ତ ଅଟେ । ଏଣୁ ମନର କାମନା ଆସକ୍ତିର କାରଣ ବନିଥାଏ, କାରଣ ସ୍ନେହ ଆସକ୍ତିର କାରଣ ଅଟେ । ଏହାର ବିପରୀତ ବୁଦ୍ଧି ତେଜୋମୟୀ ଅଟେ । ତେଜ ତତ୍ତ୍ୱ ଅସଙ୍ଗ ଅଟେ । ଏଣୁ ବୁଦ୍ଧିଯୋଗ ସହିତ ଜଡ଼ିତ କାମନା ଆସକ୍ତିର କାରଣ ହୁଏନା । ଏହିପରି କାମନାଦ୍ୱାରା ପ୍ରେରିତ ହୋଇ ଯେଉଁ କର୍ମ କରାଯାଏ ତାକୁ ହିଁ ନିଷ୍କାମ କର୍ମ କହନ୍ତି । ଏହି ନିଷ୍କାମ କର୍ମର ହିଁ ଅନ୍ୟନାମ ଯଜ୍ଞାର୍ଥ କର୍ମ । କର୍ମଯୋଗର ପ୍ରତିପାଦକ ଗ୍ରନ୍ଥ ଶ୍ରୀମଦ୍‌ଭଗବଦ୍‌ଗୀତାରେ କର୍ମର ଅନିବାର୍ଯ୍ୟତା ପାଇଁ ସାତୋଟି ହେତୁର ପ୍ରତିପାଦନ କରାଯାଇଛି ।

(୧) ଯଦି କର୍ମ ପରିତ୍ୟାଗ କରି ଦିଆଯିବ ତେବେ ସଞ୍ଚିତକର୍ମର ବିନାଶ କେମତି ସମ୍ଭବ ହେବ ? ଏଣୁ ଗୀତାରେ କୁହାଯାଇଛି -

"ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ" ।।

(୨) କର୍ମତ୍ୟାଗ କରିବାର କୌଣସି ପ୍ରୟୋଜନ ନାହିଁ ।

(୩) କର୍ମ ପରିତ୍ୟାଗ କରିବା ସମ୍ଭବ ନୁହେଁ ।।

"ନ ହି କଶ୍ଚିତ୍ କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍" ।।

(୪) ପ୍ରକୃତି ସିଦ୍ଧ କର୍ମ ଅନିବାର୍ଯ୍ୟ ଅଟେ ।

"କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ" ।।

(୫) କର୍ମର ନିରୋଧ କରିବାପରେ ମଧ୍ୟ ବୈରାଗ୍ୟ ହୁଏ ନାହିଁ । ପରିଣାମତଃ ମନୁଷ୍ୟ ମିଥ୍ୟାଚାରୀ ହୋଇଯାଏ ।

"କର୍ମେନ୍ଦ୍ରିୟାଣି ସଂଯମ୍ୟ ଯ ଆସ୍ତେ ମନସା ସ୍ମରନ୍ ।
ଇନ୍ଦ୍ରିୟାର୍ଥାନ୍ ବିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।।"

(୬) ଅକର୍ମ ଅପେକ୍ଷା କର୍ମ ଶ୍ରେଷ୍ଠ ଅଟେ ।

"ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।।"

(୭) କର୍ମବିନା ଜୀବନ ଯାତ୍ରା ସମ୍ଭବ ନୁହେଁ -

"ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ।।"

ସୂର୍ଯ୍ୟଙ୍କ ସନ୍ଦର୍ଭରେ ଯାହାକୁ ବିଦ୍ୟା ଏବଂ ଅବିଦ୍ୟା ବୋଲି କୁହାଯାଏ ଚନ୍ଦ୍ରମାଙ୍କ ସନ୍ଦର୍ଭରେ ତାକୁ ହିଁ ସମ୍ଭୂତି ଏବଂ ବିନାଶ ବୋଲି କୁହାଯାଏ । ସମ୍ଭୂତିର ଅର୍ଥ ନାମ-ରୂପ ଧାରଣ କରିବା ଏବଂ ବିନାଶର ଅର୍ଥ ନାମ-ରୂପର ପରିତ୍ୟାଗ କରିବା । ସମ୍ଭୂତିର ସମ୍ଭବ ବଳ ସହିତ ରହିଛି । ରସଠାରୁ ବିଭୂତିର ଉତ୍ପତ୍ତି ହୁଏ । ଏଣୁ ରସକୁ ଉପେକ୍ଷା କରିବା ଉଚିତ ନୁହେଁ କିମ୍ବା ବଳର ପ୍ରତ୍ୟାଖ୍ୟାନ ମଧ୍ୟ କରିବା ଉଚିତ ନୁହେଁ । ଏହି କଥା ଇଶୋପନିଷଦ୍‌ର ୧୨, ୧୩ ଓ ୧୪ ମନ୍ତ୍ରରେ ବର୍ଣ୍ଣନା କରାଯାଇଛି ।

ଦ୍ୱାଦଶ, ତ୍ରୟୋଦଶ ଓ ଚତୁର୍ଦ୍ଦଶମନ୍ତ୍ର -

ଅନ୍ଧଂ ତମଃ ପ୍ରବିଶନ୍ତି ଯେଽସଂଭୂତିମୁପାସତେ ।
ତତୋ ଭୂୟ ଇବ ତେ ତମୋ ଯ ଉ ସଂଭୂତ୍ୟାଂ ରତାଃ ।।
ଅନ୍ୟଦେବାହୁଃ ସମ୍ଭବାଦନ୍ୟଦାହୁରସମ୍ଭବାତ୍ ।
ଇତି ଶୁଶ୍ରୁମ ଧୀରାଣାଂ ଯେ ନ ସ୍ତଦ୍ ବିଚଚକ୍ଷିରେ ।।
ସମ୍ଭୂତିଂ ଚ ବିନାଶଂ ଚ ଯସ୍ତଦ୍‌ବେଦୋଭୟଂ ସହ ।
ବିନାଶେନ ମୃତ୍ୟୁଂ ତୀର୍ତ୍ୱା ସଂଭୂତ୍ୟାମୃତମଶ୍ନୁତେ ।।

ଏହି ତିନୋଟି ମନ୍ତ୍ରରେ ସେଇ କଥା କୁହାଯାଇଛି ଯାହାକି ପୂର୍ବରୁ ୯, ୧୦ ଓ ୧୧ ମନ୍ତ୍ରରେ କୁହାଯାଇଛି । ଏଠାରେ ପୂର୍ବ ମନ୍ତ୍ରରୁ କେବଳ ଏତିକି ଭେଦ ଯେ, ୪ ମନ୍ତ୍ରଗୁଡ଼ିକରେ 'ଅବିଦ୍ୟ' ସ୍ଥାନରେ 'ଅସମ୍ଭୂତି' ଓ 'ବିଦ୍ୟା' ସ୍ଥାନରେ 'ସଂଭୂତି' ଶବ୍ଦର ପ୍ରୟୋଗ କରାଯାଇଛି । ୧୪ଶ ମନ୍ତ୍ରରେ ଅସମ୍ଭୂତି ଶବ୍ଦ ସ୍ଥାନରେ ବିନାଶ ଶବ୍ଦର ପ୍ରୟୋଗ କରାଯାଇଛି, ବିଦ୍ୟା ଓ ଅବିଦ୍ୟାର ସମ୍ବନ୍ଧ ଜ୍ଞାନ ସହିତ ରହିଛି । ସଂଭୂତି ଓ ଅସଂଭୂତିର ସମ୍ବନ୍ଧ ଉତ୍ପତ୍ତି ସହିତ । ବସ୍ତୁତଃ ବିଦ୍ୟା-ଅବିଦ୍ୟା ଅଥବା ସମ୍ଭୂତି-ବିନାଶର ଯୁଗ୍ମ ଆଠ ପ୍ରକାର ଅଟେ । (୧) ମୂଳ ଯୁଗ୍ମ ରସ-ବଳ ଅଟେ । (୨) ସଂସାର ଦଶାରେ ଏହି ଯୁଗ୍ମ ଅମୃତ-ମୃତ୍ୟୁ ରୂପରେ ଆସେ । (୩) ସ୍ୱୟମ୍ଭୂ ସ୍ତରରେ ଏହି ଯୁଗ୍ମକୁ ସ୍ଥିତି-ଗତି କୁହାଯାଏ । (୪) ପରମେଷ୍ଠୀ ସ୍ତରରେ ଏହି ଯୁଗ୍ମକୁ ସ୍ନେହ-ତେଜ କୁହାଯାଏ । (୫) ସୂର୍ଯ୍ୟ ସ୍ତରରେ ୪ ଯୁଗ୍ମକୁ ବିଦ୍ୟା-ଅବିଦ୍ୟା କୁହାଯାଏ । (୬) ଚନ୍ଦ୍ରମା ସ୍ତରରେ ୪ ଯୁଗ୍ମକୁ ସଂଭୂତି-ବିନାଶ କୁହାଯାଏ । (୭) ଜୀବ ସ୍ତରରେ ୪ ଯୁଗ୍ମକୁ ଜ୍ଞାନ-କର୍ମ କୁହାଯାଏ । (୮) ଭୂ-ପିଣ୍ଡ ସ୍ତରରେ ୪ ଯୁଗ୍ମକୁ ଦେବତା-ଭୂତ ରୂପରେ ପ୍ରକଟ ହୋଇଥାଏ ।

ସୃଷ୍ଟିର ମୂଳରେ ଯେହେତୁ ରସ ଓ ବଳ ଉଭୟ ରହିଥାଏ ଏବଂ ଯେହେତୁ ସୃଷ୍ଟି ସ୍ତରରେ ଉଭୟ ମୃତ୍ୟୁ ଓ ଅମୃତ ରୂପରେ ବିଦ୍ୟମାନ ଥାଏ ଏଣୁ ବେଦ ମଧ୍ୟ ବୁଦ୍ଧି ସ୍ତରରେ ବିଦ୍ୟା-ଅବିଦ୍ୟା ଏବଂ ମନ ସ୍ତରରେ ସଂଭୂତି-ବିନାଶର ସମନ୍ୱୟ ବିଷୟ ବର୍ଣ୍ଣନା କରେ । ବେଦର ଏହି ସମନ୍ୱିତ ଦୃଷ୍ଟି ଚାରି ପୁରୁଷାର୍ଥରେ ପରିଣତ ହୋଇଯାଏ । ବଳ ସହିତ ଅର୍ଥ ଓ କାମ ପୁରୁଷାର୍ଥ ଜଡ଼ିତ ଅଟନ୍ତି ଏବଂ ରସ ସହିତ ଧର୍ମ ଓ ମୋକ୍ଷ ପୁରୁଷାର୍ଥ ।

ବିଜ୍ଞାନାତ୍ମା ଓ ପ୍ରଜ୍ଞାନାତ୍ମାର ବର୍ଣ୍ଣନ ପରେ ଉପନିଷଦ୍ ୧୫, ୧୬, ୧୭ ମନ୍ତ୍ରରେ ପ୍ରାରମ୍ଭିକ ଭାଗରେ ଭୂତାତ୍ମାର ବର୍ଣ୍ଣନା କରେ ।

ପଞ୍ଚଦଶ-ଷୋଡ଼ଶ-ସପ୍ତଦଶମନ୍ତ୍ର -

ହିରଣ୍ମୟେନ ପାତ୍ରେଣ ସତ୍ୟସ୍ୟାପିହିତଂ ମୁଖମ୍ ।
ତତ୍ତ୍ୱଂ ପୂଷନ୍ନପାବୃଣୁ ସତ୍ୟଧର୍ମାୟ ଦୃଷ୍ଟୟେ ।।
ପୂଷନ୍ନେକର୍ଷେ ଯମ-ସୂର୍ଯ୍ୟ-ପ୍ରାଜାପତ୍ୟ ବ୍ୟୂହ ରଶ୍ମୀନ୍ ସମୂହ ।
ତେଜୋ ଯତ୍ତେ ରୂପଂ କଲ୍ୟାଣତମଂ ତତ୍ତେ ପଶ୍ୟାମି

ଯୋଽସାବସୌ ପୁରୁଷଃ ସୋଽହମସ୍ମି ।।
ବାୟୁରନିଳମମୃତମଥେଦଂ ଭସ୍ମାନ୍ତଂ ଶରୀରମ୍ ।
ଓଁ କ୍ରତୋ ସ୍ମର କୃତଂ ସ୍ମର କ୍ରତୋ ସ୍ମର କୃତଂ ସ୍ମର ।।

ଏହି ମନ୍ତ୍ରଗୁଡ଼ିକରେ ଭୂତାତ୍ମାର ବର୍ଣ୍ଣନା କରାଯାଇଛି । ଏ ଯାଏ ଅବ୍ୟକ୍ତ, ମହତ୍, ବିଜ୍ଞାନ ଓ ପ୍ରଜ୍ଞାନାତ୍ମାର ବର୍ଣ୍ଣନା କରାଯାଇଛି । ପରମାତ୍ମା ସାକ୍ଷୀ ଅଟନ୍ତି, ଜୀବ ଭୋକ୍ତା ଅଟେ । ଜୀବ ଶରୀରରେ ମଧ୍ୟ ଭୋଗ କରୁଥିବା ବ୍ୟକ୍ତିକୁ କେବଳ ଭୋକ୍ତାତ୍ମା କୁହାଯାଏ । ବିଶ୍ୱଶରୀରରେ ଅବ୍ୟକ୍ତାତ୍ମାର ସମ୍ବନ୍ଧ ସ୍ୱୟମ୍ଭୂ ସହିତ ରହିଛି, ମହାନାତ୍ମାର ସମ୍ବନ୍ଧ ପରମେଷ୍ଠୀ ସହିତ, ବିଜ୍ଞାନାତ୍ମାର ସମ୍ବନ୍ଧ ସୂର୍ଯ୍ୟ ସହିତ, ପ୍ରଜ୍ଞାନାତ୍ମାର ସମ୍ବନ୍ଧ ଚନ୍ଦ୍ର ସହିତ ଏବଂ ଭୋକ୍ତା-ତ୍ମାର ସମ୍ବନ୍ଧ ପୃଥିବୀ ସହିତ ରହିଛି । ଏହି ମନ୍ତ୍ରଗୁଡ଼ିକରେ ସେହି ଭୋକ୍ତାତ୍ମାର ବର୍ଣ୍ଣନା କରା-ଯାଇଛି । ଏହି ଭୋକ୍ତାତ୍ମା ପ୍ରାଜ୍ଞ, ତୈଜସ ଓ ବୈଶ୍ୱାନର ଭେଦରେ ତିନି ଭାଗରେ ବିଭକ୍ତ । ଈଶ୍ୱର ମଧ୍ୟ ତିନି ଭାଗରେ ବିଭକ୍ତ ସର୍ବଜ୍ଞ, ହିରଣ୍ୟଗର୍ଭ ଓ ବୈଶ୍ୱାନର । ଉଭୟଙ୍କ ଭିତରେ ଏତିକି ଭେଦ ଯେ ଈଶ୍ୱର କର୍ମ ସାକ୍ଷୀ ଅଟନ୍ତି ଏବଂ ଜୀବ କର୍ମଭୋକ୍ତା ଅଟେ । ପ୍ରାଜ୍ଞ, ତୈଜସ ଓ ବୈଶ୍ୱାନରଙ୍କ ସମ୍ବନ୍ଧ ଯେହେତୁ ଆଦିତ୍ୟ, ବାୟୁ ଓ ଅଗ୍ନି ସହିତ ରହିଛି ତେଣୁ ଏମାନଙ୍କୁ ଦେବସତ୍ୟାତ୍ମା ବୋଲି କୁହାଯାଏ । ଏହି ଦେବସତ୍ୟାତ୍ମାକୁ ଏହି ଉପଦେଶ ଦିଆ ଯାଇଛି ଯେ 'ହେ ପୂଷନ୍ ଅର୍ଥାତ୍ ପୃଥିବୀର ଅଭିମାନୀ ଦେବତା! ତୁମକୁ ଏହି ପ୍ରାର୍ଥନା କରୁ ଯେ ହିରଣ୍ମୟ ପାତ୍ରରେ ସତ୍ୟର ମୁଖ ଢାଙ୍କି ହୋଇ ରହିଛି । ହେ ପୂଷା ଦେବତା! ସତ୍ୟଧର୍ମର ଦର୍ଶନ ପାଇଁ ତୁମେ ସେଇ ଆବରଣକୁ ହଟେଇ ଦିଅ' । ପୂଷା ଭୌତିକ ସଂପତ୍ତିର ଦେବତା ଅଟନ୍ତି । ଏଣୁ କେବଳ ସେ ହିଁ ଭୌତିକ ସଂପତ୍ତିର ଆବରଣକୁ ହଟେଇବାରେ ସମର୍ଥ ଅଟନ୍ତି । ତେବେ ପୂଷା ସେହି ଆବରଣକୁ କେମିତି ହଟେଇବେ ? ଏହାର ବର୍ଣ୍ଣନ କରିବାକୁ ଯାଇ ଶ୍ରୁତି କହେ- 'ହେ ପୂଷା ! ତୁମେ ଏକର୍ଷି ଅଟ, ତୁମେ ଯମ ଅଟ, ତୁମେ ସୂର୍ଯ୍ୟ ଅଟ ଏବଂ ତୁମେ ପ୍ରଜାପତିଙ୍କ ପୁତ୍ର ଅଟ । ତୁମେ ନିଜର ରଶ୍ମିମାନ ବିସ୍ତାର କର ଏବଂ ତେଜକୁ ସଂକୁଚିତ କର! ମୁଁ ତୁମର କଲ୍ୟାଣତମ ରୂପକୁ ଦେଖିବାକୁ ଚାହେଁ । ଯିଏ ସୌର୍ଯ୍ୟ ହିରଣ୍ମୟ ପୁରୁଷ ଅଟେ ମୁଁ ସେହି ପୁରୁଷ ଅଟେ ।'

ଏଠାରେ ଏକର୍ଷି ଶବ୍ଦ ଦ୍ୱାରା ପୃଥିବୀ, ଯମ ଶବ୍ଦ ଦ୍ୱାରା ଅନ୍ତରୀକ୍ଷ, ଓ ସୂର୍ଯ୍ୟ ଶବ୍ଦ ଦ୍ୱାରା ଦ୍ୟୁଲୋକର ବୋଧ ହୁଏ । ପ୍ରଜାପତି ଏହି ତିନି ଲୋକର କେନ୍ଦ୍ର ଅଟେ । ସପ୍ତ ଋଷି-ମାନଙ୍କ ମଧ୍ୟରୁ ଦୁଇଟି ଶ୍ରୋତ୍ରରେ (କାନରେ) ଦୁଇ ଜଣ ଋଷି - ଗୌତମ ଓ ଭରଦ୍ୱାଜ; ଦୁଇଟି ଚକ୍ଷୁରେ ଦୁଇ ଜଣ ଋଷି - ବିଶ୍ୱାମିତ୍ର ଓ ଜମଦଗ୍ନି; ଦୁଇଟି ନାସିକାରେ ଦୁଇ ଜଣ ଋଷି - ବଶିଷ୍ଠ ଓ କଶ୍ୟପ ଅବସ୍ଥାନ କରନ୍ତି ସପ୍ତମ ଋଷି ବାକ୍ ସ୍ଥାନୀୟ ଅଟନ୍ତି ଅତ୍ରି । ଏହି ପୂଷା ଭୌତିକ ପକ୍ଷର ଦେବତା ଅଟନ୍ତି ଏଣୁ ତାକୁ ଏକର୍ଷି କୁହାଯାଏ । ସମସ୍ତ ଭୂତ ବାକ୍ ଅଟେ ଏବଂ ବାକ୍ ହିଁ ଅତ୍ରି ଅଟନ୍ତି - *"ବାଗେବାତ୍ରିଃ"* । ଏହି ପୂଷା ସହିତ ସମ୍ବନ୍ଧ ଯୋଗୁଁ ପୃଥିବୀକୁ ପୂଷା କୁହାଯାଏ । ଏହି ପୂଷା ହିଁ ଶୁକ୍ର ରୂପରେ ତରଳ ଅଟନ୍ତି ଏବଂ ହିରଣ୍ମୟ ତେଜ ରୂପରେ ଘନ ମଧ୍ୟ ଅଟନ୍ତି । ଏହି ତେଜର ସଂପର୍କରୁ ହିଁ ଆମ ଶରୀରର ଘନ ଭାଗର ନିର୍ମାଣ ହୁଏ ।

ପ୍ରଶ୍ନ ଉଠି ପାରେ ଯେ ଯଦି ପୂଷା ପୃଥିବୀ ଅଟେ, ତେବେ ତାକୁ ଅନ୍ତରୀକ୍ଷର ଯମ ଏବଂ ଦିବ୍ୟ ସୂର୍ଯ୍ୟଙ୍କ ସହିତ କେମିତି ଯୋଡାଯାଇ ପାରିବ ? ତାର ଉତ୍ତରରେ ଏହା କୁହାଯାଇ ପାରେ ଯେ ପୂଷା କେବଳ ପୃଥିବୀ ନୁହେଁ । ସେ ବାୟୁ ଓ ସୂର୍ଯ୍ୟ ତ୍ରିଲୋକ ବ୍ୟାପ୍ତ ଅଟେ । ଏହାର କଲ୍ୟାଣତମ ରୂପକୁ ଦେଖିବାପରେ ଏକଥା ସ୍ପଷ୍ଟ ହୋଇଯାଏ ଯେ ଏହା ହିଁ ବାକ୍ ରୂପରେ ଭୂତ, ଅନ୍ତରୀକ୍ଷ ରୂପରେ ପ୍ରାଣ ଓ ଦିବ୍ୟ ରୂପରେ ମନ ରୂପେ ପରିଣତ ହୋଇଥାଏ । ଆଉ ଏ ସବୁ ତ ଅମୃତରୂପ ଅଟେ ।

ଏହାଦ୍ ବ୍ୟତିରିକ୍ତ ଶରୀର ଭସ୍ମ ଅଟେ - *"ଅଥେଦଂ ଭସ୍ମାନ୍ତଂ ଶରୀରଂ"* । ଏହି ଭସ୍ମାନ୍ତ ଶରୀରରେ ଦିବ୍ୟତାର ବୋଧ କରାଇବା ଉଚିତ । ମନୁଷ୍ୟର ଏହା କର୍ତ୍ତବ୍ୟ ଯେ ସେ ଯାହାକିଛି କରିଛି ସେ ସବୁ ସ୍ମରଣ ରଖିବା ଉଚିତ । *"ଓଁ କ୍ରତୋ ସ୍ମର କୃତଂ ସ୍ମର କ୍ରତୋ ସ୍ମର କୃତଂ ସ୍ମର"* । ଏହି ସ୍ମରଣ ଦ୍ୱାରା ତାହାର ସଂକଳ୍ପ ଓ କର୍ମରେ ଏକରୂପତା ଆସି ଯିବ । ଏହାହିଁ କଲ୍ୟାଣକାରୀ ମାର୍ଗ ଅଟେ ।

ପ୍ରାଜ୍ଞ, ତେଜସ ଓ ବୈଶ୍ୱାନର ତିନୋଟି ବସ୍ତୁତଃ ଅଗ୍ନିର ଘନ, ତରଳ ତଥା ବିରଳ ରୂପ ଅଟେ । ଏଣୁ ଉପନିଷଦ୍‌ର ଶେଷରେ ଅଗ୍ନିକୁ ପ୍ରାର୍ଥନା କରା ଯାଇଛି ।

ଅଷ୍ଟାଦଶ ମନ୍ତ୍ର-

ଅଗ୍ନେ ନୟ ସୁପଥା ରାୟେ
ଅସ୍ମାନ୍ ବିଶ୍ୱାନି ଦେବ ବୟୁନାନି ବିଦ୍ୱାନ୍ ।

ଯୁୟୋଧ୍ୟସ୍ମଜ୍ଜୁହୁରାଣମେନୋ
ଭୂୟିଷ୍ଠାଂ ତେ ନମ ଉକ୍ତିଂ ବିଧେମ ।।

ଅର୍ଥ - ହେ ଅଗ୍ନେ! ଆମକୁ ସନ୍ମାର୍ଗରେ ନେଇ ଯାଅ । ଆମେ ତୁମକୁ ବାରଂବାର ନମସ୍କାର କରୁଛୁ । ଆମକୁ କୁଟିଳ ପାପରୁ ରକ୍ଷାକର । ତୁମେ ସମସ୍ତ ବିଶ୍ୱକୁ ଜାଣିଛ ।

ଏଠାରେ ବିଶ୍ୱ ପାଇଁ 'ବୟୁନ' ଶବ୍ଦ ପ୍ରୟୋଗ କରାଯାଇଛି । ବସ୍ତୁର ଦୁଇଟି ଭାଗ ଥାଏ । ଗୋଟିଏ ହେଲା ସ୍ୱୟଂ ବସ୍ତୁ ଏବଂ ଅପରଟି ହେଲା ତାହାର ଆକାର । ଆକାରକୁ **ବୟୋନାଧ** କହନ୍ତି । ଏବଂ ବସ୍ତୁକୁ **ବୟଃ** । ବୟଃ ଓ ବୟୋନାଧକୁ ମିଶାଇକରି **ବୟୁନ** କୁହାଯାଏ । ଏହି ବୟୁନମାନଙ୍କର ସମୂହ ହିଁ ବିଶ୍ୱ ଅଟେ । ଏହାକୁ ଜାଣିଥିବା ବ୍ୟକ୍ତି ଅଗ୍ନି ଅଟନ୍ତି । ଆମେ ସେହି ଅଗ୍ନିକୁ ନମସ୍କାର କରୁଛୁଁ ।

ଉପନିଷଦ୍‌ର ସମାପ୍ତି ସେହି ମନ୍ତ୍ରରେ ହୁଏ ଯେଉଁ ମନ୍ତ୍ରରେ ଏହାର ପ୍ରାରମ୍ଭ ହୋଇଥାଏ । ଏ ମନ୍ତ୍ରର ବ୍ୟାଖ୍ୟା ଆମ୍ଭେ ପ୍ରାରମ୍ଭରେ କରି ସାରିଛୁଁ ଏଣୁ ପୁନଃ ବ୍ୟାଖ୍ୟା କରିବାର ଆବଶ୍ୟକତା ନାହିଁ ।

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦଂ ପୂର୍ଣ୍ଣାତ୍ ପୂର୍ଣ୍ଣ ମୁଦଚ୍ୟତେ ।
ପୂର୍ଣସ୍ୟ ପୂର୍ଣମାଦାୟ ପୂର୍ଣମେବାବଶିଷ୍ୟତେ ।।
ଓଁ ଶାନ୍ତିଃ! ଶାନ୍ତି!! ଶାନ୍ତି!!!

ପ୍ରଶ୍ନ

୧. ଓଁକାରର ମହତ୍ତ୍ୱ କ'ଣ ?

୨. ଆମେ ଏକଥା କିପରି କହି ପାରିବୁ କି ଆମେ ପୂର୍ଣ୍ଣ ଅଟୁଁ ?

୩. ରାଜନୀତି ଓ ଧର୍ମନୀତି ମଧ୍ୟ ଭେଦ କ'ଣ ?

୪. ବ୍ରହ୍ମୋଦନ ଓ ପ୍ରବର୍ଗ୍ୟର ଅର୍ଥ କ'ଣ ?

୫· କର୍ମ କେତେ ପ୍ରକାର ?

୬· ଧାର୍ମିକ କର୍ମ କେତେ ପ୍ରକାର ?

୭· ଆତ୍ମୀୟ କର୍ମର ଅର୍ଥ କ'ଣ ?

୮· ଆମେ ଆତ୍ମାହନନ କିପରି କରୁଁ ?

୯· ବିଜ୍ଞାନ ଦୃଷ୍ଟିରୁ ଆତ୍ମଘାତର ଅର୍ଥ କଣ ?

୧୦· ଗତି ଓ ସ୍ଥିତି ଉଭୟ ଗୋଟିଏ ସ୍ଥାନରେ କେମିତି ରହିପାରିବେ ?

୧୧· ବ୍ରହ୍ମ ଓ କର୍ମ ମଧ୍ୟରେ ପରସ୍ପର ସମ୍ବନ୍ଧ କ'ଣ ?

୧୨· ମାଟି ଓ ଘଟ ଭିତରେ କେତେ ପ୍ରକାର କାର୍ଯ୍ୟକାରଣ ଭାବ ସମ୍ବନ୍ଧ ଅଛି ?

୧୩· ରାଗ ଓ ଦ୍ୱେଷରୁ କେମିତି ମୁକ୍ତି ମିଳି ପାରିବ ?

୧୪· ଏକତ୍ୱ ଜାଣିବାର ଫଳ କ'ଣ ?

୧୫· କର୍ମକୁ କାହିଁକି ପରିତ୍ୟାଗ କରିବା ଉଚିତ ନୁହେଁ ?

୧୬· ଦ୍ୱନ୍ଦ୍ୱ / ଯୁଗ୍ମକର ଆଠ ପ୍ରକାର ଭେଦ କ'ଣ କ'ଣ ଅଟେ ?

୧୭ ପୂଷାର ସ୍ୱରୂପ କ'ଣ ଅଟେ?

୧୮· ଅଗ୍ନିର ବିଶେଷତା କ'ଣ ?

ସ୍ମରଣୀୟ ଉଦ୍ଧରଣ

ଯଜୁର୍ବେଦର ସଂପୂର୍ଣ୍ଣ ଚତ୍ୱାରିଂଶ (୪୦) ଅଧ୍ୟାୟ ଯାହାକୁ ଉଶୋପନିଷଦ୍ ମଧ୍ୟ କୁହାଯାଏ, ତାହା ବେଦାନ୍ତଦର୍ଶନର ମୂଳ ଅଟେ । ଅତଃ ସଂପୂର୍ଣ୍ଣ ଇଶୋପନିଷଦ୍ ସ୍ମରଣ ଓ ମନନ ଯୋଗ୍ୟ ଅଟେ ।

==========

ସପ୍ତଦଶ ପାଠ

ସା ମ ବେ ଦ (ଆ ର ଣ୍ୟ ଗା ନ ୮ ୯)

ସେ ତୁ ସା ମ ସୂ କ୍ତ

୨୫ ୧୫୫ ୨ ୨ ୧
ହାଉ ।। ୩ ।। ସେତୁ ଷ୍ତର ।।୩।। ଦୁଷ୍ତ ।। ଋନ୍ ।। ୩।।

୧୫୨୫ ୧ ୫ ୨୫ ୨ ୫ ୧
ଦାନେନାଦାନମ୍ ।।୩।। ହାଉ ।। ୩ ।। ଅହମସ୍ମିପ୍ରଥମଜାଋତା୨୩

୨ ୧୧୧ ୨୫ ୧୫୫ ୨ ୨ ୧
ସ୍ୟା ୩୪୫ ।। ହାଉ ।। ସେତୁ ଷ୍ତର ।। ୩ ।। ଦୁଷ୍ତ ।। ଋନ୍ ।।୩।।

୧ ୫ ୨୫୨ ୧୫ ୨ ୧ ୫ ୨୫ ୧ ୨
ଅକ୍ରୋଧେନ କ୍ରୋଧଂ ।। ୨ ।। ଅକ୍ରୋଧେନ କ୍ରୋଧଂ ।। ୨ ।। ହାଉ ।।

୨୫ ୫ ୫ ୫ ୧ ୨ ୧୧୧ ୨୫ ୨୫୫
ପୂର୍ବଂ ଦେବେଭ୍ୟୋ ଅମୃତସ୍ୟନା ୨୩ ମା ୩୪୫ ।। ହାଉ ।। ୩ ।। ସେତୁ

୨ ୨ ୧ ୨ ୨୫ ୨୫ ୨୫
ଷ୍ତର ୩ ଦୁଷ୍ତ ।। ଋନ୍ ।।୩।। ଶ୍ରଷ୍ଟୟା ଶ୍ରଷ୍ଟାଂ ।। ୩।। ହାଉ ।।୩।।

୨୫ ୫ ୫ ୫୧ ୨ ୧୧୧
ଯୋମାଦଦାତିସ ଇଦେବମା ୨୩ ବା ୩୪୫ ତ୍ ।।

୨୫ ୨୫୫ ୨ ୨ ୧
ହାଉ ।। ୩ ।। ସେତୁ ଷ୍ତର ।। ୩ ।। ଦୁଷ୍ତ ।। ଋନ୍ ।। ୩ ।।

୨ ୧୫ ୫୨ ୨୫ ୨ ୧ ୧୧୧
ସତ୍ୟେନାନୃତଂ ।।୩।। ହାଉ ।।୩।। ଅହମନୃମନୃମଦଂତମା ୨୩ ଦ୍ୱୀ ୩୪୫ ।।

ହାଉ ୩ ବା ।। ଏଷା ଗତିଃ ।।୩।। ଏତଦମୃତଂ ।। ୩ ।।

ସ୍ୱର୍ଗଚ୍ଛ ।।୩।। ଜ୍ୟୋତିର୍ଗଚ୍ଛ ।। ୩ ।। ସେତୁ ସ୍ତୀର୍ତ୍ତାଚତୁରା ୨୩୪୫: ।।

ସାମବେଦର ଏହି ଅଂଶ ସେତୁସାମ ନାମରେ ପ୍ରସିଦ୍ଧ । ସାମବେଦର ଅନେକ ଅଂଶ, ଯେପରି କି ପ୍ରସ୍ତୁତ ଅଂଶରେ ପ୍ରଯୁକ୍ତ 'ହାଉ', କେବଳ ସଂଗୀତ ଶାସ୍ତ୍ରୀୟ ଦୃଷ୍ଟିରୁ ପ୍ରୟୋଗ କରାଯାଏ । ଏହାର କୌଣସି ଅର୍ଥ ନାହିଁ । ଯେଉଁମାନେ ସାମବେଦ ଗାୟନ ଅଭ୍ୟାସ କରନ୍ତି ସେମାନେ ଏହାର ଉପଯୋଗିତା ଜାଣନ୍ତି । ଏହାକୁ ଷ୍ଟୋଭ କୁହା ଯାଏ । ଏହିପରି ମନ୍ତ୍ରଭାଗର ଉପରେ ଛୋଟ ଅକ୍ଷରରେ ଲେଖା ଯାଇଥିବା ସଂଖ୍ୟା ଏବଂ ଅକ୍ଷର ମଧ୍ୟ ଗାୟନ ସମୟରେ ସ୍ୱରର ବୋଧ କରାଇଥାଏ । ସେମାନଙ୍କର ମଧ୍ୟ କୌଣସି ଅର୍ଥ ନ ଥାଏ ।

ସାମଗାନର ଆଉଗୋଟିଏ ବିଶେଷତା ହେଲା ଯେ ଏଥିରେ ଗୋଟିଏ ମନ୍ତ୍ରର ଚାରୋଟି ପାଦ କେବେ କେବେ ଅଲଗା ଅଲଗା ପଢା ଯାଇ ଥାଏ ଆଉ ସେହି ମନ୍ତ୍ରର ପଦ ମଧ୍ୟରେ ଅନ୍ୟ ପଦ ମଧ୍ୟ ପ୍ରୟୋଗ କରା ଯାଇ ଥାଏ । ଉଦାହରଣତଃ ପ୍ରସ୍ତୁତ ସେତୁ-ସାମରେ ସଂପୂର୍ଣ୍ଣ ଋଚା ନିମ୍ନୋକ୍ତ ପ୍ରକାର ଅଟେ ।

ଅହମସ୍ମି ପ୍ରଥମଜା ଋତସ୍ୟ

ପୂର୍ବନ୍ ଦେବେଭ୍ୟୋ ଅମୃତସ୍ୟ ନାମ ।

ଯୋ ମା ଦଦାତି ସ ଇଦେବାମାବତ୍

ଅହମନ୍ନମନ୍ନମଦନ୍ତମଦ୍ମି ।।

ଉପରେ ଦିଆ ଯାଇଥିବା ସେତୁସାମ ଗାୟନରେ ଆମେ ଦେଖିବାକୁ ପାଉ ଯେ ଏହି ଋଚାର ଚାରିପାଦ ଯେ ଅଲଗା ଅଲଗା କରି ଦିଆଯାଇଛି ତା' ନୁହେଁ, କିନ୍ତୁ ଉକ୍ତ ମନ୍ତ୍ରର ପଦ ମଝିରେ ମଝିରେ ଅନେକ ଅନ୍ୟ ପଦ ମଧ୍ୟ ପ୍ରବିଷ୍ଟ କରା ଯାଇଛି । ତାହାର କାରଣ ହେଲା ଯେ, ଯେପରି ଆଜିକାଲି ଶାସ୍ତ୍ରୀୟ ଗାନରେ ଗୋଟିଏ ପଦକୁ ଅନେକଥର ଆବୃତ୍ତି କରାଯାଏ ଠିକ୍ ସେହିପରି ସାମଗାନରେ ମଧ୍ୟ ଗୋଟିଏ ପଦକୁ ଅନେକଥର ଆବୃତ୍ତି କରାଯାଏ । ଅବଶ୍ୟ ଏ ସବୁ କଥାର ସମ୍ୟକ୍ ସଂଗୀତଶାସ୍ତ୍ରୀୟ ଗାୟନ ବିଧି ସହିତ ରହିଛି । ଏ କଥା ଖାଲି ବହି ପଢି ବୁଝିବା ସମ୍ଭବ ହେବନାହିଁ । ଏ ସବୁ ସାମଗାନ କରୁଥିବା କୌଣସି ବିଦ୍ୱାନ୍ ଗୁରୁଙ୍କ ସାନ୍ନିଧ୍ୟରେ ରହି ଶିଖିବା ଉଚିତ ।

ଏ ସବୁ ଗାୟନ ବିଶେଷତା ଶିଖିନେବା ପରେ ଯଦି ଆମେ ଉପରୋକ୍ତ ସେତୁସାମ ମନ୍ତ୍ରର ଅର୍ଥ ଜାଣିବାପାଇଁ ଚାହୁଁ ତେବେ ତାର ଅର୍ଥ ନିମ୍ନଲିଖିତ ରୂପେ ବୁଝାଯାଇ ପାରେ ।

ଅର୍ଥ - ଦୁସ୍ତର ଖାଇକୁ ପାର କର । (ଏପରି ଚାରୋଟି ଖାଇ ଅଛି) । ଦାନ ଦ୍ୱାରା ଲୋଭକୁ, ଅକ୍ରୋଧଦ୍ୱାରା କ୍ରୋଧକୁ, ଶ୍ରଦ୍ଧାଦ୍ୱାରା ଅଶ୍ରଦ୍ଧାକୁ, ସତ୍ୟଦ୍ୱାରା ମିଥ୍ୟାକୁ (ଜିତିବା ଉଚିତ) । ଏହା ହିଁ ଏକମାତ୍ର ମାର୍ଗ ଅଟେ । ଏହା ହିଁ ଅମୃତତତ୍ତ୍ୱ ଅଟେ । ସ୍ୱର୍ଗକୁ ପ୍ରାପ୍ତ କର । ଚାରୋଟି ଖାଇକୁ ପାର କର ।

ଏହି ଆଦେଶର ମଝିରେ ମଝିରେ ଦିଆ ଯାଇଥିବା ପୂର୍ବୋକ୍ତ ଋଚାର ଚାରେଟି ପାଦର ଅର୍ଥ ନିମ୍ନୋକ୍ତ ପ୍ରକାର ଅଟେ ।

ମୁଁ ଋତର ସବୁଠାରୁ ଆଗେ ଉତ୍ପନ୍ନ ହୋଇଛି । ମୁଁ ଦେବତାମାନଙ୍କ ପୂର୍ବରୁ ମଧ୍ୟ ଥିଲି । ମୋର ନାମ ଅମୃତ ଅଟେ । ଯିଏ ମୋତେ ଦିଏ ସେ ମୋର ରକ୍ଷା ମଧ୍ୟ କରେ । ମୁଁ ଅନ୍ନ ଅଟେ ଏବଂ ଅନ୍ନର ଭୋକ୍ତାମାନଙ୍କୁ ମଧ୍ୟ ମୁଁ ଭୋଜନକରେ ।

ଏହି ଋଚାକୁ ବୁଝିବା ପାଇଁ ଆଉ ତିନୋଟି ତତ୍ତ୍ୱ ବୁଝିବା ଆବଶ୍ୟକ । ତାହା ହେଲା (୧) ଋତ, (୨) ଦେବ ଓ (୩) ଅନ୍ନ-ଅନ୍ନାଦ । ଯାହାର କେନ୍ଦ୍ର ନ ଥାଏ ତାକୁ ଋତ କହନ୍ତି । ଯାହାର କେନ୍ଦ୍ର ଥାଏ ତାକୁ ସତ୍ୟ କହନ୍ତି । ଅସୀମ ପରାପୂର ଋତ ଅଟେ, କାରଣ ତାହାର କୌଣସି କେନ୍ଦ୍ର ନାହିଁ । ସସୀମ ପୁରୁଷ ସତ୍ୟ ଅଟେ, କାରଣ ମନ ତାହାର କେନ୍ଦ୍ର ଅଟେ । ଏହି ପରାପୂର ଋତଠାରୁ ସତ୍ୟ ପୁରୁଷ ଉତ୍ପନ୍ନ ହୁଏ, ଯେଉଁ ପୁରୁଷର ଆମେ ସମସ୍ତେ ଅଂଶ ଅଟୁଁ । ଏଇଥିପାଇଁ ଈଶୋପନିଷଦ୍‌ରେ କୁହାଯାଇଛି ଯେ -- 'ଯିଏ ପୁରୁଷ ଅଟେ ମୁଁ ସେ' ହିଁ ଅଟେ' --

"ଯୋ ଅସାବସୌ ପୁରୁଷଃ ସୋଽହମସ୍ମି" । ଏଣୁ ନିଜକୁ ନିଜେ ଋତଠାରୁ ପୂର୍ବରୁ ଉତ୍ପନ୍ନ ବୋଲି ଯାହା କୁହା ଯାଇଛି ତାହା ଠିକ୍ ଅଟେ । ଦେବ ଶବ୍ଦର ଅର୍ଥ ପ୍ରାଣ ଅଟେ । କିନ୍ତୁ ସୃଷ୍ଟିର ଆରମ୍ଭରେ ଦେବ 'ପ୍ରାଣ' ନ ଥିଲେ । ସୃଷ୍ଟିର ଆରମ୍ଭରେ ସୁଷୁପ୍ତ 'ପ୍ରାଣ' ଥିଲେ । ଯେପରି କି ନାସଦୀୟ ସୂକ୍ତରେ କୁହା ଯାଇଛି -- *"ଆନୀଦବାତମ୍"* । ପ୍ରଥମ ପ୍ରାଣ ଋଷି ଅଟେ । ଦ୍ୱିତୀୟ ପ୍ରାଣ ପିତର (ପିତୃଲୋକ) ଅଟନ୍ତି । ଦେବ ତୃତୀୟ ପ୍ରାଣ ଅଟନ୍ତି -- *"ଋଷିଭ୍ୟଃ ପିତରୋ ଜାତା, ପିତୃଭ୍ୟଃ ଦେବତାନବାଃ"* । ସାଧକ ନିଜକୁ ନିଜେ ଯେ ଦେବତାମାନଙ୍କ ପୂର୍ବରୁ ଉତ୍ପନ୍ନ ବୋଲି ଯାହା କହିଛି ତାହା ମଧ୍ୟ ଉଚିତ ଅଟେ । ଜୀବାତ୍ମା ସୃଷ୍ଟିର ପୂର୍ବରୁ ମଧ୍ୟ ଥାଆନ୍ତି, କିନ୍ତୁ ଦେବତାମାନେ ସୃଷ୍ଟି ଉତ୍ପନ୍ନ ହେବା ପରେ ଉତ୍ପନ୍ନ ହେଲେ । ବସ୍ତୁତଃ ଆତ୍ମା ଅମୃତ ଅଟେ ।

ଋତ ଓ ଦେବଙ୍କ ଏ ପ୍ରସଙ୍ଗକୁ ବୁଝିନେବା ପରେ ଅନ୍ନ ଓ ଅନ୍ନାଦର ଅର୍ଥ ବୁଝିବା ଆବଶ୍ୟକ । ଅନ୍ନାଦର ଅର୍ଥ ହେଲା ଭୋକ୍ତା, ଅନ୍ନର ଅର୍ଥ ଭୋଗ୍ୟ । ଯାହା ଜଣଙ୍କର ଭୋକ୍ତା ତାହା ଆଉ ଜଣଙ୍କର ଭୋଗ୍ୟ । ଗୋଟିଏ ସାଧାରଣ ଉଦାହରଣ ନିଆ ଯାଉ । ହରିଣ ଘାସ ଖାଏ । ହରିଣ ଘାସର ଭୋକ୍ତା । କିନ୍ତୁ ସେହି ହରିଣ ସିଂହର ଭୋଗ୍ୟ । ଯଦି ଏହି କଥାଟା ବୈଦିକ ଶବ୍ଦାବଳିରେ କହିବା ତେବେ 'ହରିଣ ଘାସର ଅନ୍ନାଦ ଅଟେ ଏବଂ ସିଂହର ଅନ୍ନ ଅଟେ' । ସଂସାରରେ ସମସ୍ତଙ୍କର ଏହି ସ୍ଥିତି ରହିଛି । ଅନ୍ନାଦକୁ ଅଗ୍ନି କୁହାଯାଏ, କାରଣ ଅନ୍ନ ଖାଇବାର (ହଜମ କରିବାର) କାମ ବସ୍ତୁତଃ ଅଗ୍ନି ହିଁ କରିଥାଏ । ଯାହା କିଛି ଖାଆନ୍ତି ତାକୁ ଅନ୍ନ ଅଥବା 'ସୋମ' କୁହାଯାଏ । ଅଗ୍ନିର କାମ ହେଲା ବିସ୍ତାର କରିବା ଏବଂ ସୋମର କାମ ହେଲା ସଂକୁଚିତ ହେବା । ବିଜାପ ନିଜର ଚରମ ସୀମାରେ ପହଁଚିବା ପରେ ତାହା ସଂକୋଚରେ ପରିଣତ ହୋଇ ଯାଏ । ସଂକୋଚ ନିଜର ଚରମ ସୀମାରେ ପହଁଚିବା ପରେ ବିଜାପରେ ପରିଣତ ହେବାକୁ ଲାଗେ । ଏ ଦୃଷ୍ଟିରୁ ଦେଖିଲେ ଅଗ୍ନି ସୋମ ରୂପରେ ଏବଂ ସୋମ ଅଗ୍ନି ରୂପରେ ପରିଣତ ହୋଇଥାଏ । ଏଣୁ ବେଦରେ ସୋମ ଅଗ୍ନିକୁ କହୁଛି ଯେ -- 'ହେ ଅଗ୍ନି! ମୁଁ ତୁମର ଅଟେ କିନ୍ତୁ ବନ୍ଧୁତା ଦୃଷ୍ଟିରୁ ମୁଁ ତୁମଠାରୁ ଛୋଟ ଅଟେ' ।

"ଅଗ୍ନିର୍ଜାଗର ତମହଂ ସୋମ ଆହ -
ତବାହମସ୍ମି ସଖ୍ୟେ ନ୍ୟୋକାଃ" ।

ସୋମ ନିଜକୁ ନିଜେ ଛୋଟ ଏଇଥିପାଇଁ କହୁଛି ଯେ ସେ ଭୋଗ୍ୟ ଅଟେ ଏବଂ ଭୋଗ୍ୟ ସବୁବେଳେ ଭୋକ୍ତାଠାରୁ ଛୋଟ ଅଟେ । ଏ କଥା ନାସଦୀୟ ସୂକ୍ତରେ ମଧ୍ୟ କୁହା-

ଯାଇଛି ଯେ 'ସ୍ୱଧା' ଅର୍ଥାତ୍ ଅନ୍ନ ଛୋଟ ଅଟେ ଏବଂ 'ପ୍ରୟତି' ଅର୍ଥାତ୍ ଭୋଜ୍ୟ ବଡ ଅଟେ --

'ସ୍ୱଧାଽବସ୍ତାତ୍ ପ୍ରୟତିଃ ପରସ୍ତାତ୍' ।

ସେତୁସାମ ମନ୍ତ୍ରର ଅର୍ଥ ବୁଝିନେବା ପରେ ଯଦି ଆମେ ସେହି ଚାରୋଟି ଆଦେଶ ଉପରେ ବିଚାର କରିବୁ ତେବେ ଏ କଥା ସ୍ପଷ୍ଟ ହୋଇଯିବ ଯେ ଏହି ଚାରୋଟି ଆଦେଶ ସାର୍ବ-ଭୌମ ଅଟେ । ସବୁ ଧର୍ମରେ ଲୋଭକୁ ଦାନଦ୍ୱାରା, କ୍ରୋଧକୁ ପ୍ରେମଦ୍ୱାରା, ଘୃଣାକୁ ସ୍ନେହଦ୍ୱାରା ଏବଂ ମିଥ୍ୟାକୁ ସତ୍ୟଦ୍ୱାରା ଜୟ କରାଯାଇ ପାରିବ ବୋଲି କୁହା ଯାଇଛି । ଭାରତ ବର୍ଷରେ ଉତ୍ପନ୍ନ ଦୁଇଟି ପ୍ରସିଦ୍ଧ ଧର୍ମ -- ବୌଦ୍ଧ ଏବଂ ଜୈନ -- ଅବୈଦିକ ଧର୍ମ ବୋଲି ପରିଗଣିତ ହୋଇଥାଏ । କିନ୍ତୁ ସେତୁସାମ ମନ୍ତ୍ରରେ ଯେଉଁ ଅହିଂସା, ସତ୍ୟ ଓ ଅପରିଗ୍ରହ କଥା କୁହା ଯାଇଛି, ତାହାହିଁ ବୌଦ୍ଧ ଏବଂ ଜୈନ ଧର୍ମ ସିଦ୍ଧାନ୍ତର ମୂଳାଧାର ଅଟେ । ଏ କଥାର ପୁଷ୍ଟି ପାଇଁ ଆମେ ତଳେ ବୌଦ୍ଧ ଏବଂ ଜୈନ ଧର୍ମଗ୍ରନ୍ଥରୁ କିଛି ଉଦ୍ଧରଣ ଦେବା ଉଚିତ ମନେ କରୁଁ ।

(୧) ଦାନଦ୍ୱାରା **ଲୋଭକୁ ଜୟ କର (ଅପରିଗ୍ରହ):**

ବୌଦ୍ଧ ସନ୍ଦର୍ଭ:-

ସକ୍କଚ୍ଚଂ ଦାନଂ ଦେଥ, ସହତ୍ଥା ଦାନଂ ଦେଥ,

ଚିତ୍ତୀକତଂ ଦାନଂ ଦେଥ, ଅନପବିଦ୍ଧଂ ଦାନଂ ଦେଥ । । ଦୀଘନିକାୟ

ଅର୍ଥ - ସତ୍କାର ପୂର୍ବକ ଦାନ ଦିଅ । ନିଜ ହାତରେ ଦାନ ଦିଅ । ମନଯୋଗ ସହିତ ଦାନ ଦିଅ । ଠିକ୍ ଭାବରେ ଦେଷରହିତ ଦାନ ଦିଅ । ।

ତେ ମତେସୁ ନ ମାୟନ୍ତି, ପଛାନଂ ବ ସହବ୍ଭଙ୍ଗଂ ।

ଅପ୍ପଞ୍ଚିଂ ଯେ ପବେଚ୍ଛନ୍ତି, ଏସ ଧମ୍ମୋ ସନନ୍ତନୋ । । - ସଂଯୁତ୍ତ ନିକାୟ

ଅର୍ଥ - ସେମାନେ ମରିବା ପରେ ମଧ୍ୟ ଅମର ରହନ୍ତି ଯେଉଁମାନେ ଗୋଟିଏ ରାସ୍ତାରେ ଯାଉଥିବା ବେଳେ ସହଯାତ୍ରିମାନଙ୍କ ପରି ଅନ୍ତରୁ ଅନ୍ତତମ ଖାଦ୍ୟ ପଦାର୍ଥ ମଧ୍ୟ ନିଜ ନିଜ ଭିତରେ ବାଣ୍ଟିକରି ଖାଆନ୍ତି । ଏହି ପାରସ୍ପରିକ ସହଯୋଗ ହିଁ ସନାତନ ଧର୍ମ ଅଟେ ।

ଜୈନ ସନ୍ଦର୍ଭ:-

ପରିଗ୍ଗହନିବିଟ୍ଠାଣଂ, ବେରଂ ତେସିଂ ପବଡ୍ଢଇ । -ସୂତ୍ରକୃତାଙ୍ଗ

ଅର୍ଥ - ଯିଏ ପରିଗ୍ରହ(ସଂଗ୍ରହବୃତ୍ତି)ରେ ବ୍ୟସ୍ତ ଥାଏ, ସେମାନେ କେବଳ ନିଜର ଶତ୍ରୁ

ବଢେଇ ଥାଆନ୍ତି ।

ଇଚ୍ଛାଲୋଭିତେ ମୁତ୍ତିମଗ୍ଗସ୍ସ ପଲିମଥୂଂ । -ସ୍ଥାନାଂଗ

ଅର୍ଥ - ଲୋଭ ମୁକ୍ତି ମାର୍ଗର ବାଧକ ଅଟେ ।

(୨) ଅକ୍ରୋଧଦ୍ୱାରା କ୍ରୋଧକୁ ଜୟ କର ।

ବୌଦ୍ଧ ସନ୍ଦର୍ଭ:-

ନ ହି ବେରେଣ ବେରାନି ସମ୍ମନ୍ତୀଧ କଦାଚନଂ ।

ଅବେରେଣ ଚ ସମ୍ମନ୍ତି ଏସ ଧମ୍ମୋ ସନନ୍ତନୋ ।। -ଧମ୍ମପଦ

ଅର୍ଥ - ଶତ୍ରୁତାଦ୍ୱାରା ଶତ୍ରୁତାର ଉପଶମନ ହୁଏନାହିଁ । ମିତ୍ରତାଦ୍ୱାରା ହିଁ ଶତ୍ରୁତାର ଉପଶମନ ହୁଏ । ଏହା ହିଁ ଶାସ୍ୱତ ନିୟମ ଅଟେ ।

ଯୋ ଉପ୍ପତିତଂ ବିନେତି କ୍ରୋଧଂ ବିସଠଂ ସଢବିସଙ୍ଗବ ଓସଧେହି ।

ସୋ ଭିକ୍ଖୁ ଜହାତି ଓର ପାରଂ ଉରଗ ଜିଣ୍ଣମିବ ତଚଂ ପୁରାଣଂ ।।

-ସୁତ୍ତନିପାତ

ଅର୍ଥ - ଯିଏ ବଢୁଥିବା କ୍ରୋଧକୁ ସେମିତି ଶାନ୍ତ କରି ପାରେ ଯେମିତି କି ଶରୀରରେ ବ୍ୟାପି ଯାଉଥିବା ସାପର ବିଷକୁ ଔଷଧ ଶାନ୍ତ କରିଦିଏ । ସେହି ସନ୍ନ୍ୟାସୀ ଇହ ଲୋକ ଏବଂ ପର ଲୋକରୁ ସେମିତି ମୁକ୍ତି ପାଇଥାଏ ଯେମିତି କି ସାପ ନିଜର ପୁରୁଣା ଖୋଳପା ଛାଡି ମୁକ୍ତି ପାଇଯାଏ ।।

ଜୈନ ସନ୍ଦର୍ଭ:-

ଅପ୍ପାଣଂ ପି ନ କୋବଏ । - ଉତ୍ତରାଧ୍ୟୟନ

ଅର୍ଥ - ନିଜ ଉପରେ ମଧ୍ୟ କେବେ କ୍ରୋଧ କର ନାହିଁ ।

ଧମ୍ମମହିଂସା ସମଂ ନତ୍ଥି । -ଉତ୍ତରପରିଚ୍ଛା

ଅର୍ଥ - ଅହିଂସା ପରି ଧର୍ମ ନାହିଁ ।

(୩) ଶ୍ରଦ୍ଧାଦ୍ୱାରା ଅଶ୍ରଦ୍ଧାକୁ ଜୟ କର ।

ବୌଦ୍ଧ ସନ୍ଦର୍ଭ:-

ସଦ୍ଧା ବୀଜଂ, ତପୋ ବୁଟ୍ଠି । -ସୁତ୍ତନିପାତ

ଅର୍ଥ - ଶ୍ରଦ୍ଧା ବୀଜ ପରି ଏବଂ ତପ ବୃଷ୍ଟି ପରି ଅଟେ ।

ସଦ୍ଧା ବଲଂ ଧମ୍ମୋ । -ପଟିସମ୍ଭିଦାମଗ୍ଗୋ

ଅର୍ଥ - ଧର୍ମର ବଳ ଶ୍ରଦ୍ଧା ଅଟେ ।

ଜୈନ ସନ୍ଦର୍ଭ:-

ସଦ୍ଧା ଖମଂ ଣେ ବିଣଇତ୍ତୁ ରାଗଂ । -ଉତ୍ତରାଧ୍ୟୟନ

ଅର୍ଥ - ଶ୍ରଦ୍ଧା ଆମକୁ ରାଗରୁ ବିମୁକ୍ତ କରିବା ପାଇଁ ସମର୍ଥ ଅଟେ ।

ଅଦକ୍ଖୁ, ବ ଦକ୍ଖୁବାହିଯଂ ସଦ୍ଦହସୁ । -ସୂତ୍ରକୃତାଙ୍ଗ

ଅର୍ଥ - ଯୋଉଁମାନେ ଦର୍ଶନ କରିନାହିଁ, ସେମାନଙ୍କୁ କହୁଛି ଯେ, ଯେଉଁମାନେ ଦର୍ଶନ କରିଛନ୍ତି ତାଙ୍କ କଥାରେ ଶ୍ରଦ୍ଧା ରଖ ।

(୪) ସତ୍ୟଦ୍ୱାରା ଅସତ୍ୟକୁ ଜୟ କର ।

ବୌଦ୍ଧ ସନ୍ଦର୍ଭ:-

ସଚ୍ଚଂ ହବେ ସାଦୁତରଂ ରସାନଂ । -ସୁତ୍ତନିପାତ

ଅର୍ଥ - ସତ୍ୟର ରସ ସବୁଠାରୁ ଅଧିକ ସ୍ୱାଦୁତର ଅଟେ ।

ଞାଣମାନୋ ନ ମୁସା ଉଣେୟ୍ୟ । - ବିମାନବତ୍ଥୁ

ଅର୍ଥ - ଜ୍ଞାଣଶୁଣି କେବେ ମିଛ କୁହ ନାହିଁ ।

ଜୈନ ସନ୍ଦର୍ଭ:-

ପୁରିସା । ସଚ୍ଚମେବ ସମଭିଜାଣାହି । -ଆଚାରାଙ୍ଗ

ଅର୍ଥ - ହେ ମାନବ! ତୁମେ ସତ୍ୟକୁ ହିଁ ଠିକ୍ ଭାବରେ ଜାଣିବାକୁ ଚେଷ୍ଟା କର ।

ଭାସିୟବ୍ୱଂ ହିତଂ ସଚ୍ଚଂ । -ଉତ୍ତରାଧ୍ୟୟନ

ଅର୍ଥ - ସତ୍ୟ ଏବଂ ହିତକାରକ ବଚନ କହିବା ଉଚିତ ।

ଏହିପରି ଦେଖିଲେ ଖ୍ରୀଷ୍ଟ ଏବଂ ମୁସଲମାନ୍ ଧର୍ମରେ ମଧ୍ୟ ଉପର୍ଯ୍ୟୁକ୍ତ ବେଦର ଆଦେଶର ବହୁତ ସମର୍ଥନ ଦେଖିବାକୁ ମିଳି ପାରିବ । ଏପରି ସବୁ ଧର୍ମରୁ ଧର୍ମବଚନ ସବୁ ଉଦ୍ଧରଣ ଦେଲେ ଏହି ଭାଷ୍ୟ ବହୁତ ବଡ ହୋଇଯିବ ଏଣୁ ସବୁ ଧର୍ମରୁ ସେପରୁ ବଚନାମୃତ ଉଦ୍ଧାର କରା ଯାଉ ନାହିଁ । ଏହି ଦେଶରେ ଉତ୍ପନ୍ନ ବୌଦ୍ଧ ଏବଂ ଜୈନ ଧର୍ମର ବଚନାମୃତ ଉଦ୍ଧାର କରି ଏ କଥା ପ୍ରମାଣିତ କରା ଗଲା ଯେ ବେଦର ସନ୍ଦେଶ ସର୍ବସମ୍ମତ ଅଟେ ।

-ପ୍ରଶ୍ନ-

୧· ସାମବେଦ ପାଠର ବିଶେଷତା କ'ଣ ?

୨· ସେତୁସାମରେ ପଠିତ ଉଚ୍ଚାର ଅର୍ଥ କ'ଣ ?

୩· ଅଗ୍ନି ଓ ସୋମ ଭିତରେ ସମ୍ବନ୍ଧ କ'ଣ ?

୪· ସେତୁସାମରେ କେଉଁ ଚାରୋଟି ଖାଇର ଉଲ୍ଲେଖ ହୋଇଛି ?

୫· ବେଦର ସନ୍ଦେଶ ସାର୍ବଭୌମ କେମିତି ?

-ସ୍ମରଣୀୟ ଉଦ୍ଧରଣ-

ଏହି ପାଠରେ ଉଦ୍ଧୃତ ବୌଦ୍ଧ ଏବଂ ଜୈନ ଗ୍ରନ୍ଥରୁ ଉଦ୍ଧରଣ ସବୁ ମୁଖସ୍ଥ କର ।

==========

ଅଷ୍ଟାଦଶ ପାଠ

(ଅଥର୍ବବେଦ : ୧୯-୬-୫୩)

କାଳ ସୂକ୍ତ

ଆମେ ଯେଉଁ ପଦାର୍ଥଗୁଡିକ ଉପରେ ବିଚାର କରୁ ସମ୍ଭବତଃ କାଳ ସେ ସବୁ ପଦାର୍ଥ-ମାନଙ୍କ ମଧ୍ୟରେ ସୂକ୍ଷ୍ମତମ । କାରଣ କାଳକୁ ଚକ୍ଷୁ, କର୍ଣ୍ଣ, ନାସିକା ଆଦି କୌଣସି ଜ୍ଞାନେନ୍ଦ୍ରିୟ-ମାନଙ୍କ ଦ୍ୱାରା ଜାଣିବା ସମ୍ଭବ ନୁହେଁ । କେବଳ ମନଦ୍ୱାରା ହିଁ କାଳକୁ ଜାଣିବା ସମ୍ଭବ ଅଟେ । ଯଦି ମନ ନ ଥାଆନ୍ତା ବିଶ୍ୱରେ ଅନେକ ପଦାର୍ଥ ତ ବିଦ୍ୟମାନ ଥାଆନ୍ତା, କିନ୍ତୁ ସେ ସବୁ ପଦାର୍ଥ ବିଷୟରେ ଜାଣିବା ସମ୍ଭବ ହୋଇ ପାରନ୍ତା ନାହିଁ । ମନର ଚେତନା ସହିତ ପ୍ରାୟ ସମସ୍ତ ଅମୂର୍ତ୍ତ ପଦାର୍ଥ ନିକଟବର୍ତ୍ତି ଅଟନ୍ତି । କାଳ ମଧ୍ୟ ଅମୂର୍ତ୍ତ ପଦାର୍ଥ ଅଟେ ଏବଂ ଏହାକୁ ମନଦ୍ୱାରା ହିଁ ଜାଣିବା ସମ୍ଭବ ହେଇଥାଏ । ଏ ଦୃଷ୍ଟିରୁ ବିଚାର କଲେ କାଳ ଚେତନାର ସବୁଠାରୁ ନିକଟତମ ପଦାର୍ଥ ଅଟେ । ସାମାନ୍ୟତଃ କାଳର ଜ୍ଞାନ ସୂର୍ଯ୍ୟଙ୍କ ଗତିଦ୍ୱାରା ଜାଣିବା ସମ୍ଭବ ହୋଇଥାଏ । କିନ୍ତୁ ଏ କଥା ସ୍ମରଣୀୟ ଯେ ମନର ସହାୟତା ବିନା ଏ ଜ୍ଞାନ ହେବା ସମ୍ଭବ ହୁଅନ୍ତା ନାହିଁ । ଅତଃ ଜ୍ଞାନଶକ୍ତି ସଂପନ୍ନ ମନ ଯେତେବେଳେ ସୂର୍ଯ୍ୟଙ୍କ ସହିତ ଜଡିତ ହୁଏ ସେତେବେଳେ କାଳର ଜ୍ଞାନ ହୁଏ । ଆମେ ଆଗରୁ କହିଛୁ ଯେ ଆତ୍ମାର ତିନୋଟି ଘଟକ ତତ୍ତ୍ୱ ରହିଛି । ତାହା ହେଲା -- ମନ, ପ୍ରାଣ ଓ ଅନ୍ନ । ଉପନିଷଦରେ ପାଞ୍ଚଟି କୋଷର ମଧ୍ୟ ବର୍ଣ୍ଣନା ଦେଖିବାକୁ ମିଳେ । ତାହା ହେଲା -- ଆନନ୍ଦମୟ କୋଷ, ବିଜ୍ଞାନମୟ କୋଷ, ମନୋମୟ କୋଷ, ପ୍ରାଣମୟ କୋଷ, ଓ ଅନ୍ନମୟ କୋଷ । ଏହି ପାଞ୍ଚକୋଷର ଠିକ୍ ମଝିରେ ମନ ରହିଛି । ଏହି ମନ କାଳ ସହିତ ମଧ୍ୟ ଜଡିତ ଅଟେ । ଏଥିରୁ ଏ କଥା ସ୍ପଷ୍ଟ ହୁଏ ଯେ କାଳ ସୃଷ୍ଟିର କେନ୍ଦ୍ରରେ ବିଦ୍ୟମାନ । ଅନ୍ୟ ଦୃଷ୍ଟିରୁ ବିଚାରକଲେ ଏ କଥା ମଧ୍ୟ ସ୍ପଷ୍ଟ ହୁଏ ଯେ ସୂର୍ଯ୍ୟ ମଧ୍ୟ ପଞ୍ଚପର୍ବା ବିଶ୍ୱର କେନ୍ଦ୍ରରେ ବିଦ୍ୟମାନ । ତାହାର ଗୋଟିଏ ପାଖରେ ପୃଥିବୀ ଏବଂ ଚନ୍ଦ୍ର ଅଛନ୍ତି ଏବଂ ଅନ୍ୟ ପାଖରେ ପରମେଷ୍ଠୀ ଓ ସ୍ୱୟମ୍ଭୂ ବିଦ୍ୟମାନ । ଏହିପରି ଭାବରେ ସୂର୍ଯ୍ୟ ଦୃଷ୍ଟିରୁ ହେଉ ଅଥବା

ମନ ଦୃଷ୍ଟିରୁ ହେଉ, କାଳ କେନ୍ଦ୍ରରେ ବିଦ୍ୟମାନ ରହିଛି ।

ଅଥର୍ବବେଦର ଉନବିଂଶତିତମ (୧୯) କାଣ୍ଡର ଷଷ୍ଠ ଅନୁବାକର ତେପନ (୫୩) ଓ ଚଭବନ (୫୪) ସୂକ୍ତରେ କାଳର ସ୍ୱରୂପ ବର୍ଣ୍ଣନା କରାଯାଇଛି । ଆମେ ଏଠାରେ କେବଳ ସେହି ୫୩ତମ କାଳସୂକ୍ତର ସଂକ୍ଷିପ୍ତ ବର୍ଣ୍ଣନା କରିବା । ଏହି ସୂକ୍ତରେ ଦଶଟି ମନ୍ତ୍ର ଅଛି ।

ପ୍ରଥମ ମନ୍ତ୍ର

କାଲୋ ଅଶ୍ୱୋ ବହତି ସପ୍ତରଶ୍ମିଃ
ସହସ୍ରାକ୍ଷୋ ଅଜରୋ ଭୂରିରେତାଃ ।
ତମାରୋହନ୍ତି କବୟୋ ବିପଶ୍ଚିତ-
ସ୍ତସ୍ୟ ଚକ୍ରା ଭୁବନାନି ବିଶ୍ୱା ।।

ଅର୍ଥ - କାଳ ଏକ ଅଶ୍ୱ ଅଟେ । ତାହାର ସାତଟି ରଶ୍ମି (ଦଉଡି) ଓ ହଜାରେ ଆଁଖି ରହିଛି । ସେ କେବେହେଲେ ବି ବୃଦ୍ଧ (ବୁଢା) ହୁଏ ନାହିଁ । ସେ ଅତ୍ୟନ୍ତ ଶକ୍ତିଶାଳି ଅଟେ । ବିଦ୍ୱାନ୍ ମନୀଷୀମାନେ ସେହି କାଳରୂପକ ଅଶ୍ୱ ଉପରେ ଆରୋହଣ କରନ୍ତି । ଏ ସମସ୍ତ ଲୋକ ସେହି କାଳରୂପକ ଅଶ୍ୱର ଚକ୍ର (ପରିକ୍ରମାର ପରିମଣ୍ଡଳ) ଅଟେ ।

ଏଠାରେ କାଳକୁ ଅଶ୍ୱ କୁହା ଯାଇଛି । ବେଦରେ କୁହା ଯାଇଛି ଯେ ଅଗ୍ନିଠାରୁ ଆପଃ ଉତ୍ପନ୍ନ ହୁଏ । ଏହି ଆପଃ ହିଁ ଅଶ୍ୱ ରୂପରେ ପରିଣତ ହୁଏ । ସେହି ଅଶ୍ୱକୁ ଅଶ୍ୱ କହନ୍ତି । ଏପରି ବୈଦିକ ଶବ୍ଦାବଳୀ ଦେଖି ଆଶ୍ଚର୍ଯ୍ୟ ହେବା ଉଚିତ ନୁହେଁ । କାରଣ, ବେଦର ଶବ୍ଦ ପ୍ରତ୍ୟକ୍ଷ ଅର୍ଥର ବର୍ଣ୍ଣନା କରନ୍ତି ନାହିଁ କିନ୍ତୁ ପରୋକ୍ଷ ଅର୍ଥର ।

"ପରୋକ୍ଷକାମା ହି ଦେବାଃ । ଅଶ୍ୱ ହ ବୈ ତମଶ୍ୱ ଇତ୍ୟାଚକ୍ଷତେ ପରୋକ୍ଷମ୍" ।।

ପୂର୍ବରୁ ବର୍ଣ୍ଣନା କରାଯାଇଥିବା ସ୍ୱୟଂଭୁ ଅଗ୍ନି ରୂପ ଅଟେ । ତାଙ୍କଠାରୁ ପରମେଷ୍ଠୀ ଉତ୍ପନ୍ନ ହେଲା । ସେହି ପରମେଷ୍ଠୀଙ୍କଠାରୁ କାଳ ଆରମ୍ଭ ହୋଇଛି । ଅତଏବ ଏଠାରେ କାଳକୁ ଆପଃ, ଅଶ୍ୱ ଅଥବା ଅଶ୍ୱ କୁହାଯାଇଛି । ତାହାର ସାତଟି ରଶ୍ମି ରହିଛି ବୋଲି ବର୍ଣ୍ଣନା କରାଯାଇଛି । ଋଗ୍ବେଦରେ ସାତଟି ଦିଗ, ସାତଜଣ ହୋତା, ସାତଟି ଆଦିତ୍ୟ ଇତ୍ୟାଦି କ୍ରମରେ ଅନେକ ସାତ ସାତ ପଦାର୍ଥର ବର୍ଣ୍ଣନା ଦେଖିବାକୁ ମିଳେ । ଏଠାରେ ବୃଷଭକୁ ମଧ୍ୟ ସପ୍ତ ରଶ୍ମି କୁହାଯାଇଛି । ବୃଷଭ ଶକ୍ତିର ପ୍ରତୀକ ଅଟେ । ଆମେ ଜାଣୁ ଯେ ବୃଷଭ ଶିବଙ୍କ

ବାହ୍ୟନ ଅଟେ । ଶିବଙ୍କ ଅନ୍ୟ ନାମ ମହାକାଳ ମଧ୍ୟ ଅଟେ । ଏ ଦୃଷ୍ଟିରୁ ଦେଖିଲେ କାଳର ସପ୍ତରଶ୍ମି ସହିତ ସମ୍ବନ୍ଧ ବୁଝିବା ସହଜ ହେବ । ସପ୍ତାହର ସାତ ଦିନକୁ କାଳର ସାତ ରଶ୍ମି ବୋଲି ବର୍ଣ୍ଣନା କରାଯାଇ ପାରେ । ସୂର୍ଯ୍ୟଙ୍କର କିରଣର ସାତଟି ରଙ୍ଗକୁ ମଧ୍ୟ କାଳର ସପ୍ତ ରଶ୍ମି କୁହାଯାଏ । ପୁରୁଷ ସୂକ୍ତରେ ପୁରୁଷକୁ ସହସ୍ର ଶିର, ସହସ୍ର ଚକ୍ଷୁ, ସହସ୍ର ପାଦ ବିଶିଷ୍ଟ ବୋଲି ବର୍ଣ୍ଣନା କରା ଯାଇଛି । ସ୍ୱୟଂଭୂ ପୁରୁଷର ଶିର ଅଟେ, ସୂର୍ଯ୍ୟ ଚକ୍ଷୁ ଅଟେ ଏବଂ ପୃଥିବୀ ପାଦ ଅଟେ । ଯେହେତୁ କାଳର ସମ୍ବନ୍ଧ ସୂର୍ଯ୍ୟ ସହିତ ରହିଛି ଏଣୁ କାଳକୁ ସହସ୍ରାକ୍ଷ କହିବା ଭୁଲ ହେବନି । ଯେପରି ଶରୀରର ସମ୍ବନ୍ଧ ଅର୍ଥ ସହିତ, ମନର ସମ୍ବନ୍ଧ କାମ ସହିତ ଜଡିତ ସେହିପରି ବୁଦ୍ଧିର ସମ୍ବନ୍ଧ ସୂର୍ଯ୍ୟଙ୍କ ସହିତ ଜଡିତ ଅଟେ । ଅର୍ଥ ଓ କାମ ସହିତ ଆକ୍ରାନ୍ତ ଶରୀର ଓ ମନ ଜୀର୍ଣ୍ଣ ହୋଇଯାଏ, କିନ୍ତୁ ସୂର୍ଯ୍ୟ ସହିତ ଜଡିତ ବୁଦ୍ଧି ଅଜର ଅଟେ । ଏଇଥି ପାଇଁ ଏଠାରେ କାଳକୁ ଅଜର କୁହା ଯାଇଛି । ଏକଥା ମଧ୍ୟ କୁହାଯାଇ ପାରେ ଯେ, ଯେଉଁମାନେ ବୁଦ୍ଧିମାନ୍ ସେମାନେ କାଳ ରୂପକ ଅଶ୍ୱ ଉପରେ ଆରୂଢ ହୋଇପାରନ୍ତି । ବିଶ୍ୱର ସମସ୍ତ ପଦାର୍ଥରେ ଯାହାକିଛି ପରିବର୍ତ୍ତନ ଦେଖା ଯାଉଛି ସେ ସବୁ ପରିବର୍ତ୍ତନ କାଳ ଯୋଗୁଁ ସମ୍ଭବ ହେଉଛି । ଏଣୁ କାଳକୁ ଅତ୍ୟନ୍ତ ଶକ୍ତିଶାଳି ବୋଲି ପ୍ରଥମ ପଙ୍କ୍ତିରେ କୁହାଯାଇଛି । କିନ୍ତୁ ଦ୍ୱିତୀୟ ପଙ୍କ୍ତିରେ ଏ କଥା ମଧ୍ୟ କୁହା ଯଇଛି ଯେ ପ୍ରଜ୍ଞାଶୀଳ ବିଦ୍ୱାନ୍‌ମାନେ କାଳ ଉପରେ ଆରୋହଣ କରିବାରେ ସମର୍ଥ ହୁଅନ୍ତି । ଏ କଥା ସତ ଯେ ସାଧାରଣ ଲୋକେ କାଳର ପ୍ରବାହରେ ବହି ଯାଆନ୍ତି, କିନ୍ତୁ ବୁଦ୍ଧିମାନ୍ ଲୋକମାନେ କାଳର ବଶୀଭୂତ ହୁଅନ୍ତି ନାହିଁ । ଅନ୍ୟପକ୍ଷରେ କାଳ ସେମାନଙ୍କର ବଶୀଭୂତ ହୋଇଥାଏ । ସମଗ୍ର ବିଶ୍ୱକୁ କାଳର ଚକ୍ର ବୋଲି ଏଇଥିପାଇଁ କୁହାଯାଇଛି ଯେହେତୁ କାଳ କାହାରିକୁ ଅପରିବର୍ତ୍ତିତ ଛାଡେ ନାହିଁ ଏବଂ କାଳର ସମସ୍ତେ ଅଧୀନ ଅଟନ୍ତି ।

ଆମେ ବୁଦ୍ଧିଦ୍ୱାରା କାଳକୁ ଜୟ କରି ପାରିବୁ, ମୃତ୍ୟୁ ଉପରେ ମଧ୍ୟ ବିଜୟ ଲାଭ କରିପାରିବୁ । କାରଣ ବୁଦ୍ଧିର ସମ୍ବନ୍ଧ ସୂର୍ଯ୍ୟଙ୍କ ସହିତ ରହିଛି । ଏଣୁ ବେଦରେ କୁହାଯାଇଛି ଯେ ଯାହା କିଛି ସୂର୍ଯ୍ୟଙ୍କ ଉପରେ ବିଦ୍ୟମାନ ସେ ସବୁ ମୃତ୍ୟୁଠାରୁ ମୁକ୍ତ ଅଟେ । ଯାହାକିଛି ସୂର୍ଯ୍ୟଙ୍କତଳେ ରହିଛି ସେ ସବୁ ମୃତ୍ୟୁର କବଳରେ ପଡିଛନ୍ତି । କାଳକୁ ମୃତ୍ୟୁ (ଯମ) କୁହାଯାଏ, ଯେହେତୁ କାଳ ପରିବର୍ତ୍ତନର କାରଣ ଅଟେ । ପରିବର୍ତ୍ତନ ହିଁ ମୃତ୍ୟୁର ଅନ୍ୟନାମ ।

ସପ୍ତ ଚକ୍ରାନ୍ ବହତି କାଳ ଏଷ
ସପ୍ତାସ୍ୟ ନାଭୀରମୃତଂ ନୂକ୍ଷଃ ।
ସ ଇମା ବିଶ୍ୱା ଭୁବନାନ୍ୟଞ୍ଚତ୍ କାଳଃ
ସ ଇୟତେ ପ୍ରଥମୋ ନୁ ଦେବଃ ।।

ଅର୍ଥ - କାଳ ସାତଟି ଚକ୍ରକୁ ବହନ କରିଛି । ଏହାର ସାତଟି ନାଭି ଅଛି । ଏହାର ଅକ୍ଷରେ ଅମୃତ ରହିଛି । ଏହା ସମ୍ପୂର୍ଣ୍ଣ ବିଶ୍ୱକୁ ଘୁରାଉଛି । ଏହା ପ୍ରଥମ ଦେବତା ଅଟେ ଯିଏ କି ସର୍ବତ୍ର ବ୍ୟାପ୍ତ ଅଟନ୍ତି ।

ଭୂର୍-ଭୁବଃ-ସ୍ୱଃ-ମହଃ-ଜନଃ-ତପଃ-ସତ୍ୟମ୍ -- ଏ ସାତଟି ଲୋକକୁ କାଳ ରୂପକ ଅଶ୍ୱ ବହନ କରିଛି । ସପ୍ତାହର ସାତ ଦିନ ମଧ୍ୟ ସାତ ଚକ୍ର ଅଟେ । ଏ ଚକ୍ରର ନାଭି ସୂର୍ଯ୍ୟ ଅଟେ । ସେ ଅମୃତ ଅଟେ । କାଳର ଗତି କୁଟିଳ ଅଟେ ବୋଲି ଲୋକେ କହନ୍ତି । ଏହି କୁଟିଳ ଗତି ହିଁ ସମ୍ବତ୍ସର ଅଟେ । କୁଟିଳ ଗତିର ବୈଦିକ ନାମ ହେଲା ସର୍ବତ୍ସର । ସର୍ବତ୍ସର ହିଁ ସମ୍ବତ୍ସର ହୋଇଯାଏ । ପୃଥିବୀ ସୂର୍ଯ୍ୟଙ୍କ ଚାରିପାଖରେ ଅଣ୍ଡାକୃତି ହୋଇ ଭ୍ରମଣ କରେ । ଏହି ଅଣ୍ଡାକୃତି ହୋଇ ଭ୍ରମଣ କରିବାର ନାମ ହିଁ ସର୍ବତ୍ସର ଅଟେ । ସର୍ବତ୍ସରକୁ ହିଁ ସମ୍ବତ୍ସର କୁହାଯାଏ -- *"ସର୍ବତ୍ସରୋ ହ ବୈ ନାମୈତତ୍ ଯତ୍ସଂବତ୍ସରଃ"* । ଏହି ସଂବତ୍ସର ହିଁ ମୃତ୍ୟୁ ଅଟେ । କାରଣ ଏହି ଦିନ ରାତି ରୂପରେ ମନୁଷ୍ୟଙ୍କ ଆୟୁ କ୍ଷୀଣ କରିଥାଏ ।
"ଏଷ ବୈ ମୃତ୍ୟୁର୍ଯତ୍ସଂବତ୍ସରଃ । ଏଷ ହି ମର୍ତ୍ୟାନାମହୋରାତ୍ରାଭ୍ୟାମାୟୁଃ କ୍ଷିଣୋତି " ।

ତୃତୀୟ ମନ୍ତ୍ର

ପୂର୍ଣ୍ଣକୁମ୍ଭୋଧି କାଳ ଆହିତ-
ଙ୍ଗ ବୈ ପଶ୍ୟାମୋ ବହୁଧା ନୁ ସନ୍ତଃ ।
ସ ଇମା ବିଶ୍ୱା ଭୁବନାନି ପ୍ରତ୍ୟଙ୍
କାଳଂ ତମାହୁଃ ପରମେ ବ୍ୟୋମନ୍ ।।

ଅର୍ଥ - ସେହି କାଳର ଆଧାରରେ ହିଁ ପୂର୍ଣ୍ଣକୁମ୍ଭ ପ୍ରତିଷ୍ଠିତ ଅଟେ । ଏହି ପୂର୍ଣ୍ଣକୁମ୍ଭ ହିଁ ଏ ସଂପୂର୍ଣ୍ଣ ଲୋକର ଆତ୍ମା ଅଟେ । ସେହି କାଳକୁ ମହର୍ଷିମାନେ ପରମ ବ୍ୟୋମ କହନ୍ତି ।

ଯଦି ଆମେ ଖୁଲା ଯାଗାରେ ଠିଆ ହୋଇ ଚାରିଆଡକୁ ଚାହିଁବା ତେବେ ଗୋଲାକାର ଆକାଶ ପୃଥିବୀକୁ ସ୍ପର୍ଶ କଲା ଭଳି ଦେଖା ଯିବ । ଏହି ପୃଥିବୀ ଓ ଆକାଶର ସମ୍ମିଳିତ ରୂପ ଗୋଟିଏ କଇଁଛ ଭଳି ଦେଖା ଯିବ । ଏହାକୁ ପୁରାଣମାନଙ୍କରେ ପ୍ରଜାପତିଙ୍କର କଚ୍ଛପ ଅବତାର ବୋଲି କୁହା ଯାଇଛି । ଏହାର ତଳ ଭାଗକୁ ଗୋଟିଏ କପାଳ (ଖର୍ପର) ଓ ଉପର ଭାଗକୁ ଆଉ ଗୋଟିଏ କପାଳ ବୋଲି ଧରିନିଆ ଯିବ ତେବେ ଏହା ଗୋଟିଏ କୁମ୍ଭ ବନିଯିବ । ଏହି କୁମ୍ଭ କାଳ ଉପରେ ଅବସ୍ଥାନ କରିଛି । ଏହି କୁମ୍ଭର ନିର୍ମାତା କୁମ୍ଭକାର ପ୍ରଜାପତି ଅଟନ୍ତି । ଏଣୁ କୁମ୍ଭକାରକୁ ମଧ୍ୟ ପ୍ରଜାପତି ବୋଲି କୁହାଯାଏ । ଏହି କୁମ୍ଭରେ ହିଁ ସମସ୍ତ ରସ ରହିଥାଏ ଏଣୁ ଏହାକୁ ପୂର୍ଣ୍ଣ-କୁମ୍ଭ କୁହାଯାଏ । ଦେଶ କ୍ଷର ଅଟେ ଏବଂ କାଳ ଅକ୍ଷର ଅଟେ । ସେହି କ୍ଷର ଓ ଅକ୍ଷର ଉଭୟ ଯେଉଁଠି ଅବସ୍ଥାନ କରନ୍ତି ତାକୁ ପରମ ବ୍ୟୋମ କହନ୍ତି । କାଳ ଯେତେବେଳେ କେନ୍ଦ୍ରରେ ଥାଏ ସେତେବେଳେ ତାକୁ ପ୍ରତ୍ୟଙ୍କ୍ କୁହାଯାଏ । କିନ୍ତୁ କାଳ ଯେତେବେଳେ ପିଣ୍ଡରେ ଅବସ୍ଥାନ କରେ ସେତେବେଳେ ତାକୁ ପରାଙ୍କ୍ କୁହାଯାଏ । ରସପୂର୍ଣ୍ଣ କୁମ୍ଭକୁ ମାଙ୍ଗଳିକ ବୋଲି ଗ୍ରହଣ କରାଯାଇ ଥିବାରୁ ମଙ୍ଗଳ ଅବସରରେ ପୂର୍ଣ୍ଣକୁମ୍ଭ ରଖିବାର ସଂସ୍କୃତି ଆମ ଦେଶରେ ବୈଦିକକାଳରୁ ପ୍ରଚଳିତ ରହିଛି ।

ଚତୁର୍ଥ ମନ୍ତ୍ର

ସ ଏବ ସଂ ଭୁବନାନ୍ୟାଭରତ୍
ସ ଏବ ସଂ ଭୁବନାନି ପର୍ଯ୍ୟେତ୍ ।
ପିତା ସନ୍ନଭବତ୍ ପୁତ୍ର ଏଷାଂ
ତସ୍ମାଦ୍ ବୈ ନାନ୍ୟତ୍ ପରମସ୍ତି ତେଜଃ ।।

ଅର୍ଥ - କାଳ ହିଁ ଭୁବନର ଭରଣ ପୋଷଣ କରେ । ସେହି କାଳ ଭୁବନକୁ ଚାରି-ପାର୍ଶ୍ୱରୁ ବ୍ୟାପ୍ତ କରି ରଖିଛି । ଏ ଦୃଷ୍ଟିରୁ କାଳ ଭୁବନର ପିତା ଅଟେ, ଏବଂ ପୁତ୍ର ମଧ୍ୟ ଅଟେ । ତା'ଠାରୁ ବଡ ତେଜ କିଛି ହେଲେ ବି ନାହିଁ ।

କାଳ ହିଁ ଦିକ୍ ଓ ଦେଶକୁ ଜନ୍ମ ଦେଇଛି । ଏଣୁ କାଳ ଭୁବନର ଭରଣ ପୋଷଣ କରୁଛି ବୋଲି କୁହାଯାଇଛି । କାଳଠାରୁ ଶ୍ରେଷ୍ଠ କିଛି ବି ନାହିଁ, ଏଣୁ କାଳ ଭୁବନକୁ ଚାରିପାର୍ଶ୍ୱରୁ ବ୍ୟାପ୍ତ କରି ରଖିଛି ବୋଲି କୁହା ଯାଇଛି । ସତ୍କାର୍ଯ୍ୟବାଦ ଅନୁସାରେ କାରଣ ହିଁ କାର୍ଯ୍ୟ ରୂପରେ

ପରିବର୍ତ୍ତିତ ହୋଇଯାଏ । କାରଣକୁ ପିତା ଓ କାର୍ଯ୍ୟକୁ ପୁତ୍ର କୁହାଯାଏ । କାଳ ହିଁ କାରଣ ଅଟେ ଏବଂ କାଳ ହିଁ କାର୍ଯ୍ୟ ଅଟେ । ଏଣୁ ତାକୁ ଏକାଧାରାରେ ପିତା ଓ ପୁତ୍ର ବୋଲି କୁହା-ଯାଇଛି । କାଳର ପ୍ରଭାବରେ ହିଁ ସମସ୍ତେ ତେଜସ୍ୱୀ ହୋଇ ଥାଆନ୍ତି । ଏଣୁ କୁହା ଯାଇଛି ଯେ କାଳଠାରୁ କୌଣସି ବଡ ତେଜ ନାହିଁ ।

ପଞ୍ଚମ ମନ୍ତ୍ର

କାଳୋଽମୂଂ ଦିବମଜନୟତ୍ କାଳ ଇମାଃ ପୃଥିବୀ ଉତଃ ।
କାଳେ ହ ଭୂତଂ ଇବ୍ୟଂ ତେଷିତଂ ହ ବି ତିଷ୍ଠତେ ।।

ଅର୍ଥ - କାଳ ଦ୍ୟୁଲୋକକୁ ଉତ୍ପନ୍ନ କରିଛି ଏବଂ କାଳ ଏହି ସବୁ ପୃଥିବୀକୁ ମଧ୍ୟ ଉତ୍ପନ୍ନ କରିଛି । କାଳ ଉପରେ ଭୂତ, ଭବିଷ୍ୟତ ଓ ବର୍ତ୍ତମାନ ନିର୍ଭର କରେ ।

ସୃଷ୍ଟିର ତିନୋଟି ପକ୍ଷ ରହିଛି -- ପ୍ରାଣ ଅଧିଦୈବତ, ପ୍ରାଣୀ ଅଧ୍ୟାତ୍ମ ଓ ଭୂତ ଅଧିଭୂତ ଅଟେ । ପୂର୍ବୋକ୍ତ ଚତୁର୍ଥ ମନ୍ତ୍ରରେ କାଳ ଭୁବନମାନଙ୍କୁ ଭରଣ ପୋଷଣ କରେ ବୋଲି ଯାହା କୁହା ଯାଇଛି ତାହା ଅଧିଭୂତ ସର୍ଗ (ସୃଷ୍ଟି)ର ବର୍ଣ୍ଣନା କରେ । ଏବେ ଏହି ପଞ୍ଚମ ମନ୍ତ୍ରରେ ଏବଂ ଆଗାମୀ ଷଷ୍ଠ ମନ୍ତ୍ରରେ ଅଧିଦୈବତ ସୃଷ୍ଟିର ବର୍ଣ୍ଣନା କରା ଯାଉଛି । ଅଧିଦୈବତ ସୃଷ୍ଟିରେ ତେତିଶ ପ୍ରାଣ ଆସେ -- ଆଠଟି ବସୁପ୍ରାଣ, ଏଗାରଟି ରୁଦ୍ରପ୍ରାଣ, ବାରଟି ଆଦିତ୍ୟପ୍ରାଣ ତଥା ବସୁ ଓ ରୁଦ୍ର ଏବଂ ରୁଦ୍ର ଓ ଆଦିତ୍ୟ ମଧ୍ୟବର୍ତ୍ତି ଗୋଟିଏ ଗୋଟିଏ ପ୍ରାଣ । ଏହି ତେତିଶ ପ୍ରାଣକୁ ହିଁ ତେତିଶ ଦେବତା କହନ୍ତି । ଏଣୁ ଏହାକୁ ଅଧିଦୈବତ ସୃଷ୍ଟି କୁହାଯାଏ । ଏ ସୃଷ୍ଟିରେ ଦିଗର କିମ୍ବା ଦେଶର ବନ୍ଧନ ନ ଥାଏ । ପାଷାଣ ଆଦି ଅଧିଭୂତ ସୃଷ୍ଟି ଅଟେ ଯାହାକି ସର୍ବଥା ଦେଶ ସହିତ ବନ୍ଧା ରହିଛି । ଅଧ୍ୟାତ୍ମ ସୃଷ୍ଟି ପଶୁ ପକ୍ଷୀ ଓ ମନୁଷ୍ୟ ବିଷୟକ ଅଟେ । ତାହା ଅଧିଦୈବ ସୃଷ୍ଟି ପରି ସର୍ବଥା ଦିଗ ଓ ଦେଶ ବନ୍ଧନରୁ ମୁକ୍ତ ନୁହେଁ କିମ୍ବା ଅଧିଭୂତ ସୃଷ୍ଟି ପରି ଦିଗ ଓ ଦେଶ ସହିତ ବଦ୍ଧ ବି ନୁହେଁ ।

ଷଷ୍ଠ ମନ୍ତ୍ର

କାଳୋ ଭୂତିମସୃଜତ କାଳୋ ତପତି ସୂର୍ଯ୍ୟଃ ।
କାଳୋ ହ ବିଶ୍ୱା ଭୂତାନି କାଳେ ଚକ୍ଷୁର୍ବି ପଶ୍ୟତି ।।

ଅର୍ଥ - କାଳ ବିଭୂତିକୁ ସୃଷ୍ଟି କରିଛି ଏବଂ କାଳର ବଶୀଭୂତ ହୋଇ ସୂର୍ଯ୍ୟ ଉତ୍ତାପ ପ୍ରଦାନ କରନ୍ତି । କାଳ ହିଁ ଏ ସମଗ୍ର ଭୂତ ସୃଷ୍ଟି ରୂପରେ ବିଦ୍ୟମାନ ଅଟେ ତଥାଚ କାଳର

ମହିମାରୁ ଚକ୍ଷୁ ଦର୍ଶନ କରିପାରେ ।

ବିଭୂତି ଦୁଇ ପ୍ରକାର ଅଟେ -- ଭୌତିକ ଏବଂ ଦୈବିକ । ଦୈବୀ ବିଭୂତି ଶ୍ରୀ ଅଟେ ଏବଂ ଭୌତିକ ବିଭୂତି ଲକ୍ଷ୍ମୀ ଅଟେ । ଏ ଦୁଇ ଶକ୍ତି ମଧ୍ୟରେ ଶ୍ରୀ ଶୀର୍ଷ ସ୍ଥାନୀୟ ଅଟେ । ଶତ-ପଥ ବ୍ରାହ୍ମଣରେ ଏଇଥିପାଇଁ ଶ୍ରୀର ସମ୍ବନ୍ଧ ଶିର ସହିତ ସ୍ଥାପିତ କରା ଯାଇଛି -- *"ଯତ୍ ଶ୍ରିୟଂ ସମ୍ଭରୋହତ୍ ତସ୍ମାତ୍ ଶିରଃ"* । ଲକ୍ଷ୍ମୀଙ୍କ ସମ୍ବନ୍ଧ ପିଣ୍ଡ ସହିତ ଜଡିତ ଅଟେ । ପିଣ୍ଡ କାଳବଦ୍ଧ ଅଟେ । ଲକ୍ଷ୍ମୀ ଜଡ ଏବଂ କ୍ଷର ଅଟେ । ଶ୍ରୀର ସମ୍ବନ୍ଧ ପିଣ୍ଡର ମହିମାମଣ୍ଡଳ ସହିତ ରହିଛି । ଶ୍ରୀ ଅକ୍ଷର ଅଟେ । ତାହାର ସମ୍ବନ୍ଧ ପିଣ୍ଡର ଉର୍ଦ୍ଧ୍ୱରେ ବିଦ୍ୟମାନ ମହିମାମଣ୍ଡଳ ସହିତ ଜଡିତ ରହିଛି । ଏଣୁ ଜୈମିନୀୟବ୍ରାହ୍ମଣ-ଉପନିଷଦ୍‌ରେ ତାକୁ ବହିର୍ଦେବ ବୋଲି କୁହାଯାଇଛି - *"ବହିର୍ଦେବୋ ବୈ ଶ୍ରୀଃ"* । ଶ୍ରୀର ନାମ ହିଁ ଭୂତି ଅଟେ । କାରଣ ତାହା ଭୂତର ମହିମା ମଣ୍ଡଳ ଅଟେ । ଭୂତରେ ଏହି ଭୂତିର ଆବିର୍ଭାବକୁ ସମୃତି ଅଥବା ସୃଷ୍ଟି କୁହାଯାଏ । ଏହି ଭୂତିର ତିରୋଭାବ ହିଁ ପ୍ରଳୟ ଅଟେ । କାଳ ହିଁ ସୃଷ୍ଟି ଓ ପ୍ରଳୟ କରିଥାଏ --

"କାଳଃ ସୃଜତି ଭୂତାନି କାଳଃ ସଂହରତେ ପ୍ରଜାଃ" ।

ଏହି ମନ୍ତ୍ରରେ କାଳର ସମ୍ବନ୍ଧ ସୂର୍ଯ୍ୟ, ଭୂତ ଓ ଚକ୍ଷୁ ସହିତ ସ୍ଥାପିତ କରା ଯାଇଛି । ସୂର୍ଯ୍ୟ ଅଧିଦୈବ ଅଟନ୍ତି, ଭୂତ ଆଧିଭୌତିକ ଅଟେ ଏବଂ ଚକ୍ଷୁ ଆଧ୍ୟାତ୍ମିକ ଅଟେ । ଏକଥା ପ୍ରତ୍ୟକ୍ଷ ସିଦ୍ଧ ଯେ ସୂର୍ଯ୍ୟଙ୍କ ତେଜସ୍ୱିତା ସର୍ବାଧିକ ଅଟେ । ଏଣୁ ସୂର୍ଯ୍ୟକୁ ଚକ୍ଷୁ କୁହାଯାଏ - *"ତଚ୍ଚକ୍ଷୁର୍ଦେବହିତଂ ପୁରସ୍ତାତ୍"* । ଚକ୍ଷୁ, ଆଖି ଓ ନେତ୍ରକୁ ସମାନାର୍ଥକ କୁହାଯାଉଥିଲେ ମଧ୍ୟ ଚକ୍ଷୁ ପ୍ରାଣାତ୍ମକ ଅଟେ । ଏହାକୁ ପ୍ରଜା ବୋଲି ମଧ୍ୟ କୁହାଯାଏ । ଆଖି ଭୂତମାତ୍ରା ଅଟେ । ଏହା ଚକ୍ଷୁ ଅପେକ୍ଷା ସ୍ଥୂଳ ଅଟେ । କିନ୍ତୁ ସବୁଠାରୁ ଅଧିକ ସ୍ଥୂଳ ହେଉଛି ନେତ୍ର ଯାହାକି ଭୂତାତ୍ମକ ଅଟେ । ଏହି ତିନୋଟିର ତୁଳନାରେ ଚକ୍ଷୁ ଶ୍ରେଷ୍ଠ ଅଟେ ଏବଂ ତାହାକୁ ତ୍ରିବୃତ୍ କୁହାଯାଏ -- "ତ୍ରିବୃତ୍ ବୈ ଚକ୍ଷୁଃ" ।।

ଷଷ୍ଠ ମନ୍ତ୍ର

କାଳେ ମନଃ କାଳେ ପ୍ରାଣଃ କାଳେ ନାମ ସମାହିତମ୍ ।
କାଳେନ ସର୍ବା ନନ୍ଦନ୍ତ୍ୟାଗତେନ ପ୍ରଜାଃ ଇମାଃ ।।

ଅର୍ଥ :- କାଳରେ ମନ, ପ୍ରାଣ, ଓ ନାମ ସମାହିତ ଅଟେ । ସବୁ ପ୍ରାଣୀମାନେ ବର୍ତ୍ତମାନ କାଳରେ ହିଁ ଆନନ୍ଦିତ ରହନ୍ତି ।

ଚତୁର୍ଥ ମନ୍ତ୍ରରେ ଆଧିଭୌତିକ, ପଞ୍ଚମ ମନ୍ତ୍ରରେ ଆଧିଦୈବିକ ବିବର୍ତ୍ତର ବର୍ଣ୍ଣନା କରିବା ପରେ ଏହି ମନ୍ତ୍ରରେ ଅଧ୍ୟାତ୍ମର ଉଲ୍ଲେଖ କରାଯାଇଛି । ମନ ଜ୍ଞାନକୁ, ପ୍ରାଣ କ୍ରିୟାକୁ, ଓ ନାମ ଅର୍ଥକୁ ଉପସ୍ଥାପିତ କରନ୍ତି । ଆଦିତ୍ୟ ପ୍ରାଣଦ୍ୱାରା କାଳ ମନୋମୟ ହୋଇଥାଏ, ବାୟବ୍ୟ ପ୍ରାଣଦ୍ୱାରା ପ୍ରାଣମୟ, ତଥା ଆଗ୍ନେୟ ପ୍ରାଣଦ୍ୱାରା ବାଙ୍ମୟ ହୋଇଥାଏ । ମନ, ପ୍ରାଣ ଓ ନାମ କାଳରେ ସମାହିତ ଅଟେ । ଅର୍ଥାତ୍ କାଳ ହିଁ ମନ, ପ୍ରାଣ ଓ ନାମ ରୂପରେ ପରିଣତ ହୁଏ । ଆଧାର ଓ ଆଧେୟ ଭିତରେ କୌଣସି ଭେଦ ନାହିଁ । କାଳରେ କାଳ ଦ୍ୱାରା ହିଁ କାଳ-ରୂପରେ ପରିଣତ ହୋଇଥାଏ । କାଳ କାଳରେ ଅର୍ଥାତ୍ ଅକ୍ଷରରେ, କାଳ ଦ୍ୱାରା ଅର୍ଥାତ୍ ବିକା-ରଭୂତ କ୍ଷର ଦ୍ୱାରା, କାଳରୂପରେ ଅର୍ଥାତ୍ ମହାଭୂତ ଅଥବା କାର୍ଯ୍ୟ ଜଗତ୍ ରୂପରେ ପରିଣତ ହୋଇଥାଏ ।

ସୂର୍ଯ୍ୟ କେନ୍ଦ୍ରରେ ବିଦ୍ୟମାନ ବୋଲି ପୂର୍ବରୁ କୁହାଯାଇଛି । କିନ୍ତୁ ପୃଥିବୀ ପୃଷ୍ଠରେ ଥାଇ ଆମେ ସୂର୍ଯ୍ୟଙ୍କର ଉଦୟ ଓ ଅସ୍ତ ଦେଖିପାରୁ । ଏହା ବସ୍ତୁତଃ ଘଟିତ ହୁଏ ନାହିଁ । ତେବେ ବି ସୂର୍ଯ୍ୟଙ୍କ ଉଦୟ ଓ ଅସ୍ତକୁ ନେଇ ଦିନ ରାତି ଅଥବା ଭୂତ ଓ ଭବିଷ୍ୟତର କଳ୍ପନା କରାଯାଏ ।

ଅଷ୍ଟମ ମନ୍ତ୍ର

କାଳେ ତପଃ କାଳେ ଜ୍ୟେଷ୍ଠଂ କାଳେ ବ୍ରହ୍ମ ସମାହିତମ୍ ।
କାଳୋ ହି ସର୍ବସ୍ୟେଶ୍ୱରୋ ଯଃ ପିତାସୀତ୍ ପ୍ରଜାପତେଃ ।।

ଅର୍ଥ - କାଳରେ ହିଁ ତପଃ ବିଦ୍ୟମାନ । କାଳରେ ହିଁ ଜ୍ୟେଷ୍ଠ ଏବଂ ବ୍ରହ୍ମ ପ୍ରତିଷ୍ଠିତ ଅଟନ୍ତି । କାଳ ହିଁ ସବୁର ଈଶ୍ୱର । ଏହି କାଳ ପ୍ରଜାପତିଙ୍କର ମଧ୍ୟ ପିତା ଅଟନ୍ତି ।

ଏହି ମନ୍ତ୍ରରେ ଜ୍ୟେଷ୍ଠ ଓ ବ୍ରହ୍ମ ମଧ୍ୟ କାଳରେ ସମାହିତ ହୋଇଯିବା କଥା କୁହା ଯାଇଛି । ପ୍ରଜାପତିଙ୍କ ଜ୍ଞାନ-ଜ୍ୟୋତିର୍ମୟ ଅବ୍ୟୟ ଭାଗ ତପ ଅଟେ, କର୍ମ-ଜ୍ୟୋତିର୍ମୟ ଅକ୍ଷର ଭାଗ ଜ୍ୟେଷ୍ଠ ଅଟେ ଏବଂ ଭୂତ-ଜ୍ୟୋତିର୍ମୟ ଆତ୍ମାକ୍ଷର ଭାଗ ବ୍ରହ୍ମ ଅଟେ । ଶ୍ରୀମଦ୍ ଭଗ-ବଦ୍‌ଗୀତାରେ ମଧ୍ୟ କୁହାଯାଇଛି ଯେ *"ବ୍ରହ୍ମାକ୍ଷରସମୁଦ୍ଭବମ୍"* । ଏହି ମନ୍ତ୍ରରେ ଯାହାକୁ ତପ, ଜ୍ୟେଷ୍ଠ ଓ ବ୍ରହ୍ମ କୁହା ଯାଇଛି, ସେମାନଙ୍କୁ ସପ୍ତମ ମନ୍ତ୍ରରେ ମନ, ପ୍ରାଣ ଓ ନାମ କୁହା ଯାଇ-ଛି । ତପ ଜ୍ଞାନ-ଜ୍ୟୋତି ପୁରୁଷକୁ ନିର୍ଦ୍ଦେଶ କରେ, ଜ୍ୟେଷ୍ଠ କର୍ମ-ଜ୍ୟୋତି ପରା ପ୍ରକୃତିକୁ ଏବଂ ବ୍ରହ୍ମ ଭୂତ-ଜ୍ୟୋତି ଅପରା ପ୍ରକୃତିକୁ ନିର୍ଦ୍ଦେଶ କରେ । ଏମାନଙ୍କ ମଧ୍ୟରେ ତପ ଅଧିଷ୍ଠାନ

ଅଟେ, ଜ୍ୟେଷ୍ଠ ନିମିତ୍ତ ଅଟେ ଏବଂ ବ୍ରହ୍ମ ଉପାଦାନ ଅଟେ । ତପକୁ ଜ୍ଞାନରୂପ ବୋଲି ଯାହା କୁହା ଯାଇଛି ତାହା *"ଯସ୍ୟ ଜ୍ଞାନମୟଂ ତପଃ"* ଇତ୍ୟାଦି ବେଦ ବାକ୍ୟଦ୍ୱାରା ପ୍ରମାଣିତ ହୁଏ । ଅନ୍ୟ ପକ୍ଷରେ ଜ୍ୟେଷ୍ଠକୁ କର୍ମରୂପ ବୋଲି ଯାହା କୁହାଯାଇଛି ସେ କଥା *"ପ୍ରାଣୋ ବୈ ଜ୍ୟେଷ୍ଠଃ"* ଏହି ଉପନିଷଦ୍ ବାକ୍ୟ ଦ୍ୱାରା ପ୍ରମାଣିତ ହୁଏ । ବ୍ରହ୍ମକୁ ଅନେକ ସ୍ଥଳରେ ବାକ୍ ବୋଲି କୁହା ଯାଇଛି । ଯେପରି *"ସା ଯା ସା ବାକ୍ ବ୍ରହ୍ମୈବ ତତ୍"* ଅଥବା *"ବାଗ୍ ବୈ ବ୍ରହ୍ମ"* । ଏହି ଋଚାରେ କାଳକୁ ସମସ୍ତ ବ୍ରହ୍ମାଣ୍ଡର ଈଶ୍ୱର ବୋଲି ବର୍ଣ୍ଣନା କରା ଯାଇଛି । ଏହି ମହାକାଳ ଜ୍ଞାନ ପ୍ରଧାନ ମନରେ ଆନନ୍ଦ ଓ ବିଜ୍ଞାନ ରୂପକ କଳାକୁ ଉତ୍ପନ୍ନ କରେ । କ୍ରିୟା ପ୍ରଧାନ ପ୍ରାଣରେ ଭୋକ୍ତା ଭୋଗ୍ୟ ରୂପକ ଅଗ୍ନିସୋମର ସର୍ଜନା କରେ । ଭୂତ ପ୍ରଧାନ ନାମରେ ଅନ୍ନ-ଅନ୍ନାଦର ସୃଜନ କରେ । ଏହି ତପ, ଜ୍ୟେଷ୍ଠ ଓ ବ୍ରହ୍ମ ପ୍ରଣବର ମହାବ୍ୟାହୃତିରେ *'ଭୂର୍ଭୁବଃସ୍ୱଃ'* ଅଟେ । ତପଃ ସ୍ୱଃ ଅଟେ । ପ୍ରାଣ ଭୁବଃ ଓ ବାକ୍ ଭୂଃ ଅଟେ । ଗୋପଥ ବ୍ରାହ୍ମଣରେ ବ୍ରହ୍ମଙ୍କ ତପଃ କଥା ଉଲ୍ଲେଖ ମିଳେ । ବ୍ରହ୍ମଙ୍କ ତପଃରୁ ସୁବେଦ ଉତ୍ପନ୍ନ ହୋଇଛି ।

"ବ୍ରହ୍ମ ହ ବା ଇଦମଗ୍ର ଆସୀତ୍ ସ୍ୱୟଂଭ୍ୱେକମେବ ।
ତଦୈକ୍ଷତ - ହନ୍ତାହଂ ମଦେବ ମନ୍ମାତ୍ରଂ ।
ଦ୍ୱିତୀୟଂ ଦେବଂ ନିର୍ମମେ ଇତି ।
ତଦଭ୍ୟଶ୍ରାମ୍ୟଦଭ୍ୟତପତ୍, ସମତପତ୍ ।
ତସ୍ୟ ଶ୍ରାନ୍ତସ୍ୟ ତପସ୍ୟ ।
ସନ୍ତପସ୍ୟ ଲଲାଟେ ସ୍ୱେଦୋ
ଯଦାର୍ତ୍ତମଜାୟତ, ତେନାନନ୍ଦତ୍ ।
ତଦବ୍ରୀତ୍ - ସୁଦେବମବିଦାମହମିତି
ଇତି, ତସ୍ମାତ୍ ସୁବେଦୋଽଭବତ୍" ।।

ବ୍ୟକ୍ତ କାଳର ବିସ୍ତାର

ଏହି ସୁବେଦ ହିଁ ଶ୍ରୁତି ପ୍ରସିଦ୍ଧ ଆପଃ ଅଟେ, ଯାହାକୁ ବେଦ ପରମେଷ୍ଠୀ ଲୋକ କହେ । ଏହି ଆପଃ ତତ୍ତ୍ୱ ପୁଣି ତପଃ କଲା ଯେଉଁଥିରୁ ହିରଣ୍ୟମୟାଣ୍ଡ ଉତ୍ପନ୍ନ ହେଲା । ତା ଗର୍ଭରୁ ସଂବତ୍ସର ଉତ୍ପନ୍ନ ହେଲା । ଅବ୍ୟକ୍ତ କାଳ ବ୍ୟକ୍ତ ହେବା ପାଇଁ ଏହି କ୍ରମ ଅନୁସୃତ ହୁଏ ।

ତାଃ (ଆପଃ) ଅକାମୟନ୍ତ - କଥଂ ନୁ ପ୍ରଜୟେମହୀତି ।
ତା ଅଶ୍ରାମ୍ୟନ୍ ତପୋଽତପ୍ୟନ୍ତ । ତାସୁ ତପସ୍ୟମାନାସୁ ହିରଣ୍ମୟାଣ୍ଡଃ ସଂବଭୂବ ।
ଅଜାତୋ ହ ତହିଁ ସଂବତ୍ସର ଆସ ।

ଏହି ସୂର୍ଯ୍ୟଙ୍କଠାରୁ ସମସ୍ତ ବିଶ୍ୱ ଉତ୍ପନ୍ନ ହୋଇଛି । ସୂର୍ଯ୍ୟଙ୍କଠାରୁ ଭୂପିଣ୍ଡ ଏବଂ ଭୂପିଣ୍ଡଠାରୁ ଚନ୍ଦ୍ରମା ଉତ୍ପନ୍ନ ହୋଇଛି । ଏମାନଙ୍କ ମଧ୍ୟରୁ ସ୍ୱୟମ୍ଭୂ ପ୍ରାଣ-ପ୍ରଧାନ, ପରମେଷ୍ଠୀ ଆପଃ-ପ୍ରଧାନ, ସୂର୍ଯ୍ୟ ବାକ୍-ପ୍ରଧାନ, ଭୂ ଅନ୍ନାଦ ଓ ଚନ୍ଦ୍ରମା ଅନ୍ନ ଅଟେ ।

"ସ ପ୍ରାଣୋଽଭବତ୍ (ସ୍ୱୟଂଭୂଃ), ସ ଆପୋଽଭବତ୍ (ପରମେଷ୍ଠୀ),
ସ ବାଗଭବତ୍ (ସୂର୍ଯ୍ୟଃ), ଅନ୍ନାଦୋ ବାନ୍ୟତରୋଽଭବତ୍ (ଭୂପିଣ୍ଡଃ),
ଅନ୍ନମନ୍ୟତରଃ (ଚନ୍ଦ୍ରମା) । ତା ବା ଏତାଃ ପଞ୍ଚଦେବତା ଏତେନ କାମପ୍ରେଣ
ଯଜ୍ଞେନ ଅୟଜନ୍ତ" ।

ଏମାନଙ୍କ ମଧ୍ୟରୁ ସ୍ୱୟଂଭୂ ଓ ପରମେଷ୍ଠୀ ମନଃ ପ୍ରଧାନ ଅଟନ୍ତି । ସୂର୍ଯ୍ୟ ପ୍ରାଣ ପ୍ରଧାନ, ଭୂପିଣ୍ଡ ଓ ଚନ୍ଦ୍ରମା ବାକ୍‌ପ୍ରଧାନ ଅଟନ୍ତି । ଏହିପରି ଭାବରେ ଅବ୍ୟକ୍ତ କାଳ ବ୍ୟକ୍ତ ବନିଥାଏ । ମନୁ *"କାଳଂ କାଳେନ ପୀଡୟନ୍"* ବୋଲି ଯାହା କହିଛନ୍ତି ବସ୍ତୁତଃ ତାହାର ଅର୍ଥ ଏହିପରି ଭାବରେ ବୁଝି ପାରିବା । କାଳ ଇନ୍ଦ୍ର ରୂପରେ ବିଶ୍ୱରୂପ ହୋଇଯାଏ । ଏଣୁ ବେଦରେ କୁହା ଯାଇଛି *"ଇନ୍ଦ୍ରୋ ମାୟାଭିଃ ପୁରୁରୂପମୀୟତେ"* । ତପ ରୂପରେ କାଳର ନାମ ସର୍ବଜ୍ଞ ଅଟେ, ଜ୍ୟେଷ୍ଠ ରୂପରେ ହିରଣ୍ୟଗର୍ଭ ଏବଂ ବ୍ରହ୍ମ ରୂପରେ ବିରାଟ୍ ଅଟେ ।

ନବମ ମନ୍ତ୍ର

ତେନେଷିତଂ ତେନ ଜାତଂ ତତ୍ତୁ ତସ୍ମିନ୍ ପ୍ରତିଷ୍ଠିତମ୍ ।
କାଳୋ ହ ବ୍ରହ୍ମଭୂତ୍ୱା ବିଭର୍ତ୍ତି ପରମେଷ୍ଠିନମ୍ ।।

ଅର୍ଥ - ସେହି କାଳଦ୍ୱାରା ସମସ୍ତେ ପ୍ରେରିତ ହୁଅନ୍ତି । ସେହି କାଳଠାରୁ ସମସ୍ତେ ଉତ୍ପନ୍ନ ହୋଇଛନ୍ତି । ସେହିକାଳରେ ହିଁ ସମସ୍ତେ ପ୍ରତିଷ୍ଠିତ ଅଟନ୍ତି । କାଳ ହିଁ ବ୍ରହ୍ମ ରୂପରେ ପରମେଷ୍ଠୀକୁ ଧାରଣ କରନ୍ତି ।

ନବମ ମନ୍ତ୍ରରେ ସମସ୍ତ ବିଶ୍ୱର ଉତ୍ପତ୍ତି କାଳଠାରୁ ହୋଇଛି ବୋଲି କୁହାଯାଇଛି । ମନୋମୟ ଜ୍ଞାନରୂପ କାମ ଅଟେ, ପ୍ରାଣମୟ କ୍ରିୟାରୂପ ତପଃ ଅଟେ, ବାଙ୍‌ମୟ ଅର୍ଥରୂପ ଶ୍ରମ

ଅଟେ । କାମନା, ତପ ଓ ଶ୍ରମ ହିଁ ସୃଷ୍ଟିର ମୂଳ କାରଣ ଅଟେ । ଏଇଥି ପାଇଁ ଶାସ୍ତ୍ରରେ କୁହା ଯାଇଛି *"ଅକାମସ୍ୟ କ୍ରିୟା କାଚିଦ୍ ଦୃଶ୍ୟତେ ନେହ କହିଚିତ୍"* । ନିଷ୍କାମ ଭାବନାରେ ଯେଉଁ କ୍ରିୟା ଅନୁଷ୍ଠିତ ହୁଏ ତାକୁ ହିଁ ତପଃ କହନ୍ତି, ତାହା ପ୍ରାଣମୟ ଅଟେ । ଏହି ପ୍ରଣମୟ କ୍ରିୟା ଯେତେବେଳେ ବାଙ୍ମୟ କର୍ମ ରୂପ ଧାରଣ କରି ନିଏ, ସେତେବେଳେ ତାକୁ ଶ୍ରମ କୁହାଯାଏ । ଏହାହିଁ ସୃଷ୍ଟିର କ୍ରମ ଅଟେ ।

"ସୋଽକାମୟତ, ସ ତପୋଽତପ୍ୟତ, ସୋଽଶ୍ରାମ୍ୟତ୍" ।

ମହାକାଳ ତ ଅନାଦ୍ୟନନ୍ତ ଅତଏବ କେନ୍ଦ୍ର ବିହୀନ ଅଟନ୍ତି । ବ୍ୟକ୍ତକାଳର କେନ୍ଦ୍ର ମନ ହିଁ ଅଟେ । ଅତଃ ମନ ହିଁ ସୃଷ୍ଟିର ମୂଳ ଅଟେ ।

"କାମସ୍ତଦଗ୍ରେ ସମବର୍ତତାଧି ମନସୋ ରେତଃ ପ୍ରଥମଂ ଯଦାସୀତ୍" ।

ଯିଏ ପ୍ରକୃତିଠାରୁ ଉର୍ଦ୍ଧ୍ୱରେ ଅବସ୍ଥିତ ତାହା ମନ-ବୁଦ୍ଧିର ମଧ୍ୟ ଅଗମ୍ୟ ଅଟେ । ଅତଏବ ତାହା ତର୍କର ବିଷୟ ନୁହେଁ ।

ଅଚିନ୍ତ୍ୟା ଖଳୁ ଯେ ଭାବା ନ ତାଁସ୍ତର୍କେଣ ଯୋଜୟେତ୍ ।
ପ୍ରକୃତିଭ୍ୟଃ ପରଂ ଯଚ୍ଚ ତଦଚିନ୍ତ୍ୟସ୍ୟ ଲକ୍ଷଣମ୍ ।।

ଏଣୁ ଅବ୍ୟକ୍ତ କାଳ ପାଇଁ *"ସଂବଦନ୍ତି ନ ଯଂ ବେଦାଃ ବିଷ୍ଣୁର୍ବେଦ ନ ବା ବିଧିଃ"* ବୋଲି କୁହାଯାଇଛି । ମନ, ପ୍ରାଣ ଓ ବାକ୍‌ର ତିନୋଟି ସୃଷ୍ଟି ରହିଛି । ସେମାନଙ୍କୁ କ୍ରମଶଃ କାଳ-ସର୍ଗ, ଦିଗ୍-ସର୍ଗ ଓ ଦେଶ-ସର୍ଗ ଅଥବା ପୁରୁଷ-ସର୍ଗ, ପ୍ରକୃତି-ସର୍ଗ ଓ ବିକୃତି-ସର୍ଗ କୁହାଯାଏ । ପ୍ରକାରାନ୍ତରରେ ଏହାକୁ ବ୍ରହ୍ମ-ସୃଷ୍ଟି, ଯଜ୍ଞ-ସୃଷ୍ଟି ଓ ମୈଥୁନୀ-ସୃଷ୍ଟି ବୋଲି ମଧ୍ୟ କୁହାଯାଏ । ଏମାନଙ୍କ ଭିତରୁ ମାନସୀ ସୃଷ୍ଟି ଅମୂର୍ତ୍ତ ଅଟେ, କେବଳ ପ୍ରାଣସୃଷ୍ଟି ଓ ବାକ୍‌ସୃଷ୍ଟି ହିଁ ମୂର୍ତ୍ତ ଅଟେ । ଏହାହିଁ ବ୍ରହ୍ମଙ୍କର ଦୁଇ ରୂପ ଅଟେ -- ମୂର୍ତ୍ତ ଓ ଅମୂର୍ତ୍ତ ।

"ଦ୍ୱେ ବାବ ବ୍ରହ୍ମଣୋ ରୂପେ ମୂର୍ତ୍ତଞ୍ଚ ଅମୂର୍ତ୍ତଞ୍ଚ" ।

ଅମୂର୍ତ୍ତର ପ୍ରତୀକ ସ୍ୱୟମ୍ଭୂ ଅଟେ ଏବଂ ମୂର୍ତ୍ତର ପ୍ରତୀକ ସୂର୍ଯ୍ୟ । ପରମେଷ୍ଠୀ କାଳ ଉଭୟଙ୍କୁ ଧାରଣ କରିଛି ।

"କାଲୋ ହ ବ୍ରହ୍ମ ଭୂତ୍ୱା ବିଭର୍ତି ପରମେଷ୍ଠିନମ୍" ।

ଦଶମ ମନ୍ତ୍ର

କାଳଃ ପ୍ରଜା ଅସୃଜତ୍ କାଳୋ ଅଗ୍ରେ ପ୍ରଜାପତିମ୍ ।
ସ୍ୱୟମ୍ଭୂଃ କଶ୍ୟପଃ କାଳାତ୍ତପଃ କାଳାଦଜାୟତ ।।

ଅର୍ଥ - କାଳ ପ୍ରଜାମାନଙ୍କୁ (ପ୍ରାଣୀମାନଙ୍କୁ) ଉତ୍ପନ୍ନ କରିଛି । କାଳ ସର୍ବପ୍ରଥମେ ପ୍ରଜାପତିଙ୍କୁ ଉତ୍ପନ୍ନ କଲା । କାଳଠାରୁ ସ୍ୱୟମ୍ଭୂ ଓ କଶ୍ୟପ ଉତ୍ପନ୍ନ ହେଲେ । କାଳଠାରୁ ତପଃ ମଧ୍ୟ ଉତ୍ପନ୍ନ ହୋଇଛି ।

ଏହି ଦଶମ ମନ୍ତ୍ରରେ ଷଷ୍ଠୀକରଣ ରୂପରେ ପୂର୍ବୋକ୍ତ ବ୍ରହ୍ମ ଓ ପରମେଷ୍ଠୀ ଶବ୍ଦ ପାଇଁ କ୍ରମଶଃ ପ୍ରଜାପତି ଓ ପ୍ରଜା ଶବ୍ଦର ପ୍ରୟୋଗ କରି ନବମ ମନ୍ତ୍ରରେ କୁହାଯାଇଥିବା ସିଦ୍ଧାନ୍ତର ପୁଷ୍ଟି କରା ଯାଇଛି । ଆତ୍ମାକୁ ପ୍ରଜାପତି ଏବଂ ଶରୀରକୁ ପ୍ରଜା ବୋଲି ମଧ୍ୟ କୁହାଯାଏ । ଏହି ମନ୍ତ୍ରର ଦ୍ୱିତୀୟ ଚରଣରେ କାଳଠାରୁ ସ୍ୱୟମ୍ଭୂ, କଶ୍ୟପ ଓ ତପଃର ଉତ୍ପତ୍ତି ହେବା କଥା କୁହାଯାଇଛି । ସ୍ୱୟମ୍ଭୂ ପ୍ରଜାପତି ହିଁ ଅଟନ୍ତି ଯାହାଙ୍କ ମହିମା ଅଗ୍ନି, ଇନ୍ଦ୍ର, ସୋମ, ଓ ପରମେଷ୍ଠୀ ରୂପରେ ଅଭିବ୍ୟକ୍ତ ହୋଇଛି । ସେମାନେ କ୍ରମଶଃ ପୃଥିବୀ, ସୂର୍ଯ୍ୟ, ଚନ୍ଦ୍ରମା, ଓ ପ୍ରଜାପତିଙ୍କର ଅଧିଦେବ ଅଟନ୍ତି । ଏହି ସୂର୍ଯ୍ୟ ହିଁ କଶ୍ୟପ ଅଟନ୍ତି । କାଳର ବ୍ୟକ୍ତରୂପ ସୂର୍ଯ୍ୟ ପ୍ରଜାପତି ନିଜର କୂର୍ମାବତାରରେ ଚାରି ରସଦ୍ୱାରା ଚାରି ଲୋକକୁ ସମାହିତ କରିଛି । ଏହି କୂର୍ମ ହିଁ ଆଦିତ୍ୟ ଅଟେ *"ସ ଯଃ କୂର୍ମଃ"* । ଏହି କୂର୍ମ ରସରୂପରେ ବିଦ୍ୟମାନ । ଏହି ରସର ଚାରୋଟି ଅବସ୍ଥା ରହିଛି - ଦଧି, ଘୃତ, ମଧୁ, ଓ ଅମୃତ । ଦଧି ଭୂପିଣ୍ଡ ସହିତ ଜଡିତ ଅଟେ, ଘୃତ ଅନ୍ତରୀକ୍ଷ ସହିତ, ମଧୁ ଆଦିତ୍ୟ ଲୋକ ସହିତ । ଚତୁର୍ଥ ରସ ଅମୃତ ପରମେଷ୍ଠୀ ଲୋକ ସହିତ ଜଡିତ ଅଟେ ।

"ରସୋ ବୈ କୂର୍ମଃ । ଦଧି ହୈବାସ୍ୟ ଲୋକସ୍ୟ ରୂପମ୍ ।
ଘୃତମନ୍ତରିକ୍ଷସ୍ୟ । ମଧୁମୂଷ୍ୟ ।"

ଚତୁର୍ଥ ରସର *"ଅଙ୍କି ବୈ ଚତୁର୍ଥୀ ଦେବଲୋକ ଆପଃ"* ବୋଲି ଉଲ୍ଲେଖ କରା ଯାଇଛି । ଏହିପରି ଭାବରେ ଏହି ମନ୍ତ୍ରରେ ଯାହାକୁ ସ୍ୱୟମ୍ଭୂ ଓ ପ୍ରଜାପତି କୁହା ଯାଇଛି ସେମାନେ ଅମୂର୍ତ୍ତର ପ୍ରତୀକ ଅଟନ୍ତି ଏବଂ ଯାହାଙ୍କୁ ପ୍ରଜା ଓ କଶ୍ୟପ ବୋଲି କୁହା ଯାଇଛି ତାହା ମୂର୍ତ୍ତର ପ୍ରତୀକ ଅଟେ । *"ସର୍ବାଃ ପ୍ରଜାଃ କାଶ୍ୟପଃ"* - ଏହି ଉକ୍ତିରେ ପ୍ରଜା ଓ କଶ୍ୟପ ଭିତରେ ଥିବା ସମ୍ବନ୍ଧ ବ୍ୟକ୍ତ ହୁଏ । ଯେପରି ଆତ୍ମାର ତିନୋଟି ପର୍ବ ରହିଛି -- ମନ, ପ୍ରାଣ, ଓ ବାକ୍; ଠିକ୍ ସେହିପରି ଶରୀରର ତିନୋଟି ପର୍ବ ରହିଛି -- କାରଣ, ସୂକ୍ଷ୍ମ ଓ ସ୍ଥୂଳ । ଏ ତିନୋଟି ଶରୀର କ୍ରମଶଃ ସୂର୍ଯ୍ୟ, ଚନ୍ଦ୍ର ଓ ପୃଥିବୀ ସହିତ ଜଡିତ ଅଟନ୍ତି । ଏଇଥିପାଇଁ, *"ଯଥା ପିଣ୍ଡେ ତଥା ବ୍ରହ୍ମାଣ୍ଡେ"* - ଏ ଉକ୍ତି ପ୍ରସିଦ୍ଧ ହୋଇଛି । ପ୍ରସ୍ତୁତ ମନ୍ତ୍ରରେ ଯେଉଁ ତପ ବିଷୟ

ଉଲ୍ଲେଖ ହୋଇଛି, ତାହା ସୂର୍ଯ୍ୟଙ୍କ ତପ ଅଟେ, ଯାହାକି ପ୍ରତ୍ୟକ୍ଷରେ ବ୍ୟକ୍ତକାଳକୁ ବ୍ୟବସ୍ଥିତ କରେ ।

ଉପସଂହାର

ଏହିପରି ଅଥର୍ବ ବେଦର ଏହି କାଳ ସୂକ୍ତର ପ୍ରଥମ ମନ୍ତ୍ରରେ କାଳ ପୁରୁଷର ଉଲ୍ଲେଖ ହୋଇଛି । ଦ୍ୱିତୀୟ ଓ ତୃତୀୟ ମନ୍ତ୍ରରେ ସମ୍ବତ୍ସର ରୂପ କାଳର ବର୍ଣ୍ଣନା କରା ଯାଇଛି । ଚତୁର୍ଥ ମନ୍ତ୍ରରେ କାଳର ଆଧିଭୌତିକ ରୂପ, ପଞ୍ଚମ ଓ ଷଷ୍ଠ ମନ୍ତ୍ରରେ ଆଧିଦୈବିକ ରୂପ, ସପ୍ତମ ମନ୍ତ୍ରରେ ଆଧ୍ୟାତ୍ମିକ ରୂପର ବର୍ଣ୍ଣନ ହୋଇଛି । ଅବଶିଷ୍ଟ ମନ୍ତ୍ରରେ କାଳର ସମଷ୍ଟ୍ୟାତ୍ମକ ରୂପର ବର୍ଣ୍ଣନା କରାଯାଇଛି । ପଣ୍ଡିତ ମଧୁସୂଦନ ଓଝାଙ୍କ ଦ୍ୱାରା ଉଦ୍‌ଘାଟିତ ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ଦିଆ ଯାଇଥିବା ବୈଦିକ ପରିଭାଷାକୁ ଆଧାର ରୂପେ ନେଇ ପଣ୍ଡିତ ମୋତିଲାଲ ଶାସ୍ତ୍ରୀ ଏହି କାଳ ସୂକ୍ତ ଉପରେ ଯେପରି ମନ୍ତ୍ରଶଃ ବ୍ୟାଖ୍ୟା 'ଦିଗ୍-ଦେଶ-କାଳ- ସ୍ୱରୂପ-ମୀମାଂସା' ନାମକ ଗ୍ରନ୍ଥରେ କରିଛନ୍ତି ତାହାର ହିଁ ସଂକ୍ଷିପ୍ତ ବିବରଣ ଏଠାରେ ଦିଆ ଗଲା ।

ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।।।

ପ୍ରଶ୍ନ

୧· କାଳର ସ୍ଥାନ କେନ୍ଦ୍ରୀୟ କିପରି ସମ୍ଭବ ହେଉଛି ?

୨· କାଳ ସମ୍ବନ୍ଧରେ ସାମାନ୍ୟ ମନୁଷ୍ୟ ଓ ବୁଦ୍ଧିମାନ୍ ମନୁଷ୍ୟ ଭିତରେ ଭେଦ କ'ଣ ?

୩· ସଂବତ୍ସରର ଅର୍ଥ କ'ଣ ?

୪· ଜୁମ୍ନ କ'ଣ ?

୫· ଶ୍ରୀ ଓ ଲକ୍ଷ୍ମୀଙ୍କ ଭିତରେ ଭେଦ କ'ଣ ?

୬· କାଳର କାର୍ଯ୍ୟ କ'ଣ ?

୭· ବ୍ରହ୍ମଙ୍କ ତପ କ'ଣ ?

ସ୍ମରଣୀୟ ଉଦ୍ଧରଣ

କାଳ ସୂକ୍ତରୁ ନିଜକୁ ଭଲ ଲାଗୁଥିବା ଯେକୌଣସି ପାଞ୍ଚଟି ମନ୍ତ୍ର ।

==========

ଶବ୍ଦାନୁକ୍ରମଣୀ

ଅଗ୍ନି

ଜଠରାଗ୍ନି, ୨; ପୃଥିବୀର ଦେବତା, ୫୮; ତିନୋଟି ରୂପ, ୫୮; ଦ୍ୱିବିଧ - ଚିତି, ଚିତେନିଧେୟ, ୫୮; ଅନ୍ୟନାମ - ଜାତବେଦ, ୮୦; ଅଗ୍ନିପ୍ରାଣର ସୂକ୍ଷ୍ମରୂପ - ବାୟୁ, ୮୧; ଅନ୍ୟନାମ - ଅନ୍ନାଦ, ୯୫; କାର୍ଯ୍ୟ - ବିକାସ, ୧୬୪ ।।

ଅନ୍ନ

ଚାରୋଟି ଅଂଶ, ୬; ଅନ୍ତିମ ପରିଣାମ - ଓଜ, ୩ ।।

ଆତ୍ମା

ତିନୋଟି ଘଟକ - ବାକ୍, ପ୍ରାଣ, ମନ, - ୧୦୪; ଅମୃତ, ୧୬୩ ।।

ଈଶ୍ୱର

ପୂର୍ଣ୍ଣ, ୧୨୯; ଚରାଚର ପରିବ୍ୟାପ୍ତ, ୧୩୧; ଈଶ୍ୱରଙ୍କ ବଚନ ସ୍ତୁତି, ୧୩୬; -ଙ୍କ ଶକ୍ତି - ମାୟା, ୧୩୭ ।।

ଋତ

କେନ୍ଦ୍ରରହିତ, ୧୬୩; ଅସୀମ ପରାପ୍ରକୃତି, ୧୬୩; ଠାରୁ ପୁରୁଷ ଉତ୍ପନ୍ନ ହୁଏ, ୧୬୩ ।

କର୍ମ

ବନ୍ଧନର କାରଣ, ୯୮; ତ୍ରିବିଧ - ଅଧିକୃତ, ଧାର୍ମିକ, ଆତ୍ମୀୟ, ୧୩୪; ତ୍ରିବିଧ - କର୍ମ, ବିକର୍ମ, ଅକର୍ମ ୧୫୩; ର ଅର୍ଥ - ପ୍ରାଣବଳ, ୧୫୩ ।।

କାଳ

ଅନାଦି ଓ ଅନନ୍ତ, ୩୫; ଅନାଦ୍ୟନନ୍ତ ଚେତନାର ହେତୁ ୩୫; ଅନନ୍ତ, ସର୍ବେଶ୍ୱର, ୧୧୧; ସର୍ବପ୍ରମୁଖ, ୧୧୩; ସଂବତ୍ସର ବିଦ୍ୟାଦ୍ୱାରା କାଳଜୟ, ୧୧୪; କାଳ ଚେତନାର ସର୍ବାଧିକ ନିକଟତମ ୧୬୯; ସମସ୍ତ ପଦାର୍ଥକୁ ପରିବର୍ତ୍ତନ କରିପାରେ ୧୭୧; ଅତ୍ୟନ୍ତ ଶକ୍ତିଶାଳୀ

୧୭୧; ସହସ୍ରାକ୍ଷ, ୧୭୧; ସମସ୍ତ ଭୁବନରେ ପରିବ୍ୟାପ୍ତ, ୧୭୩; ସର୍ବାଧିକ ତେଜସ୍ୱୀ, ୧୭୫; ସୃଷ୍ଟି ତଥା ପ୍ରଳୟକର୍ତ୍ତା, ୧୭୮; ରେ ବ୍ରହ୍ମ ପ୍ରତିଷ୍ଠିତ, ୧୭୬; ସମସ୍ତଙ୍କର ଈଶ୍ୱର, ୧୭୭ ।

ଗତି

ପରିଧିଠାରୁ କେନ୍ଦ୍ର ଆଡ଼କୁ - ଆକର୍ଷଣ ୮୯; କେନ୍ଦ୍ରଠାରୁ ପରିଧି ଆଡ଼କୁ - ଉତ୍‌କ୍ଷେପଣ, ୮୯; ର ନାମ ଋଷି ୧୦୩; ଦ୍ୱିବିଧ - ଅନ୍ତର୍ମୁଖ, ବହିର୍ମୁଖ, ୧୦୩ ।

ଧର୍ମ

ଅର୍ଥ ଓ କାମର ମୂଳ, ୪୪; ବାନପ୍ରସ୍ଥ ଆଶ୍ରମରେ ସାଧ୍ୟ, ୪୫; ବିବେକର ଅନ୍ୟ ନାମ, ୫୩ ।

ପ୍ରାଣ

ଅନ୍ନଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ, ୧୩; ଉର୍ଜାହିଁ ପ୍ରାଣ, ୧୩; ସମସ୍ତ ଜଗତ୍‌ରେ ପରିବ୍ୟାପ୍ତ,୧୪; ସମସ୍ତ ଇନ୍ଦ୍ରିୟମାନଙ୍କ ଅପେକ୍ଷା ଅଧିକ ମହତ୍ତ୍ୱପୂର୍ଣ୍ଣ, ୧୬; ସର୍ବ ବ୍ୟାପକ ତତ୍ତ୍ୱ, ୫୭; ର ବାୟୁ ସହିତ ସମ୍ବନ୍ଧ, ୭୯; ର କାର୍ଯ୍ୟ ଗତି ପ୍ରଦାନ କରିବା, ୮୯; ଋଷି ଓ ବେଦ, ୧୨୩ ।

ପୁରୁଷ

ତ୍ରିବିଧ - ଅବ୍ୟୟ, ଅକ୍ଷର, କ୍ଷର, ୮୭; ଷୋଡଶକଳ - ପୁରୁଷ, ୮୮; ସୃଷ୍ଟି କର୍ତ୍ତା, ୧୧୮; ସୃଷ୍ଟିରେ ସର୍ବ ବ୍ୟାପକ, ୧୨୦; ଜଡ଼ ଚେତନ - ପୁରୁଷର ହିଁ ରୂପ, ୧୨୧; ଠାରେ ଗତିର ସନ୍ତୁଳନ ଦେଖିବାକୁ ମିଳେ, ୧୨୪; ଠାରୁ ସମସ୍ତ ଲୋକର ଉତ୍ପତ୍ତି, ୧୨୫; ଅବ୍ୟୟ ପୁରୁଷର ଦୁଇଟି ବିବର୍ତ୍ତ - ବ୍ରହ୍ମ ଓ କର୍ମ, ୧୪୩ ।

ପୁଞ୍ଜୀବାଦ

ର ଗୁଣଦୋଷ, ୪୩ ।

ବ୍ରହ୍ମ

ବିଶ୍ୱରୂପ କାର୍ଯ୍ୟର କାରଣ, ୧୦୧; ଙ୍କର ବାଚକ ଓମ୍, ୧୨୮; ହିଁ କର୍ମ ୧୩୦; ଙ୍କ ଦୁଇଟି ରୂପ ମୂର୍ତ୍ତ ଓ ଅମୂର୍ତ୍ତ - ୧୭୯ ।

ମନ

ଅନ୍ନର ସୂକ୍ଷ୍ମ ଅଂଶ, ୪; ସର୍ବବ୍ୟାପକ, ୧୪; ସୃଷ୍ଟିର କାରଣ, ୨୧; ଚତୁର୍ବିଧ - ଶ୍ରୋବସୀୟସ୍, ସତ୍ତ୍ୱ, ଇନ୍ଦ୍ରିୟ, ସର୍ବେନ୍ଦ୍ରିୟ, ୨୧-୨୨; ସୃଷ୍ଟିଗତ ପଦାର୍ଥମାନଙ୍କର ବ୍ୟବସ୍ଥାପକ, ୨୧; ଶ୍ରୋବସୀୟସ୍ ମନ ସୃଷ୍ଟିର କାରଣ, ୨୧; ର କାର୍ଯ୍ୟ ଇଚ୍ଛା କରିବା, ୮୮; ପଞ୍ଚଜଳା ଯୁକ୍ତ, ୮୮; ର ଶକ୍ତି ଦ୍ୱାରା ପ୍ରାଣ ସକ୍ରିୟ, ୯୬; ର ବଶ ବର୍ତ୍ତୀ ପ୍ରାଣ, ୯୬; ର ଶକ୍ତି ଦ୍ୱାରା ସୃଷ୍ଟି, ୯୬; ଶ୍ରୋବସୀୟସ୍ ମନର ଇଚ୍ଛା - କାମ, ୧୦୨; ର ଧର୍ମ-କାମନା, ୧୦୨; ଅବ୍ୟୟ ପୁରୁଷର ପ୍ରତୀକ, ୧୨୬; ର କାର୍ଯ୍ୟ ଭୋଗ କରିବା, ୧୩୭; ଜାଳକୁ ଜାଣିପାରେ ୧୬୯; ବୁଦ୍ଧିଠାରୁ ଉର୍ଦ୍ଧ୍ୱରେ, ୧୭୯।

ମନୁଷ୍ୟ

ସର୍ବଶ୍ରେଷ୍ଠ, ୨୮; ମନୁ ସହିତ ସମ୍ବନ୍ଧ, ୨୮; ଦେବତାମାନଙ୍କଠାରୁ ମଧ୍ୟ ଶ୍ରେଷ୍ଠ, ୨୯।

ଯଜ୍ଞ

ଅଗ୍ନିରେ ସୋମର ଆହୁତିରୂପ, ୧୭; ର ଅର୍ଥ ଆଦାନ-ପ୍ରଦାନ, ୨୦; ତ୍ୟାଗରୂପ, ୨୯; ର ନାମ - ବିଷ୍ଣୁ, ୭୪; ରୁ ସୃଷ୍ଟି, ୯୦; ତ୍ରିବିଧ ସୃଷ୍ଟି - ଯଜ୍ଞରୁ, ୯୦; ଶ୍ରେଷ୍ଠତମ କର୍ମ, ୯୩; ଏକ ବିଜ୍ଞାନ, ୯୪; ରୁ ସମସ୍ତ କାମନା ପୂର୍ଣ୍ଣ ହୁଏ, ୯୬; ସଂକଳ୍ପ ଦ୍ୱାରାହିଁ ସମ୍ଭବ, ୯୭; ସୃଷ୍ଟିକ୍ରିୟାର ପ୍ରତୀକ, ୧୨୨; ଠାରୁ ଜୀବନ ଆରମ୍ଭ, ୧୨୩; ରୁ ଋକ୍, ସାମ, ଛନ୍ଦ ଓ ଯଜୁଃ ଉତ୍ପନ୍ନ ୧୨୪।

ଲକ୍ଷ୍ମୀ

ଅର୍ଥାତ୍ମିକା, ୭୧; ଙ୍କ ଉପାସନା ପର୍ବ - ଦୀପାବଳୀ, ୭୧; ଙ୍କ ନିବାସ ଧୀର ପୁରୁଷମାନଙ୍କ ବାଣୀରେ, ୭୧; କମଳାସନା, ୭୬।

ଲୋକ

ପାଞ୍ଚୋଟି - ପୃଥିବୀ, ଅନ୍ତରୀକ୍ଷ, ଦ୍ୟୁଲୋକ, ପରମେଷ୍ଠୀ, ସ୍ୱୟମ୍ଭୂ, ୧୬।

ବେଦ

କଠିନ ନୁହେଁ, ୧; ଅପର ନାମ - ବ୍ରହ୍ମ, ୮୧; ବେଦମାନଙ୍କର ସାର - ଓମ୍, ୧୨୯; ବ୍ରହ୍ମଙ୍କ ତପଃରୁ ଉତ୍ପନ୍ନ, ୧୭୭ ।

ବୈଦିକ ବ୍ୟବସ୍ଥା

ତୃତୀୟ ବିକଳ୍ପ ଭାବେ, ୪୪ ।

ଶରୀର

ରେ ଅନ୍ନରୁ ବୀର୍ଯ୍ୟପର୍ଯ୍ୟନ୍ତ ଉତ୍ପନ୍ନ ହେବାର ପ୍ରକ୍ରିୟା, ୧; ପୃଣ୍ଡଠାରୁ ଉତ୍ପନ୍ନ ହୋଇ ଥିବାରୁ ପୃଣ୍ଡ, ୧୨୯; ର ସମ୍ବନ୍ଧ ଅର୍ଥ ସହିତ, ୧୭୧; ତିନି ପ୍ରକାର - କାରଣ, ସୂକ୍ଷ୍ମ, ଓ ସ୍ଥୂଳ, ୧୮୦ ।

ସଂସ୍କୃତି

ସତ୍ୟ, ଶିବ ଓ ସୁନ୍ଦର - ତିନୋଟି ଅଙ୍ଗ, ୩୭; ର ଆଧାର ଆତ୍ମା ୩୮; ବିଶ୍ୱବାରା ସଂସ୍କୃତି, ୩୮; ଯୋଗର ବିଷୟ, ୪୦; ର ବୈଶିଷ୍ଟ - ଅନେକତାରେ ଏକତା, ୮୧ ।

ସଭ୍ୟତା

ପ୍ରକୃତି ସହିତ ସମ୍ବନ୍ଧ, ୩୬; ପ୍ରକୃତିର ଅତିକ୍ରମଣ, ୩୬; ସଂସ୍କୃତି ବିନା ଅପୂର୍ଣ୍ଣ ୫୩; ର ମୂର୍ତ୍ତପକ୍ଷର ପ୍ରତିନିଧି, ୫୧ ।

ସାମ୍ୟବାଦ

ଗୁଣଦୋଷ, ୪୩ ।

ସୃଷ୍ଟି

ଗୋଟିଏ କାର୍ଯ୍ୟ, ୮୨; ର ମୂଳ ବ୍ରହ୍ମ, ୮୮; ର ପ୍ରାରମ୍ଭିକ ବିନ୍ଦୁ - ଇଚ୍ଛା ୮୯; ତ୍ରିଗୁଣର ବିସ୍ତାର, ୯୧; ମୂଳ - ଅଗ୍ନିସୋମଦ୍ୱୟ, ୯୫; ର କାରଣ - ମନ, ପ୍ରାଣ, ବାକ୍, ୧୦୪; ର ମୂଳରେ କାଳ, ଦିକ୍, ଦେଶ, ୧୧୩; ର ମୂଳ - କାମନା, ତପ ଓ ଶ୍ରମ ୧୭୯ ।।

=====$=====